

'ରାମାୟଣ'ର
ଭିଡିଓ ଲିଙ୍କ୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-10 ♦SATURDAY ♦04 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୦ ♦ଶନିବାର ♦୦୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୧୦ ବୌଦ୍ଧ ସନ୍ନ୍ୟାସୀଙ୍କୁ ଗାଡ଼ି ଚଢ଼ାଇଦେଲା ନାବାଳକ

■ ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଥାଇଲ୍ୟାଣ୍ଡର ମୁକ୍ଦାହାନ ସହରରେ ଏକ ସ୍ତବ୍ଧ କଲାଭଳି ଦୁର୍ଘଟଣା ଘଟିଛି। ଜଣେ ୧୧ ବର୍ଷର ବାଳକ ନିଜ ପରିବାରର ପିକ୍ଅପ୍ ଭ୍ୟାନ୍‌କୁ ବିନା ଅନୁମତିରେ ପ୍ରାୟ ୧୦ କିଲୋମିଟର ଚଲାଇ ନେଇ ରାସ୍ତାରେ ଯାଉଥିବା ବୌଦ୍ଧ ସନ୍ନ୍ୟାସୀ (ଭିକ୍ଷୁ)ଙ୍କ ଶୋଭାଯାତ୍ରା ଉପରେ ଚଢ଼ାଇ ଦେଇଛି। ଏହି ଦୁର୍ଘଟଣାରେ ଅତିକମରେ ୧୦ ଜଣ ସନ୍ନ୍ୟାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରାୟ ୩୫ ଜଣ ସନ୍ନ୍ୟାସୀ ଓ ୫ ଜଣ ଭକ୍ତ ପଦଯାତ୍ରାରେ ଏକ ମନ୍ଦିରରୁ ଅନ୍ୟ ଏକ ମନ୍ଦିରକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୫ ଜଣଙ୍କର ଏବଂ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ଅନ୍ୟ ୫ ଜଣଙ୍କର ମୃତ୍ୟୁ ହୋଇଛି। ଦେହ ଖରାପ ଥିବାରୁ ସେଦିନ ବାଳକଟି ସ୍କୁଲ ଯାଇ ନ ଥିଲା ଏବଂ ଘରେ ଏକା ଥିଲା। ସେ ଅଜାଣତରେ ଗାଡ଼ି ନେଇ ପଳାଇବା ପରେ ପରିବାର ଲୋକେ ପୁଲିସକୁ ଗାଡ଼ି ହଜିବା ନେଇ ସୂଚନା ଦେଇଥିଲେ। ପୁଲିସ ସୂଚନା ଅନୁସାରେ ବାଳକ ଜଣକ



ମାନସିକ ସ୍ତରରେ ଅସୁସ୍ଥ ଥାଇପାରେ। ସେ ବର୍ତ୍ତମାନ ଭୟଭୀତ ଥିବାରୁ ତା ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ ଏବଂ ଡାକ୍ତର ଓ ପରିବାର ଲୋକଙ୍କ ଉପସ୍ଥିତିରେ ତଦନ୍ତ ଚାଲିଛି।

## ପାକିସ୍ତାନରେ ଖାଇକୁ ଖସିଲା ବସ୍; ୪୦ ମୃତ

■ ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ପାକିସ୍ତାନର ଦକ୍ଷିଣ-ପଶ୍ଚିମ ପ୍ରଦେଶ ବେଲୁଚିସ୍ତାନରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଯାତ୍ରୀ ବସ୍ ନିୟନ୍ତ୍ରଣ ହରାଇ ରାଜପଥରୁ ଗଭୀର ଖାଇକୁ ଖସିପଡ଼ିବାରୁ ଅତିକମରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବସ୍‌ଟି କ୍ୱେଟାରୁ ଜାତୀୟ ରାଜଧାନୀ ଇସଲାମାବାଦ ଯାଉଥିବା ବେଳେ ଶେରାନୀ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟିରେ ପ୍ରଥମେ ୩୬ ଜଣ ଯାତ୍ରୀ ଥିଲେ। ମାତ୍ର ବାଟରେ ଖରାପ ହୋଇଯାଇଥିବା ଅନ୍ୟ ଏକ ବସ୍‌ର ଯାତ୍ରୀମାନଙ୍କୁ ଏଥିରେ ବସାଯାଇଥିଲା। ଏହି କାରଣରୁ ଗାଡ଼ିଟିରେ କ୍ଷମତାଠାରୁ ଅଧିକ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ, ଜରୁରୀକାଳୀନ ଚିକିତ୍ସା ଦଳ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ୪୦ଟି ମୃତଦେହ ଉଦ୍ଧାର



କରିଥିବା ବେଳେ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ପଠାଇଛନ୍ତି। ବସ୍‌ଟି କେଉଁ ପରିସ୍ଥିତିରେ ଏବଂ କିଭଳି ଦୁର୍ଘଟଣାଗ୍ରସ୍ତ ହେଲା, ସେନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

### ଗୋପାଳପୁର ଓ ପାରାଦୀପରେ ଗ୍ରୀନ୍ ଆମୋନିଆ କାରଖାନା

# ଓଡ଼ିଶା ହେବ ଗ୍ଲୋବାଲ୍ ଗ୍ରୀନ୍ ହବ୍

■ ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାକୁ ଶିଳ୍ପ ତଥା ସବୁଜ ଅର୍ଥନୀତି କ୍ଷେତ୍ରରେ ସମୃଦ୍ଧ ଭାବେ ଗଢ଼ିତୋଳିବା କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛନ୍ତି ରାଜ୍ୟ ସରକାର। ଶୁକ୍ରବାର ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜାପାନର ଶିଳ୍ପ ବ୍ୟବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏସିଏମ୍ଇ ଗ୍ରୁପ ଓ ଆଇଏଚ୍ଆଇ କର୍ପୋରେସନ ସହିତ ରାଜ୍ୟ ସରକାର ଏକ ସହଯୋଗ ପତ୍ର ବା ଏମଓସି ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବା ପାଇଁ ଉଦ୍ୟମ କରିବେ। ଏହି ଦୁଇଟି କମ୍ପାନୀ ଓଡ଼ିଶାରେ ୩ଟି ପ୍ରକଳ୍ପରେ ପ୍ରାୟ ୬୭,୦୦୦ କୋଟି ଟଙ୍କା ନିବେଶ କରିବେ।

ଗୋପାଳପୁରରେ ପ୍ରସ୍ତାବିତ ୦.୪ ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି




ଏସିଏମ୍ଇ-ଆଇଏଚ୍ଆଇ କର୍ପୋରେସନ ସହଯୋଗପତ୍ର ସ୍ୱାକ୍ଷରିତ

ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ। ଏହାସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ। ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ। ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୨ଟି ପ୍ରମୁଖ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇସାରିଛି। ଏହାଦ୍ୱାରା ରାଜ୍ୟକୁ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଆସିବ। ପାରାଦୀପ, କେନ୍ଦ୍ରାପଡ଼ା ଓ ଗୋପାଳପୁରକୁ ନେଇ ଦୁଇଟି ସବୁଜ ଶିଳ୍ପ କରିଡର ବିକାଶ କରାଯାଉଛି, ଯାହା ଭାରତର 'ଇସ୍ପାତ ରାଜଧାନୀ' ଓଡ଼ିଶାକୁ ଗ୍ରୀନ୍ ଷ୍ଟିଲ୍ ଉତ୍ପାଦନରେ ବିଶ୍ୱସ୍ତରୀୟ ଅଗ୍ରଣୀ କରାଇବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଇଏଚଆଇ କର୍ପୋରେସନ୍‌କୁ ରାଜ୍ୟରେ ଏକ 'ଜାପାନୀ ଗ୍ରୀନ୍ ଇଞ୍ଜିନିୟରିଂ ଏବଂ ଇନୋଭେସନ୍ ସେଣ୍ଟର' ଏବଂ ମିତ୍ସୁବିଶି କର୍ପୋରେସନ୍‌କୁ ଗ୍ରୀନ୍ କେମିକାଲ୍ସ ଓ ସ୍ଥାୟୀ ଇନ୍ଧନ କ୍ଷେତ୍ରରେ ନିବେଶ ପାଇଁ ବିଶେଷ ଆମନ୍ତ୍ରଣ ଜଣାଇଛନ୍ତି।

ଆଲୋଚନାରେ ଆଇଏଚ୍ଆଇ କର୍ପୋରେସନ୍‌ର ଅଧ୍ୟକ୍ଷ ତଥା ସିଇଓ ଓଡ଼ିଶାର ସବୁଜ ଶକ୍ତି ନୀତି ଏବଂ ପୁଞ୍ଜିନିବେଶ ପରିବେଶକୁ ଉଚ୍ଚ ▶ପୃଷ୍ଠା-୭

## ବିଦ୍ରୋହୀଙ୍କ କବ୍‌ଜାରେ ଟିଏମ୍‌ସି ମୁଖ୍ୟାଳୟ



ମିଟିଂ କଲେ, ତାଲା ପକାଇଲେ

ଅଫିସରେ କେନ୍ଦ୍ରୀୟ ଓ ରାଜ୍ୟ ପୁଲିସ ମୁତୟନ

■ କୋଲକାତା, ୩।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ଆଜି ନୂଆ ମୋଡ଼ ନେଇଛି। ପ୍ରକୃତ ଟିଏମ୍‌ସି କିଏ ତାହାକୁ ନେଇ ନିର୍ବାଚନ କମିସନରେ ଶୁଣାଣି ଚାଲିଥିବା ବେଳେ ବିରୋଧୀ ଦଳ ନେତା ଋତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତାସ୍ଥିତ ଦଳର ମୁଖ୍ୟ କାର୍ଯ୍ୟାଳୟରେ ପଶି ଏହାକୁ କବଜା କରିନେଇଛନ୍ତି। ମମତା ବାନାର୍ଜୀଙ୍କ ସମର୍ଥକ ଏହାର ପ୍ରତିବାଦ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟାଳୟରେ ଏବେ କେନ୍ଦ୍ର ଏବଂ ରାଜ୍ୟ ପୁଲିସକୁ ମୁତୟନ କରାଯାଇଛି।

ଦିଲ୍ଲୀରେ ନିର୍ବାଚନ କମିସନଙ୍କୁ ଭେଟିବା ପରେ ବିଦ୍ରୋହୀ ଗୋଷ୍ଠୀ ଆଜି କୋଲକାତା ଫେରିବା ପରେ ଏହାର ନେତାମାନେ ସମର୍ଥକମାନଙ୍କୁ ଧରି ସିଧା ଟିଏମ୍‌ସି ମୁଖ୍ୟାଳୟ ତୃଣମୂଳ ଭବନରେ ପଶିଥିଲେ। ଏହାପରେ ସେଠାରେ ଏକ ବୈଠକ ହୋଇଥିଲା। ଏଥିରେ ଋତବ୍ରତ ବାନାର୍ଜୀଙ୍କ ସମେତ ବିଦ୍ରୋହୀ ଗୋଷ୍ଠୀର ଅନ୍ୟ ନେତା ଫିରହାଦ ହାକିମ, ଜାଭେଦ ଖାନ ଏବଂ ଆଖରୁଜ୍ଜମାନ ମଧ୍ୟ ପସ୍ଥିତ ଥିଲେ। ବୈଠକରେ ସେମାନେ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ବୋଲି ଦାବି କରିଥିଲେ। ଏହାପରେ ସେମାନେ ମୁଖ୍ୟାଳୟରେ ତାଲା ପକାଇ ବାହାରିଯାଇଥିଲେ। ସେମାନେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଯେଉଁ ବିଲଡିଂରେ ଟିଏମ୍‌ସି ମୁଖ୍ୟାଳୟ ରହିଛି, ତାହାର ମାଲିକ ସହିତ ▶ପୃଷ୍ଠା-୭

## ସରକାରଙ୍କ ନାଲିଆଖିକୁ ବେଖାତିର୍ ଡାକ୍ତର ଆନ୍ଦୋଳନ ଜାରି

■ ଭୁବନେଶ୍ୱର, ୩।୭ (ସମିସ): କ୍ରମାଗତ ତୃତୀୟ ଦିନ ପାଇଁ ଶୁକ୍ରବାର ରାଜ୍ୟବ୍ୟାପୀ ଡାକ୍ତରମାନେ ନିଜର ଆନ୍ଦୋଳନ ଜାରି ରଖିଛନ୍ତି। ଏପରିକି ଓଏମ୍ଏଚ୍ଏସ୍ କ୍ୟାଡର ଡାକ୍ତରଙ୍କ ଦରମା ବନ୍ଦ ନିର୍ଦ୍ଦେଶ ସହ କାର୍ଯ୍ୟରେ



ଆଲୋଚନା ପାଇଁ ଡାକିଲା ସ୍ୱାସ୍ଥ୍ୟ ବିଭାଗ

ଅନୁପସ୍ଥିତ ଠିକା ଡାକ୍ତରଙ୍କୁ ଆବଶ୍ୟକ ନୋଟିସ୍ ଦେଇ ସେମାନଙ୍କୁ ବରଖାସ୍ତ କରିବା ନେଇ ସରକାରଙ୍କ ଚେତାବନୀ ମଧ ସେମାନଙ୍କୁ କାବୁ କରିନାହିଁ। ଫଳରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ କରି ଓପିଡି, ଆଇପିଡି, ଆଉଟଡୋର ରୋଗୀମାନଙ୍କ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଗୁରୁତର ପ୍ରଭାବ ପଡ଼ିଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ କଡ଼ା ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ହଟାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓମସା (ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ) ସଭାପତିଙ୍କୁ ଏକ ଚିଠି ଲେଖାଯାଇଛି। ଶନିବାର ଓମସା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ସରକାର ଆଗଭର ଅଛନ୍ତି ବୋଲି ଚିଠିରେ ଉଲ୍ଲେଖ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟାଳୟରେ ଶନିବାର ସାଢ଼େ ୧୧ଟା ବେଳେ ବୈଠକ ଧାର୍ଯ୍ୟ କରାଯାଇଥିବା ବେଳେ ଏଥିରେ ଓମସା କର୍ତ୍ତୃପକ୍ଷଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି।

### ସାରା ରାଜ୍ୟରେ ଲଘୁଚାପ ବର୍ଷା


## ୧୨ ଜିଲ୍ଲାରେ ଭୀଷଣ ବର୍ଷା

■ ଭୁବନେଶ୍ୱର, ୩।୭ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖାପାଖ ଅଞ୍ଚଳ ଉପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ଗତ ଦୁଇ ଦିନ ହେବ ବର୍ଷା ଜାରି ରହିଛି। ୧୨ଟି ଜିଲ୍ଲାରେ ଭୀଷଣ ବର୍ଷା ହେଉଥିବା ବେଳେ ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ ଓ କନ୍ଧମାଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ନବରଙ୍ଗପୁର, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲ୍ଲାରେ ମଧ ଭୀଷଣ ବର୍ଷା ▶ପୃଷ୍ଠା-୭

୫ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଆଶଙ୍କା

## ରାମ ମନ୍ଦିର ଚାନ୍ଦା ଚୋରି ସନ୍ଦେହଘେରରେ ଟ୍ରଷ୍ଟ କର୍ମକର୍ତ୍ତା

■ ଅଯୋଧ୍ୟା, ୩।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଯେତିକି ଆଗକୁ ବଢ଼ୁଛି, ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସେତିକି ସାମ୍ନାକୁ ଆସୁଛି। ମନ୍ଦିର ଅର୍ଥ ଲୁଟ୍ ପାଇଁ ବହୁତ ଆଗରୁ ଷଡ଼ଯନ୍ତ୍ର ରଚାଯାଇଥିଲା ଏବଂ ଏଥିରେ ପ୍ରଭାବଶାଳୀ ଟ୍ରଷ୍ଟ କର୍ମକର୍ତ୍ତା ଜଡ଼ିତ ଥିବା ଜଣାପଡ଼ିଛି। ମନ୍ଦିର ହୁଣ୍ଡିରେ ପଡୁଥିବା ଦାନ ଅର୍ଥ ଗଣିବା ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଦାୟିତ୍ୱ ମିଳିଥିଲେ ମଧ୍ୟ ଏହାର ଆଉଟସୋର୍ସିଂ ପାଇଁ କେତେକ ଟ୍ରଷ୍ଟ କର୍ମକର୍ତ୍ତା ବ୍ୟାଙ୍କ ଉପରେ ଚାପ ପକାଇଥିଲେ। କେବଳ ଏତିକି ନୁହେଁ, ସେମାନେ ସୈନିକ ସିକୁରିଟି ସର୍ଭିସ ନାମକ ଘରୋଇ ସଂସ୍ଥାର ନାମ ମଧ ସୁପାରିସ କରିଥିଲେ। ସେମାନଙ୍କ ଚାପରେ ବ୍ୟାଙ୍କ ଏହି ସଂସ୍ଥାକୁ ଆଉଟସୋର୍ସିଂ କରିଥିଲା।



ଆଉଟ୍‌ସୋର୍ସିଂ ପାଇଁ ଷ୍ଟେଟ ବ୍ୟାଙ୍କ ଉପରେ ଚାପ ପକାଇଥିଲେ

ମନ୍ଦିରରେ ଚାକିରି ପାଇଁ ନିଆଯାଉଥିଲା କମିସନ!

ଗତ ୫ ବର୍ଷର ଆକାଉଣ୍ଟର ପୁନଃଯାଞ୍ଚ କରିବ ଏସ୍ଆଇଟି

ଏହି ସଂସ୍ଥାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସଂପର୍କୀୟ ଓ ପରିଚିତ ଲୋକଙ୍କୁ ନିଯୁକ୍ତି ମିଳିଥିଲା। ତେବେ ସେମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ସେମାନଙ୍କର ପୁଲିସ ଯାଞ୍ଚ ପାଇଁ ବ୍ୟାଙ୍କ ଅଧିକାରୀ ତିନି ମାସ ତଳେ କହିଥିଲେ। କିନ୍ତୁ ଏହାକୁ ବିରୋଧ କରି ଯାଞ୍ଚ କରାଇ ଦେଇନଥିଲେ କେତେକ ଟ୍ରଷ୍ଟ କର୍ମକର୍ତ୍ତା। ତେଣୁ ଗଣତି ବେଳେ ବେଧଡ଼କ ଟଙ୍କା ଲୁଟ୍ ନିୟମିତ ବ୍ୟାପାର ପାଲଟିଯାଇଥିଲା ବୋଲି କୁହାଯାଉଛି।

ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି)ର ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ, ମନ୍ଦିରରେ ନିଯୁକ୍ତ ପ୍ରାୟ ୧୨୫ ଜଣ କର୍ମଚାରୀ ଟ୍ରଷ୍ଟ କର୍ମକର୍ତ୍ତା ଅନିଲ ମିଶ୍ରଙ୍କ ସୁପାରିସ କ୍ରମେ ଚାକିରି ପାଇଥିଲେ, ଯେଉଁଥିରେ ତାଙ୍କର ▶ପୃଷ୍ଠା-୭

## ଗୁଣି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା !

■ କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଦୈତାରୀ ଅଞ୍ଚଳରେ ଜଣେ ଦମ୍ପତିଙ୍କୁ ହତ୍ୟା ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗୁଣିଗାରେଡ଼ି ସନ୍ଦେହରେ ଏହି ଦମ୍ପତିଙ୍କୁ ହତ୍ୟା କରି ଏକ କୂଅରେ ପକାଇ ଦିଆଯାଇଥିଲା। ୭ ଦିନ ପରେ ସେହି ପରିତ୍ୟକ୍ତ କୂଅରୁ ଦମ୍ପତିଙ୍କର ଶବ ଆଜି ଉଦ୍ଧାର କରାଯାଇଛି। ୫ ଜଣ ସନ୍ଦିଗ୍ଧଙ୍କୁ ଦୈତାରି ଥାନା ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଗତ ମାସ ୨୫ ତାରିଖରୁ ନିଖୋଜ ଥିଲେ ଉକ୍ତ ଦମ୍ପତି। ସେମାନଙ୍କୁ ଖୋଜିବା ଲାଗି ଉଦ୍ୟମ ଚାଲିଥିବା ବେଳେ ଆଜି ବଳିପର୍ବତ ହୁର୍ଲାବାହାଲୀ ଗାଁର ଏକ ପରିତ୍ୟକ୍ତ କୂଅରୁ ଖଗେଶ୍ୱର ସୋରେନ୍ ଓ ସ୍ତ୍ରୀ ଟୁନି ସୋରେନ୍‌ଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ଉଦ୍ଧାର ପରେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବ ମୁଣ୍ଡା ଏବଂ ଅନ୍ୟ ୪ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି ପୁଲିସ। ତଦନ୍ତ ଅଧିକ ବଢ଼ାଇବା ପାଇଁ ଘଟଣାର ଦୃଶ୍ୟାବତରଣ କରାଇଥିବା ଜଣାପଡ଼ିଛି। ମୃତ ଖଗେଶ୍ୱର ଗାଁରେ




କାହାକୁ ଜ୍ୱର ହେଲେ ଝଡାଫୁଙ୍କା କରୁଥିଲେ। ଗତ ୨୦୧୯ରେ ଶିବ ମୁଣ୍ଡାର ଭଉଣୀର ଦେହ ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କର ମୃତ୍ୟୁ ଘଟିବାରୁ, ଖଗେଶ୍ୱର ଗୁଣିଗାରେଡ଼ି କରି ତାଙ୍କ ଭଉଣୀକୁ ହତ୍ୟା କରିଥିବା ସନ୍ଦେହ କରୁଥିଲା ଶିବ ମୁଣ୍ଡା। ଗତ ୨୫ ତାରିଖରେ ଶିବ ମୁଣ୍ଡା, ଅନ୍ୟମାନଙ୍କ ସହ ମିଶି ଉକ୍ତ ଦମ୍ପତିଙ୍କୁ ହତ୍ୟା କରି ମୃତଦେହରେ ପଥର ବାନ୍ଧି କୂଅରେ ପକାଇ ଦେଇଥିବା ଅଭିଯୋଗ ହେଉଛି। ପୁଲିସ ୫ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ।

## ଅସ୍ମିତାକୁ 'ପଖାଳ' ଚାପୁଡ଼ା

### ଓଡ଼ିଆଙ୍କୁ ପଖାଳର ହିତ ବୁଝାଇବାକୁ ଅଣଓଡ଼ିଆଙ୍କୁ ନିମନ୍ତ୍ରଣ



■ ଭୁବନେଶ୍ୱର, ୩।୭ (ସମିସ): ଶହଶହ ବର୍ଷ ଧରି ଓଡ଼ିଆ ଜନଜୀବନ ସହ ପଖାଳ ଜଡ଼ିତ। ମା'କୁ ମାମୁଁ ଘର କଥା କହିବା ଯାହା ଓଡ଼ିଆଙ୍କୁ ପଖାଳ କଥା ଶୁଣାଇବା ସେଇଆ ବୋଲି ଅନେକ କହନ୍ତି। ବିଶ୍ୱର ଯେଉଁଠି ଓଡ଼ିଆ ଅଛନ୍ତି, ପଖାଳ ସେଠି ତାର ସାମ୍ରାଜ୍ୟ ମେଲାଇଛି। ଅଷ୍ଟ୍ରେଲିଆରୁ ରୁଷ, ଆମେରିକାରୁ ଜାପାନ ପର୍ଯ୍ୟନ୍ତ ସବୁଠି ଓଡ଼ିଆ ପଖାଳକୁ ନିଜର ଅନ୍ୟତମ ପରିଚୟ ଭାବରେ ପରିପ୍ରକାଶ କରିଛି। ବିଦେଶରେ ଥିବା ଓଡ଼ିଆମାନେ ସାମାଜିକ ଗଣମାଧ୍ୟମରେ ପଖାଳ ଭୋଜି କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଓଡ଼ିଶାରେ ଗରିବ ଲୋକଙ୍କ ପାଇଁ ପଖାଳ ନିତିଦିନର ଖାଦ୍ୟ ଓ ଧନୀକମାନଙ୍କ ପାଇଁ ବିଳାସର କଥା। ମାତ୍ର ଓଡ଼ିଆଙ୍କ ଜୀବନଚର୍ଯ୍ୟା ସହ ଓତଃପ୍ରତ ଜଡ଼ିତ ପଖାଳ ଦିବସ ପାଳନ ପାଇଁ ପର୍ଯ୍ୟଟନ ବିଭାଗ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟ କରିବା ଏବେ ସାଧାରଣ ଲୋକମାନେ ହଜମ କରିପାରୁ ନାହାନ୍ତି। ବିଶେଷ କରି ପଖାଳର ଗୁଣବତ୍ତା ଓ ଏହାର ଖାଦ୍ୟମାନ ସମ୍ପର୍କରେ ବୁଝାଇବା ପାଇଁ ପର୍ଯ୍ୟଟନ ବିଭାଗ ଅନ୍ୟ ରାଜ୍ୟରୁ ଅଣଓଡ଼ିଆ ରୋଷେଇଆ (ସେଫ୍) ଓ ବ୍ଲଗରମାନଙ୍କୁ ନିମନ୍ତ୍ରଣ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିବା ସହଜରେ ବୁଝି ହେଉନାହିଁ।

ଅତିଥିମାନଙ୍କ ପାଇଁ ଆଠ କ୍ୱିଣ୍ଟାଲ ଚାଉଳରେ ପଖାଳ ଓ ୩୫୬ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ। ଏହାକୁ ଗିନିଜ ବୁକ୍ ରେକର୍ଡରେ ସ୍ଥାନ ଦେବା ପାଇଁ ୩୩ ଲକ୍ଷ ଟଙ୍କା ବ୍ୟୟ କଲେ। ଦେଢ଼ ଲକ୍ଷ ଟଙ୍କାର କଂସାବାସନ, ଦେଢ଼ ଲକ୍ଷ ଟଙ୍କାର ମାଟି ପାତ୍ର କିଣାଗଲା। ଅତିଥିଙ୍କୁ ପଖାଳ ପରଷିବା ପାଇଁ ନିଯୁକ୍ତ ବ୍ୟକ୍ତି (ୱେଟର)ଙ୍କ ପାଇଁ ୧୮୦ଟି ସମ୍ବଲପୁରୀ ଜ୍ୟାକେଟ୍ (ୱେଷ୍ଟକୋଟ୍) କିଣାଗଲା। ୩୩୦୦ ଟଙ୍କା ମୂଲ୍ୟର ୧୩୦ଟି, ୨୭୬୦ ଟଙ୍କା ମୂଲ୍ୟର ୨୩ଟି, ୩୦୩୦ ଟଙ୍କା ମୂଲ୍ୟର ୧୩ଟି, ୨୫୫୦ ଟଙ୍କା ମୂଲ୍ୟର ୧୪ଟି ଜ୍ୟାକେଟ ଓଟିଡ଼ିସି କର୍ତ୍ତୃପକ୍ଷଙ୍କ ଜରିଆରେ କିଣାଯାଇଥିବା ତଥ୍ୟ ଏବେ ବାହାରକୁ ଆସିଛି। ୫.୬୭ ଲକ୍ଷ ଟଙ୍କାର ଏହି ଜ୍ୟାକେଟ କିଣାରେ ୧.୧୩ ଲକ୍ଷ ଟଙ୍କା ରିଆତି ପରେ ୪ଲକ୍ଷ ୨୯ ହଜାର ୮୩ ଟଙ୍କା ପଇଠ ହୋଇଛି। ମାତ୍ର ଓଟିଡ଼ିସିରେ ୧୮୦ ଜଣ ୱେଟର ନ ଥିବାବେଳେ ଏହି ଜ୍ୟାକେଟ୍ କାହାପାଇଁ କିଣା ଯାଇଥିଲା, ସେ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସଚିବ ବଲ୍‌ୱନ୍ତ ସିଂହ ରହସ୍ୟମୟ ଭାବରେ ନିରବ।

ସେହିପରି ପଖାଳ ଦିବସରେ ଯୋଗ ଦେବାକୁ କୋଲକାତା, ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ଗୋଆ, ନାସିକ, ଜୟପୁରରୁ ଅନେକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ବ୍ୟକ୍ତିମାନେ କିଏ ଓ ପଖାଳ ସହ ସେମାନଙ୍କର କି ସମ୍ପର୍କ ଅଛି, ତାହା ଏଯାଏ ଅସ୍ପଷ୍ଟ। କୌତୂହଳର କଥା ହେଉଛି ଯେ ଏମାନଙ୍କ ମଧ୍ୟରେ କେହି ଜଣେ ବି ଓଡ଼ିଆ ନାହାନ୍ତି। ମୁଖାର୍ଜୀ, ଗିଲ୍, ବଥିଜା, ଜୈନ, ▶ପୃଷ୍ଠା-୭

୪.୨୯ ଲକ୍ଷରେ କ୍ରୟ ୧୮୦ ଜ୍ୟାକେଟ ଏବେ କେଉଁଠି ?

## ସରକାରଙ୍କ ଧମକ ସତ୍ତ୍ୱେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ତୃତୀୟ ଦିନରେ

# ଜରୁରୀ ସେବା ଓ ଅପରେସନ୍ ଠପ୍, ୩ ଦିନରେ ୧ ଶହରୁ ଅଧିକ ରୋଗୀ ରେଫର୍

ଭଦ୍ରକ,୩।୭(ସମିସ)

ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ(ଓମ୍ସା)ର ଆହ୍ୱାନକ୍ରମେ ବିଭିନ୍ନ ଦାବି ଓ ସୁରକ୍ଷା ପ୍ରସଙ୍ଗକୁ ନେଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପେରିଫେରି ଚିକିତ୍ସାଳୟର ଡାକ୍ତରଙ୍କ ଗତ ୩ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସରକାରଙ୍କ ଦରମା ବନ୍ଦ ଓ ବହିଷ୍କାର ଭଳି ନାଲିଆଖି ସତ୍ତ୍ୱେ ଏହାକୁ ଖାତିର ନକରି ସରକାରୀ ଡାକ୍ତର ସେମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାହ୍ୟ ରୋଗୀ ବିଭାଗ (ଓପିଡି) ସମେତ ଅତ୍ୟାବଶ୍ୟକ ନ ଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ବିଶେଷକରି ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ସ୍ୱାସ୍ଥ୍ୟସେବା ପାଇ ନ ପାରି ନିରାଶ ହୋଇ ଫେରିଯାଉଥିବା ଦେଖିବାକୁ ମିଳିଛି। ଜିଲ୍ଲାବାସୀ ଓ ରୋଗୀମାନେ ସରକାରଙ୍କ ବିଫଳତାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦପଦବୀରେ ଥିବା ୬ଜଣ ବରିଷ୍ଠ ଅଧିକାରୀ, ୨୫ ଜଣ ଆୟୁଷ ଡାକ୍ତର ଓ ୭ଜଣ ଠିକା ଡାକ୍ତରଙ୍କ ଜରିଆରେ ଜରୁରିକାଳୀନ ସେବା, ଆପାତକାଳୀନ ଚିକିତ୍ସା ଓ ଗୁରୁତର ରୋଗୀଙ୍କ ଚିକିତ୍ସା କରୁଛନ୍ତି। ତେବେ ଜରୁରୀ ସେବା ଓପିଡି, ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ



ନିୟମିତ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ସାଧାରଣ ରୋଗୀମାନେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଭଦ୍ରକ ଜିଲ୍ଲା ଓମ୍ସା ସଭାପତି ବରିଷ୍ଠ ଡାକ୍ତର ସୁଧୀରଂଜନ ନାୟକ, ସମ୍ପାଦକ ଡାକ୍ତର ଅମିତାଭ ଜେନା, ବରିଷ୍ଠ ବିଶେଷଜ୍ଞ ଡାକ୍ତର ସୁଧାକୃଷ୍ଣ ସାହୁ(ଶିଶୁ), ଡାକ୍ତର ଦୀପ୍ତିମୂର୍ତ୍ତି ପଣ୍ଡା(ଶଲ୍ୟ), ଡାକ୍ତର ପ୍ରଫୁଲ୍ଲ ଘଡେଇ(ସ୍ତ୍ରୀ ଓ ପ୍ରସୂତୀ) ଓ ଡାକ୍ତର ମାନସ ବିଶ୍ୱାଳ(ଇଏନ୍‌ଟି) ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବାବେଳେ ଆନ୍ଦୋଳନରେ ୧୦୩ ଜଣ ସରକାରୀ ଡାକ୍ତର ସାମିଲ ଅଛନ୍ତି। ରାଜ୍ୟରେ ୫୦ ପ୍ରତିଶତରୁ କମ୍ ଡାକ୍ତର ଅଛନ୍ତି। ତେଣୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସମୟରେ ଡାକ୍ତରମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କେତେକ ସ୍ଥାନରେ ରୋଗୀଙ୍କ ସମ୍ପର୍କୀୟମାନେ ମଧ ଡାକ୍ତରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି। ଯାହାକୁ ନେଇ ଡାକ୍ତରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସୁରକ୍ଷା ସମେତ ଅନ୍ୟାନ୍ୟ ଦାବି ନେଇ ଡାକ୍ତରମାନେ ଅନ୍ଦୋଳନକୁ ଓହ୍ଲାଇଛନ୍ତି। ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ଜିଲ୍ଲାରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ଠିକା ଡାକ୍ତରମାନେ କରୁଛନ୍ତି । ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାୟର କୌଣସି ରୋଗୀଙ୍କ ଅପରେସନ ବନ୍ଦ ରହିଛି। ସେହିଭଳି ସବୁ ବିଶେଷଜ୍ଞ(ସ୍ପେଶାଲିଷ୍ଟ) ଡାକ୍ତରମାନେ ଆନ୍ଦୋଳନରେ ସାମିଲ ଥିବାରୁ ରୋଗୀମାନେ ସେମାନଙ୍କ ରୋଗ ଚିକିତ୍ସା କରିନପାରି ଫେରିବାକୁ ବାଧ ହେଉଛନ୍ତି । ବିଶେଷ କରି ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଆସନ୍ନ ପ୍ରସବା ମହିଳା ମାନଙ୍କ ଅସ୍ତ୍ରୋପଚାର(ସିଏସ୍) ବନ୍ଦ ରୋଗୀମାନେ ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳିଛି । ଡାକ୍ତରଙ୍କ ଏହି ଆନ୍ଦୋଳନ ଯୋଗୁଁ ୩ଦିନରେ ୧ଶହରୁ ଅଧିକ ଗୁରୁତର ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲକୁ ରେଫର୍ କରାଯାଇଥିବା ସୂଚନା ମିଳିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଜିଲ୍ଲାରେ ଥିବା ୭ଗୋଟି ସିଏଚସି, ୫୪ ଗୋଟି ପିଏଚସି ଓ ଅନ୍ୟାନ୍ୟ ହସ୍ପିଟାଲକୁ ମିଶାଇ ସମଗ୍ର ଜିଲ୍ଲାରେ ୬୦ ରୁ ଉର୍ଦ୍ଧ୍ୱ ସରକାରୀ ଡାକ୍ତରଖାନା ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ରୋଗୀ ସେବା ଠପ୍ ରହିଛି । ଆନ୍ଦୋଳନରତ ଡାକ୍ତରମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀକକ୍ଷରେ ଏକତ୍ରିତ ବସି ରହି ବୈଠକ କରୁଥିବା ଦେଖାଦେଇଛି । ସରକାରୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଘରୋଇ ଡାକ୍ତରଖାନା ଗୁଡିକରେ ରୋଗୀଙ୍କ ଭିଡ ଲାଗି ସେମାନଙ୍କ ବ୍ୟବସାୟ ଦ୍ୱିଗୁଣିତ କରିଛି।

## ଧାମନଗର ଏନଏସି ଅଫିସରୁ ଚୋରି

**ଧାମନଗର,୩।୭(ସମିସ):** ଧାମନଗର ଅଞ୍ଚଳରେ ଦିନକୁଦିନ ଚୋରି ବୃଦ୍ଧି ପାଉଥିବାବେଳେ ଚୋର ପୁଲିସକୁ ଖୋଲା ଖୋଲି ଚାଲେଞ୍ଜ କରୁଛନ୍ତି। ଗତ ବୁଧବାର ରାତିରେ ଧାମନଗର ଏନଏସି କାର୍ଯ୍ୟାଳୟ ପରିସରରୁ ହୋଇଥିବା ଚୋରି ଘଟଣା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ଅଫିସରେ ଲାଗିଥିବା ଏସିର ସାମଗ୍ରୀ, ୫ଟି ଅଟୋରେ ଲାଗିବାକୁ ଥିବା ବେଟାରୀ ଓ ବିଏସଏନଏଲ ବ୍ରଡବ୍ୟାଣ୍ଡ ସଂଯୋଗ ତାର କୁ ଚୋର ମାନେ କାଟି ନେଇଥିବା ଜଣାପଡିଛି। ଏନେଇ ଧାମନଗର ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ନରେନ୍ଦ୍ର ରାଉତ ସଙ୍ଗେ ସଙ୍ଗେ ଏନ ଏ ସି ଅଫିସରେ ପହଂଚି ସିସିଟିଭି ଯାଂଚ କରି ତଦନ୍ତ ଆରମ୍ଭ କରିଛନ୍ତି। ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି ଯଥାଶୀଘ୍ର ଚୋରଙ୍କ କାରନାମା ପରଦାଫସ ହେବ ବୋଲି ପୋଲିସ ଠାରୁ ସୂଚନା ମିଳିଛି।

## ପଞ୍ଚାୟତ ଉନ୍ନୟନ କର୍ମଶାଳା

**ବାରିକପୁର,୩।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ଦିନିକିଆ ପଞ୍ଚାୟତ ଉନ୍ନୟନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ବିଳାସିନୀ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାଶ ଯୋଗ ଦେଇ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ମତାମତ ଦେଇଥିଲେ। ବରିଷ୍ଠ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ନାୟକ ଉପସ୍ଥିତ ପ୍ରତିନିଧି ଓ କର୍ମଚାରୀଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ କିଛି ସରପଞ୍ଚ, ସମିତି ସଭ୍ୟ, ଜିଆରଏସ, ପିଇଓ, ଅଙ୍ଗନବାଡି କର୍ମୀ, ଏମବିକେ, ଆଶା ଦିଦି ଏସଏଚଜି ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ।

## ନିମ୍ନମାନର ସ୍ନାକ୍ସକୁ ନେଇ ଚିନ୍ତା




ବାରିକପୁର,୩।୭(ସମିସ): ଭଣ୍ଡାରିପୋଖରୀ ବଜାର ସମେତ ଗ୍ରାମାଞ୍ଚଳରେ ଥିବା ଭେରାଇଟ ଷ୍ଟୋର ଓ ପାନ ଦୋକାନରେ ଏବେ ନିମ୍ନମାନର ସ୍ନାକ୍ସ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ୫ ଟଙ୍କା ପ୍ୟାକରେ ବିକ୍ରି ହେଉଥିବା ଚୂଡା ଭଜା, ମୁଗ, ବାଦାମ ପକଡା, ଚିପ୍ସ, କୁରୁକୁରୁ ଆଦି ଖାଦ୍ୟ ସାମଗ୍ରୀକୁ ନେଇ ଚିନ୍ତା କରିଛନ୍ତି ଗ୍ରାହକ। ଅନେକ ଖାଦ୍ୟ ପ୍ୟାକେଟର ବିକ୍ରି ସମୟ ସୀମା ଅତିକ୍ରମ କରିଥିବାବେଳେ କେତେକ ଦୋକାନରେ ସେଗୁଡିକ ମାଲମାଲ ହୋଇ ବିକ୍ରି ହେଉଛି। ଗାଁ ଛକ ଓ ସ୍କୁଲ ନିକଟରେ ଥିବା ଦୋକାନରେ ଏହି ସବୁ ସ୍ନାକ୍ସ ବହୁଳ ମାତ୍ରାରେ ବିକ୍ରି ହେଉଥିବା ସ୍ଥଳେ ଛୋଟ ଛୋଟ ପିଲା ମାନେ ଏହାକୁ ଖାଇଲେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଇପାରେ ବୋଲି ମତପ୍ରକାଶ ପାଇଛତ। କିଛି ନାମୀଦାମୀ କମ୍ପାନୀର ପ୍ୟାକେଟ ଉପରେ ବିକ୍ରି ସମୟ ସୀମା ଦୁଇ ମାସ ପୂର୍ବରୁ ସମାପ୍ତ ହୋଇଥିବା ଉପଲବ୍ଧ ଥିବା ବେଳେ ସେଗୁଡିକ ମଧ ବଜାରରେ ମିଳୁଛି। ପଢାଲେଖା ଜାଣି ନଥିବା ସାଧାରଣ ଲୋକଟିଏ ମଧ ଏହି ଖାଦ୍ୟ ସାମଗ୍ରୀ ଖାଉଥିବା ଜଣାପଡିଛି। ତେଣୁ ପ୍ରଶାସନ ପକ୍ଷରୁ ଏଗୁଡ଼ିକ ଉପରେ ଯାଞ୍ଚ ହେବା ଜରୁରୀ ବୋଲି ବିଭିନ୍ନ ଅଂଚଳର ଜନସାଧାରଣ କହିଛନ୍ତି।

## ଉମିଦ ଫାଉଣ୍ଡେସନ ପକ୍ଷରୁ ମାନବ ସେବା

ବାରିକପୁର,୩।୭(ସମିସ) ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉମିଦ୍ ଫାଉଣ୍ଡେସନ ପକ୍ଷରୁ ଏକ ମାନବ ସେବା କାର୍ଯକ୍ରମ ଅନୁଷ୍ଠିତ ହୋଇଛି। ସଙ୍ଗଠନ ମୁଖ୍ୟ ଉପଦେଷ୍ଟା ତଥା ଯୁବ ଉଦ୍ୟୋଗୀ ଜିତେନ ପରିଡ଼ାଙ୍କ ଜନ୍ମଦିନପାଳନଉପଲକ୍ଷେସଦସ୍ୟମାନେଗୌରବମୟପବିତ୍ର ଐତିହାସିକଗୋହିରା ଟିକିଲି ପୀଠ ପରିଦର୍ଶନ କରିଥିଲେ। ଏହାପରେ କୋରିଗାଁ ପଞ୍ଚାୟତ ନାଉରିଗଡ଼ିଆ ଗ୍ରାମରେ ସମସ୍ତ ସଦସ୍ୟ ପହଞ୍ଚି ଦୀର୍ଘ ବର୍ଷ ହେବ ସ୍ନାୟୁ ରୋଗରେ ପୀଡିତ ପ୍ରଶାନ୍ତ ଥାଟୋଇଙ୍କୁ ସାକ୍ଷାତ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିଭଳି ଶଯ୍ୟାଶାୟୀ କ୍ଷମାନିଧି ସାମଲଙ୍କୁ



ମଧ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ତାଙ୍କର ଦ୍ରୁତ ଆରୋଗ୍ୟ ପାଇଁ ସଦସ୍ୟମାନେ ପ୍ରାର୍ଥନା କରିଛନ୍ତି। ଆୟୋଜିତ ମାନବ ସେବା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ବାରିକ, କୋଷାଧ୍ୟକ୍ଷ ପ୍ରଣୟ ପ୍ରସାଦ ସାମଲ, ଅନ୍ୟତମ ବରିଷ୍ଠ ଉପଦେଷ୍ଟା ଜଗତ ଜୀବନ ବାରିକ, ବିରଞ୍ଚି ବେହେରା, ଆକାଶ ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପୁଲିସ ବୈଠକ

**ବାରିକପୁର,୩।୭(ସମିସ):** ଭଣ୍ଡାରିପୋଖରୀ ଥାନା ପ୍ରତୀକ୍ଷା ଗୃହରେ ନିଶା ନିବାରଣ ସଚେତନତା ଆଲୋଚନାଚକ୍ର ସହିତ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଂଚଳର ବରିଷ୍ଠ ଓ ସଚେତନ ନାଗରିକ ଯୋଗ ଦେଇଥିଲେ। ଏବେ ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଅବାଧ ନିଶା କାରବାର ଓ ନିଶା ସେବନ ବୃଦ୍ଧି ପାଉଥିବାବେଳେ ଏହା ଉପରେ ପୋଲିସ ଦୃଷ୍ଟି ଦେବାକୁ ଉପସ୍ଥିତ ବ୍ୟକ୍ତି ବିଶେଷ ପରାମର୍ଶ ଦେଇଥିଲେ। ଅବାଧ ନିଶା କାରବାର ରୋକିବା ଦିଗରେ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ପୁଲିସ କର୍ମଚାରୀ ବୈଠକରେ ମତପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଏଏସଆଇ ଦ୍ୱାରିକାରାଣୀ ରାଉତ, ରୋମ୍ୟରଞ୍ଜନ ପ୍ରଧାନ, ସ୍ୱାଧୀନ ସାହୁ, ରାମଚନ୍ଦ୍ର ସେନାପତି, ଅନନ୍ତ ତ୍ରିପାଠୀ, ଶୁଭାଶିଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକ ରୋଟାରୀ କ୍ଲବ୍ ମିଡ୍ ଟାଉନର ବିବିଧ କାର୍ଯ୍ୟକ୍ରମ




**ଭଦ୍ରକ,୩।୭(ସମିସ):** ଭଦ୍ରକ ରୋଟାରୀ କ୍ଲବ ମିଡ ଟାଉନ ପକ୍ଷରୁ ରୋଟାରୀ ବର୍ଷ ୨୦୨୬-୨୭ର ଶୁଭାରମ୍ଭ ଚରମ୍ପା ଅଗ୍ରୱାଲ ପ୍ୟାଲେସଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ନୂତନ ସଭାପତି ରୋଟାରିଆନ୍ ଅଶୋକ କୁମାର ବିଶ୍ୱାଳ ଓ ସମ୍ପାଦକ ରୋଟାରିଆନ ମହେଶ ଚନ୍ଦ୍ର ନାୟକ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ରୋଟାରିଆନ୍ ସନ୍ଧ୍ୟା ଗୁପ୍ତା ଓ ରୋଟାରିଆନ୍ ସମ୍ପାଦକ ସିଲୁ ଲାଖାନୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ଓ ଅବଦାନ ପାଇଁ ବିଦାୟ ସମ୍ବର୍ଦ୍ଧନା ଜଣାଯାଇଥିଲା। ଉକ୍ତ ସଭାରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅତିସ ବେହେରା ସଂଯୋଜନା ଓ ସଭା ପରିଚାଳନା କରିଥିଲେ। ନୂତନ ସଭାପତି ରୋ.ବିଶ୍ୱାଳ ବିଗତ ବର୍ଷର କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିଜର ଦୃଢ଼ ସଂକଳ୍ପ ବ୍ୟକ୍ତ କରିଥିଲେ। ରୋଟାରୀ କ୍ଲବ ୩୨୬୨ର ପ୍ରାକ୍ତନ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ଡ. ଶିଶିର ମିଶ୍ର, ସମାଜସେବା, ସ୍ୱାସ୍ଥ୍ୟ, ପରିବେଶ ଓ ମାନବିକ କାର୍ଯ୍ୟକ୍ରମରେ କ୍ଲବର ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଡେ଼ପୁଟି କଲେକ୍ଟର ଶ୍ରୀ ମଣ୍ଡଳ କ୍ଲବର ବହୁବିଧ ଜନହିତକର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଜାତୀୟ ଡାକ୍ତର ଦିବସ ପାଳନ ଅବସରରେ ଇଏନ୍‌ଟି ବିଶେଷଜ୍ଞ ଡାକ୍ତର ବୈଦ୍ୟନାଥ ଓଝା ଓ ଶିଶୁ ବିଶେଷଜ୍ଞ ଡାକ୍ତର ସୁଧାକୃଷ୍ଣ ସାହୁ ତଥା ସଂଯୁକ୍ତ ଚଟାର୍ଡ ଆକାଉଣ୍ଟାଣ୍ଟ ଦିବସରେ ସନ୍ଦୀପ ଲାଖନୀ ଓ ଜାଗୃତି ଶର୍ମାଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ନପୂର୍ଣ୍ଣା ଦିବସ ପାଳନ ଅବସରରେ ଚରମ୍ପା ରମା ସେବା କେନ୍ଦ୍ର ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀଙ୍କୁ କ୍ଲବ ତରଫରୁ ଅନ୍ନଦାନ କରାଯିବା ସହ ଉକ୍ତ କେନ୍ଦ୍ର ପରିସରରେ ୨୦ଟି ଫଳନ୍ତି ଚାରା ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରୋ.ବେଦପ୍ରକାଶ ଗୁପ୍ତା, ରତନଲାଲ ଗୁପ୍ତା, ପ୍ରମୋଦ ଲାଖାନୀ, ଅଶୋକ ଲାଖାନୀ, ସନାତନ ଜେନା, ପବିତ୍ରମୋହନ ଖିଲର, ସମିତା ମିଶ୍ର, ରାହୁଲ ଖେରିଆ, ନିମିଷ ପରେଖ ଉପସ୍ଥିତ ରହି ନିଜ ନିଜ ମତବ୍ୟକ୍ତ କରିଥିଲେ। ଶେଷରେ ରୋ.ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିବା ସହ ସଭାକାର୍ଯ୍ୟ ପରିସମାପ୍ତି ଘୋଷଣା କରିଥିଲେ।

**ତୃତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ**

# ଧାମନଗରରେ ସ୍ୱାସ୍ଥ୍ୟସେବା ଠପ୍; ରୋଗୀ ହନ୍ତସନ୍ତ

**ଧାମନଗର,୩।୭(ସମିସ):** ରାଜ୍ୟ ସରକାରଙ୍କ ଡାକ୍ତରଙ୍କୁ ଅବହେଳା ଓ ପ୍ରତିଶ୍ରୁତି ପୂରଣରେ ବିଳମ୍ବକୁ ନେଇ ଓଡିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମ୍ସା) ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରି ତିନିଦିନରେ ପହଞ୍ଚିଛି। ଗତ ଜୁଲାଇ ୧ରୁ ଧାମନଗର ସଦର ମହକୁମା ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ସମସ୍ତ ଓସମା ଡାକ୍ତର ଏକତ୍ରିତ ହୋଇ ୧୧ଦଫା ସମ୍ବଳିତ ବିଭିନ୍ନ ଦାବି ପୂରଣ ନେଇ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସହ ଧାରଣାରେ ବସିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧୁଷୁରୀ ଏରିଆ ହସ୍ପିଟାଲ ଓ ଏହା ଅଧୀନରେ ଥିବା ୧୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏମବିବିଏସ୍ ଓ ବିଶେଷଜ୍ଞ ଡାକ୍ତର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟରୁ ନିବୃତ୍ତ ଥିବାରୁ ଓପିଡି, ଆଇପିଡି,ଜରୁରୀକାଳୀନ ସେବା ସମେତ ରକ୍ତ ପରୀକ୍ଷା ଓ ଏକ୍ସ-ରେ ଭଳି ନିଦାନମୂଳକ ସେବା



ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଚିକିତ୍ସା ନ ପାଇ ବହୁ ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଚରମ ହନ୍ତସନ୍ତ ହେଉଛନ୍ତି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ହାରାହାରି ୫୦୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ଆଜି ମଧ୍ୟାହ୍ନ ସୁଦ୍ଧା ୩୬୩ ଜଣ ରୋଗୀ ରେଜିଷ୍ଟରରେ ନାମ ପଞ୍ଜୀକରଣ କରି ଡାକ୍ତରଙ୍କ ଅପେକ୍ଷାରେ ରହିଥିଲେ। ଏବେ ବର୍ଷାଋତୁ ଜନିତ ଜ୍ୱର, ଥଣ୍ଡା, ଝାଡ଼ାବାନ୍ତି ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବହୁଳ ଭାବେ ବୃଦ୍ଧି ପାଇଥିବାବେଳେ ସମସ୍ତ ସରକାରୀ ଡାକ୍ତର ଛୁଟିରେ ରହିବା ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଦୁର୍ଘଟଣାଗ୍ରସ୍ତ ରୋଗୀ ମଧ ପ୍ରାଥମିକ ଚିକିତ୍ସା ପାଇଁ ତହଲବିକଳ ହେଉଛନ୍ତି। ସ୍ଥିତିର ମୁକାବିଲା ଲାଗି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଆୟୁଷ ଡାକ୍ତରମାନଙ୍କୁ ଅଦଳବଦଳ ଭିତିରେ ନିୟୋଜିତ କରାଯାଇଛି। ସକାଳ ଓଳି ତିନି ଜଣ ରହୁଥିବାବେଳେ ଅପରାହ୍ଣରେ ୩ଜଣ ରହୁଛନ୍ତି। ଆଉ ରାତିରେ ଜଣେ। ଏହିଭଳି ସେମାନେ ଆସି ରୋଗୀ ଦେଖୁଛନ୍ତି। ବିଶେଷଜ୍ଞ ଚିକିତ୍ସା ଅଭାବରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାର ତୁରନ୍ତ ଦାବି ଗୁଡ଼ିକ ଉପରେ ବିଚାର ନକଲେ ଆନ୍ଦୋଳନ ଆଗାମୀ ଦିନରେ ଅଧିକ ତୀବ୍ର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ

ଭଦ୍ରକ,୩।୭(ସମିସ): ଭଦ୍ରକ ଜିଲ୍ଲା ନ୍ୟାୟାଳୟର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ, ଲଲାଟେନ୍ଦୁ ଜେନାଙ୍କ ପୌରୋହିତ୍ୟରେ ଚିନିଦା କ୍ଷେତ୍ରବାସୀ ଉଚ୍ଚବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ନ୍ୟାୟଳୟ ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଭାତ କୁମାର ରାଜଗୁରୁ, ବିଚାରପତି ପରିବାର ଅଦାଲତ ଅରବିନ୍ଦ ରଥ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକସୋ) ବିକାଶ ଚନ୍ଦ୍ର ଦେ, ଅସ୍ଥାୟୀ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ଏଫ୍‌ଟିଏସ୍‌ସି) ମିନତୀ କୁମାରୀ ପଣ୍ଡା, ସ୍ଥାୟୀ ଲୋକ ଅଦାଲତ (ଜନଉପଯୋଗୀ ସେବା), ଭଦ୍ରକ ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଓ ସମସ୍ତ ବିଚାରପତି ବୃନ୍ଦ, ବନବିଭାଗ ଅଧିକାରୀ, ଅରୁଣ ବିଶ୍ୱାଳଙ୍କ ସମେତ ବନ୍ୟ ପ୍ରାଣୀ ବିଭାଗର କର୍ମୀ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୀମଚରଣ ପରିଡା, ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜଳବାୟୁରେ ଅନିୟମିତତା ଦେଖାଯାଉଛି। ତେଣୁ ତାପମାତ୍ରାକୁ ହ୍ରାସ କରିବା ନିମିତ୍ତ ବହୁଳ ପରିମାଣରେ ବୃକ୍ଷ ରୋପଣ କରାଯିବା ଉଚିତ। ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ଯେ "ଆଜି ଗୋଟିଏ ଗଛ ଲଗାଇବା, କାଲିକୁ ହଜାରେ ହସ ସାଇତିବା' ତେଣୁ ଗଛ ଟିଏ ଲଗାଇ ପୃଥିବୀକୁ ସବୁଜ ଓ ସୁସ୍ଥ ରଖିବା ପାଇଁ ପ୍ରୟାସ ଜାରି ରଖିବା । ଏହି ବନ ମହୋତ୍ସବ ଜରିଆରେ ଲୋକମାନଙ୍କ ମଧ୍ୟରେ ବୃକ୍ଷ ପ୍ରତି ସଚେତନତା ସୃଷ୍ଟି କରିବା ଓ ବିଶ୍ୱର ଉଷ୍ମତା ରୋକିବା ଏବଂ ପ୍ରଦୂଷଣ ହ୍ରାସ କରିବାର ସର୍ବୋତ୍ତମ ଉପାୟ ମଧ୍ୟରୁ ଗୋଟିଏ ଭାବରେ ବୃକ୍ଷ ରୋପଣ ଓ ଏହାର ଯତ୍ନର ଆବଶ୍ୟକତା ରହିଛି।




## ଅଧାପନ୍ତରିଆ କଣ୍ଡିଆ ନଦୀର ସୁରକ୍ଷା ପାଚେରି

# ବନ୍ୟାରେ ଲୀନ ହେବ ବାଲ୍‌କୃଷ୍ଣନଗର

ଅସୁରାଳି,୩।୪(ସମିସ)

ଆସିଗଲାଣି ବର୍ଷାଋତୁ। ହେଲେ ସରିଲାନି ନଦୀବନ୍ଧ ସୁରକ୍ଷା ପ୍ରାଚୀର କାମ। ଆଖୁଆପଦା ଜଳ ସମ୍ପଦ ବିଭାଗର ଚରମ ଅବହେଳା ଓ ମନ୍ଥର କାର୍ଯ୍ୟଶୈଳୀ ଯୋଗୁଁ ଚଳିତ ବନ୍ୟାରେ ଧୁଷୁରୀସ୍ଥ ବାଲକୃଷ୍ଣନଗର ସମ୍ପୂର୍ଣ୍ଣ ଭାସିଯିବା ଆଶଙ୍କା ସୃଷ୍ଟି ହୋଇଛି। କଣ୍ଡିଆ ନାଳର ବାମପାର୍ଶ୍ୱ ନଦୀ ବନ୍ଧର ସୁରକ୍ଷା ପାଚେରି ଓ ଉନ୍ନତିକରଣ ନାମରେ କୋଟିଏ ଟଙ୍କା ଗିଳିଦେବାକୁ ଏକ ବଡ଼ଧରଣର "ମହାଘୋଟାଲା" ଚାଲିଥିବା ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରକଳ୍ପର ଶିଳାନ୍ୟାସ ୨୨।୧୨।୨୩ରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ସାଂସଦ ଅଭିମନ୍ୟୁ ସେଠୀଙ୍କ ଉପସ୍ଥିତିରେ ହୋଇଥିଲା। ଶିଳାନ୍ୟାସକୁ ଦୀର୍ଘ ସମୟ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ବିଭାଗୀୟ ଅପାରଗତାକୁ ପଦାରେ ପକାଇଛି। ଏବେ ବନ୍ୟା ମୁହାଁ ଜନସାଧାରଣ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଏହି ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ସମ୍ପୃକ୍ତ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ ଗତାନୁଗତିକ ଭାବେ କହିଛନ୍ତି, "କାମ ଚାଲୁ ରହିଛି ଏବଂ ଖୁବଶୀଘ୍ର ଏହା ଶେଷ ହେଇଯିବ। ମାତ୍ର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ବର୍ଷା ମାଡ଼ି ଆସୁଥିବାବେଳେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ସ୍ଥାନୀୟ ଲୋକଙ୍କ କ୍ଷୋଭକୁ ଦ୍ୱିଗୁଣିତ କରିଛି। କୋଟି କୋଟି ଟଙ୍କାର ସରକାରୀ ଅନୁଦାନକୁ ହରିଲୁଟ୍ କରିବା ପାଇଁ ବନ୍ୟା ପୂର୍ବରୁ କାମ ଶେଷ ନକରି ବନ୍ୟା ପରେ ଅର୍ଥ ବାଟମାରଣା କରିବାର ଯୋଜନା ଚାଲିଛି ବୋଲି ସ୍ଥାନୀୟ ଜନସାଧାରଣ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଯଦି ଚଳିତ ବର୍ଷ ବନ୍ୟାରେ ଧୁଷୁରୀର ବାଲକୃଷ୍ଣନ ନଗର କିମ୍ବା ଆଖପାଖ ଅଂଚଳ କ୍ଷତିଗ୍ରସ୍ତ ହୁଏ, ତେବେ ଏଥିପାଇଁ ଆଖୁଆପଦା ଜଳ ସମ୍ପଦ ବିଭାଗ ଏବଂ ସମ୍ପୃକ୍ତ ଯନ୍ତ୍ରୀ ସମ୍ପୂର୍ଣ୍ଣ ଦାୟୀ ରହିବେ। ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ଶେଷ କରିବା ସହ ଦୁର୍ନୀତିର ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।



# ୩ କର୍ମଚାରୀଙ୍କୁ ନେଇ ଚାଲିଛି ବାଲିଆପାଳ ତହସିଲ କାର୍ଯ୍ୟାଳୟ

କାଳିପଦା, ୩।୭ (ସମିସ): ତିନିଜଣ କର୍ମଚାରୀଙ୍କ ଦ୍ୱାରା ବାଲିଆପାଳ ତହସିଲରେ କାର୍ଯ୍ୟ ଚାଲିଛି। ଯାହାଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ବାଲିଆପାଳ ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ପକ୍ଷରୁ ତୁରନ୍ତ କର୍ମଚାରୀ ନିଯୁକ୍ତି ପାଇଁ ବାଲେଶ୍ୱର ଅତିରିକ୍ତ ଜିଲ୍ଲପାଳ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାଲିଆପାଳ ତହସିଲ କାର୍ଯ୍ୟାଳୟରେ ମୋଟ ୧୧ ଜଣ କର୍ମଚାରୀ ଆବଶ୍ୟକତା ଥିବାବେଳେ ଦୀର୍ଘ ଦିନ ଧରି ଅଭାବୀ କର୍ମଚାରୀରେ ତହସିଲ କାର୍ଯ୍ୟ ଚାଲି ଆସୁଥିଲା। ମାତ୍ର କିଛିଦିନ ହେବ କେବଳ ୩ ଜଣ କିରାଣିଙ୍କୁ ନେଇ ଅଫିସ କାର୍ଯ୍ୟ ଚାଲିଛି। ଏଠାରେ ଆୟ ପ୍ରମାଣ ପତ୍ର, ଜାତିଗତ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ, ଜମି କିଣା ବିକା ପଟ୍ଟା ଓ ବିଭିନ୍ନ ରାଜସ୍ୱ ମାମଲାର ଫାଇଲ ଦିନକୁ ଦିନ ବହୁ ପରିମାଣରେ ଜମା ହେଉଥିବାରୁ ସାଧାରଣ ଲୋକଙ୍କୁ ବାରମ୍ବାର ତହସିଲକୁ ଆସିବାକୁ ପଡୁଛି। ଏଥିପାଇଁ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ଆଇନ ବାଲିଆପାଳ ଶାଖା ପକ୍ଷରୁ ଗତ ବର୍ଷ ୩ ମଇ ୨୦୨୫ ମସିହାରେ ଡବ୍ଲ୍ୟୁ ପି (ସି)୧୯୩୮୮/୨୦୨୫ ମୂଳେ ଏକ ଜନ ସ୍ୱାର୍ଥ ମାମଲା ହାକୋର୍ଟରେ ରୁଜୁ ହୋଇଥିଲା। ତେବେ ତାହା ଆଜି ଯାଏ କୌଣସି ସମାଧାନ ହୋଇନାହିଁ। ସାଧାରଣ ଲୋକଙ୍କ ଅସୁବିଧାକୁ ଲକ୍ଷ୍ୟକରି ପୁଣିଥରେ ୩୦ ଜୁନ ମଙ୍ଗଳବାର ସଂଘ ପକ୍ଷରୁ ବାଲେଶ୍ୱର ଅତିରିକ୍ତ ଜିଲ(ଲପାଳ ଏବଂ ବୁଧବାର ବାଲିଆପାଳ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ତହସିଲରେ କର୍ମଚାରୀ ନିଯୁକ୍ତି ପାଇଁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି ସଙ୍ଘର ସଭାପତି ଅନୁଜ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ସୁବର୍ଣ୍ଣରେଖା ନଦୀର ତଟ ସୁରକ୍ଷା କ୍ଷେତ୍ରରେ ସରକାର ଉଦାସୀନ

ବାଲେଶ୍ୱର(ଉତ୍ତର),୩।୭ (ସମିସ)



ଚିରସ୍ରୋତା ସୁବର୍ଣ୍ଣରେଖା ନଦୀର ତଟ ସୁରକ୍ଷା କ୍ଷେତ୍ରରେ ସରକାର ଉଦାସୀନ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ନଦୀକୂଳ ବର୍ତ୍ତମାନ ଅସୁରକ୍ଷିତ ହୋଇପଡ଼ିଛି। ଏହି ସବୁ ବ୍ଲକ୍‌ର ୧୫ ଟି ଗାଁ ପ୍ରତି ସବୁଠାରୁ ଅଧିକ ବିପଦ ରହିଛି। ରାଜ୍ୟରେ ନୂଆ ସରକାର ଆସିବା ଦିନଠାରୁ ପଥର ବନ୍ଧ, ସ୍ପର ନିର୍ମାଣ ତ ଦୂରର କଥା ନଦୀ ବନ୍ଧରେ ମୁଠାଏ ମାଟି ମଧ୍ୟ ପଡ଼ିନାହିଁ। ପୂର୍ବ ବର୍ଷ ମାନଙ୍କରେ ଯେଉଁଭଳି ଏପ୍ରିଲରୁ ପ୍ରକଳ୍ପ ମାଧ୍ୟମରେ ନଦୀ ବନ୍ଧ ମରାମତି ହେଉଥିଲା, ସେତିକି ମଧ୍ୟ ହେଉ ନାହିଁ। କେବଳ ଯୋଜନା ପ୍ରସ୍ତୁତି ରେ ସୀମିତ ରହିଛି। ଏପରି ସମୟରେ ଜଳସମ୍ପଦ ବିଭାଗ ୩୧ କୋଟି ଟଙ୍କାର ୪ଟି ତଟସୁରକ୍ଷା ପ୍ରକଳ୍ପର ଅନୁମୋଦନ ପାଇଁ ସରକାରଙ୍କ ପାଖକୁ ପଠାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଭୋଗରାଇ ବ୍ଲକ୍‌ର ଦହମୁଣ୍ଡା, ମନୁନଗର, ଆରୁହାବୃତ୍ତି ଓ ରସୁଲପୁର ଗାଁ ନିକଟରେ ସୁବର୍ଣ୍ଣରେଖା କୂଳରୁ ଅତଡ଼ା ଖସୁଛି। ରାସ୍ତା, ବିଲବାଡ଼ି ଓ ଗଛଲତା ନଦୀଗର୍ଭକୁ ଚାଲିଯାଉଛି। ଫଳରେ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଛି। ଏହାକୁ ଆଖିଆଗରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ମନୁନଗର ଗାଁ ନିକଟରେ ଗୋଟିଏ ହାଇଲେବଲ୍ ସ୍ପର୍ ନିର୍ମାଣ ସହ ୨୦୦ ମିଟର ସ୍ଥାନରେ ଲଞ୍ଚିଂପେକିଂ ପାଇଁ ୫.୯୫ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଛି। ସେହିପରି ଦହମୁଣ୍ଡା ଓ ଆରୁହାବୃତ୍ତି ଗାଁ ନିକଟରେ ସୁବର୍ଣ୍ଣରେଖା ଅଶ୍ୱଖୁରାକୃତି ହୋଇଥିବାରୁ ଏଠାରେ ବନ୍ୟା ସମୟରେ ଭୟଙ୍କର ସ୍ଥିତି ଉପୁଜୁଛି। ୮, ୯, ୧୦ ଓ ୧୨ ନମ୍ବର ସ୍ପର୍ ଗତବର୍ଷ ବନ୍ୟାରେ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ନଦୀବନ୍ଧରେ ମଧ୍ୟ ଫାଟ ଦେଖାଦେଇଛି। ତେଣୁ ଉକ୍ତ ସ୍ପରଗୁଡ଼ିକର ମରାମତି ସହ ପାଖାପାଖି ୪୫୦ ମିଟର ଅଞ୍ଚଳରେ ଲଞ୍ଚିଂପେକିଂ ପାଇଁ ଯଥାକ୍ରମେ ୯.୯୫ କୋଟି ଓ ୯.୯୮ କୋଟି ଟଙ୍କାର ଦୁଇଟି ଯୋଜନା ହୋଇଛି। ଅନ୍ୟପଟେ ରସୁଲପୁର ଗାଁ ସୁବର୍ଣ୍ଣରେଖାର ଆଁ ଭିତରେ ରହିଛି। ଗତବର୍ଷ ବନ୍ୟା ପରଠାରୁ ଗାଁ ନିକଟ ଉଲୁଡ଼ା-ଖଳାବାଡ଼ିଆ ଟିଆରଇ (ଟେଷ୍ଟ ରିଲିଫ୍ ବନ୍ଧ) ନଦୀବନ୍ଧ ବିପଦସଙ୍କୁଳ ଅବସ୍ଥାରେ

## କେବଳ ଯୋଜନା ପ୍ରସ୍ତୁତିରେ ସୀମିତ

ଅଛି। ଏଠାରେ ୮୮୦ ମିଟର ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ୫.୭୪ କୋଟି ଟଙ୍କାର ଯୋଜନା ହୋଇଛି। ଉପରୋକ୍ତ ୪ଟି ଯାକ ଯୋଜନାକୁ ରାଜ୍ୟ ସରକାରଙ୍କ ଉଚ୍ଚବୈଷୟିକ ପରାମର୍ଶଦାତା କମିଟି ବା ଟିଏସିର ଅନୁମୋଦନ ପାଇଁ ବିଭାଗକୁ ପଠା ଯାଇଛି। ଉଲ୍ଲେଖଥାଉକି, ଜଳେଶ୍ୱର ବ୍ଲକ୍‌ର ସାନରାଉତପଡ଼ା, କୋଟସାହି, ମହମ୍ମଦନଗର ପାଟଣା ଏବଂ ଭୋଗରାଇ ବ୍ଲକ୍‌ର କୁମାରଗଡ଼ି ନିକଟରେ ସୁବର୍ଣ୍ଣରେଖା ଗତିପଥ ପରିବର୍ତ୍ତନ କରୁଛି। ଫଳରେ ବହୁ ସ୍ଥଳଭାଗ ନଦୀଗର୍ଭରେ ଲୀନ ହୋଇଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯାଉଛି। ଯାହାକୁ ଖୁବ୍‌ଶୀଘ୍ର ବିଭାଗୀୟ ଇଆଇସି ଅନୁମୋଦନ ପାଇଁ ପଠାଯିବ ବୋଲି ସୂଚନା ମିଳିଛି। ସେହିପରି ବାଲିଆପାଳ ବ୍ଲକ ବିଷ୍ଣୁପୁର, ଜାମକୁଣ୍ଡା ଇତ୍ୟାଦି ପଞ୍ଚାୟତର ବହୁ ଗ୍ରାମ ଏବେ ନଦୀର ଆଁ ଭିତରେ ରହିଛି। ଭୋଗରାଇର କୋଳ୍ହାଡ଼ ଓ ବାର୍ଷଣକଶା ଏବଂ ଜଳେଶ୍ୱରର ଜମାଲପୁର ନିକଟରେ ମଧ୍ୟ ନଦୀ କୂଳ ଲଙ୍ଘୁଛି। ଏସବୁ ସ୍ଥାନରେ ତଟସୁରକ୍ଷା ପାଇଁ ଯଥାକ୍ରମେ ୯୭, ୯୦ ଓ ୮୦ ଲକ୍ଷ ଟଙ୍କାର ୩ଟି ପ୍ରକଳ୍ପ ପାଇଁ ଟେଣ୍ଡର ସରିଛି। ପ୍ରଶ୍ନ ଉଠୁଛି ଗତ ଦୁଇବର୍ଷ ଧରି ନଦୀରେ ବାରମ୍ବାର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଚଳିତ ବର୍ଷ ବର୍ଷାଋତୁ ଆରମ୍ଭ ପୂର୍ବରୁ କ୍ଷତିଗ୍ରସ୍ତ ନଦୀ ବନ୍ଧ, ସ୍ପର ର ଆଦୌ ମରାମତି ହୋଇନାହିଁ। ଯଦିଓ ଏବର୍ଷ ବିଳମ୍ବିତ ମୌସୁମୀ କାରଣରୁ ସେମିତି ବଡ଼ ଧରଣର ବର୍ଷା ହୋଇନାହିଁ କିନ୍ତୁ ଏବେଠୁ ହୋଇ ସାରିଥିବା ପ୍ରକଳ୍ପ କାର୍ଯ୍ୟ ହେବା ସମ୍ଭବ ନୁହେଁ। ଯାହା ଫଳରେ ଯଦି ପୁଣି ବନ୍ୟା ଆସେ ତେବେ ଅବସ୍ଥା ଅସମ୍ଭାଳ ହୋଇଯିବ ବୋଲି ପୂର୍ବାନୁମାନ କରାଯାଉଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୩।୭ (ସମିସ): ଆସନ୍ତା ୧୧ ତାରିଖରେ ପାଳନ ହେବାକୁ ଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟ ୨୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚଳିତ ଜୁଲାଇ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଳପତି ପ୍ରସ୍ତାବିତ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବା ସହ ବିଶ୍ୱବିଦ୍ୟାଳୟ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ସମସ୍ତ ସହଭାଗୀଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜୁଲାଇ ୬ ତାରିଖରେ ମିତ୍ରପୁର ନିକଟସ୍ଥ ମଛୁଆଠାରେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ "ଉନ୍ନତ ଭାରତ ଅଭିଯାନ'ର ଶୁଭାରମ୍ଭ ସହ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏକ ରକ୍ତହୀନତା ପରୀକ୍ଷା ଶିବିର ଆୟୋଜିତ ହେବ। ଜୁଲାଇ ୭ରେ ଇଂରାଜୀ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତା ସହ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁଲାଇ ୮ରେ ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ସାଇକେଲ ଶୋଭାଯାତ୍ରା, ୯ରେ ପ୍ରାକ୍ତନ ଛାତ୍ରଛାତ୍ରୀ ସମ୍ମିଳନୀ ସହ ଭାଷା ବିକାଶ ଆନ୍ଦୋଳନ ଏବଂ ଶ୍ରୀମତୀ ସର୍ମାଜନୀ ଦାସ କଥାର ମିଳିତ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁଲାଇ ୧୦ରେ ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ ପ୍ରତିଯୋଗିତା, ରକ୍ତଦାନ ଶିବିର ଏବଂ ଲୋକକଳା ଦଳଙ୍କ ଦ୍ୱାରା ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯିବ। ଜୁଲାଇ ୧୧ରେ ୨୮ତମ ପ୍ରତିଷ୍ଠା ଦିବସ ଉତ୍ସବ, ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଏବଂ ସାହିତ୍ୟ ଆସର ମାଧ୍ୟମରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯିବ।

# ପଣ୍ଡିତ ରବିନାରାୟଣ ରଥଶର୍ମାଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ

ଜଳେଶ୍ୱର,୩।୬ (ସମିସ): ସଂସ୍କୃତ ବିଶାରଦ,ରାଜ୍ୟପାଳ ପୁରସ୍କାର ପ୍ରାପ୍ତ,ସମାଜ ସୁଧାରକ,ମୁକ୍ତି ମଣ୍ଡପ ର ପ୍ରାକ୍ତନ ସଭ୍ୟ, ଅନୁଷ୍ଠାନ ପ୍ରେମୀ, ପ୍ରାକ୍ତନ ଅଧ୍ୟକ୍ଷ ତଥା ସୁବିଚାରକ ପଣ୍ଡିତ ରବିନାରାୟଣ ରଥ ଶର୍ମାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଶାଳିକୋଠା ସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ରେ ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ,ଗ୍ରାମାଞ୍ଚଳ ବରିଷ୍ଠ ନାଗରିକ ପରିଷଦ, ପରିବାର ବର୍ଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଗ୍ରାମ କମିଟି ସଭାପତି ଗଣେଶ ଚନ୍ଦ୍ର ପରିଡା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ବେଦ ପାଠ ଓ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ପ୍ରାକ୍ତନ ଅଦ୍ଧକ୍ଷ ବିପିନ ବିହାରୀ ବିଶ୍ୱାଳ, ସାହିତ୍ୟିକ କାଳୀପଦ ପଣ୍ଡା, ସତିଶ ଚନ୍ଦ୍ର ପଣ୍ଡା, କମଳ କୁମାର ଚକ୍ରବର୍ତ୍ତୀ, ପଦ୍ମନାଭ ପ୍ରଧାନ, ପ୍ରାଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, ଜଳେଶ୍ୱର ଷ୍ଟେସନ ସୁପରଟେଣ୍ଡେଣ୍ଟ ଚନ୍ଦନ କୁମାର ସିଂହ, ନିରଞ୍ଜନ ବେହେରା, ଭୃଗୁ ରାମ କରଶର୍ମା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ ସହିତ ସ୍ମୃତି ଚାରଣ କରିଥିଲେ। ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ଉଦ୍ଦେଶ୍ୟ ଜ୍ଞାପନ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହକୁ ଅଧ୍ୟାପକ ସମର ବଲ୍ଲଭ ସାହୁ, ଅଧ୍ୟାପିକା ସୁଜାତା ଦାସ ,କର୍ମଚାରୀ, ପୁରାତନ ଶିକ୍ଷାର୍ଥୀ, ଗ୍ରାମବାସୀ ପ୍ରମୁଖ ପରିଚାଳନା କରିଥିଲେ।

# ହରିନାମ ଯଜ୍ଞ ଓ ଅନ୍ନ ମହୋତ୍ସବ

ଚନ୍ଦନେଶ୍ୱର, ୩।୭ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ପଞ୍ଚାୟତର ରଣସିଂହପୁର ଦକ୍ଷିଣ ହରିଜନସାହି କମିଟି ପକ୍ଷରୁ ହରିନାମ ଯଜ୍ଞ ଓ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ନ ମହୋତ୍ସବରେ ପ୍ରାୟ ତିନି ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଜାତି, ଧର୍ମ ଓ ବର୍ଗ ନିର୍ବିଶେଷରେ ସମସ୍ତେ ଏକାଠି ବସି ମହାପ୍ରସାଦ ସେବନ କରି ଭାଇଚାରା, ସମତା ଓ ସାମାଜିକ ସମନ୍ୱୟର ଅପୂର୍ବ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଆୟୋଜନକୁ ସଫଳ କରିବାରେ କମିଟିର ସଭାପତି ବଙ୍କିମ ମଲ୍ଲିକ, ସମ୍ପାଦକ ଅର୍ଜୁନ ପଟ୍ଟାୟତ, କୋଷାଧ୍ୟକ୍ଷ ନରସିଂହ ପଟ୍ଟାୟତଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ଲବ ବେହେରା, ତ୍ରିଲୋଚନ ଦାସ, ମହେନ୍ଦ୍ର ମଲ୍ଲିକ, ଶରତ ମଲ୍ଲିକ, ଜୟନ୍ତ ମଲ୍ଲିକ, ପଦ୍ମଲୋଚନ ପଟ୍ଟାୟତ, ଗୌରାଙ୍ଗ ମଲ୍ଲିକ, ହେମନ୍ତ ପଟ୍ଟାୟତ, ସୁବାସ ବେହେରା, ମୁରଲୀ ପଟ୍ଟାୟତ, ବିପିନ ବେହେରା, ପଞ୍ଚାନନ ପଟ୍ଟାୟତ ପ୍ରମୁଖଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା।

# ଲାୟନ୍ସ କ୍ଲବ ଅଫ୍ ମିତ୍ରପୁର ଦ୍ୱାରା ସଫଳ ଚକ୍ଷୁଦାନ

ବାଲେଶ୍ୱର, ୩।୭ (ସମିସ): ନୂଆପାଢ଼ୀ ଅଞ୍ଚଳର ସ୍ୱର୍ଗତ ସରସ୍ୱତୀ ପରିଡାଙ୍କ ଚକ୍ଷୁଦାନ ସଫଳତାର ସହ ସମ୍ପନ୍ନ ହୋଇଛି। ଲାୟନ୍ସ କ୍ଲବ ଅଫ ମିତ୍ରପୁରର ପ୍ରଚେଷ୍ଟାରେ ଏହି ମହତ କାର୍ଯ୍ୟ ସମ୍ଭବ ହୋଇପାରିଛି। ନୂଆପାଢ଼ୀ ଗ୍ରାମର ହରିହର ପରିଡାଙ୍କ ପତ୍ନୀ ସରସ୍ୱତୀ ପରିଡା ଦୀର୍ଘଦିନ ଧରି ପକ୍ଷାଘାତ ଓ ଅନ୍ୟାନ୍ୟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ଗତକାଲି ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ଖବର ପାଇବା ପରେ



ପରିବାର ଲୋକେ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ସୂଚନା ପାଇବା ମାତ୍ରେ ଲାୟନ୍ସ କ୍ଲବ ମିତ୍ରପୁରର ସଭାପତି ଡା. ପ୍ରକାଶ କୁମାର ମହାପାତ୍ର ତୁରନ୍ତ "ମିଶନ ଚକ୍ଷୁଦାନ' ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ କର୍ନିଆ ରିଟ୍ରାଇଭ ଟେକନିସିଆନ ସନ୍ଧ୍ୟାରାଣୀ ନାୟକଙ୍କ ସହ ଯୋଗାଯୋଗ କରିଥିଲେ। ଫଳରେ ସ୍ୱଳ୍ପ ସମୟ ମଧ୍ୟରେ ଚକ୍ଷୁଦାନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଚକ୍ଷୁଦାନ ପରେ କ୍ଲବର ସଦସ୍ୟ ଡା. ଜ୍ୟୋତି ରଞ୍ଜନ ପ୍ରଧାନ ଓ ଲା. ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଚକ୍ଷୁଦାନର ପ୍ରମାଣପତ୍ରକୁ ମୃତକଙ୍କ ସ୍ୱାମୀ ଅବସରପ୍ରାପ୍ତ ଶିକ୍ଷକ ହରିହର ପରିଡା ଏବଂ ତୃତୀୟ ପୁତ୍ର ତଥା ଲାୟନ୍ସ କ୍ଲବ ମିତ୍ରପୁରର ସଦସ୍ୟ ଲା. ଅଜିତ ପରିଡାଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ସରସ୍ୱତୀ ପରିଡା ଜଣେ ଧର୍ମପରାୟଣା, ସ୍ନେହୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ଚାରି ପୁତ୍ରଙ୍କ ମଧ୍ୟରୁ ବଡ଼ପୁଅ ଡା. ଅଶୋକ ପରିଡା ପଶ୍ଚିମବଙ୍ଗ ଦୁର୍ଗାପୁରରେ ଜଣେ ସୁନାମଧନ୍ୟ ହୃଦରୋଗ ବିଶେଷଜ୍ଞ। ପରିବାରର ଏହି ମହାନ ନିଷ୍ପତ୍ତି ଓ ଲାୟନ୍ସ କ୍ଲବ ମିତ୍ରପୁରର ପଦକ୍ଷେପକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

# ମା' ମଙ୍ଗଳା ମନ୍ଦିରର ଦାନବାକ୍ସ ଲୁଟିନେଲେ ଦୁର୍ବୃତ୍ତ

ଜଳେଶ୍ୱର, ୩।୭ (ସମିସ): ଜଳେଶ୍ୱର ଅଞ୍ଚଳରେ ମନ୍ଦିର ଚୋରୀ ଦିନକୁ ଦିନ ବଢିବାରେ ଲାଗିଛି। ଯାହା ବିଭିନ୍ନ ହିନ୍ଦୁ ଧର୍ମାନୁଷ୍ଠାନ ଗୁଡିକ ପ୍ରତି ବିପଦ ସୃଷ୍ଟି କରିଛି। ଗତ କିଛିଦିନ ତଳେ ଗବରଘଟା ଅଞ୍ଚଳରେ ଦୁଇଟି ମନ୍ଦିରରେ ଥିବା ଦେବୀଙ୍କ ସମସ୍ତ ଅଳଙ୍କାର ଚୋରି ହୋଇଯାଇଥିବା ବେଳେ ଗତ ରାତ୍ରୀରେ ଜଳେଶ୍ୱର ସହରର ପୁରୁଣିଆ ବଜାରସ୍ଥିତ ମା'




ମଙ୍ଗଳା ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦାନ ବାକ୍ସକୁ ଉଠାଇ ନେଇଯାଇଥିବାର ଦେଖିବାକୁ ମିଳିଛି। ଆଜି ସକାଳେ ମନ୍ଦିରକୁ ଭକ୍ତମାନେ ଆସି ଦେଖିଥିଲେ ଯେ ମନ୍ଦିରର ପଛପଟ ଗେଟର ତାଲା ଭଙ୍ଗାଯାଇଛି। ମନ୍ଦିର ମଧ୍ୟରେ ଥିବା ଦାନ ବାକ୍ସ ନ ଥିବାର ଦେଖିବାକୁ ମିଳିଥିଲା। ଗ୍ରାମ ମୁଖ୍ୟ ଅନନ୍ତ କୁମାର ଦାସ, ସ୍ଥାନୀୟ କାଉନସିଲର ଗୋବିନ୍ଦ ଚନ୍ଦ୍ର ସାହୁ, ପୂର୍ଣ୍ଣେନ୍ଦୁ ନନ୍ଦୀ, ସନ୍ୟାସି ପରିଡା, ମନ୍ଦିରର ପୂଜକ ପ୍ରମୁଖଙ୍କ ସହିତ ବହୁ ଗ୍ରାମବାସୀ ଆସି ଉପସ୍ଥିତ ହେବା ସହିତ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଆସି ଘଟଣା ସମ୍ପର୍କରେ ତଦନ୍ତ କରିବା ସହତ ମନ୍ଦିରର କିଛି ଦୂରରେ ଥିବା ସରକାରୀ କମ୍ୟୁନିଟି ସେଣ୍ଟର ପଛରେ ଦାନ ବାକ୍ସଟି ଭଙ୍ଗାଯାଇଥିବା ଅବସ୍ଥାରେ ପଡିଥିବାର ବେଳେ ରାସ୍ତା କଡରେ ମନ୍ଦିରର ତାଲାଟି ପଡିଥିବାର ଦେଖିବାକୁ ମିଳିଥିଲା। ମନ୍ଦିରର କିଛି ଦୂରରେ ଥିବା ଏକ ସିସି ଟିଭି ଚିତ୍ରରୁ ଜଣାଯାଇଛି ଯେ ରାତ୍ରୀ ୨ଟା ପରେ ଦୁଇଜଣ ଯୁବକ ମୁହଁରେ ଲୁଗା ବାନ୍ଧି ମନ୍ଦିର ପଟକୁ ଆସିବା ଓ କିଛି ସମୟ ପରେ ଫେରି ଯିବାର ଦୃଶ୍ୟ ରହିଛି। ପୁଲିସ ଘଟଣାର ଛାନଭିନ କରୁଥିବା ବେଳେ ଜଣେ ଯୁବକକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାଯାଇଛି। ଦାନ ବାକ୍ସରେ ୧୦ହଜାରରୁ ଅଧିକ ଦାନ ଅର୍ଥ ରହିଥିବା ଗ୍ରାମବାସୀ କହିଛନ୍ତି।

# ନୀଳଗିରି ଉପଖଣ୍ଡ ବାର୍ ଆସୋସିଏସନ୍ ତରଫରୁ ଶୋକସଭା

ନୀଳଗିରି, ୩।୭ (ସମିସ): ନୀଳଗିରି ଉପଖଣ୍ଡ ଓକିଲସଂଘ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଆଡଭୋକେଟ ଚିତ୍ତରଞ୍ଜନ ଚୌଧୁରୀଙ୍କ ତିରୋଧାନରେ ସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକସଭାରେ ସଂଘର ଉପସଭାପତି ଗୌରହରି ବେହେରା, ଯତୀନ୍ଦ୍ର ନାୟକ, ସମ୍ପାଦକ କିଶୋର କୁମାର ଦାସ, ସହ ସମ୍ପାଦକ




ସୁରେଶଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଦାସ, ବିଘ୍ନେଶ୍ୱର ବାରିକ, ବରିଷ୍ଠ ଆଇନଜୀବୀ ନିଳୀମା ବାରିକ, ଜୟନ୍ତ ସ, ଶାନ୍ତିଲତା ମିଶ୍ର, ସାଗରିକା ଷଡ଼ଙ୍ଗୀ, ପ୍ରଶାନ୍ତ ମଲ୍ଲିକ, ବିକ୍ରମ ମାଝୀ, କାହ୍ନୁରଞ୍ଜନ ମାଝୀ, ତନୟ ପାତ୍ର, ତନୁସ୍ମିତା ମହାଳିକ, ପ୍ରତାପଦେବ ନାୟକ ପ୍ରମୁଖ ବହୁ ଆଇନଜୀବୀ ସ୍ୱର୍ଗତ ଚୌଧୁରୀଙ୍କ ଜୀବନୀ ଏବଂ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ।

# ରେଳ ଓଭରବ୍ରିଜ ତଳୁ ଜବରଦଖଲ ହଟାଇବାକୁ ଦାବି

ସୋର, ୩।୭ (ସମିସ): ସୋର ତହସିଲଦାରଙ୍କ ତରଫରୁ ଉଡ଼ନ୍ତା ରେଳ ଓଭରବ୍ରିଜ୍ ତଳେ ଜବର ଦଖଲ କରି ଦୋକାନ କରିଥିବା ବ୍ୟକ୍ତିମାନଙ୍କୁ ଦୁଇଦିନ ଭିତରେ ହଟିଯିବାକୁ ନୋଟିସ୍ ଜାରି କରାଯାଇଛି। ଏଥି ସହିତ ବ୍ରିଜ ତଳେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡ଼ିଗୁଡ଼ିକ ହଟାଇବା ପାଇଁ ଆର୍‌ଟିଓଙ୍କୁ ଅବଗତ କରାଯାଇଛି। ଗତ କିଛିଦିନ ହେଲା କେତେକ ଉଠା ଦୋକାନୀ ସେମାନଙ୍କ ପସରା ମେଲାଇ ରାସ୍ତା ଅବରୋଧ କରୁଥିବା ଫଳରେ ଅଧିକାଂଶ ସମୟରେ ଟ୍ରଫିକ ଜାମ୍ ହେଉଥିବା କାରଣରୁ ଜନଶୁଣାଣିବେଳେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତବର୍ଷ ଏହି ବ୍ରିଜ୍ ତଳେ ସମସ୍ତ ବ୍ୟବସାୟୀଙ୍କୁ ହଟାଇ ଦିଆଯାଇଥିଲେ ବି ପୁନଶ୍ଚ ଏହି ବ୍ୟବସାୟୀମାନେ ଅବରୋଧ କରିବାରେ ଲାଗିଛନ୍ତି। ଏଥି ସହିତ ବ୍ରିଜ୍‌ର ପୂର୍ବ ତରଫ ଗୋଶାଳା ପାଖରେ ବସୁଥିବା ପରିବା ବ୍ୟବସାୟୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ ନଥିବାରୁ ଷ୍ଟେସନକୁ ଲାଗିଥିବା ଏହି ରାସ୍ତା ସବୁ ସମୟରେ ଜାମ୍ ରହି ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି।

# ବୃଦ୍ଧ ପିତାମାତାଙ୍କୁ ଘରୁ ତଡ଼ିଦେଲେ ପୁଅବୋହୂ

ଜଳେଶ୍ୱର, ୩।୭ (ସମିସ): ସମ୍ପତ୍ତି ଲୋଭରେ ପକ୍ଷାଘାତ ପୀଡିତ ବୃଦ୍ଧ ପିତାଙ୍କୁ ଅତ୍ୟାଚାର ଓ ବୃଦ୍ଧ ମାତାକୁ ଘରୁ ତଡିଦେଲେ ପୁଅ ବହୁ। ଜଳେଶ୍ୱର ବ୍ଲକ ଗୋବରଘାଟା ଗ୍ରାମର ଗଙ୍ଗାରାମ ପାଳ(୬୫) ଦୀର୍ଘ ଦିନଧରି ପକ୍ଷାଘାତ ରୋଗରେ ପିଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ମାନସିକ ସ୍ଥିତି ଠିକ ନ ଥିବାରୁ ତାଙ୍କର ନିଜର ସମ୍ପତ୍ତି ଓ ବ୍ୟାଙ୍କ ଖାତା ବୁଝାସୁଝା କରିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଯାଇଛନ୍ତି। ଏହି ଅସହାୟତାର ସୁଯୋଗ ନେଇ ପରିବାରର ଦୁଇ ପୁଅ, ବହୁ ଓ ଦୁଇଜଣ ସାଇ ଭାଇ ମଧ୍ୟ ଚକ୍ରାନ୍ତ କରି ତାଙ୍କୁ ଓ ତାଙ୍କର ବୃଦ୍ଧା ସ୍ତ୍ରୀ ପୂର୍ଣ୍ଣିମା ପାଳ(୬୦)ଙ୍କୁ ନିର୍ଯାତନା ଦେବା ସହିତ ଖାଇବାକୁ ନଦେଇ ମାରିଦେବାକୁ ଚେଷ୍ଟା କରୁଛନ୍ତି ବୋଲି ବୃଦ୍ଧା ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏକ ଅନ୍ୟାୟ କାର୍ଯ୍ୟକୁ ବିରୋଧ କରିବାରୁ ବୃଦ୍ଧା ପୂର୍ଣ୍ଣିମାଙ୍କ ଗଳା ଚିପି ଶ୍ୱାସରୁଦ୍ଧ କରିବାକୁ ପରିବାର ଲୋକେ ଚେଷ୍ଟା କରିଥିଲେ ଏବଂ ମାଡ ମାରି ଘରୁ ବାହାର କରିଦେଇଥିଲେ। ନିର୍ଯ୍ୟାତିତ ପରେ ବୃଦ୍ଧା ପିତ୍ରାଳୟରେ ଆଶ୍ରୟ ନେଇଛନ୍ତି। ତାଙ୍କର ବୃଦ୍ଧା ସ୍ୱାମୀଙ୍କ ପାଖକୁ ଯିବାକୁ ଦେଉ ନଥିବା ବେଳେ ବୃଦ୍ଧାଙ୍କ ସ୍ୱାମୀଙ୍କ କୌଣସୀ ସେବା ଶୁଶ୍ରୁଷା ବା ଚିକିତ୍ସା କରାଯାଉନାହିଁ। ବୃଦ୍ଧଙ୍କ ଅକ୍ଷମତାର ସୁଯୋଗ ନେଇ ବଳପୂର୍ବକ ତାଙ୍କର ଟିପ ଚିହ୍ନ ନେଇ ବ୍ୟାଙ୍କରୁ ଟଙ୍କା ଉଠାଉବା ଜମିଜମା ହସ୍ତାନ୍ତର କରୁଥିବାର ଅଭିଯୋଗ କରି ବୃଦ୍ଧା ପୂର୍ଣ୍ଣିମା ପାଳ ଜିଲ୍ଲାପାଳ, ଏସ୍‌ପି ଓ ଜଳେଶ୍ୱର ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ସହିତ ନ୍ୟାୟ ଭିକ୍ଷା କରିଛନ୍ତି। ଏଥିନେଇ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ଅପରପକ୍ଷେ ବୃଦ୍ଧବୃଦ୍ଧାଙ୍କ ପୁଅ ମାନେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ସରକାରୀ ରାସ୍ତା ଅବରୋଧକୁ ନେଇ ପୌରପରିଷଦ ଓ ଥାନାରେ ଅଭିଯୋଗ

ଜଳେଶ୍ୱର, ୩।୭ (ସମିସ): ସରକାରୀ ଜାଗାକୁ ଅବରୋଧ କରିବା ସହିତ ନିଜସ୍ୱ ଜାଗା ଥିବା ଲୋକଙ୍କ ଉପରେ ଜୁଲୁମକୁ ନେଇ ଜଳେଶ୍ୱର ଥାନାରେ ଓ ପୌର କାର୍ଯ୍ୟନିବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଜଳେଶ୍ୱର ପୌରାଂଚଳ ସ୍ଥିତ ଅଲାଲପୁର ଗ୍ରାମର ମଧ୍ୟ ସ୍ଥଳରେ ଥିବା ଦାଣ୍ଡ ଗଡିଆ ଛକ ସରକାରୀ ରାସ୍ତାର ପ୍ଲଟ ନଂ ୪୩୮ ଉପରେ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଥିବା ଜନୈକ ବ୍ୟକ୍ତି ଘରର ପିଣ୍ଡା ଓ ପହାଚ ବନାଇ ରାସ୍ତା ଓ ଜଳନିଷ୍କାସନ ନାଳକୁ ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତା ସଂକୁଚିତ ହେବା ସହିତ ଯାତାୟତ କରୁଥିବା ୧୬ନଂ ୱାର୍ଡ ଓ ୧୭ନଂ ୱାର୍ଡର ଅଧିବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ରାସ୍ତାର ଉତର ପାଶ୍ୱର୍ରେ ନିଜ ଜମି ମାଲିକାନାରେ ଥିବା ପ୍ଲଟ ନଂ ୪୮୫/୧୧୭୭ ସତୀଶ ଚନ୍ଦ୍ର ପରିଡାଙ୍କ ଜାଗାକୁ ଅବରୋଧ କରି ଗୃହ ଉପକରଣ ଯଥା ଚିପ୍ସ, ଇଟା, ବାଲି, ନନ୍ଦ ଇତ୍ୟାଦି ପକାଇ ରଖିଛନ୍ତି। ଉକ୍ତ ବ୍ୟକ୍ତି ଜାଗା ଜବରଦଖଲ କରିବା ସହିତ ବହୁ ସମୟରେ ସତୀଶ ଚନ୍ଦ୍ର ପରିଡାଙ୍କୁ ମାରଧର କରିବା ଧମକ ଚମକ ଦେଉଛନ୍ତି। ତେଣୁ ଏ ବିଷୟରେ ପୌର କାର୍ଯ୍ୟନିବାହୀ ଅଧିକାରୀଙ୍କୁ ପୌର ରାସ୍ତାର ଅବରୋଧ ଉଚ୍ଛେଦ କରାଇବା ପାଇଁ ଦାବି କରିବା ସହିତ ଥାନାରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ କରିଥିବା ଜଣାଇଛନ୍ତି।

# ବଳଭଦ୍ର ବିଦ୍ୟାଭୂଷଣଙ୍କ ମନ୍ଦିରରେ ବ୍ରାହ୍ମଣ ସମ୍ମିଳନୀ

ରେମୁଣା, ୩।୭ (ସମିସ): ରେମୁଣାସ୍ଥିତ ଅଠାନ୍ତର ଗ୍ରାମରେ ମହାନ ଦାର୍ଶନିକ ବଳଦେବ ବିଦ୍ୟାଭୂଷଣଙ୍କ ସ୍ମୃତି ମନ୍ଦିରରେ ରେମୁଣା ବ୍ଲକ ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ଏକ ବ୍ରାହ୍ମଣ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନିକଟସ୍ଥ ନୀଳଗିରି, ଜଳେଶ୍ୱର, ବାଲେଶ୍ୱର ମ୍ୟୁନିସିପାଲିଟି ଆଦି ବ୍ଲକରୁ ମଧ୍ୟ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ। ମୁଖ୍ୟତଃ ଆଗାମୀ ୨୨ ତାରିଖରେ ବୁଧବାର ଇମାମି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥଙ୍କ ଚେତନା ଆଧାରିତ ଏକ ଆଲୋଚନା ଚକ୍ର, ବ୍ରାହ୍ମଣ ସମ୍ମିଳନୀ, ବେଦସଭା ତଥା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବା ଉପଲକ୍ଷେ ସମବେତ ବ୍ରାହ୍ମଣମାନେ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ଆଲୋଚନା କରି ପ୍ରସ୍ତାବମାନ ଗୃହୀତ କରିଥିଲେ। ପଣ୍ଡିତ ହରିଶ୍ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ ଓ ସମ୍ପାଦକ ପ୍ରଦୀପ ମିଶ୍ର ଆଭିମୁଖ୍ୟ ପ୍ରଦାନ କରି ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ। ପଣ୍ଡିତ ସୁଧିର କୁମାର ପଣ୍ଡା ଶକ୍ତିଗଦ ପଣ୍ଡା, ରାଜ୍ୟ ବ୍ରାହ୍ମଣ ମହାସଂଘ ସଂଯୋଜକ ପଣ୍ଡିତ ଲୋକନାଥ ଧର, ଡାକ୍ତର ଗୌର ସାଧନ ମିଶ୍ର, ସରୋଜ କୁମାର ଷଡ଼ଙ୍ଗୀ, ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ପ୍ରମୁଖ ବହୁ ବିଦ୍ୱାନ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ସର୍ବେଶ୍ୱର ପତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ କୁନ ପଣ୍ଡା, ସୁବ୍ରତ ଘୋଷାଲ, ହରିଶ୍ଚନ୍ଦ୍ର ପତି ତଥା ଅନ୍ୟ ସମସ୍ତ ସଦସ୍ୟ ବୃନ୍ଦ। ଆଗାମୀ ୨୨ ତାରିଖ ବୁଧବାର କାର୍ଯ୍ୟକ୍ରମରେ ପେପରମିଲ୍ ଜଗନ୍ନାଥ ମନ୍ଦିର କମିଟିର ସହଯୋଗ ନିମନ୍ତେ ଅଦ୍ୟ ବୈଠକ ଇମାମି ଜଗନ୍ନାଥ ମନ୍ଦିର କମିଟିକୁ ଅଶେଷ କୃତଜ୍ଞତା ଜଣାଇଥିଲେ।

# ଫକୀରମୋହନଙ୍କ ଜନ୍ମପୀଠକୁ ପଥପ୍ରଦର୍ଶକ ଫାଟକ ନିର୍ମାଣର ପୁନର୍ବିନ୍ୟାସ ଦାବି

ବାଲେଶ୍ୱର, ୩।୭ (ସମିସ)

କଥାସମ୍ରାଟ ଫକୀରମୋହନ ସେନାପତିଙ୍କ ଜନ୍ମପୀଠ ମଲ୍ଲିକାଶପୁରସ୍ଥିତ ଶାନ୍ତିକାନନକୁ ପଥପ୍ରଦର୍ଶନ ପାଇଁ ବାଲେଶ୍ୱର ପୌରପାଳିକାର ପ୍ରସ୍ତାବିତ ପ୍ରବେଶ ଫାଟକର ପୁର୍ନବିନ୍ୟାସ ଦାବି କରି ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହାର ନକଲ ଜିଲ୍ଲାପାଳ ଏବଂ ସଦର ବିଧାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଏହି ସ୍ମାରକପତ୍ର ଦେଇ ଫାଟକ ନିର୍ମାଣର ବର୍ତ୍ତମାନ ପରିକଳ୍ପନାକୁ ପୁନଃବିଚାର କରିବାକୁ ଅନୁରୋଧ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ସରକାର ଫକୀରମୋହନଙ୍କ ଜନ୍ମସ୍ଥାନ ମଲ୍ଲିକାଶପୁରକୁ ଐତିହ୍ୟଗ୍ରାମ ଭାବେ ଘୋଷଣା କରି ପ୍ରାୟ ୧୫ କୋଟି ଟଙ୍କାର ବିକାଶ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏପରି ସମୟରେ ପୌରପାଳିକା ପକ୍ଷରୁ ଶାନ୍ତିକାନନ ମୁଖ୍ୟ ପ୍ରବେଶପଥରେ ନିର୍ମାଣ କରାଯିବାକୁ ଥିବା ଫାଟକ ପାଇଁ ଚୟନ କରାଯାଇଥିବା ସ୍ଥାନ ଅତ୍ୟନ୍ତ ସଂକୀର୍ଣ୍ଣ। ସେହି ସ୍ଥାନ ନିକଟରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଥିବାରୁ ବର୍ତ୍ତମାନର ନକ୍ସା ଅନୁସାରେ ଫାଟକ ନିର୍ମାଣ ହେଲେ ଦୈନନ୍ଦିନ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି। ସ୍ମାରକପତ୍ରରେ ଆହୁରି କୁହାଯାଇଛି ଯେ, ଫକୀରମୋହନ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ, ସ୍ଥାନୀୟ ବାସିନ୍ଦା ଓ ଶାନ୍ତିକାନନକୁ ପରିଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହି ରାସ୍ତା ବ୍ୟବହାର




କରୁଛନ୍ତି। ଫାଟକ ସଂକୀର୍ଣ୍ଣ ହେଲେ ବଡ଼ ଯାନବାହନ ଯିବାବେଳେ ଅନ୍ୟ ଗାଡ଼ି ଅଟକି ରହିବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ସ୍ମାରକପତ୍ରରେ ତିନୋଟି ପ୍ରମୁଖ ପ୍ରସ୍ତାବ ରଖାଯାଇଛି। ପ୍ରଥମତଃ, ଐତିହ୍ୟଗ୍ରାମର ଗାରିମାକୁ ଦୃଷ୍ଟିରେ ରଖି ଫାଟକର ଡିଜାଇନ୍ ଅନ୍ୟ ସାଧାରଣ ପ୍ରବେଶ ଫାଟକଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବା ସହ ଏଥିରେ ଫକୀରମୋହନଙ୍କ ଜୀବନ, ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ ରହିବା ଉଚିତ। ଦ୍ୱିତୀୟତଃ, ଯାନବାହନ ଓ ପଥଚାରୀଙ୍କ ସୁବିଧା ପାଇଁ ଫାଟକର ପ୍ରସ୍ଥ ବଢ଼ାଇବାକୁ ଦାବି କରାଯାଇଛି। ତୃତୀୟତଃ, ଫାଟକର ସ୍ତମ୍ଭ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରି ଫାଟକକୁ ସୁରକ୍ଷିତ ଓ ପ୍ରଶସ୍ତ ଭାବେ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଡ. ସୁବାସ ଚନ୍ଦ୍ର ପାତ୍ର କହିଛନ୍ତି ଯେ, କଥାସମ୍ରାଟ ଫକୀରମୋହନ ସେନାପତି କେବଳ ବାଲେଶ୍ୱର ନୁହେଁ, ସମଗ୍ର ଓଡ଼ିଆ ଜାତିର ଗୌରବ। ତେଣୁ ତାଙ୍କ ଜନ୍ମପୀଠକୁ ନିର୍ମାଣ ହେବାକୁ ଥିବା ପଥପ୍ରଦର୍ଶକ ଫାଟକ କେବଳ ଏକ ପ୍ରବେଶଦ୍ୱାର ନୁହେଁ, ବରଂ ତାଙ୍କ ଐତିହ୍ୟ, ସାହିତ୍ୟିକ ଅବଦାନ ଓ ବାଲେଶ୍ୱରର ସାଂସ୍କୃତିକ ପରିଚୟର ପ୍ରତୀକ ହେବା ଉଚିତ। ସେଥିପାଇଁ ପୌରପାଳିକା ପକ୍ଷରୁ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପ୍ରସ୍ତାବିତ ଫାଟକର ନକ୍ସା ଓ ସ୍ଥାନ ଚୟନର ପୁନଃବିଚାର କରିବାକୁ ସେ ଦାବି କରିଛନ୍ତି।

# ଲଗାଣ ବର୍ଷା; ଘରେ ପଶିଲା ଡ୍ରେନ୍ ପାଣି

## ଆବର୍ଜନା ପଡ଼ି ଡ୍ରେନ୍ ଜାମ୍ | ଜେସିବି ଲଗାଇ ସଫା ହେଲା ଡ୍ରେନ୍

ବରଗଡ଼,୩।୭(ସମିସ)

ଗତକାଲିଠାରୁ ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି। ସହରର ଟାଙ୍ଗରପଡ଼ା ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ହୋଇ ନପାରି ସମସ୍ୟା ସୃଷ୍ଟି କରିଥିଲା। ଡ୍ରେନ୍ ପାଣି ଘର ଭିତରେ ପଶିଯାଇଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବାଧ୍ୟ ହୋଇ ନିଜ ଉଦ୍ୟମରେ ପାଣି ନିଷ୍କାସନ କରିଥିଲେ।

ଶୁକ୍ରବାର ଟାଙ୍ଗରପଡ଼ାବାସୀ ଏନେଇ କହିଛନ୍ତି ଯେ, ଦୀର୍ଘବର୍ଷ ଧରି ଏହି ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବାରୁ ବର୍ଷା ହେଲେ ଡ୍ରେନ୍ ପାଣି ଜମି ରହିବା ସହ ରାସ୍ତା ଓ ଘରକୁ ପଶିବା ନିତିଦିନିଆ ସମସ୍ୟା ପାଲଟିଛି। ଏନେଇ ସ୍ଥାନୀୟ ଲୋକେ ଅନେକ ଥର ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରିନାହିଁ।

ଲଗାଣ ବର୍ଷା ପରେ ପରିସ୍ଥିତି ଆହୁରି ଗୁରୁତର ହୋଇପଡ଼ିଛି। ଅନେକ ଘର



ଭିତରେ ଡ୍ରେନ୍ ପାଣି ପଶିଯାଇଥିବାରୁ ପରିବାରଗୁଡ଼ିକ ଅସୁବିଧାରେ ପଡ଼ିଛନ୍ତି। କେତେକ ସ୍ଥାନରେ ରୋଷେଇ ଘର ଓ ଶୋଇବା ଘର ପର୍ଯ୍ୟନ୍ତ ପାଣି ପହଞ୍ଚି ଯାଇଥିଲା। ଫଳରେ ଲୋକେ ମୋଟର ପମ୍ପ, ବାଲ୍ଟି ଓ ଅନ୍ୟାନ୍ୟ ଉପକରଣ ସାହାଯ୍ୟରେ ଘରୁ ପାଣି ବାହାର କରୁଥିବା ଦେଖାଯାଇଛି। ପଡ଼ାବାସୀଙ୍କ ଅଭିଯୋଗ ଅନୁଯାୟୀ, ଡ୍ରେନ୍‌ର ନିୟମିତ ସଫେଇ ହେଉନଥିବା ଓ ଜଳନିଷ୍କାସନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ପରିସ୍ଥିତି ଉପୁଜୁଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ଡ୍ରେନ୍ ନିର୍ମାଣ କିମ୍ବା ପୁରୁଣା ଡ୍ରେନ୍‌ର ସଂସ୍କାର କରାଯିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଲୋକେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଶୀଘ୍ର ଡ୍ରେନେଜ୍ ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ଆହୁରି ବଡ଼ ଧରଣର ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇପାରେ। ବର୍ଷା ଜାରି ରହିଲେ ସ୍ଥିତି ଅଧିକ ସଙ୍କଟଜନକ ହେବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀ ରେ ସହର ର ୱାର୍ଡ ନମ୍ବର ୯/୧୩/୧୨ ସମେତ ଟାଙ୍ଗର ପଡ଼ାବାସୀ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ସମସ୍ୟାର ସ୍ଥାୟୀ ସମାଧାନ ସହ ଜଳନିଷ୍କାସନ ବ୍ୟବସ୍ଥାର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ମାତ୍ର ଅଧ ଘଣ୍ଟା ମଧ୍ୟରେ ଜେସିବି ମେସିନ ସହିତ ପୌର କର୍ମଚାରୀ ପହଞ୍ଚି ଜଳ ନିଷ୍କାସନ କରିଥିଲେ। ପୌର ପରିଷଦ ପକ୍ଷରୁ ଡ୍ରେନ୍‌ରେ ମଇଳା ନ ପକାଇବା ପାଇଁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ବି ଲୋକମାନେ ନ ମାନି ଅଇଲା ଆବର୍ଜନା ସବୁ ଡ୍ରେନ୍ ଗୁଡିକରେ ପକାଇବା ଯୋଗୁ ଏମିତି ପରିସ୍ଥିତି ହୋଇଛି।

# ପାଣି ଘେରରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଅମ୍ବାଭୋନା,୩।୭(ସମିସ): ଜଳ ଘେରରେ ରହିଛି ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ବର୍ଷା ଜଳ ନିଷ୍କାସନ ହୋଇନପାରି ମୁଖ୍ୟ ପ୍ରବେଶ ପଥ ଓ



ହସ୍ପିଟାଲ ପରିସରରେ ଲହଡ଼ି ଭାଙ୍ଗୁଛି। ଫଳରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ସ୍ୱାସ୍ଥ୍ୟ କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ପାଣି ସହ କାଦୁଅ ଜମି ରହିଥିବାରୁ ରୋଗୀଙ୍କୁ ଷ୍ଟ୍ରେଚର କିମ୍ବା ଆମ୍ବୁଲାନ୍ସରେ ନେବା ଆଣିବା ମଧ୍ୟ କଷ୍ଟ ହେଉଛି।

ସ୍ଥାନୀୟଲୋକଙ୍କ କହିବା ଅନୁସାରେ, ପ୍ରତ୍ୟେକ ବର୍ଷା ଋତୁରେ ଏହି ସମସ୍ୟା ଦେଖାଦେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ବର୍ତ୍ତମାନ ବର୍ଷା ଋତୁରେ ଡାଇରିଆ, ହଇଜା ଓ ମଶାବାହିତ ରୋଗର ଆଶଙ୍କା ରହୁଥିବା ବେଳେ ହସ୍ପିଟାଲ ପରିସରରେ ଦୂଷିତ ପାଣି ଜମି ରହିବା ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଲୋକମାନଙ୍କ କହିବା ଅନୁସାରେ, "ଗାଁ ପରିମଳ ଧୋବା ତୁଠରୁ' ନ୍ୟାୟରେ ସ୍ୱାସ୍ଥ୍ୟକେନ୍ଦ୍ର ଯଦି ନିଜେ ପରିମଳ ବଜାୟ ରଖିପାରୁନାହିଁ, ତେବେ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରିବ କେମିତି?

ଏଠାରେ ଉଲ୍ଲେଖ ଥାଉ, ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିମଳ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଲଗାତର ୩ ବର୍ଷ ଧରି 'କାୟାକଳ୍ପ ପୁରସ୍କାର' ହାସଲ କରିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୧୦୪ଟି ଗ୍ରାମର ଲୋକ ନିର୍ଭର କରୁଥିବାରୁ ଏହାର ଭିତ୍ତିଭୂମି ସଜାଡ଼ିବା ଅତ୍ୟନ୍ତ ଜରୁରୀ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ବାରମ୍ବାର ସମ୍ପୃକ୍ତ ବିଭାଗ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇନାହିଁ। ବର୍ଷା ଆସିଲେ ପ୍ରତିଥର ଏହି ସମସ୍ୟା ଉପୁଜୁଥିବାରୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା, ପରିସର ସଫେଇ ଓ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ମାନସିକ ଅନଗ୍ରସରଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

- ଘେଁସ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡରେ ଫିଙ୍ଗିଦେଲେ ଦୁର୍ବୃତ୍ତ

ମେଲଛାମୁଣ୍ଡା,୩।୭(ସମିସ): ମେଲଛାମୁଣ୍ଡା ଥାନା ଘେଁସ ଠାରେ ଅଜଣା ଦୁର୍ବୃତ୍ତଙ୍କ ବର୍ବରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜଣେ ଅସହାୟ ମାନସିକ ରୋଗୀଙ୍କୁ ଆକ୍ରମଣ ପରେ ରକ୍ତାକ୍ତ ଅବସ୍ଥାରେ ରାସ୍ତାକଡ଼ରେ ଫିଙ୍ଗି ଫେରାର ମାରିଛନ୍ତି ଦୁର୍ବୃତ୍ତ। ଏଭଳି ଏକ ଅମାନୁଷିକ କାଣ୍ଡ ଘେଁସ ହାଟପଦା ସ୍ଥିତ ଲକ୍ଷ୍ମୀ ବସଷ୍ଟାଣ୍ଡ ପରିସରରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ତିଲେଇମାଲ ଗ୍ରାମର ଅଲେଖ ବଗର୍ତ୍ତି (୫୬) ନାମକ ଜଣେ ବ୍ୟକ୍ତିଙ୍କୁ କେହି ଅଜଣା ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ଶକ୍ତ ଆଘାତ କରିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଘେଁସ ଲକ୍ଷ୍ମୀ ବସଷ୍ଟାଣ୍ଡରେ ଛାଡ଼ି ଚାଲିଯାଇଥିଲେ। ଖବର ପାଇ ଅଲେଖଙ୍କ ପରିବାର ଲୋକେ ପହଞ୍ଚି ଅଲେଖଙ୍କୁ ଘେଁସ ଡାକ୍ତରଖାନା ଓ ପରେ ଅବସ୍ଥା ଗୁରୁତର ହେବାରୁ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସୂଚନାଯୋଗ୍ୟ ଯେ, ଅଲେଖ ସାମାନ୍ୟ ମାନସିକ ବିକୃତ। ମେଲଛାମୁଣ୍ଡା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଜଣେ ମାନସିକ ବିକାରଗ୍ରସ୍ତଙ୍କୁ କିଏ ଓ କାହିଁକି ଆକ୍ରମଣ କଲା ଜଣାପଡୁନାହିଁ। ଅଞ୍ଚଳରେ ଅବାଧ ନିଶା କାରବାର ଯୋଗୁଁ ଏଭଳି କାଣ୍ଡ ଘଟୁଥିବା ଚର୍ଚ୍ଚା ଚାଲିଛି।

## ସହିଦ ମାଧୋ ସିଂହଙ୍କ ନାଁରେ ହେଲା ଘେଁସ କଲେଜ

ବରଗଡ଼/ବିଜେପୁର/ଘେଁସ,୩।୭(ସମିସ): ଘେଁସ ମହାବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ସହିଦ ମାଧୋ ସିଂହ ମହାବିଦ୍ୟାଳୟ ଭାବେ ନାମିତ ହୋଇଛି। ଏନେଇ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ଅଂଚଳର ଜନସାଧାରଣଙ୍କ ବହୁ ଦିନର ଦାବି ପୂରଣ ହୋଇଥିବାରୁ ସହିଦ କୁଞ୍ଜଲ ସିଂହ କ୍ଲବ, ଅଭିମନ୍ୟୁ ସାହିତ୍ୟ ସଂସଦ, ସହିଦ ମାଧୋ ସିଂହ ଗ୍ରାମ୍ୟ ଉନ୍ନୟନ କମିଟି, ସହିଦ ମାଧୋ ସିଂହ କୃଷକ ସଙ୍ଗଠନ, ଲାଲ ଯୋଗେନ୍ଦ୍ରନାଥ ସିଂହ ଆଥଲେଟିକ ଆସୋସିଏସନ, ଘେଁସ ମହାବିଦ୍ୟାଳୟ ଭଳି ପ୍ରମୁଖ ଅନୁଷ୍ଠାନ ସମେତ ପଦ୍ମଶ୍ରୀ ହଳଧର ନାଗ, ମାଧୋ ସିଂହଙ୍କ ଦାୟାଦ ରଣଜିତ୍ ସିଂହ ବରିହା ଓ ଲୋକେଶ୍ୱର ସିଂହ ବରିହା, ସାହିତ୍ୟିକ ଅଶୋକ କୁମାର ପୂଜାହାରୀ, ଡ. ସୁବାସ ମେହେର, ସୁଶାନ୍ତ ମିଶ୍ର, ସଙ୍ଗଠକ ସୁଦାମା ବାରିକ, ଡୋଲାମଣି ପଟେଲ, ପ୍ରେମରାଜ ସାହୁ, ଘେଁସ ସରପଞ୍ଚ ଗୋକୁଳ ଦାସ ତଥା ଅଂଚଳର ସମସ୍ତ ସରପଞ୍ଚଙ୍କ ସମେତ ବହୁ ସଙ୍ଗଠନ ଓ ବୁଦ୍ଧିଜୀବି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ପ୍ରଦୀପ କୁମାର ପୁରୋହିତ ଓ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସହିଦ କୁଞ୍ଜଲ ସିଂହ କ୍ଲବ ପକ୍ଷରୁ ଜନସାଧାରଣଙ୍କ ଏହି ଦାବି ସମେତ ସହିଦମାନଙ୍କ ସ୍ମୃତିରକ୍ଷା ପାଇଁ ଅନ୍ୟାନ୍ୟ ଦାବି ସରକାରଙ୍କ ଠାରେ ଉପସ୍ଥାପନ କରାଯାଇଆସୁଅଛି। ଗତ ଡିସେମ୍ବର ୩୧ ଦିନ ଘେଁସ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବୀରତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ନାମକରଣର ଘୋଷଣା କରିଥିଲେ।

## ଦୁର୍ଘଟଣାରେ ୩ ଯୁବକ ଗୁରୁତର

### ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ମିଳିଲାନି ଚିକିତ୍ସା

ବରଗଡ଼,୩। ୭(ସମିସ): ବରଗଡ଼ ବିଜେପୁର ରାସ୍ତା ଏକାମ୍ର ଛକରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ଯୁବକ ଆହତ ହୋଇଛନ୍ତି। ଆହତମାନେ ହେଲେ ଧୂସରବାହାଲ ଗ୍ରାମର ମହେନ୍ଦ୍ର ବୁଢ଼େକ (୨୧), ବାଦେନବାହାଲ ଗ୍ରାମର ରାକେଶ (୨୪) ଏବଂ ଭୀମା ଭୁଏ (୨୦)। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ସୂଚନା ମୁତାବକ, ଆଜି ଉକ୍ତ ୩ ଯୁବକ କାମରୁ ଘରକୁ ଫେରୁଥିବା ବେଳେ ବରଗଡ଼ ଏକାମ୍ର ଛକ ନିକଟରେ ଏକ ପିକ୍‌ଅପ୍ ଗାଡ଼ି ସହିତ ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଲୋକ ଆହତମାନଙ୍କୁ ଉଦ୍ଧାର କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତରଙ୍କ ଆନ୍ଦୋଳନ ଚାଲିଥିବାରୁ ଆବଶ୍ୟକୀୟ ଚିକିତ୍ସା ସେବା ମିଳିନଥିବା ଅଭିଯୋଗ ହୋଇଛି। କେବଳ ଜଣେ ଜୁନିୟର ଡାକ୍ତର ଉପସ୍ଥିତ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତଙ୍କୁ ଭୀମସାର, ବୁର୍ଲାକୁ ରେଫର କରାଯାଇଥିଲା।

ସବୁଠାରୁ ହୃଦୟବିଦାରକ ଦୃଶ୍ୟ ଥିଲା ହସ୍ପିଟାଲ ପରିସରରେ ଉପସ୍ଥିତ ପରିବାର ଲୋକଙ୍କ ଅସହାୟତା। ଗୋଟିଏ ପଟେ ରକ୍ତାକ୍ତ ଅବସ୍ଥାରେ ଯୁବକମାନେ ଛଟପଟ ହେଉଥିବା ବେଳେ, ଅନ୍ୟପଟେ ପରିବାର ଲୋକେ କେମିତି ବୁର୍ଲା ନେବେ, କେଉଁଠୁ ଟଙ୍କା ଯୋଗାଡ଼ କରିବେ ଏବଂ ରାସ୍ତାରେ କିଛି ଅଘଟଣ ଘଟିବ ନାହିଁ ତ ଆଦି ଚିନ୍ତାରେ ଭାଙ୍ଗିପଡ଼ିଥିଲେ। ଘଟଣାଟି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

## ନିଶା କାରବାର ବନ୍ଦ କରିବାକୁ ଦାବି




ବରଗଡ,୩।୭(ସମିସ): ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆନ୍ଧ୍ର କେମ୍ପ ଛକଠାରେ ଖଣ୍ଡହଥା ଗ୍ରାମ ପଞ୍ଚାୟତ, ଧାଙ୍ଗେର ଗ୍ରାମ ପଞ୍ଚାୟତ ଓ ଗାଇସିମା ଗ୍ରାମ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ପ୍ରବଳ ବର୍ଷା ସତ୍ତ୍ୱେ ଅଞ୍ଚଳରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ଏକ ବୈଠକ କରିଥଲେ। ଅଞ୍ଚଳରେ ଦିନ ଦ୍ୱିପହରରେ ଗଞ୍ଜେଇ, କୋରେକ୍ସ, ମଦ ଏପରିକି ବ୍ରାଉନ୍‌ସୁଗାର ଭଳି ନିଶାଦ୍ରବ୍ୟ ଖୋଲା ଖୋଲି ଭାବରେ ବିକ୍ରି ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନିଦାବିଷ୍ଣୁ ସାଜିଛି। ଆଜିର ଶିଶୁ କାଲିର ଭବିଷ୍ୟତ କିନ୍ତୁ ଆଜିର ଶିଶୁ ନିଶାଗ୍ରସ୍ତ ହେଉଥିବାବେଳେ ଭବିଷ୍ୟତ ଅନ୍ଧକାରମୟ ହୋଇପଡୁଛି।

କାର୍ଯ୍ୟକ୍ରମରେ ଖଣ୍ଡହଥା ସରପଞ୍ଚ ଚିତ୍ରସେନ ସାହୁ, ଗାଇସିମା ସରପଞ୍ଚ ଧିରେନ ମହାପାତ୍ର, ଧାଙ୍ଗେର ସରପଞ୍ଚ ଋତୁରାଜ ବାଗ୍, ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ ଯୋଗ ଦେଇ ସହଯୋଗର ହାତ ବଢାଇଥିଲେ। ଅଞ୍ଚଳରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ଏକ ଦରଖାସ୍ତ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ଓ ଆଇଆଇସି ସଦର ଥାନା ବରଗଡ଼ଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ମହିଳାମାନଙ୍କ ଗୋଟିଏ ଦାବି ମଦ ମୁକ୍ତ ଗାଁ ଆମର ସ୍ୱପ୍ନ, ନିଶା ମୁକ୍ତ ପରିବାର ଆମର ସ୍ୱପ୍ନ। ଯଦି ଏହା ନହୁଏ ଏକ ବିରାଟ ଜନ ଆନ୍ଦୋଳନ କରାଯିବ।

## ରେମଣ୍ଡାରେ ବର୍ଷାଜଳ ନିଷ୍କାସନ ହୋଇପାରୁନି



ଥୁଆପାଲି,୩।୭(ସମିସ): ରେମଣ୍ଡା ଗ୍ରାମଠାରେ ଲଘୁଚାପଜନିତ ଲଗାଣ ବର୍ଷା ପରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ରାସ୍ତା ଉପରେ ଜମି ରହୁଛି। ୨୯ ତାରିଖରେ ରାସ୍ତା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବାରୁ ରାସ୍ତା ଉପରେ ମାଟି, ଖଣ୍ଡିଆ ଇଟା ଜମିଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ଜନସାଧାରଣ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ବାଇକ୍ ଆରୋହୀ ପାଣି ପଶି ଯାତାୟାତ କରୁଛନ୍ତି। ବର୍ଷା ଅଧିକ ହେଲେ ସମସ୍ୟା ବଢ଼ିବ ବୋଲି ଅଞ୍ଚଳବାସୀ ଆଶଙ୍କା କରିଛନ୍ତି। ଫଳରେ ପଞ୍ଚାୟତ, ବ୍ଲକ, ଜିଲ୍ଲା ପ୍ରଶାସନ ପକ୍ଷରୁ ବର୍ଷା ଜଳ ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ବିଲେଇବେର୍ଣ୍ଣା ମହିମା ମଠରେ ରକ୍ତଦାନ ଶିବିର



ଥୁଆପାଲି,୩।୭(ସମିସ): ଭେଡେନ ବ୍ଲକ ଅର୍ଜ୍ଜୁଣ୍ଡା ଗ୍ରାମପଞ୍ଚାୟତ ବିଲେଇବେର୍ଣ୍ଣା ମହିମା ମଠରେ ଅଲେଖ ମହିମା ସଂଘ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ବୁର୍ଲା ରକ୍ତ ଭଣ୍ଡାର ଅଧିକାରୀ ଡଃ ଅନିତା ତିର୍କିଙ୍କ ସହ କାଉନସିଲର ମଣ୍ଟୁ ପଧାନ, ଟେକନିସିଆନ ଦେବାଷିଶ ମିଶ୍ର, ପାଏନୁ ଭୁଏ, ଗଣେଷ ପଧାନ, ସଞ୍ଜୀବ କୁମାର ବେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଡାକ୍ତର ଆନ୍ଦୋଳନକୁ ଘରୋଇ ଡାକ୍ତରଖାନା ସଂଗଠନର ସମର୍ଥନ

ବରଗଡ,୩।୭(ସମିସ): ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ ପକ୍ଷରୁ ଚାଲିଥିବା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ବେସରକାରୀ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକର



ସଂଗଠନ ଅଲ୍ ଓଡ଼ିଶା ପ୍ରାଇଭେଟ ମେଡିକାଲ ଏଷ୍ଟାବ୍ଲିସମେଣ୍ଟସ୍ ଫୋରମ୍, ବରଗଡ଼ ଶାଖା ପକ୍ଷରୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ଶୁକ୍ରବାର ଓଡ଼ିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିସମେଣ୍ଟ ବରଗଡ଼ ଶାଖା ପକ୍ଷରୁ ଡାକ୍ତର ପ୍ରବୀଣ ଅଗ୍ରୱାଲ ଓ ଡ଼ାକ୍ତର ପ୍ୟାରୀଲାଲ ତ୍ରିପାଠୀ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଡାକ୍ତର ପି. କେ. ଦାଶଙ୍କୁ ଓମ୍‌ସା ପ୍ରତି ସମର୍ଥନ ସଂକଳ୍ପପତ୍ର ପ୍ରଦାନ କରିଥିଲେ। ସମର୍ଥନ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓମସା ପକ୍ଷରୁ ଉଠାଯାଇଥିବା ଦାବିଗୁଡ଼ିକ ଯଥାର୍ଥ ଏବଂ ଡାକ୍ତରମାନଙ୍କ ସୁରକ୍ଷା, ସମ୍ମାନ ଓ ମର୍ଯ୍ୟାଦା ସହ ସିଧାସଳଖ ଭାବେ ଜଡ଼ିତ। ଏହି ପ୍ରସଙ୍ଗରେ ନୈତିକ ଓ ମାନବିକ ଆଧାରରେ ଓମସା ର ଆନ୍ଦୋଳନ ସହ ଦୃଢ଼ ଏକାତ୍ମତା ପ୍ରକାଶ କରିଛି। ସଂଗଠନ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଡାକ୍ତର ସମାଜର ଯୁକ୍ତିଯୁକ୍ତ ଦାବିଗୁଡ଼ିକୁ ବିଳମ୍ବ ନକରି ପୂରଣ କରିବାକୁ ଅନୁରୋଧ କରାଯାଇଛି।

## ନୃସିଂହନାଥରେ ରକ୍ତଦାନ ଶିବିର



ପାଇକମାଲ,୩।୭(ସମିସ): ନବାନ୍ନ ଫାଉଣ୍ଡେସନ୍ ଓ ଲାୟନ୍ସ କ୍ଲବ, ନୃସିଂହନାଥର ମିଳିତ ଆନୁକୂଲ୍ୟରେ ଆଇଓସିଏଲ ଯାତ୍ରୀ ନିବାସଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଓଡ୍ଡୁ, ପାଇକମାଲ ରେଞ୍ଜର ନିହାର ରଞ୍ଜନ ସୂତାର ଏବଂ ଲାୟନ୍ସ କ୍ଲବର ପ୍ରାକ୍ତନ ସଭାପତି ନିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଲାୟନ୍ସ କ୍ଲବର ସଭାପତି ଡା. ଲମ୍ବୋଦର ପଣ୍ଡା ସଭା ପରିଚାଳନା କରିଥିଲେ। ପଦ୍ମପୁର ରକ୍ତଭଣ୍ଡାରର କର୍ମଚାରୀମାନଙ୍କ ସହଯୋଗରେ ଶିବିରରୁ ମୋଟ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନବାନ୍ନ ଫାଉଣ୍ଡେସନର ନିର୍ଦ୍ଦେଶକ ସୀତାଂଶୁ ସାହୁଙ୍କ ନେତୃତ୍ୱରେ ଲାୟନ୍ସ କ୍ଲବର ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ, ନନ୍ଦଲାଲ ନାୟକ, ଡା. ରାଜୀବ ଲୋଚନ ପଟ୍ଟନାୟକ, ମୀନକେତନ ବେହେରା, ଅଶୋକ ଜିନ୍ଦଲ, ସୁନ୍ଦରମଣି ନାୟକ, ଅଶୋକ ଡାୟାଲ, ଯୁଗେଶ୍ୱରୀ ସାହୁ, ଆଲୋକ ମିଶ୍ର, ସୁଶାନ୍ତ ନାଗ, ଶ୍ୟାମଳ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମସ୍ତ ରକ୍ତଦାତାଙ୍କୁ ଅତିଥିମାନଙ୍କ ଦ୍ୱାରା ଗଛଚାରା ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

## ଶିକ୍ଷା ବିଭାଗର ବ୍ଲକ୍‌ସ୍ତରୀୟ ସମୀକ୍ଷା ବୈଠକ



ଅତାବିରା,୩।୭(ସମିସ): ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଇଓ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଏବିଇଓ ମୁକେଶ ଚନ୍ଦ୍ର ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ପୁଣି ବ୍ଲକରେ ଯୋଗଦାନ କରିଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସମୀକ୍ଷା ବୈଠକରେ ପିଲାମାନଙ୍କୁ ପୋଷାକ ବଣ୍ଟନ, ନୂତନ ପୁସ୍ତକ ବଣ୍ଟନ, ଉଲ୍ଲାସ, ବିଦ୍ୟାଳୟ ତ୍ୟାଗୀ ପିଲାଙ୍କ ନାମଲେଖା, ବିଦ୍ୟାଳୟ ନିରାପତ୍ତା, ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ, ନିପୁଣ ଓଡ଼ିଶା, ମାସିକ କ୍ଲଷ୍ଟରସ୍ତରୀୟ ବୈଠକ, ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଶିକ୍ଷା ବର୍ଷରେ କିପରି ପିଲାଙ୍କ ସର୍ବାଙ୍ଗୀନ ବିକାଶ ହେବ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବା ପାଇଁ ଆହ୍ୱାନ କରାଯାଇଥିଲା। ବୈଠକରେ ବ୍ଲକର ସମସ୍ତ ସିଆର୍‌ସିସି, ଏମ୍‌ଆଇଏସ୍ ସଂଯୋଜକ ଭୀଷ୍ମଦେବ ସରାଫ ଯୋଗଦାନ କରିଥିଲେ। ସିଆର୍‌ସିସି ନନ୍ଦିଘୋଷ ଭୁଏ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଅତାବିରା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମଧ୍ୟ ଏବିଇଓ କାର୍ତ୍ତିକ ବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଥିଲା।

## ସରିଲା ଧାନ ସଂଗ୍ରହ ଅବଧି

# ବିଭିନ୍ନ ମଣ୍ଡିରେ ରହିଗଲା ଲକ୍ଷ ଲକ୍ଷ ବସ୍ତା

ବରଗଡ,୩।୭(ସମିସ)

ସଂଯୁକ୍ତ କୃଷକ ସଂଗଠନ ତରଫରୁ ଆଜି ଅଗ୍ରଗାମୀ ଯୁବକ ସଂଘଠାରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବିପତ୍ର ଏବଂ ରବି ଋତୁ ଧାନ କିଣା, ସାର କଳାବଜାରୀ, ବିହନ, କେନାଲ ପାଣି ଓ ଏଲ୍‌ନିନୋ ବିପର୍ଯ୍ୟୟ ପ୍ରସଙ୍ଗରେ ସାଙ୍ଗଠନିକ ମତ ବିନିମୟ ପାଇଁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବରଗଡ଼ ଗସ୍ତ ଓ କୃଷି ଭିତ୍ତିକ ଶିଳ୍ପ ଇଥାନଲ ଫ୍ୟାକ୍ଟ୍ରି ଉଦ୍‌ଘାଟନକୁ ସ୍ୱାଗତ କରିବା ସହିତ ବରଗଡ଼ ଜିଲ୍ଲାର ଉନ୍ନତି ପାଇଁ ୧୨ ଗୋଟି ପ୍ରସ୍ତାବ ମଧ୍ୟ ରଖିଥିଲେ। ସଂଗଠନର ଦାବି ମୁତାବକ ବରଗଡ଼ ଜିଲ୍ଲା ଧାନ ଚାଷ ପାଇଁ ପ୍ରସିଦ୍ଧ, ହେଲେ କାହିଁକି ତେଲଜାତୀୟ ଚାଷ ପାଇଁ ନୀତି କରାଯାଇଛି ଯାହାକୁ



କୃଷକମାନେ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ପୁରୁଣା ରୁଗ୍‌ଣ ପାକ୍ସର ପୁନଃରୁଦ୍ଧାର ଏବଂ ନୂତନ ପାକ୍ସ ଶକ୍ତିଶାଳୀ କରାଯାଉ, ବଞ୍ଚିତ ୫ ହଜାର ଚାଷୀଙ୍କୁ ଟୋକନ ପ୍ରଦାନ କରି ଧାନ କିଣା ଯାଉ, ଧାନ କିଣା ପାଇଁ କେନ୍ଦ୍ରିକରଣ ବ୍ୟବସ୍ଥା ପରିବର୍ତ୍ତେ ଜିଲ୍ଲାକୁ କ୍ଷମତା ଦିଆଯାଉ, ପ୍ରଧାନମନ୍ତ୍ରୀ ଫସଲ ବୀମା କମ୍ପାନୀ ହାତରେ ନ ଦେଇ ସରକାର ପରିଚାଳନା କରିବା ସହିତ ସାଟେଲାଇଟ ପରିବର୍ତ୍ତେ ସରଜମିନ ତଦନ୍ତକୁ ଗୁରୁତ୍ୱ ଦିଆଯାଉ। କେନ୍ଦ୍ରମନ୍ତ୍ରୀ ଅମିତ ସାହାଙ୍କ କାର୍ଯ୍ୟକ୍ରମ ବାତିଲ କାରଣରୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପଠାଇ ଦିଆଯାଇଛି ବୋଲି କହିଥିଲେ।

ବରଗଡ଼ ଜିଲ୍ଲାରେ ରବି ଋତୁ ଧାନ କିଣା ଯେତିକି ଜଟିଳ ସେତିକି ଅସ୍ୱଚ୍ଛ ଓ ବିଫଳ ବୋଲି ସାମ୍ବାଦିକ ସମ୍ମିଳନୀରେ କୃଷକ ନେତାମାନେ କହିଛନ୍ତି। ଜିଲ୍ଲାରେ ୫ ହଜାର ଚାଷୀ ଟୋକନ ପାଇନାହାନ୍ତି। ୨୦/୨୫ ହଜାର ଚାଷୀଙ୍କ ଜମି ତୁଳନାରେ କମ୍ ଟୋକନ ଆସିଛି ଏବଂ କାଗଜପତ୍ରରେ ଧାନ କିଣା ସାରିଥିଲେ ମଧ୍ୟ ବିଭିନ୍ନ ମଣ୍ଡିରେ ୨ ଲକ୍ଷ ୫୦ ହଜାର କ୍ୟୁଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଅତାବିରା ଆର୍‌ଏମ୍‌ସିର ଅତାବିରାରେ ୨୦ ହଜାର, ଅରେଇଗୁଡ଼ି ୧୮ ହଜାର, ବସେକେଲା ୧୩ ହଜାର, ରେଶମ ୨୪ ହଜାର, ସାଲେ୍‌ହପାଲି ୨୦ ହଜାର, ତେନ୍ତୁଳି ଟିକ୍ରା ୪୫ ହଜାର, ପଦ୍ମପୁର ଆର୍‌ଏମ୍‌ସିର ଜମାସେଟ ୪୯ ହଜାର, ପାଇକମାଳ ୬୨ ହଜାର, ବରଗଡ଼ ଆର୍‌ଏମ୍‌ସିର ତୁଳଣ୍ଡିରେ ୨୫ ହଜାର ଏବଂ କୁମ୍ଭାରୀ ମଣ୍ଡିରେ ୨୫ ହଜାର ପ୍ୟାକେଟ ଧାନ ପଡିଛି। ଏହି ଧାନ ମିଲ୍‌କୁ ନ ଗଲେ ଚାଷୀ ଧାନ ବିକ୍ରି କରିଥିଲେ ସୁଦ୍ଧା ଟଙ୍କା ପାଇବ ନାହିଁ ଏବଂ ଯଦି ଧାନ ନଷ୍ଟ ହେବ ତାହାହେଲେ ଚାଷୀର କ୍ଷତି ହେଉଥିବା ସଙ୍ଗଠନ ତରଫରୁ କହାଯାଇଛି। ଏଣୁ ଯଦି ସୋମବାର ପର୍ଯ୍ୟନ୍ତ ବିକ୍ରି ଧାନର ପ୍ରାପ୍ୟ ଚାଷୀ ନ ପାଇଛି ତାହାହେଲେ ଧାନ ରଖି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର, ଉପେନ୍ଦ୍ର ଭୋଇ, ବରିଷ୍ଠ ଆଇନଜୀବୀ ତଥା ଚାଷୀ ନେତା ଅଜିତ ଶତପଥୀ, ସୁବାସ ସାମନ୍ତରାୟ, ରୋହିତ ପଧାନ, ସୁଦାମ ପାତ୍ର, ଭିଜନ ପାଢ଼ୀ, ନିରଞ୍ଜନ ପଧାନ, ପ୍ରଭାତ ସାହୁ, ଈଶାନ୍ତ ଭୋଇ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, କିଶୋର ସାହୁ, ସୁରେଶ ନିକେଣ୍ଟି ଏବଂ ଗନ୍ଧମାର୍ଦନ ଯୁବ ପରିଷଦର ପୂର୍ବତନ ଆବାହକ ରାଜକୁମାର ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

● ଅନ୍ତର୍ଜାତୀୟ ମ୍ୟାଟସୋଗିଡୋ ପ୍ରତିଯୋଗିତା

## ସ୍ୱର୍ଣ୍ଣପଦକ ଜିତିଲେ ଜେଏମପି ମଡେଲ ସ୍କୁଲ ଛାତ୍ର



କାମାକ୍ଷାନଗର,୩।୭(ସମିସ): ନୂଆଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ମ୍ୟାଟସୋଗିଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି କାମାକ୍ଷାନଗର ସହରସ୍ଥିତ ଜେଏମପି ମଡେଲ ସ୍କୁଲ ଛାତ୍ର ତ୍ରିଶଙ୍କ ବେହେରା। ୮ ବର୍ଷରୁ କମ ବାଳକ ବର୍ଗରେ ତ୍ରିଶଙ୍କ ଏହି ସଫଳତା ହାସଲ କରିଛନ୍ତି। ସେ ନୂଆଦିଲ୍ଲୀରୁ ଫେରିବା ପରେ ସ୍କୁଲ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ଅଧ୍ୟକ୍ଷ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପିକା ତଥା ସହରର ଅଗ୍ରଣୀ ସାମାଜିକ ସଂଗଠନ ବିଦ୍ୟୁତପ୍ରଭା ଫାଉଣ୍ଡେସନ ଅଧ୍ୟକ୍ଷା ଲିପ୍ସା ପ୍ରଧାନ ଯୋଗଦେଇ ତ୍ରିଶଙ୍କଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଆହୁରି ଉନ୍ନତମାନର କ୍ରୀଡ଼ା ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ସେ କହିଥିଲେ।

## ମଠକରଗୋଳା ମହାବିଦ୍ୟାଳୟରେ ବନ ମହୋତ୍ସବ



ଭୁବନ,୩।୭(ସମିସ): ମଠକରଗୋଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ବନ ମହୋତ୍ସବ ପାଳନ ଶୁଭାରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ପ୍ରଥମେ ଚାରାରୋପଣ କରିଥିଲେ। ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଆମ୍ବ, ନିମ୍ବ, ଅର୍ଜୁନ, କରଞ୍ଜ ଓ ଅନ୍ୟାନ୍ୟ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଚାରାରୋପଣ ଓ ପରିବେଶ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଥିଲା। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୋମନାଥ ପଣ୍ଡା ଓ ଶ୍ରଦ୍ଧାଞ୍ଜଳି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବସୃଜନ, ନୂତନ ଉଦ୍ୟୋଗ ପ୍ରତିଯୋଗିତା ନିମନ୍ତେ ସଚେତନତା



ଢେଙ୍କାନାଳ,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟରେ ନବସୃଜନ ଏବଂ ନୂତନ ଉଦ୍ୟୋଗ ପ୍ରତିଯୋଗିତା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ସଂଯୋଜିକା ଅଧ୍ୟାପିକା ଡ. ଗୀତାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପକ ସୌମ୍ୟକାନ୍ତ ସାହୁ ପ୍ରତିଯୋଗିତାର ନୀତିନିୟମ, ବିଭିନ୍ନ ପ୍ରକାରର ନୂତନ ଉଦ୍ୟୋଗ ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ଅବଗତ କରାଇଥିଲେ। ଏହାସହ ସରକାରଙ୍କର ଦ୍ୱାରା ପ୍ରଦତ୍ତ ପୁରସ୍କାର ରାଶିର ସୂଚନା ପ୍ରଦାନ କରାଯାଇଥିଲା। ଏଥିସହ ଛତୁଚାଷ, ମାଛଚାଷ ଏବଂ ବିଭିନ୍ନ ଉଦ୍ୟୋଗ ଦ୍ୱାରା ଅଞ୍ଚଳରେ ପ୍ରସିଦ୍ଧି ଅର୍ଜନ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ ସୂଚନା ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ଲୋପାମୁଦ୍ରା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସସ୍ମିତା ଶତପଥୀ, ମମତା ପଣ୍ଡା, ଅଧ୍ୟାପକ ରଞ୍ଜନ ମହାପାତ୍ର, କାଳନ୍ଦି ଚରଣ ପଣ୍ଡା, କାମାକ୍ଷା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ରଥଖଳାରେ ନାହାକ ପୂଜା

ଢେଙ୍କାନାଳ,୩।୭(ସମିସ): ସ୍ଥାନୀୟ ରଥଗଡା ସ୍ଥିତ ରଥଖଳାରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋରଦାର ଭାବେ ଆଗେଇ ଚାଲିଛି। ଶୁକ୍ରବାର ରଥର ଛାଟେଣି କାର୍ଯ୍ୟ ସହ ବିଧିବିଧାନ ଅନୁଯାୟୀ ନାହାକ ପୂଜା ଓ ଅର୍ଚ୍ଚନା ସମ୍ପନ୍ନ ହୋଇଥିଲା। ପୂଜା ପରେ ପରମ୍ପରା ଅନୁଯାୟୀ ଚାରି ନାହାକ ଉଠାଯାଇଥିଲା। ଏହି ଅବସରରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ



କୁମାର ତ୍ରିପାଠୀ, ବିଶ୍ୱକର୍ମା ଅଶୋକ ମହାପାତ୍ର ଓ ସନ୍ତୋଷ ଓଝାଙ୍କ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ରଥ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କାରିଗରମାନେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ସ୍ମାର୍ଟ ମିଟର ପ୍ରଚଳନକୁ ନେଇ ତୀବ୍ର ଉତ୍ତେଜନା



ଢେଙ୍କାନାଳ,୩।୭(ସମିସ): ସ୍ଥାନୀୟ କୁଞ୍ଜକାନ୍ତ ଅଞ୍ଚଳରେ କେତେକ ଉପଭୋକ୍ତାଙ୍କ ଘର ସହ ବ୍ୟବସାୟ ପ୍ରତିଷ୍ଠାନରେ ବିଦ୍ୟୁତ ବିଭାଗ ପକ୍ଷରୁ ଜୋରଜବରଦସ୍ତ ସ୍ମାର୍ଟ ମିଟର ଲଗାଇବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଶତାଧିକ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସହିତ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିବା ସହିତ ବିଭିନ୍ନ ସ୍ଥାନରେ ସଂଯୋଗ କରାଯାଇଥିବା ସ୍ମାର୍ଟ ମିଟର ଓ ବିଦ୍ୟୁତ ଖୁଣ୍ଟରେ ଥିବା ଏଲଟିଏସବି ବାକ୍ସକୁ ହାତୁଡ଼ିରେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏଥିସହ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଓ ଶତାଧିକ ଉପଭୋକ୍ତା ମିଳିତ ହୋଇ ବିଦ୍ୟୁତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀଙ୍କୁ ଘେରାଉ କରି ତୀବ୍ର ବିରୋଧ କରିଥିଲେ।

ସ୍ଥାନୀୟ ଔଷଧ ବ୍ୟବସାୟୀ ପ୍ରଦୋଷ କୁମାର ମହାପାତ୍ରଙ୍କ ଅଭିଯୋଗ ମୁତାବକ ତାଙ୍କ ଘରେ ପୁରୁଣା ମିଟର ଠିକ୍ ଭାବେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ବିଭାଗ କର୍ମଚାରୀମାନେ ହଠାତ୍ ଆସି ମିଟରକୁ ଖରାପ ଦର୍ଶାଇ ସ୍ମାର୍ଟ ମିଟର ଲଗାଇଥିଲେ। ସେ ନିୟମିତ ବିଲ୍ ପୈଠ କରୁଥିବା ସତ୍ତ୍ୱେ ବଳପୂର୍ବକ କିପରି ସ୍ମାର୍ଟ ମିଟର ଲଗାଯାଉଛି ବୋଲି ପ୍ରଶ୍ନ ଉଠାଇଥିଲେ। ସହରରେ ବିଦ୍ୟୁତ ବିଭାଗ ବିଭିନ୍ନ ସମସ୍ୟା ସମାଧାନ ନ କରି କିପରି ସ୍ମାର୍ଟ ମିଟର ପ୍ରଚଳନ କରାଗଲା ସେ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର କହିଛନ୍ତି ଯେ ଉପଭୋକ୍ତାଙ୍କ ସହମତି ବିନା ସ୍ମାର୍ଟ ମିଟର ସ୍ଥାପନ କରାଯିବାକୁ କମିଟି ବିରୋଧ କରୁଛି। ଭିତ୍ତିଭୂମି ସୁଦୃଢ଼ ନ କରି ସ୍ମାର୍ଟ ମିଟର ନ ଲଗାଇବାକୁ ପୂର୍ବରୁ ଜିଲ୍ଲାପାଳଙ୍କ ଉପସ୍ଥିତରେ ଆଲୋଚନା ହୋଇଛି। ମାତ୍ର କୌଣସି ସମାଧାନ ନ କରି ଟାଟା ପାୱାର କିପରି ମନଇଚ୍ଛା ସ୍ମାର୍ଟ ମିଟର ଲଗାଉଛି

### ଶତାଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅସନ୍ତୋଷ

ସେ ନେଇ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ସିଭିଲ୍ କୋର୍ଟ ପରିସରରେ ଥିବା ସଭାଗୃହରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି, ସର୍କଲର ଅଧିକ୍ଷଣ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ମାର୍ଟ ମିଟର ପ୍ରଚଳନର ସମାଧାନ ନିମନ୍ତେ ଆଲୋଚନା କରାଯାଇଥିଲା।

● ଲୋକଙ୍କ ସରକାରରେ ବିକାଶର ନଗ୍ନଚିତ୍ର

## ବାଜିରେ ଲାଗିଛି କୁନି ପିଲାଙ୍କ ଜୀବନ

ଗଁଦିଆ,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକରେ ଦେଖିବାକୁ ମିଳିଛି ବିକାଶର ନଗ୍ନଚିତ୍ର। ସ୍କୁଲକୁ ଯିବା ପାଇଁ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କୁ ନାଳ ପାରି ହେବା ସହ ପ୍ରାୟ ଦୁଇରୁ ତିନି କିଲୋମିଟର କାଦୁଅ ରାସ୍ତାରେ ଚାଲିବାକୁ ପଡୁଛି। ମାତ୍ର ବର୍ଷା ହେଲେ ନାଳରେ ପାଣି ବଢ଼ିଯାଉଥିବାରୁ ପିଲାଙ୍କ ପାଇଁ ସ୍କୁଲ ଯିବା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଉକ୍ତ ଦୃଶ୍ୟ ଦେଖିବାକୁ ମିଳିଛି । ଗଁଦିଆ ବ୍ଲକଅନ୍ତର୍ଗତ ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତର ଇଚ୍ଛାପୁର ନୂଆସାହି ୩ନମ୍ବର ୱାର୍ଡ ଓ ଖଙ୍କିରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପିମ୍ପୁଡ଼ିଆ ପଡା ଗ୍ରାମର ଛାତ୍ରଛାତ୍ରୀମାନେ ପ୍ରତିଦିନ ଜୀବନକୁ ବାଜି ଲଗାଇ ସ୍କୁଲକୁ ଯାଉଛନ୍ତି। ସ୍କୁଲରେ ପହଞ୍ଚିବା ପାଇଁ ସେମାନଙ୍କୁ ପ୍ରଥମେ ଯାଉଥିବା ଉକ୍ତ ରାସ୍ତାରେ ଥିବା ଏକ ନାଳ ପାରି ହେବାକୁ ପଡୁଛି।ଏହା ପରେ କାଦୁଅ ଭରା ରାସ୍ତାରେ ପ୍ରାୟ ଦୁଇରୁ ତିନି କିଲୋମିଟର ଚାଲି ଚାଲି ଯାଇ ଇଚ୍ଛାପୁର ଉଚ୍ଚ ପ୍ରାଥମିକ ସ୍କୁଲରେ ପହଞ୍ଚୁଛନ୍ତି। ସାମାନ୍ୟ ତମ ବର୍ଷା ହେଲେ ଉକ୍ତ ନାଳରେ ପାଣି ବଢ଼ିଯାଉଥିବାରୁ ପିଲାମାନଙ୍କ ପାଇଁ ସ୍କୁଲ ଯିବାବର୍ଷା ଦିନେ ଏକ ପ୍ରକାର ସମ୍ପୂର୍ଣ୍ଣ ବନ୍ଦ ହୋଇଥାଏ। ଫଳରେ ସେମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଥାଏ ସେହିପରି ଉକ୍ତ ରାସ୍ତା ସାରା କାଦୁଅ ଥିବାରୁ ପିଲାମାନେ ଯାତାୟତ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହା ଫଳରେ ଉକ୍ତ ଆଦିବାସୀ ଜନଜାତି ବହୁଳ ଉକ୍ତ ଦୁଇ ପଡା ଗ୍ରାମର ଏହି କୁନି କୁନି ପିଲା ମାନଙ୍କର ଭବିଷ୍ୟତ ଏକ ପ୍ରକାର ଅନ୍ଧାର ମଧ୍ୟକୁ ଦିନକୁ ଦିନ ଠେଲି ହୋଇ ଯାଉଛି ହୁଏତ ଆଗାମୀ ଦିନରେ ଏମାନଙ୍କ ମଧ୍ୟରୁ କିଏତ ହେଲେ ଦିନେ ନିଜକୁ ସାମାଜିକ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ଗଢ଼ି ତୋଳିବା ଉକ୍ତ ଗ୍ରାମର ଗ୍ରାମବାସୀ ମାନଙ୍କ କହିବା ଅନୁଯାୟୀ, ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। କେବଳ ନିର୍ବାଚନ ସମୟରେ ଅନେକ ନେତା ଆସନ୍ତି ଅନେକ ପ୍ରତିଶୃତି ଦିଅନ୍ତି ତୁରନ୍ତ ଏହି ନାଳ ଉପରେ ଏକ ପୋଲ ନିର୍ମାଣ ସହିତ ସବୁଦିନିଆ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରାଯିବ କିନ୍ତୁ ଭୋଟ ସରିଗଲା ପରେ ଆଉ କାହାର ଦେଖା ମିଳେନି କି ନେତା ମାନେ ଦେଇଥିବା ପ୍ରତିଶୃତି କେବଳ ପ୍ରତିଶୃତିରେ ହିଁ ରହିଯାଏ। ସେହିପରି ଉକ୍ତ ଉକ୍ତ ଇଚ୍ଛାପୁରନୁଆସାହିର ଭତା ଧାରୀମାନେ ଏହି ପଥ ଦେଇଗଲା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହୋଉଥିବାର ଦେଖିବାକୁ ମିଳିଥାଏ। ସ୍ୱାସ୍ଥ୍ୟ ସେବା କଥା ନକହିବା ଭଲ ଆମ୍ବୁଲାନ୍ସ ଆସିଲେ ନାଳର ଅପର ପାର୍ଶ୍ୱରେ ଅଟକି ରହେ ବାଧ ହୋଇ ଗ୍ରାମବାସୀ ମାନେ ଖଟିଆରେ ବୋଲି କରି ନାଳ ପାରିହୋଇ ଗାଡି ପାଖକୁ ଆଣିବାକୁ ପଡିଥାଏ ନାଳ ଉପରେ ଶୀଘ୍ର ଏକ ପୋଲ ନିର୍ମାଣ କରାଗଲେ ଶିକ୍ଷା କ୍ଷେତ୍ରରେ ଥିବା ସମସ୍ୟା ଦୂରାହେବା ଶହ ସ୍କୁଲକୁ ପିଲାଙ୍କ ସହ ସ୍ଥାନୀୟ ଲୋକମାନେ ମଧ୍ୟ ଯାତାୟାତରେ କ୍ଷେତ୍ରରେ ବିଶେଷ ଉପକୃତ ହୋଇ ପାରିବେ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯେ ସ୍କୁଲ ପିଲାଙ୍କ ସୁରକ୍ଷା ଓ ଶିକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ କେବେ ପଦକ୍ଷେପ ନେବ। ଏହି ଅଞ୍ଚଳର ଦୀର୍ଘଦିନର ଦାବି ପୋଲ ନିର୍ମାଣ ସହିତ ରାସ୍ତା ଟିର ପୁନଃରୁଦ୍ଧାର ପୂରଣ କରିବ। ତାହା ଉପରେ ସମସ୍ତଙ୍କ ନଜର ରହିଛି।



### କାଦୁଅ ପଚପଚ ରାସ୍ତାରେ ତିନି କିଲୋମିଟର ଚାଲୁଛନ୍ତି

## ହିନ୍ଦୋଳ ରୋଡ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଖଜୁରିଆକଟା,୩।୭(ସମିସ): ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ଠାରେ ହିନ୍ଦୋଳ ରୋଡ ରଥଯାତ୍ରା ନିମନ୍ତେ ପ୍ରଶାସନିକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଅତିରିକ୍ତ ତହସିଲଦାର ସୁରେନ୍ଦ୍ର କୁମାର ମୁଦୁଲି, ହିନ୍ଦୋଳ ରୋଡ ବଜାର କମିଟି ସଭାପତି ବିଶ୍ୱଜିତ ଦେହୁରୀ ଜଗନ୍ନାଥ ମନ୍ଦିର ମୂଖ୍ୟ ପୂଜକ ରାମବଳ ପଣ୍ଡା ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଧିକାରୀ ମାନେ ଶାନ୍ତି ଶୃଙ୍ଖଳା ସହିତ ରଥଯାତ୍ରା ପାଳନ ନିମନ୍ତେ ସମସ୍ତ ସଦସ୍ୟ ମାନଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଠାରୁ ବାହୁଡା ଯାତ୍ରା ଶେଷ ପର୍ଯ୍ୟନ୍ତ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଆମିଷ କାରବାର ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା।

## ବୃକ୍ଷମାଳା ଯୋଜନାରେ ରୋପିତ ଚାରା ସମ୍ପୂର୍ଣ୍ଣ ନଷ୍ଟ

ପରଜଙ୍ଗ,୩।୭(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ଅନ୍ତର୍ଗତ ପରଜଙ୍ଗ ବ୍ଲକ ଡମୋଳ ଗ୍ରାମ ବ୍ରାହ୍ମଣୀ ନଦୀ ପଠାରେ ୨୦୨୩ ସେପ୍ଟେମ୍ବରରେ ବୃକ୍ଷମାଳା ଯୋଜନାରେ ୧୧ ଶହ ବିଭିନ୍ନ କିସମର ଚାରାରୋପଣ ହୋଇଥିବା ବେଳେ ଗୋଟିଏ ବି ଗଛ ବନ ବିଭାଗ ବଞ୍ଚାଇ ପାରିଲା ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ସବୁ ଗଛ ମରିଯାଇଥିବା ଅଭିଯୋଗ ହୋଇଛି। ଦିନକୁ ଦିନ କଳକାରଖାନା, ଖଣିଖାଦାନ ପାଇଁ ହଜାର ହଜାର ଗଛ କଟାଯାଉଥିବା ବେଳେ ବନ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ବହୁଳ ଅର୍ଥ ବ୍ୟୟ କରାଯାଇ ଚାରାରୋପଣ କରାଯାଉଛି। ତେବେ ବନ କର୍ମଚାରୀମାନେ କେବଳ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ି ବାହାବା ନେଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ପରବର୍ତ୍ତୀ ସମୟରେ ସମସ୍ତ ଚାରା ନଷ୍ଟ ହୋଇଯାଉଛି। ଡମୋଳ ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ତତ୍କାଳୀନ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ, ମହିବିରୋଡ ବନାଞ୍ଚଳ ଅଧିକାରୀ, ଡିହଡୋଳ ସେକ୍ସନ ବନପାଳଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଲକ୍ଷାଧିକ ଟଙ୍କା ବ୍ୟୟରେ ୧୧ ଶହ ଚାରାରୋପଣ ହୋଇଥିଲା। ତେବେ ସେଠାରେ ଆଉ ଗୋଟିଏ ହେଲେ ଗଛ ଦେଖିବାକୁ ମିଳୁନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଦ୍ୟାଳୟରେ ବନ ମହୋତ୍ସବ

ଗଁଦିଆ,୩।୭(ସମିସ): ରାଜ୍ୟ ବନ ପୁରସ୍କାର ଓ ପ୍ରକୃତି ମିତ୍ର ପୁରସ୍କାରରେ ବିଭୂଷିତ ଗଁଦିଆ ବ୍ଲକର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗଡରେ ବନ ମହୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ପରିବେଶବିତ୍ ବିଜୟ କୁମାର ସାମନ୍ତ ମଣିଷ ଜୀବନରେ ବୃକ୍ଷଲତାର ଉପକାର ଅବର୍ଣ୍ଣନୀୟ ହୋଇଥିବାରୁ ସୁସ୍ଥ ସମାଜ ଗଠନ ପାଇଁ ପ୍ରଚୁର ପରିମାଣରେ ଚାରା ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବେଶ କ୍ଲବ୍ ତଥା ଶକ୍ତି କ୍ଲବ୍‌ର ମାର୍ଗ ଦର୍ଶକ ଅଭୟ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ହରିହର ସାହୁ ସୁସ୍ଥ ସମାଜ ଗଠନ ପାଇଁ ସୁନ୍ଦର ପରିବେଶ ଏକାନ୍ତ ରୂପେ ଆବଶ୍ୟକ। ଏଣୁ ସୁନ୍ଦର ପରିବେଶ ପାଇଁ ବନ ମହୋତ୍ସବ ସପ୍ତାହରେ ଚାରା ରୋପଣ କରି ନିଜେ ବଞ୍ଚିବା ସହିତ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ଅନୁରୋଧ। ବିଶିଷ୍ଟ ଅତିଥି ଭାବେ ପଞ୍ଚ ସଖା ଶିକ୍ଷା ସେତୁର ସଭାପତି ତୁଷାର କାନ୍ତ ବରାଳ, ଷଡ଼ଙ୍ଗୀ ଫରେଷ୍ଟର ବିରେନ୍ଦ୍ର ଦେହୁରୀ ଜଙ୍ଗଲର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ଶିକ୍ଷୟିତ୍ରୀ ଦିପିକା ପଢିଆରୀ, ତପସ୍ୱିନୀ ସାହୁ ପ୍ରଜ୍ଞାସିନୀ ଶତପଥୀ, ଶିକ୍ଷକ ଅରୁଣ ଧାରୁଆ, ଅମୂଲ୍ୟ ବେହେରା କର୍ମଚାରୀ ଗୋବର୍ଦ୍ଧନ ବେହେରା, ବନ କର୍ମଚାରୀ ସ୍ୱାଗତିକା ରାଉତଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପରିସରରେ



ଶତାଧିକ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଷଡ଼ଙ୍ଗୀ ବନାଞ୍ଚଳର କର୍ମଚାରୀ ବୃନ୍ଦ ଉପସ୍ଥିତ ହୋଇ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପରଜଙ୍ଗ,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ ଥାନା ମହାବିରୋଡ ପେଟ୍ରୋଲ ପମ୍ପ ନିକଟ ପୂର୍ତ୍ତ ବିଭାଗ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦପୁର ଗାଁର ବିପିନି ସାହୁ (୪୫)। ବିପିନି କୌଣସି କାମରେ ଗଡ଼ପଳାଶୁଣି ଯାଇ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ କଟା।ଯାଇଥିବା ଗଛ ମୂଳରେ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ମୃତଦେହ ଜବତ କରିବା ସହ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନାଯୋଗ୍ୟ, ଉକ୍ତ ରାସ୍ତା ସମ୍ପ୍ରସାରଣ ସମୟରେ ଉଭୟ ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛ କଟାଯାଇଥିଲା। ଗଛଗୁଡ଼ିକର ମୂଳ ଖଣ୍ଡଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲେ ମଧ୍ୟ ପୂର୍ତ୍ତ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏ ଦିଗରେ ଜିଲ୍ଲାପାଳ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଦାବି ହୋଇଛି।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାଘୋଟାଲା

# ଖବର ପ୍ରକାଶ ପରେ ପୁଣି ଲାଗିଲା ହିତାଧିକାରୀ ତାଲିକା

ହିନ୍ଦୋଳ,୩।୭(ସମିସ)

ହିନ୍ଦୋଳ ଉପଖଣ୍ଡରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପଞ୍ଚାୟତ କାର୍ଯ୍ୟାଳୟ ଓ ଗ୍ରାମ କୋଠାଘରଗୁଡ଼ିକରେ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ତାଲିକା ପୁନର୍ବାର ଲଗାଯାଇଥିବା ଦେଖିବାକୁ ମିଳିଛି। ତେବେ ଏହି ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବା ବେଳେ ପୂର୍ବରୁ ଆବାସ ପାଇଥିବା ଓ କୋଠାଘର ଥିବା ଲୋକଙ୍କ ନାଁ ରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୨ ବର୍ଷ ହେବ ଘର ଖଣ୍ଡିଏ ପାଇବା ପାଇଁ ଆଶାବାନ୍ଧି ବସିଥିବା ଗରିବ ଲୋକଙ୍କୁ ପୁଣି ନିରାଶ ହେବାକୁ ପଡ଼ିଛି। ତାଲିକା ଅନୁଯାୟୀ, କିଛି ହିତାଧିକାରୀ ଆବାସ ଗୃହ ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାଁ ବାଦ୍ ପଡ଼ିଛି।



ହାତଗୁଞ୍ଜା ଦେଇପାରି ନ ଥିବାରୁ ଜାଣିଶୁଣି ସେମାନଙ୍କୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏପରିକି ୨ ମହଲା କୋଠାଘର ଥିବା ବ୍ୟକ୍ତିଙ୍କ ନାମ ତାଲିକା ରହିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ତଦନ୍ତ କରିଥିବା ଅଧିକାରୀଙ୍କ ଦ୍ୱାରା ହୋଇଛି ଏହି ମହାଦୁର୍ନୀତି। ଯେଉଁ ଗରିବ ହିତାଧିକାରୀ ହାତଗୁଞ୍ଜା ଦେଇ ନ ପାରିଛି ସେମାନଙ୍କ ନାମ ତାଲିକାରେ ନାହିଁ ବୋଲି ହିତାଧିକାରୀମାନେ ହିନ୍ଦୋଳ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ବ୍ଲକର

### ତାଲିକାରେ ରହିଛି ପୂର୍ବରୁ ଆବାସ ପାଇଥିବା ଓ କୋଠାଘର ଥିବା ଲୋକଙ୍କ ନାଁ

### ଯୋଗ୍ୟ ହିତାଧିକାରୀଙ୍କ ନାମ ଗାଏବ, ଟଙ୍କା ନ ଦେବାରୁ ବାଦ ପଡ଼ିଲେ ଗରିବ

ପ୍ରାୟ ସମସ୍ତ ପଞ୍ଚାୟତରେ ହୋଇଥିବା ବେଳେ ଠୋକର, ନୂଆବଗ, ଦୁଦୁରୁକୋଟ, ପାଟଲା, ବାବନ୍ଧ, ମହାଲୁଣ୍ଡା ଆଦି ପଞ୍ଚାୟତର ଶହ ଶହ ହିତାଧିକାରୀ ଆସି ସେମାନଙ୍କ ନାମ ଆବାସ ତାଲିକାରେ ନ ଥିବା ଅଭିଯୋଗ କରିଛନ୍ତି। ଠୋକର ପଞ୍ଚାୟତ ନୂଆ ଗ୍ରାମର ସସ୍ମିତା ସାମଲଙ୍କର କୌଣସି ପକ୍କାଘର ନ ଥିବା ବେଳେ ସେ ଆବାସ ଯୋଜନାରେ ଆବେଦନ କରିଥିଲେ। ପଞ୍ଚାୟତ ଅଧିକାରୀ ତଦନ୍ତ କରିବା ପାଇଁ ଗ୍ରାମକୁ ଯାଇଥିଲେ। ତାଙ୍କର କୌଣସି ଘର ନାହିଁ, ସେ ଖଜୁରିଆକଟାରେ ଭଡ଼ାରେ ରହୁଥିବା ନେଇ ଅଧିକାରୀଙ୍କୁ କହିଥିଲେ। ତେବେ ଅଧିକାରୀ ଜଣକ ଉତ୍କ୍ଷିପ୍ତ ହୋଇ ୧୦ ହଜାର ଟଙ୍କା ଦେଲେ ତୁମକୁ ଘର ମିଳିବ ବୋଲି କହିଥିଲେ। ଏବେ ଟଙ୍କା ନାହିଁ, ତାଲିକାରେ ନାଁ ଆସିବା ପରେ ଟଙ୍କା ଦେବେ ବୋଲି ସସ୍ମିତା କହିଥିଲେ। ହେଲେ ତାଙ୍କ ନାଁ ଆବାସ ଯୋଜନା ତାଲିକାରୁ କାଟିଦିଆଯାଇଥିବା ନେଇ ସସ୍ମିତା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

କେବଳ ସସ୍ମିତା ନୁହନ୍ତି, ଟଙ୍କା ଦେଇପାରି ନ ଥିବାରୁ ଉକ୍ତ ପଞ୍ଚାୟତର ବହୁ ହିତାଧିକାରୀଙ୍କ ନାମ ତାଲିକାରୁ କାଟି ଦିଆଯାଇଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବରୁ ହିନ୍ଦୋଳ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲେ ସୁଦ୍ଧା ଏଯାଏ ଏହାର ତଦନ୍ତ ହୋଇପାରିଲା ନାହିଁ। ଏ ନେଇ ହିନ୍ଦୋଳ ବିଡିଓ କଲ୍ୟାଣ ସୌରଭ ଦାସଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଆବାସ ଯୋଜନା ତାଲିକାରେ ନାମ ନ ଥିବା ନେଇ ବହୁ ହିତାଧିକାରୀ ଅଭିଯୋଗ କରୁଛନ୍ତି। ଆମ ହାତରେ କିଛିନାହିଁ, ଉପରୁ ନିର୍ଦ୍ଦେଶ ଆସିଲେ ସେମାନଙ୍କର ପୁନର୍ବାର ତଦନ୍ତ କରାଯିବ। ଅଧିକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ସ୍ୱତନ୍ତ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଦନ୍ତା ଖାଇଦେଲା ବିହନ ଧାନ

ଖଜୁରିଆକଟା,୩।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଗ୍ରାମ ପଞ୍ଚାୟତ ଅଧିନସ୍ଥ ସାନ ହିନ୍ଦୋଳ ଗ୍ରାମରେ ହାତୀର ଉତ୍ପାତ ଦେଖିବାକୁ ମିଳିଛି। ଘଟଣାରୁ ଜଣାପଡ଼ିଛି ୩ ତାରିଖ ରାତ୍ର ୨ ଘଟିକା ସମୟେ ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟ ରାସ୍ତା ଦେଇ ଦୁର୍ଯ୍ୟୋଧନ ସାହୁଙ୍କ ଅଗଣାରେ ୩ ଟି ହାତୀ ପଶିଥିଲେ। ସେଥି ମଧ୍ୟରୁ ଗୋଟିଏ ଦନ୍ତା ଓ ଅନ୍ୟ ଦୁଇଟି ମାଇ ହାତୀ ଥିଲେ।

ହାତୀଗୁଡ଼ିକ ଘର ଅଗଣାରେ ଲଗାଯାଇଥିବା କଦଳୀ ଗଛ ଖାଇ ଛାରଖାର କରିବା ସହ ବାଉଁଶ ତାଟି ବେଢ଼ା ଚାଳଛପର ଘରେ ସାଇତି ରଖିଥିବା ବିହନ ଧାନ। ବର୍ଷ ପାଇଁ ସାଇତି ରଖିଥିବା ୪ ବସ୍ତା ଧାନ ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ବାହାରକୁ ନେଇ ଖାଇବା ସହିତ ଫୋପାଡି ଦେଇଛନ୍ତି। ଏଥି ସହିତ ଘରେ ରଖିଥିବା ଭାତ ତୋରାଣି ଖାଇସାରି ବାସନ ଗଡ଼ାଇ ଦେବାର ଶବ୍ଦ ଶୁଣି ଦୁର୍ଯ୍ୟୋଧନ ଓ ତାଙ୍କ ସ୍ତ୍ରୀ ସୁଫଳା ସାହୁ ନିଦରୁ ଉଠି ଦେଖିଲେ ହାତୀ ସବୁ ଦୁଆରେ ଛିଡ଼ା ହୋଇଛନ୍ତି। ହାତୀ ମାନଙ୍କୁ ଦେଖି ଭୟରେ ଫୋନ୍‌ରେ ନିଜର ପୁତୁରା ବବୁଲ୍ ସାହୁଙ୍କୁ ଆସିବାକୁ ଡାକିଥିଲେ। ବବୁଲ ଅନ୍ୟମାନେ ସାଥିରେ ଆସିଲା ବେଳକୁ ହାତୀ ମାନେ ପାଟି ଶୁଣି ପଳେଇ ଗଲେ। ତେବେ ଚାଳଛପର ଘରେ ରହୁଥିବା ଦୁର୍ଯ୍ୟୋଧନ ସାହୁଙ୍କୁ ସରକାରଙ୍କ ପକ୍ଷରୁ ପକ୍କା ଘର ଖଣ୍ଡିଏ ମିଳିଲେ ସେ ସୁରକ୍ଷିତରେ ରହିପାରନ୍ତା ଆଲୋଚନା ହେଉଛି।

## କେନ୍ଦୁଝରରେ ଚାଞ୍ଚଲ୍ୟ

# ଗୁଣିଗାରେଡି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଦୈତାରୀ ଅଞ୍ଚଳରେ ଚଞ୍ଚଲ୍ୟ ଖେଳି ଯାଇଛି । ଗୁଣିଗାରେଡି ସନ୍ଦେହରେ ଦାମ୍ପତିଙ୍କୁ ହତ୍ୟା ପରେ ଏକ କୂଅରେ ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି । ଏକ ପରିତ୍ୟକ୍ତ କୂଅରୁ ଦମ୍ପତିଙ୍କର ଶବ ଉଦ୍ଧାର କରାଯାଇଛି । ଏହି ଘଟଣାରେ ସନ୍ଦେହ କରି ୫ଜଣଙ୍କୁ ଅଟକ ରଖିଛି ଦୈତାରୀ ଥାନା ପୋଲିସ । ସୂଚନା ଅନୁସାରେ ଗତ ମାସ ୨୫ ତାରିଖରୁ ନିଖୋଜ ଥିଲେ ଉକ୍ତ ଦମ୍ପତି । ଏଭଳି ଅବସ୍ଥାରେ ବଳିପର୍ବତ ହୁର୍ଲାବାହାଳୀ ଗାଁର ଏକ ପରିତ୍ୟକ୍ତ କୂଅରୁ ଖଗେଶ୍ୱର



ସୋରେନ୍ ଓ ସ୍ତ୍ରୀ ଟୁନି ସୋରେନ୍ ଙ୍କର ଗଳିତ ମୃତଦେହ ଉଦ୍ଧାର ହୋଇଛି. ମୃତଦେହ ଉଦ୍ଧାର ପରେ ଏହି ମାମଲାରେ ମୁଖ୍ୟ ଆସାମୀ ଶିବ ମୁଣ୍ଡା ଏବଂ ଅନ୍ୟ ୪ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ କରିଛି ପୋଲିସ । ତଦନ୍ତ ଅଧିକ ବଢାଇବା ପାଇଁ ଘଟଣାର ସିନ ରିକ୍ରିଏସନ କରିଛି ପୋଲିସ । ସୂଚନା ଯୋଗ୍ୟଯେ ମୃତ ଖଗେଶ୍ୱର । ଗାଁରେ କାହାକୁ ଜ୍ୱର ହେଲେ ଝଡାଫୁଙ୍କା କରୁଥିଲେ । ଗତ ୨୦୧୯ ମସିହାରେ ଶିବ ମୁଣ୍ଡାର ଭଉଣୀର ଦେହ ଖରାପ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ତାଙ୍କର ମୃତ୍ୟୁ ଘଟିବାରୁ ଖଗେଶ୍ୱର ଗୁଣି ଗାରେଡ଼ି କରି ତାଙ୍କ ଭଉଣୀକୁ ହତ୍ୟା କରିଥିବା ସନ୍ଦେହ କରୁଥିଲା ଶିବ ମୁଣ୍ଡା । ଗତ ମାସ ୨୫ ତାରିଖରେ ଶିବ ମୁଣ୍ଡା, ଅନ୍ୟ ମାନଙ୍କ ସହ ମିଶି ଉକ୍ତ ଦମ୍ପତିଙ୍କୁ ହତ୍ୟା କରି ମୃତ ଦେହରେ ପଥର ବାନ୍ଧି କୂଅରେ ପକାଇ ଦେଇଥିବା କୁହାଯାଉଛି ।ଗୁଣି ଗାରେଡି ସନ୍ଦେହରେ ହତ୍ୟା ଦମ୍ପତିଙ୍କୁ ପରିତ୍ୟକ୍ତ କୂଅରୁ ଶବ ଉଦ୍ଧାର ହୋଇଛି । ଘଟଣାର ଅଧିକ ତଦନ୍ତ ନିମନ୍ତେ ୫ଜଣଙ୍କୁ ଅଟକ ରଖିଛି ଦୈତାରୀ ଥାନା ପୋଲିସ । ଗତ ମାସ ୨୫ ତାରିଖ ରୁ ନିଖୋଜ ଥିଲେ ଦମ୍ପତ୍ତି । ପୋଲିସ ମାମଲା ରୁଜୁକରୀ ତଦନ୍ତ ଜାରି ରଖିଥିବାବେଳେ ଚୂଡାନ୍ତ ତଥ୍ୟ ମିଳିନାହିଁ. ଘଟଣାଟି ସାରା ଅଞ୍ଚଳରେ ଚଞ୍ଚଲ୍ୟ ଖେଳେଇ ଦେଇଛି

## ତେଜୁଛି ମଦ ବିରୋଧୀ ଅଭିଯାନ
## ଗାଁ ନିକଟରୁ ସରକାରୀ ମଦ ଦୋକାନ ସ୍ଥାନାନ୍ତର ଦାବିକଲେ ମହିଳା



ତୁରୁମୁଙ୍ଗା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ବଡ଼ପାଟଣା ପଞ୍ଚାୟତ ସାଧୁପଡା ଗାଁ ନିକଟରେ ଶୁକ୍ରବାର ନୂତନ ଭାବେ ଖୋଲିଥିବା ସରକାରୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ଦାବି କରିଛନ୍ତି ମହିଳା । ଗ୍ରାମର ମହିଳାମାନେ ଏକଜୁଟ ହୋଇ ସାଧୁପଡା ବସଷ୍ଟାଣ୍ଡରୁ ବାହାରି କୋହ ଭରା କଣ୍ଠରେ ପାଟଣା ଥାନା, ତହସିଲଦାର ଅଶ୍ୱିନୀ ନାଏକ, ବିଡିଓ ମାନସ ରଞ୍ଜନ ଦଣ୍ଡପାଟ ଏବଂ ଅବକାରୀ ଅଧୀକ୍ଷକଙ୍କୁ ଭେଟି ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି । ସାଧୁପଡା, ସଅଁରାପଶି, ବଡ଼ପାଟଣା ଗ୍ରାମର ମହିଳାମାନେ ସାଧୁପଡାସ୍ଥିତ ବସଷ୍ଟାଣ୍ଡରୁ ବାହାରି ଗାଁ ନିକଟରେ ଥିବା ଠାକୁରାଣୀ ଶାଳ ନିକଟରୁ ମଦ ଦୋକାନକୁ ହଟାଇବାକୁ ଦାବି କରିଛନ୍ତି ।

ଗାଁ ନିକଟରେ ମଦ ଦୋକାନ ହେଲେ ଗ୍ରାମରେ ମଦୁଆ ସଂଖ୍ୟା ବଢିବା ସହ ଯୁବକମାନେ ପଥଭ୍ରଷ୍ଟ ହେବେ । ଅକାଳରେ ଲୋକଙ୍କ କିଡନୀ ଓ ଲିଭର ରୋଗରେ ମୃତ୍ୟୁ ବରଣ କଲେ ମହିଳାଙ୍କ ହାତରୁ ଶଙ୍ଖା ମୁଣ୍ଡରୁ ସିନ୍ଦୂର ଲିଭିଯିବା ସହ ଘରେ ଘରେ ବିଶୃଙ୍ଖଳା ସୃଷ୍ଟି ହେବ । ମହିଳାମାନେ ସୁରକ୍ଷିତ ଭାବରେ ଚଳପ୍ରଚଳ କରିପାରିବେ ନାହିଁ । ଖୁବଶୀଘ୍ର ତାଙ୍କ ଦାବିକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ଉକ୍ତ ମଦ ଦୋକାନ ସ୍ଥାନାନ୍ତର ନ କଲେ ଆଗାମୀ ଦିନରେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ କରିବେ ବୋଲି କହିଛନ୍ତି ।

## ବଳଦ ବୋଝେଇ ଗାଡ଼ି ଦୁର୍ଘଟଣା; ଜଣେ ମୃତ, ଚାଳକ ଗିରଫ

ତୁରୁମୁଙ୍ଗା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଦେଇଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ସାହାରପଡା ଦେଓ ନଦୀ ପୋଲ ଉପରେ ଗୁରୁବାର ରାତିରେ ବଳଦ ଚୋରା ଚାଲାଣ ହେଉଥିବା ବେଳେ ବାଛୁରି ବୋଝେଇ ବୋଲେରୋ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ଦେଇଥିଲା । ବୋଲେରୋରେ ଥିବା ୫ ବାଛୁରିଙ୍କ ମଧ୍ୟରୁ ଗୋଟେର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଶୁକ୍ରବାର ପାଟଣା ପୁଲିସ ଗୋ ମାଫିଆ ତଥା ବୋଲେରୋ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଡ୍ରାଇଭର ହେଲେ ଘଟଗାଁ ଥାନା ସାନ୍ତରାପୁର ଗ୍ରାମର ଶିବାନନ୍ଦ ପାତ୍ର(୨୧) । ବୋଲେରୋରେ ଅତି ଦୟନୀୟ ଭାବରେ ଢେଙ୍କିକୋଟ ଅଞ୍ଚଳରୁ ବାଛୁରିଗୁଡ଼ିକୁ କିଣି ଯଶିପୁରକୁ ନେଇଯାଉଥିବା ସମୟରେ କରଞ୍ଜିଆ ପଟରୁ ଆସୁଥିବା ଅଟୋକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ୨ଟି ଯାକ ଗାଡ଼ି ପଲଟି ଯାଇଥିଲା । ଅଟୋରେ ଥିବା ୩ ଯାତ୍ରୀ ଗୁରୁତର ହୋଇ କରଞ୍ଜିଆ ଉପଖଣ୍ଡ



ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ପ୍ରଧାନପଡ଼ା ଗାଁର ନରେନ୍ଦ୍ର ବେହେରାଙ୍କ ମୃତ୍ୟୁ ଘଟିଛି । ଏନେଇ ପାଟଣା ଥାନାରେ ମାମଲା ରୁଜୁ ହୋଇଥିବା ସାହାର ପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଥିବା ବେଳେ ମୃତ ବାଛୁରିର ଶବ ବ୍ୟବଚ୍ଛେଦ କରାଯାଇ ଅନ୍ୟ ଆହତଙ୍କୁ ଗୋଶାଳାର ଛାଡିଥିବା କହିଛନ୍ତି ।

## ହାଇୱା ଧକ୍କାରେ ୨ମୃତ: ୩ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର



ବାରିପଦା, ୩।୭ (ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରର ପାଲବଣି ବାଇପାସ ନିକଟରେ ଏକ ହାଇୱା ଧକ୍କାରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଭିଡିଓ ଜର୍ଣ୍ଣାଲିଷ୍ଟ ଗୁରୁତର ଆହତ ହୋଇଛନ୍ତି । ମୃତକ ୨ଶ୍ରମିକ ହେଲେ ଶୁନଗଡିଆର ଏସକେ ଜଲାଉଦ୍ଦିନ ଓ ଗୌଡଡିହାର ମିହିର ମାଇତି । ଆହତମାନେ ହେଲେ ନ୍ୟୁଜ୍ ସେଭେନର ଲଳିତ ବାରିକ, ଅର୍ଗସର ହରେକୃଷ୍ଣ ପାତ୍ର ଓ କଳିଙ୍ଗ ଟିଭିର ରଜତ ପଟ୍ଟନାୟକ । ଏକ କାଠ ବୋଝେଇ ଭ୍ୟାନ ଜାତୀୟ ରାଜପଥରେ ଓଲଟିଥିବା ଖବର ପାଇ ତିନିଜଣ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ଦୁର୍ଘଟଣା ସ୍ଥଳରେ ଏକ ଡଷ୍ଟ ବୋଝେଇ ହାଇୱା ଓଭରବ୍ରିଜରୁ ତଳକୁ ଦ୍ରୁତ ଗତିରେ ମାଡିଆସି ଓଲଟିଥିବା ଭ୍ୟାନ ଉପରକୁ ମାଡିଯାଇ ଡିଭାଇଡର ଉପରକୁ ଚଢି ଓଲଟିଯାଇଥିଲା । ଫଳରେ କାଠ ଗୋଟାଉଥିବା ୨ଶ୍ରମିକ ଘଟଣାସ୍ଥଳରେ ଚାପି ହୋଇ ମୃତ୍ୟୁ ଘଟିଥିଲା । ତିନିଜଣ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସମେତ ଗୁରୁତର ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ସମସ୍ତଙ୍କୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି । ଜଣଙ୍କର ହାତ ଓ କଲର ବୋନ ଭାଙ୍ଗି ଥିବା ବେଳେ ଅନ୍ୟ ଦୁଇଜଣଙ୍କ ମୁଣ୍ଡ ମାଡ ହୋଇଛି । ସମସ୍ତେ ଚିକିତ୍ସାଧୀନ ଅଛନ୍ତି । ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱ ରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଟାଉନ ପୁଲିସ ପହଞ୍ଚି ୨ମୃତକଙ୍କୁ ଉଦ୍ଧାର କରି ଶବବ୍ୟବଚ୍ଛେଦ ପାଇଁ ପିଆରଏମ୍ ନେଇ ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ ।ତେବେ ସମ୍ବେଦନଶୀଳ ସ୍ଥାନରେ ଗଳାପୋଲ ନହେବା ଓ ବିଦେଶୀ ମଦଦୋକାନ ପାଇଁ ପ୍ରତ୍ୟେହ ଦୁର୍ଘଟଣା ଘଟୁଥିବାରୁ ଉତ୍ତେଜନା ଦେଖାଦେଇଛି ।

## ମଦ ଦୋକାନକୁ ମହିଳାଙ୍କ ବିରୋଧ

ବୈଶିଙ୍ଗା, ୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆରେ ଏକ ସରକାରୀ ଠିପି ବନ୍ଦ ମଦ ଦୋକାନ ଖୋଲିବାକୁ ନେଇ ଶତାଧିକ ମହିଳା ବିରୋଧ କରିଛନ୍ତି । ନାରୀନେତ୍ରୀ ମାଧବୀ ସେନାପତିଙ୍କ ନେତୃତ୍ୱରେ ମହିଳା ରାତି ୯ଟାରେ ଉକ୍ତ ମଦ ଦୋକାନ ଆଗରେ ରାସ୍ତା ଅବରୋଧ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହେବା ପରେ ଜୁଲାଇ ୨ ତାରିଖରୁ ସରକାରୀ ମଦ ଦୋକାନ ଖୋଲିବାର ନିଷ୍ପତ୍ତି ନିଆଯାଇଥିଲା । ଏହି କ୍ରମରେ ଗଡଦେଉଳିଆରେ ଅଜିତ ସିଂଙ୍କ ନାମରେ ଥିବା ଦୋକାନ ଖୋଲାଯାଇଥିଲା । ଏହାକୁ ବିରୋଧ କରି ମାଧବୀ ସେନାପତିଙ୍କ ନେତୃତ୍ୱରେ ଏକମାସ ପୂର୍ବରୁ ଶତାଧିକ ମହିଳା ମୟୂରଭଞ୍ଜ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ । ସେମାନେ ଦୋକାନ ଖୋଲା ନ ହେବା ପାଇଁ ଦାବି କରିଥିଲେ । ଦୋକାନ ଖୋଲାଯିବା ଖବର ପାଇ ଶହ ଶହ ମହିଳା ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ । ବୈଶିଙ୍ଗା ଥାନା ପକ୍ଷରୁ ଏସ୍‌ଆଇ ଶ୍ରୀ ପାତ୍ର ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଦୋକାନ ବନ୍ଦ କରାଇଥିଲେ । ସେ ମହିଳାଙ୍କ ସହିତ ଆଲୋଚନା କରି ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଥିଲେ ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଯୋଡ଼ା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥରେ ଏକ ଅଜଣା ଗାଡି ଧକ୍କା ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ପରିଚୟ ମିଳିପାରିନାହିଁ । ରାଇରଙ୍ଗପୁରରୁ ମୋଟରସାଇକଲ ଯୋଗେ ବଡ଼ବିଲ ଅଭିମୁଖେ ଯାଉଥିବା ବେଳେ ରଣାସାଳ ଘାଟି ଫଗୁଆ ଖଣି ନିକଟରେ ସନ୍ଧ୍ୟା ପ୍ରାୟ ୭ଟାରେ ୨ ଜଣକୁ ଏକ ଅଜଣା ଗାଡି ଧକ୍କା ଦେଇ ଚମ୍ପଟ ମାରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଜଣକଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାଥୀ ଗୁରୁତର ଆହତ ହୋଇଥିଲେ । ବଡ଼ବିଲ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତ ଶରୀରକୁ ଜବତ କରି ତାଙ୍କ ସାଥୀଙ୍କୁ ବଡ଼ବିଲ ମେଡିକାଲକୁ ପଠେଇଥିଲା । ଏନେଇ ଏକ ମାମଲା ରୁଜୁ କରି ଅଜଣା ଗାଡି ସହ ଶବକୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରଖାଯାଇଛି ।

## ଜନମତ ସଂଗ୍ରହ ଆଳରେ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ ଚକ୍ରାନ୍ତ ବନ୍ଦ ଦାବି

ବାରିପଦା, ୩।୭ (ସମିସ): ଏସସିଇଆରଟି, ଓଡ଼ିଶା ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇ ସର୍ବସାଧାରଣ ନିମନ୍ତେ ସୂଚନା ଦିଆଯାଇଛି ଯେ, ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସସିଇଆରଟି ଓ ଓସେପା ୱେବସାଇଟରେ ଦିଆଯାଇଛି । ସେହି ପୁସ୍ତକ ସମ୍ବନ୍ଧରେ ସୁଚିନ୍ତିତ ମତାମତ ଜନସାଧାରଣ ସାତଦିନ ମଧ୍ୟରେ ଦେବେ । ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତି ଜାରି କରି ଏହି ବିଜ୍ଞପ୍ତିକୁ ଦୃଢ଼ ସମାଲୋଚନା କରି କହିଛନ୍ତି, ଜନମତ ସଂଗ୍ରହ ଆଳରେ ସରକାର ଅବୈଜ୍ଞାନିକ ଓ ଅଯୌକ୍ତିକ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଚକ୍ରାନ୍ତ କରୁଛନ୍ତି । ପ୍ରଥମତଃ ପାଠ୍ୟ ପୁସ୍ତକରେ ସଂଶୋଧନ କେବଳ କିଛି ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ କରାଯିବ, ସେତିକି ନୁହେଁ ଆହୁରି ମଧ୍ୟ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ, ମୌଳିକ ଧାରଣାଭିତ୍ତିକ ବିଷୟବସ୍ତୁ ପାଠ୍ୟପୁସ୍ତକରେ ସ୍ଥାନ ପାଇବା ଆବଶ୍ୟକ । ଏହା ଏକ ସମୟସାପେକ୍ଷ କାର୍ଯ୍ୟ । ପୁଣି ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବହି ପଢ଼ି ୭ ଦିନ ମଧ୍ୟରେ ଏ ବିଷୟରେ ମତାମତ ଦେବା ବାସ୍ତବରେ କାହା ପକ୍ଷେ ସମ୍ଭବ ନୁହେଁ । ଦ୍ୱିତୀୟତଃ ଏହି ପାଠ୍ୟପୁସ୍ତକ ବିଭ୍ରାଟର ମୂଳ କାରଣ ହେଉଛି ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ । ଯାହାର ଆଧାରରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇଛି । ଏହି ଶିକ୍ଷାନୀତି ଅବିଳମ୍ବେ ବାତିଲ ହେବା ଜରୁରୀ । ଏହି ପ୍ରେସ ବିବୃତି ମାଧ୍ୟମରେ ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ଚଳିତ ଶିକ୍ଷାବର୍ଷ ପାଇଁ ଗତବର୍ଷ ପାଠ୍ୟପୁସ୍ତକରେ ଶିକ୍ଷାଦାନ କରାଯାଉ । ପ୍ରକାଶିତ ପାଠ୍ୟପୁସ୍ତକରେ ତ୍ରୁଟି ସଂଶୋଧନ ନୁହେଁ, ନୂତନ ଭାବେ ପାଠ୍ୟପୁସ୍ତକ ପୁନର୍ଲିଖନ କରାଯାଉ । ସେଥିପାଇଁ ଆମ ରାଜ୍ୟଭିତ୍ତିକ ସିଲାବସ ପ୍ରସ୍ତୁତ କରାଯାଉ, ବନାନଗତ ବା ବ୍ୟାକରଣଗତ କିମ୍ବା ତଥ୍ୟଭିତ୍ତିକ ସମ୍ପୂର୍ଣ୍ଣ ନିର୍ଭୁଲ ସହିତ ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ, ମୌଳିକ ଧାରଣାଭିତ୍ତିକ ବିଷୟବସ୍ତୁ ଥାଇ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉ । ବିଷୟଭିତ୍ତିକ ବିଶେଷଜ୍ଞଙ୍କୁ ନେଇ ଏକ ବୋର୍ଡ ଗଠନ କରାଯାଇ ସେହି ବୋର୍ଡକୁ ପାଠ୍ୟପୁସ୍ତକ ଲେଖିବାର ଦାୟିତ୍ୱ ଦିଆଯାଉ । ପୁସ୍ତକ ପ୍ରକାଶନ ପୂର୍ବରୁ ବୋର୍ଡର ସମସ୍ତ ସଭ୍ୟଙ୍କ ନାମ ଓ ସେମାନଙ୍କ ଦ୍ୱାରା ଲିଖିତ ପାଠ୍ୟପୁସ୍ତକକୁ ସାର୍ବଜନୀନ କରାଯାଉ ।

## ଚୋରା କାଠ ବୋଝେଇ ଗାଡ଼ି ଜବତ

ବେତନଟୀ, ୩।୭ (ସମିସ): ବେତନଟୀ ଥାନା ତଥା ବେତନଟୀ ରେଞ୍ଜ ଅନ୍ତର୍ଗତ ଗଣ୍ଡିଗଧା କେନାଲ ରାସ୍ତାରେ ଗୁରୁବାର ସକାଳେ ବନ ବିଭାଗ ଏକ ଚୋରା କାଠ ବୋଝେଇ ଗାଡ଼ି ଜବତ କରିଛି । କାଠ ମାଫିଆ ବନ କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ । ଜବତ କରାଯାଇଥିବା



କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ମୂଲ୍ୟବାନ କାଠ ଚୋରାଚାଲାଣ ହେଉଥିବା ଖବର ପାଇ ବେତନଟୀ ରେଞ୍ଜର ରେଞ୍ଜ ଅଧିକାରୀ ଧ୍ରୁବେନ୍ଦ୍ର ନାଏକଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ସଦଳବଳରେ ଗଣ୍ଡିଗଧା କେନାଲ ରାସ୍ତାରେ ଆକସ୍ମିକ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ କାଠ ବୋଝେଇ ଗାଡି ଧରାପଡ଼ିଥିଲା । ଗାଡ଼ି ଚାଳକ ଓ ସହଯୋଗୀ ତୁରନ୍ତ ଗାଡ଼ି ଛାଡ଼ି ନିକଟସ୍ଥ ଜଙ୍ଗଲ ଭିତରକୁ ପଳାଇଥିଲେ । ଜବତ କରାଯାଇଥିବା ଗାଡ଼ିକୁ ବଡଜାମ୍ବଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତଙ୍କ ସହାୟତାରେ କୃଷ୍ଣଚନ୍ଦ୍ରପୁରସ୍ଥ ବନ ବିଭାଗର ସିଜର ୟାଡର୍‌କୁ ନିଆଯାଇଛି । ଗାଡ଼ିରେ ୯ ଖଣ୍ଡ ଗମ୍ଭାରୀ, ୨ ଖଣ୍ଡ ଶାଗୁଆନ୍ ଓ ଗୋଟିଏ ନିମ୍ବଗଣ୍ଡି ଥିଲା । ଚଢ଼ଉ ଅଭିଯାନରେ ବନପାଳ ପଦ୍ମାବତୀ ବେହେରା, ବନରକ୍ଷୀ ସନ୍ତୋଷ ନାଏକ, ଜଗନ୍ନାଥ ମହାନ୍ତ ଓ ଅନ୍ୟ ପାରା ବନ କର୍ମଚାରୀ ସାମିଲ ଥିଲେ ।

## ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଉଦଳା, ୩।୭ (ସମିସ): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ +୩ ବିଜ୍ଞାନ ବିଭାଗ ସହିତ ସମ୍ମାନ ପାଠ୍ୟକ୍ରମ ଖୋଲିବା ନିମନ୍ତେ ଦାବିପତ୍ର ଦିଆଯାଇଛି । ମୟୂରଭଞ୍ଜ ଜିଲ୍ଲାର ଉଦଳାସ୍ଥ ଏକମାତ୍ର ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ହେଉଛି ମହିଳା ମହାବିଦ୍ୟାଳୟ । ଏ ଅଞ୍ଚଳର ଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷାର ଏକ ପ୍ରମୁଖ ଅନୁଷ୍ଠାନ । ତେବେ ଉକ୍ତ ମହାବିଦ୍ୟାଳୟରେ ଏପର୍ଯ୍ୟନ୍ତ +୩ ବିଜ୍ଞାନ ବିଭାଗ ସହିତ ସମ୍ମାନ ପାଠ୍ୟକ୍ରମ ଆରମ୍ଭ ହୋଇନାହିଁ । ଫଳରେ ଅଞ୍ଚଳର ମେଧାବୀ ଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଓ ଦୂର କଲେଜକୁ ଯିବାକୁ ବାଧ ହେଉଛନ୍ତି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଛାତ୍ରୀଙ୍କ ଉଚ୍ଚଶିକ୍ଷାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଦଳା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ +୩ ବିଜ୍ଞାନ ବିଭାଗ ସହିତ ସମ୍ମାନ ପାଠ୍ୟକ୍ରମ ଖୋଲିବା ପାଇଁ ଆବଶ୍ୟକ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିବାକୁ ଅନୁରୋଧ କରାଯାଉଛି ।

## ଆନନ୍ଦପୁର ମହାବିଦ୍ୟାଳୟକୁ ମିଳିଲା ୭.୨୦ ଲକ୍ଷ

ଆନନ୍ଦପୁର, ୩।୭ (ସମିସ): କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୭.୨୦ଲକ୍ଷ ଟଙ୍କାର ଅନୁଦାନ ମିଳିଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଅନୁଦାନରେ ଅଡିଟୋରିୟମ ଛାତ୍ରୀ ନିବାସ ଗାର୍ଲସ କମନରୁମ ବଏଜକମନ ରୁମ ଷ୍ଟାଫ କମନରୁମ ଓ ଟଏଲେଟ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି । ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀ ସଂଖ୍ୟା ପ୍ରାୟ ୨୩ଶହରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଏବଂ ସର୍ବମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ଶତକଡ଼ା ୭୦ ପ୍ରତିଶତ ଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ରାଜ୍ୟର ଏକ ସର୍ବପୁରାତନ ମହାବିଦ୍ୟାଳୟ ହୋଇଥିଲେ ବି ସରକାରୀ ମାନ୍ୟତା ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ନ୍ୟତା ପାଇନାହିଁ । କେନ୍ଦୁଝର ଜିଲ୍ଲାର ଏହି ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ ବିଭାଗ ଖୋଲିବାକୁ ବହୁବାର ଦାବି ହୋଇଥିଲେ ମଧ ତାହା ବିଭାଗୀୟ ଦପ୍ତରୀରେ ଚାପିହୋଇଯାଇଛି । ଏହାବ୍ୟତୀତ, ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲିବାର ଆବଶ୍ୟକତା ଥିଲେ ମଧ ଏଥିପ୍ରତି ଅଣଦେଖା କରାଯାଇଆସୁଛି ।

## ଅସହାୟଙ୍କୁ ମିଳିଲା ସହାୟତା ରାଶି



ନାରଦପୁର, ୩।୭ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ପଞ୍ଚାୟତର ଆଙ୍ଗୁଳିଆ ଗ୍ରାମର ବାଲେଶ୍ୱର ମାଝୀ କିଛି ଦିନ ତଳେ ଦେହ ଅସୁସ୍ଥ କାରଣରୁ ମୃତ୍ୟୁ ହୋଇଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ତାଙ୍କ ପରିବାରଙ୍କୁ ଗ୍ରାମବାସୀ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି । ଉକ୍ତ ଗ୍ରାମର ମୃତ ବାଲେଶ୍ୱରଙ୍କ ପତ୍ନୀଙ୍କ ମଧ୍ୟ ୨ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ତାଙ୍କ ପରିବାରରେ ବଡ ପୁଅ ଗୁପାନ ମାଝୀ (୧୫) ଓ ସାନ ପୁଅ ଜଙ୍ଗଲୀ ମାଝୀ (୧୨) ଦୁଇ ପୁତ୍ର ଅଛନ୍ତି । ଦୁଇ ପୁତ୍ର ଅସହାୟ ହୋଇ ପଡିଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ଗ୍ରାମ କମିଟିର ବାବୁଲାଲ ମହାକୁଡ ତତ୍ତ୍ୱାବଧାନରେ ଶ୍ୟାମସୁନ୍ଦର ନାଏକ, ବନମାଳି ମାଝୀ, ଶ୍ରୀକାନ୍ତ ମାଝୀ, ଗୋବନ୍ଦ ମହାକୁଡ, ମତିଲାଲ ମହାନ୍ତ, ରଇଦାସ ମାଝୀ, ଯଶବନ୍ତ ମହାନ୍ତ, ଦିନବନ୍ଧୁ ନାଏକ, ଗଣେଶ୍ୱର ମହାକୁଡ ପ୍ରମୁଖ ସହଯୋଗ କରିଥିଲେ ।

## ଭଞ୍ଜସେନାର ମଶାଲ ଶୋଭାଯାତ୍ରା

କଳାବାଡିଆ/ଗୋରୁମହିଷାଣୀ, ୩।୭ (ସମିସ): ବାଙ୍ଗିରିପୋଷି ଓ ଗୋରୁମହିଷାଣୀରେ ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି । ବାଙ୍ଗିରିପୋଷି ବ୍ଲକ୍‌ସ୍ଥ ମୁଖ୍ୟ ବଜାରରେ ଭଞ୍ଜସେନା ବ୍ଲକ୍ ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଉପାଧକ୍ଷା କନିକା ବୋଷ, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ଜିଲ୍ଲା ଉପସଭାପତି ମନୋରଞ୍ଜନ ବାରିକ, ଜିଲ୍ଲା ଯୁବ ସହସମ୍ପାଦକ ସଂଜୀବ ଗିରି, ସାରସକଣା ବ୍ଲକ ସଭାପତି ହାଡ଼ିବନ୍ଧୁ ମହାନ୍ତ, ବାଙ୍ଗିରିପୋଷି ବ୍ଲକ ଉପସଭାପତି ସୁମନ୍ତ ଗିରି, ସନତ ମହାନ୍ତ, ବାପୁନ ନାୟକ, ପପୁ ମହାନ୍ତି, ମହାଦେବ ପାତ୍ର, ଅମିତ ପାତ୍ର ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ଓ ମହିଳା ସାମିଲ ଥିଲେ । ସେହିପରି ରାଇରଙ୍ଗପୁର ବ୍ଲକ୍ ଗୋରୁମହିଷାଣୀଠାରେ ଭଞ୍ଜସେନା ବ୍ଲକ୍ ସଭାପତି ଦୁଃଖୁ ବସ୍କେ ଓ ବ୍ଲକ୍ ସାଧାରଣ ସମ୍ପାଦକ ରତନ ହେମ୍ବ୍ରମଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା କର୍ଯ୍ୟକାରୀ ସଭାପତି ଇଂ ରମଜାନ୍ ବେଗ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଗୋବିନ୍ଦ ମୁର୍ମୁ, ଭଗବତ ହେମ୍ବ୍ରମ, ରମଜାନ ବେଗ, ମଧୁସୂଦନ ହେମ୍ବ୍ରମ, ଶ୍ରୀରାମ ମୁର୍ମୁ, ସାର୍ଖୁ ମୁର୍ମୁ, ଏମଡି ୱାରିସ, ଏମଡି ଜିସାତ, ଗୁଲମ୍ ମୁସଥାପା, କୁଆଁର ମୁର୍ମୁ, ସିପଲ୍ ହାଁସଦା, ରାମ ମୁର୍ମୁ, ସାଇବା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ ।

## ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ

ତୁରୁମୁଙ୍ଗା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନ ବିଭାଗ ପକ୍ଷରୁ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଚାରା ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ ହୋଇଛି । ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାରାବଣ୍ଟନ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ, ବନପାଳ ନିରଞ୍ଜନ ସେଠୀ ପ୍ରମୁଖ ଏକ ଟଙ୍କାରେ ସମସ୍ତଙ୍କୁ ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ କାରାଯିବ ବୋଲି ବନପାଳ କହିଛନ୍ତି । ବନରକ୍ଷୀ ଯାଜ୍ଞସେନୀ ଗୋଚ୍ଛାୟତ ପାରାଷ୍ଟାଫ ସହଯୋଗ କରିଥିଲେ ।

## ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

ତୁରୁମୁଙ୍ଗା, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବନ ବିଭାଗ ପକ୍ଷରୁ ଶୁକ୍ରବାର ସାହାରପଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାହାରପଡା ଅଧକ୍ଷ ନୃସିଂହ ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସାହାରପଡା ବନପାଳ ଶ୍ରୀମନ୍ତ ବେହେରାଙ୍କ ସହ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସାହାରପଡା ବନବିଭାଗ କର୍ମଚାରୀ ବୃକ୍ଷରୋପଣ କରିଥିଲେ ।

## ପିକଅପ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

କୁଆମରା, ୩।୭ (ସମିସ): ଖୁଣ୍ଟା ଥାନା ନବକିଶୋରପୁର ପୋଲ ନିକଟରେ ଆଜି ସକାଳେ ଏକ ପିକଅପ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ନବକିଶୋର ପୁର ଗ୍ରାମର ବାର୍ଷା ସୋରେନ (୬୨) । ସେ ପ୍ରତିଦିନ ଭଳି ଆଜି ସକାଳେ ଚାଲିବାକୁ ଆସି ଘରକୁ ଫେରୁଥିବାବେଳେ ଏକ ପିକଅପ୍ ତାଙ୍କୁ ଧକ୍କା ଦେଇଥିଲା । ବାର୍ଷା କିଛି ବାଟକୁ ଛିଟିକି ପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଖୁଣ୍ଟା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାର୍ଷାଙ୍କ ପୁଅ ଦୁବରାଜଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ପିକଅପକୁ ଜବତ କରି ତଦନ୍ତ ଚଳାଇଛି ।

## ଜୀବିକା ମିଶନରେ ଅନିୟମିତତା ପ୍ରସଙ୍ଗ
# ପ୍ରତିଶ୍ରୁତି ପରେ ପ୍ରତାରଣା, ସିଆରପିଙ୍କ ଅସନ୍ତୋଷ

ବଡ଼ସାହି, ୩।୭ (ସମିସ)

ବଡସାହି ବ୍ଲକ୍ ଜୀବିକା ମିଶନ କାର୍ଯ୍ୟାଳୟରେ ଅନିୟମିତତା ଓ ମନମାନୀକୁ ବିରୋଧ କରି ସିଆରପିମାନେ ବିଡିଓଙ୍କୁ ଲିଖିତ ଅଭିଯୋଗ କରି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ସେମାନେ ବ୍ଲକ୍ ଅଫିସ ସମ୍ମୁଖରେ ଦୀର୍ଘ ସମୟ ଧରି ବସି ରହି ଦରମା ଓ ସମସ୍ତ ପ୍ରାପ୍ୟ ପ୍ରଦାନ ପାଇଁ ଅଡି ବସି ପ୍ରତିବାଦ କରିଥିଲେ । ବିପିଏମ ମାନସ ରଞ୍ଜନ ବେହେରା ଓ ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ସେମାନଙ୍କ ସହିତ ଆଲୋଚନା କରି ଦାବି ସମ୍ପର୍କରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ । ଏହାପରେ ବିପିଏମ ଶ୍ରୀ ବେହେରା ତାଙ୍କ ହ୍ୱାଟ୍‌ସଅପ୍ ଗ୍ରୁପରେ ସବୁ ପଞ୍ଚାୟତର ପେମେଣ୍ଟ ଏକ ସଙ୍ଗରେ ହେବା ପାଇଁ ଏମବିକେଙ୍କୁ ପ୍ରୋତ୍ସାହନ ରାଶି ପୈଠ କରିବାର ଫର୍ମାଟ୍ ତୁରନ୍ତ ପ୍ରଦାନ କରିବାକୁ କହିଥିଲେ । ମାତ୍ର ପ୍ରତିଶ୍ରୁତି ଦେବାର ଦିନକ ପରେ ପୁଣି ପ୍ରତାରଣା କରିଥିବା ସିଆରପିମାନେ ଅଭିଯୋଗ କରିଛନ୍ତି । ସେମାନଙ୍କ ପାଇବାକୁ ଥିବା ଲୋକସ ଅନଲାଇନ ପ୍ରାପ୍ୟ ଓ ପ୍ରୋତ୍ସାହନ ରାଶି ରିକଭରୀ କରି କାଟି ପ୍ରଦାନ କରାଯିବ ବୋଲି କହିଥିବା ଜଣାଯାଇଛି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଯେଉଁ ରିକଭାରୀ ହେବ ବା କାମ କରି ନ ଥବା ଦର୍ଶାଇ ଯେଉଁ ପ୍ରାପ୍ୟ କଟାଯିବ, ତାହା ଉପରିସ୍ଥ କେଉଁ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଚିଠି ବଳରେ କରାଯିବ, ତାହା ସ୍ପଷ୍ଟ କରିବାକୁ ସିଆରପିମାନେ ଦାବି କରିଛନ୍ତି । ଏହା କେଉଁ ଆକାଉଣ୍ଟରେ କେତେ ଦିନ ପର୍ଯ୍ୟନ୍ତ ରହିପାରିବ ବିଭାଗ ଚିଠି କରି ଅବଗତ କଲେ, ଆଶଙ୍କା ପ୍ରକାଶ ପାଇଥିବା ଅନିୟମିତତାକୁ ରୋକାଯାଇପାରିବ ବୋଲି ସେମାନେ କହିଛନ୍ତି । ତେଣୁ ପ୍ରତିଶ୍ରୁତି ଦେବାର ଦିନକ ପରେ ପୁଣି ପ୍ରତାରଣା କ'ଣ ପାଇଁ ସେମାନେ କହିଛନ୍ତି ।

ମାତ୍ର କେତେକ ପଞ୍ଚାୟତରେ ରାଜନୈତିକ ଚାପରେ ଓ କେତେକ ସ୍ଥାନରେ ପ୍ରତିବାଦ କରୁଥିବା ସିଆରପିଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯିବା ପାଇଁ ଭିତରେ ଭିତରେ ନିଷ୍ପତ୍ତି ହୋଇଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଏପରିକି କେତେକ ସିଆରପି ସେମାନଙ୍କର ପ୍ରାପ୍ୟ ନ ପାଇ ଜିଲ୍ଲା ଅଫିସକୁ ଯାଇ ଉପରୋକ୍ତ ଅଧିକାରୀଙ୍କ ଦୃଷ୍ଟି ଆକାର୍ଷଣ କରିଛନ୍ତି । ସେହିପରି ଯେଉଁ ଜିପିଏଲଏଫ୍ ଟଙ୍କା ପଞ୍ଚାୟତ ସ୍ତରରେ ଏସଏଚ୍‌ଜି ଗ୍ରୁପର ମହିଳାଙ୍କ ଲୋନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜମା ରହିଛି, ସେହି ଟଙ୍କାରେ ଲୋନ ପ୍ରଦାନରେ ମଧ୍ୟ ପାତରଅନ୍ତର ଓ ଲାଞ୍ଚ କରବାର ହେଉଥିବାର ଅଭିଯୋଗ ଉଠିଛି । ଜିପିଏଲଏଫ୍ ଓ ସିଏଲଏଫ୍‌ରେ ପ୍ରସିଡିଂ ପରେ ସେହି ଟଙ୍କା ବିଡିଓ ଓ ବିପିଏମଙ୍କ ଯଗ୍ମ ଦସ୍ତଖତରେ ଉଠିବା କଥା । ମାତ୍ର ବିଡିଓଙ୍କ ଦସ୍ତଖତ ବିନା ଟଙ୍କା ଉଠୁଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଏପରିକି ବିଏଲସି, ବିପିସି ଓ ବିପିଏମଙ୍କ ଦସ୍ତଖତ ମଧ୍ୟ ରହୁ ନ ଥିବାବେଳେ କେବଳ ଜିପିଏଲଏଫ୍ ଓ ସିଏଲଏଫର ସଭାପତି ଓ ସଂପାଦିକାଙ୍କ ଦସ୍ତଖତରେ ଏହି ଟଙ୍କା ଉଠୁଛି । ସେହିପରି ଭଡା ବାବଦ, ବିଦ୍ୟୁତ ବିଲ, ଲାପଟପ୍, ଆସବାବପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ପ୍ରତି ପଞ୍ଚାୟତକୁ ଆସିଥିବା ୧ ଲକ୍ଷ ୨୧ ହଜାର ୮୦୦ଟଙ୍କା ଓ ବୁକ୍ ଅଫ୍ ରେକର୍ଡ ଫଣ୍ଡ ପାଇଁ ଆସିଥିବା ୫ ହଜାର ଟଙ୍କାକୁ ମିଥ୍ୟା ବିଲ, ଭାଉଚର ପ୍ରସ୍ତୁତ କରି ବାଟବାରଣା କରାଯାଇଥିବାର ଅଭିଯୋଗ ଉଠିଛି । ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି । ଏସଏଚ୍‌ଜି ଗ୍ରୁପ ରିଷ୍ଟ୍ରକଚରିଂ ପାଇଁ ଆସିଥିବା ଅନୁଦାନ, ଏସଏଚ୍‌ଜି ଗ୍ରୁପର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ନ୍ୟୁଟ୍ରି ଗାର୍ଡେନର ଅନୁଦାନ ଓ ସୁଭଦ୍ରା ର୍‌ୟାଲି ପାଇଁ ଆସିଥିବା ଅନୁଦାନରେ ବ୍ୟାପକ ଅନିୟମିତା କରାଯାଇଛି । ବଡସାହି ପଞ୍ଚାୟତରେ ଏହି ଅନିୟମିତତା ସୀମା ଟପିଛି । ଏ ସମ୍ପର୍କରେ ବିପିଏମ ମାନସ ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ଉପରୋକ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଯାହା କିଛି କରିବେ ବୋଲି କହିଥିବାବେଳେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

## ଡାକ୍ତରଙ୍କ କାର୍ଯ୍ୟବନ୍ଦ; ସରକାର ଓ ଓମସା ଜିଦ୍‌ରେ ଅଟଳ

# ସରକାରୀ ଡାକ୍ତର ଘରୋଇ ଚିକିତ୍ସା ଜାରି ରଖିଛନ୍ତି





ଜୟପୁର, ୩।୭ (ସମିସ):

ସାରା ରାଜ୍ୟରେ ଓଡ଼ିଶା ମେଡିକାଲ ଆସୋସିଏସନ (ଓମସା) ପକ୍ଷରୁ ୧୦ ଦଫା ଦାବିନେଇ ଆନ୍ଦୋଳନ ତୃତୀୟ ଦିନରେ ଜାରି ରହିଛି। କୋରାପୁଟ ଜିଲ୍ଲାରେ ମଧ୍ୟ ଓମସାର ଆନ୍ଦୋଳନ ଆହ୍ୱାନକୁ ସମର୍ଥନ ଜଣାଇ ସରାକାରୀ ଚିକିତ୍ସାଳୟର ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଗତ ୩ ଦିନ ହେଲାଣି ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇଯାଇଛି। ବହିର୍ବିଭାଗରେ ମାତ୍ର ଦୁଇଜଣ ଆୟୁଷ ଡାକ୍ତରଙ୍କୁ ନେଇ ଚିକିତ୍ସା ଜାରି ରହିଛି। ଜିଲ୍ଲାର ଆୟୁଷ ଡାକ୍ତରମାନେ ଏଲୋପ୍ୟାଥିକ ଔଷଧ ନେଇ ଅଜ୍ଞ ରହିଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଆୟୁର୍ବେଦ କିମ୍ବା ହୋମିଓପ୍ୟାଥି ଔଷଧ ଚିକିତ୍ସାଳୟର ଔଷଧକେନ୍ଦ୍ରରେ ନଥିବା ଯୋଗୁଁ ରୋଗି ସମସ୍ୟାର ସମ୍ମୁଖିନ ହେଉଛନ୍ତି।

ଆଜି ଜିଲ୍ଲା ଚିକିତ୍ସାଳୟରେ ଦୁଇ ଜଣ ଆୟୁଷ ଡାକ୍ତର ଚିକତ୍ସା କରୁଥିବା ଯୋଗୁଁ ଶତାଧିକ ରୋଗୀ ଏବଂ ପରିବାର ଲୋକ ଲମ୍ବା ଲାଇନ ଦୀର୍ଘ ସମୟ ଧରି ଠିଆ ହୋଇ ଚିକିତ୍ସା ପାଇଁ ଅପେକ୍ଷା କରିଥିଲେ। ସେହିପରି ଭର୍ତ୍ତି ହୋଇ ଚିକିତ୍ସା ହେଉଥିବା ରୋଗୀଙ୍କ ଅବସ୍ଥା ସଙ୍କଟରେ ରହିଛି। ଅଧିକାଂଶ ରୋଗୀ ଚିକିତ୍ସା ପାଇଁ ଘରୋଇ ଚିକିତ୍ସାଳୟକୁ ଯାଉଥିବା ବେଳେ ଗରିବ ଓ ସାଧାରଣ ରୋଗୀ ବାଧ୍ୟ ହୋଇ ଏଠାରେ ରହିଥିବା ବେଳେ ନର୍ସ ଏବଂ ଫାର୍ମାସିଷ୍ଟଙ୍କ ଦ୍ୱାରା ଚିକିତ୍ସାଧୀନ ଅବସ୍ଥାରେ ପଡିରହିଛନ୍ତି। ଅନ୍ୟପକ୍ଷରେ, କେବଳ ପୁଲିସ ମାମଲା ରୁଜୁ ପାଇଁ ଦୁର୍ଘଟଣାରେ ଶିକାର ରୋଗୀଙ୍କୁ ସରକାରୀ ଚିକିତ୍ସାଳୟକୁ ଅଣାଯାଉଥିଲେ ସୁଦ୍ଧା ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଉନାହିଁ।

ଅନ୍ୟପକ୍ଷରେ ସରକାରୀ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ ସୁଦ୍ଧା ଘରୋଇ ଚିକିତ୍ସାଳୟ ଏବଂ ନିଜ ନିଜ କ୍ଲିନିକରେ ଏହି ଆନ୍ଦୋଳନକାରୀ ଡାକ୍ତର ଏବଂ ବିଶେଷଜ୍ଞ ଡାକ୍ତରମାନେ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଚିକିତ୍ସା ଜାରି ରଖିଛନ୍ତି। ରୋଗୀମାନେ ଘରୋଇ କ୍ଲିନିକ ଏହି ଆନ୍ଦୋଳନକାରୀ ଡାକ୍ତରଙ୍କୁ ଫିସ୍ ଦେଇ ଚିକିତ୍ସା କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାର ଓ ଓମସାର ନିଜ ନିଜ ଜିଦ ଅଟଳ ରହିଥିବା ଯୋଗୁଁ ସାଧାରଣ ରୋଗୀମାନେ ସରକାରୀ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ନ ପାଇ ହନ୍ତସନ୍ତ ହେଉଛନ୍ତି। ସାରା ଜିଲ୍ଲାରେ ସମସ୍ତ ଥାନାରେ କୌଣସି ଦୁର୍ଘଟଣା ଜନିତ କିମ୍ବା ଅପମୃତ୍ୟୁ ମାମଲାରେ ମୃତକଙ୍କ ଶବବ୍ୟବଚ୍ଛେଦ କେବଳ କୋରାପୁଟ ସହିଦ ମେଡିକାଲ କଲେଜରେ ହେଉଥିବା ଯୋଗୁଁ ମୃତକଙ୍କ ପରିବାର ଲୋକଙ୍କ ସହିତ ବିଭିନ୍ନ ଥାନାର ପୁଲିସ ଓ କର୍ମଚାରୀ ସମସ୍ୟାର ସମ୍ମୁଖିନ ହେଉଛନ୍ତି।

ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର ଏହିପରି ଡାକ୍ତରଙ୍କ କାର୍ଯ୍ୟ ଆନ୍ଦୋଳନ ପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିବ ବୋଲି ସତର୍କ କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା ଭବାନୀ ଶଙ୍କର ରଥ କହିଛନ୍ତି ଯେ ସେ ନିଜେ ସମସ୍ୟାର ଶିକାର ହୋଇଛନ୍ତି। ନିଜ ପରିବାର ଜଣେ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ରହିଥିବା ଯୋଗୁଁ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରବର୍ତ୍ତୀ ଅବସ୍ଥାରେ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ଯାଇଥିଲେ। ନିରାଶ ହୋଇ ଫେରିଛନ୍ତି ଏବଂ ବର୍ତ୍ତମାନ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଛନ୍ତି ନଚେତ ବିଶାଖାପାଟଣାକୁ ଯିବେ ବୋଲି ପ୍ରସ୍ତୁତ ରହିଥିବା ଦର୍ଶାଇଛନ୍ତି। ତୁରନ୍ତ ଏଥିନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ରାଜ୍ୟ ସରକାର ସମାଧାନର ରାସ୍ତା ବାହାର କରନ୍ତୁ ବୋଲି ଦାବି କରିଛନ୍ତି।

## ● ରାୟଗଡ଼ ଆରଟିଓ ଓ ପୁଲିସର ମିଳିତ ଯାଞ୍ଚ

# ୫ ଲକ୍ଷ ୯୮ ହଜାର ୫୭୫ ଟଙ୍କାର ଚାଲାଣ କଟିଲା

### ୧୧୦ରୁ ଚାଲାଣରୁ ବିନା ହେଲ୍‌ମେଟ୍‌ରେ ୫୬

ରାୟଗଡ଼, ୩।୭ (ସମିସ): ରାୟଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ପୁଲିସ ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ସ୍ଥାନରେ ମିଳିତ ଯାଞ୍ଚ କରାଯାଇଥିଲା। ବିଶେଷକରି ରେଳବାଇ ଷ୍ଟେସନ ଛକ ଓ ପିଡବ୍ଲୁଡି ଛକରେ ଗାଡ଼ିଗୁଡ଼ିକୁ ଅଟକାଇ କାଗଜପତ୍ର ଓ ସଡ଼କ ସୁରକ୍ଷା ନିୟମ ପାଳନ ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରୁଥିବା ମୋଟ ୧୧୦ଟି ଗାଡ଼ି ବିରୋଧରେ ଚାଲାଣ କଟାଯାଇଥିଲା। ସେଥିମଧ୍ୟରୁ ୬ଟି ମଦ୍ୟପାନ କରି ଗାଡ଼ି ଚଳାଇବା, ୨ଟି ଅତ୍ୟଧିକ ମାଲ ବୋଝେଇ କରିବା, ୩ଟି ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରିବା, ୨ଟି ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରିବା ଏବଂ ୫୬ଟି ବିନା ହେଲମେଟରେ ଗାଡ଼ି ଚଳାଇବା ଅଭିଯୋଗରେ ଚାଲାଣ କଟାଯାଇଥିଲା। ଏହାବ୍ୟତୀତ ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ପାଇଁ ମଧ୍ୟ ଚାଲାଣ କରାଯାଇଥିଲା। ଏହି ମିଳିତ ଯାଞ୍ଚରେ ମୋଟ ୫ ଲକ୍ଷ ୯୮ ହଜାର ୫୭୫ ଟଙ୍କାର ଜରିମାନା ହୋଇଥିବା ନେଇ ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପାଲ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଶିଶୁରୋଗ ଡିପ୍ଲୋମା ପାଠ୍ୟକ୍ରମର ଭିତ୍ତିଭୂମି ଯାଞ୍ଚ



ଜୟପୁର, ୩।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ଶିଶୁରୋଗ ବିଶେଷଜ୍ଞ ଡିପ୍ଲୋମା ଡାକ୍ତରୀ ପାଠ୍ୟକ୍ରମ ଖୋଲିବାକୁ ଯାଉଛି। ମେଡିକାଲ ବିଜ୍ଞାନ ଜାତୀୟ ପରୀକ୍ଷା ବୋର୍ଡର ନିର୍ଦ୍ଦେଶକ୍ରମେ ଆନ୍ଧ୍ରପ୍ରଦେଶର ବିଜୟନଗରସ୍ଥିତ ଭେଙ୍କଟପଦ୍ମା ଚିକିତ୍ସାଳୟର ଶିଶୁରୋଗ ବିଭାଗର ମୁଖ୍ୟ ବିଶେଷଜ୍ଞ ଡାକ୍ତର ଏମ. ଭେଙ୍କଟଶ୍ୱର ରାଓ ପୂର୍ବାହ୍ନରେ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ଯାଞ୍ଚ କରିଥିଲେ। ଏହିପରି ଅଧିକ ବେଡ ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନତମାନର ରହିଥିବା ନେଇ ନିଯୁକ୍ତ ଯାଞ୍ଚ ଅଧିକାରୀ ଡା. ରାଓ ପ୍ରକାଶ କରିଛନ୍ତି। ପ୍ରକାଶଯେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତରଙ୍କ ପାଇଁ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ ହେବ। ଏଥିରେ ୨ଟି ସିଟ ରହିବ। ପରୀକ୍ଷାରେ ଉତ୍ତୀର୍ଣ୍ଣ ଡାକ୍ତରମାନେ ୧ ବର୍ଷ ପାଠ୍ୟକ୍ରମ ପଢିବା ସହିତ ଡିପ୍ଲୋମା ବିଶେଷଜ୍ଞ ଡାକ୍ତର ହୋଇପାରିବେ। ଯାଞ୍ଚ ଅଧିକାରୀ ଡା. ରାଓ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ପ୍ରଥମେ ଚିକିତ୍ସାଳୟ ଅଧୀକ୍ଷକ ଡା. ଅକ୍ଷୟ ରଥଙ୍କ ସହିତ ଆଲୋଚନା କରିବା ପରେ ଚିକିତ୍ସାଳୟ ମ୍ୟାନେଜର ତଥାଗତ ଦାସ ଏବଂ ରୂପସି ମଧୁମିତା ନାୟକ ପ୍ରମୁଖଙ୍କ ସହିତ ନବଜାତ ଶିଶୁ ଯତ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ।

# ପୁଲିସ ଚଢ଼ଉ; ୫ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ଜୟପୁର, ୩।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ଯମୁନାଗୁଡା ନିକଟସ୍ଥ ପୁରାତନ ଫରେଷ୍ଟ ତାଲିମକେନ୍ଦ୍ର ନିକଟରେ ଡକାୟତି କରିବା ନେଇ ପ୍ରସ୍ତୁତ ହୋଇ ଯୋଜନା ଚାଲିଥିବା ବେଳେ ପୁଲିସ ଦଳ ଚଢଉ କରିବା ସହିତ ୫ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଗୋପବନ୍ଧୁ ନଗରର ବାଦଲ ନାଗ (୨୫), ଶିବ ନାୟକ (୨୦), ରାଜସ୍ୱ କୋଲନୀ ୨ୟ ଲାଇନର ଟୁଲୁ ଖୋସ୍ଲା (୨୭), ଯମୁନାଗୁଡାର ଫିରୋଜ ନାଗ (୨୬), ଓଡିଆ ମେଦ୍ରୀ ସାହିର ହରି ନାୟକ (୨୩)। ସେମାନଙ୍କ ନିକଟରୁ ଡକାୟତିରେ ବ୍ୟବହାର ପାଇଁ ମରିଚ ଗୁଣ୍ଡ, ଗୋଟିଏ ଖଣ୍ଡା, ଲୁହାଛଡ, ମଦ ବୋତଲ ପ୍ରଭୃତି ଜବତ କରାଯାଇଛି। ଅଭିଯୁକ୍ତ ବାଦଲ ଏବଂ ଶିବ ନାମରେ ଏକାଧିକ ମାମଲା ବିଭିନ୍ନ ଥାନାରେ ରହିଛି।

## ● ଇକୋ-ଆରଏସସି ରାୟଗଡ଼ ଡିଭିଜନର ନୂତନ କର୍ମକର୍ତ୍ତା ଘୋଷଣା

# ଜନାର୍ଦ୍ଦନ ଗରଡା ଡିଭିଜନାଲ ସଂଯୋଜକ, ରାହୁଲ କୁମାର ଉପସଂଯୋଜକ




ରାୟଗଡ, ୩।୭ (ସମିସ): ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ରାୟଗଡ଼ା ଡିଭିଜନ ପକ୍ଷରୁ ଆଜି ଭୁବନେଶ୍ୱର ଜୋନର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା, ମୋଟରସାଇକଲ ରାଲି ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା କୋରାପୁଟ ଛକସ୍ଥିତ ଶିବ ମନ୍ଦିରରୁ ଆରମ୍ଭ ହୋଇ ପଶ୍ଚିମ ରେଲୱେ କଲୋନୀ ଏବଂ ମଣ୍ଡଳ ରେଳ ପରିଚାଳକଙ୍କ କାର୍ଯ୍ୟାଳୟ ପରିକ୍ରମା କରି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଓଭରବ୍ରିଜ୍ ଦେଇ ରେଳ ଷ୍ଟେସନର ମୁଖ୍ୟ ପ୍ରବେଶପଥ ଅତିକ୍ରମ କରି ଇଷ୍ଟ କୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ବ୍ରାଞ୍ଚ କାର୍ଯ୍ୟାଳୟରେ ଏହି ବିଶାଳ ମୋଟରସାଇକେଲ ରାଲିର ସମାପ୍ତି ଘଟିଥିଲା। ଏହାପରେ ଅନୁଷ୍ଠିତ ସାଧାରଣ ସଭାରେ ଇଷ୍ଟ କୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ରାୟଗଡ଼ ଡିଭିଜନର ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଜନାର୍ଦ୍ଦନ ଗରଡାଙ୍କୁ ଡିଭିଜନାଲ ସଂଯୋଜକ, ରାହୁଲ କୁମାରଙ୍କୁ ଉପସଂଯୋଜକ ଏବଂ ସନ୍ତୋଷ ବେହେରା ଓ ଶିଶୁ କୁମାର ନିଆଲଙ୍କୁ କେନ୍ଦ୍ରୀୟ କାର୍ଯ୍ୟାଳୟ ପଦାଧିକାରୀ ଭାବେ ଘୋଷଣା କରାଯାଇଥିଲା। ମଞ୍ଚରେ ଜୋନାଲ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହାଣୀ, ଯୁଗ୍ମ ସାଧାରଣ ସମ୍ପାଦକ ଆର. ଶ୍ରୀନିବାସ, ଖୋର୍ଦ୍ଧା ଡିଭିଜନର ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ଉପ-ସଂଯୋଜକ ନିରଞ୍ଜନ ମିଶ୍ର, ଏ. କେ. ପ୍ରଧାନ, ଏମ୍. ଜି. କେ. ରାଓ, ପି. କେ. ବେହେରା, ସୁଧୀର ପାଢ଼ୀ, ସଞ୍ଜୟକୁମାର ଦାସ, ସମ୍ବଲପୁର ଡିଭିଜନର ସଂଯୋଜକ ଏମ୍.ଡି. ରଫିକ୍ ଅହମ୍ମଦ, ଉପସଂଯୋଜକ ଏସ୍. କେ. ମିଶ୍ରଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ତଥା ଜୋନାଲ ମୁଖ୍ୟାଳୟର ସମସ୍ତ ପଦାଧିକାରୀ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସି.ଏଚ୍. ମାର୍କଣ୍ଡେୟ, ପ୍ରମୋଦ ସିଂ, ପ୍ରଧାନ, ଅରୁଣ କୁମାର, ଉଦୟ, ନବୀନ ବାବୁଙ୍କ ସମେତ ରାୟଗଡ ବ୍ରାଞ୍ଚର ସମସ୍ତ ସଦସ୍ୟଙ୍କ ଉଲ୍ଲେଖନୀୟ ପ୍ରୟାସ ରହିଥିଲା। ଏହାସହ ଲକ୍ଷ୍ମୀପୁର, କୋରାପୁଟ, ଜଗଦଲପୁର ଓ ଆରକୁ ବ୍ରାଞ୍ଚରୁ ମଧ୍ୟ ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମୁଖ୍ୟରାସ୍ତାର ୩ଟି ଦୋକାନରୁ ଲକ୍ଷାଧିକ ଟଙ୍କା ଲୁଟ୍

ରାଇଘର, ୩।୭ (ସମିସ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ମୁଖ୍ୟରାସ୍ତାରେ ଥିବା ତିନୋଟି ଦୋକାନରେ ଗତ ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପ୍ରାୟ ୧ ଲକ୍ଷ ୯୨ ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ସକାଳେ ଦୋକାନ ଖୋଲିବାକୁ ଆସି ବ୍ୟବସାୟୀମାନେ ତାଲା ଓ ସଟର ଭଙ୍ଗା ଦେଖି ରାଇଘର ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ନିକଟରେ ଥିବା ଦୀପକ ମେସିନାରୀ ଦୋକାନରୁ ୧ ଲକ୍ଷ ୬୦ ହଜାର ଟଙ୍କା, ଅମରେନ୍ଦ୍ର ମେଡିସିନ ଷ୍ଟୋରରୁ ୩୨ ହଜାର ଟଙ୍କା ନଗଦ ଚୋରି ହୋଇଥିବା ବେଳେ କାଳାଚାନ୍ଦ ରାୟଙ୍କ ଗୋଦାମର ପଛପଟ ସଟର ଭାଙ୍ଗି କିଛି ସାମଗ୍ରୀ ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ବ୍ୟବସାୟୀମାନେ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ ଶୀଘ୍ର ଗିରଫ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

## ● ବେଆଇନ ଗୋରୁ ଚାଲଣ

# ୩ ଗିରଫ, ୩୨ ଗୋରୁଗାଈ ଉଦ୍ଧାର

ଜୟପୁର, ୩।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ଗତକାଲି ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ସୂଚନା ଅନୁଯାୟୀ ସ୍ଥାନୀୟ ଜୟପୁର-ମାଲକାନଗିରି ଗ୍ଲୋକାଲ ଚିକିତ୍ସାଳୟ ନିକଟରେ ଛକି ରହିଥିଲେ। ଏହି ସମୟରେ କୋଟପାଡ ଅଞ୍ଚଳରୁ ଏକ ଟ୍ରକ (ଟିଏସ ୦୭ୟୁ କେ ୩୬୮୯) ଯୋଗେ ହାଇଦ୍ରାବାଦର ହଣାଶାଳକୁ ୩୨ଟି ଗୋରୁଗାଈ ଚାଲାଣ ବେଳେ ଉଦ୍ଧାର କରାଯାଇଛି।



ଏହି ମାମଲା ଟ୍ରକର ଡ୍ରାଇଭର ଆନ୍ଧ୍ରପ୍ରଦେଶର ରାଙ୍ଗାରେଡ୍ଡି ଜିଲ୍ଲା ହାଇଦ୍ରାବାଦ ନିକଟସ୍ଥ ବାଲାନଗରର ବାସିନ୍ଦା ବି. ଅନିଲ କୁମାର (୩୧)ଙ୍କ ସମେତ ସେମାନଙ୍କ ସୁରକ୍ଷା ଦେବାକୁ ଅନ୍ୟ ଏକ କାର (ଓଡି ୦୨ସିଡି୧୭୫୮) ଯୋଗେ ଗୋରୁ ବ୍ୟବସାୟୀ ବୋରିଗୁମ୍ମା ଥାନା କୁନ୍ଦୁରାଗୁଡା ଗ୍ରାମର କାଶିମ ଖାନ (୨୬) ଏବଂ ପିଣ୍ଟୁ ନାଗ (୨୨)ଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରାଯାଇଛି। ସେହିପରି ଉଦ୍ଧାର ହୋଇଥିବା ୩୨ଟି ଗୋରୁଗାଈଙ୍କୁ ସ୍ଥାନୀୟ ପାଲିଗୁଡା ଗୋଶାଳାକୁ ହସ୍ତାନ୍ତର କରାଯାଇଛି ବୋଲି ଟାଉନଥାନାଧିକାରୀ ଉଲ୍ଲାସଚନ୍ଦ୍ର ରାଉତ ପ୍ରଦାଶ କରିଛନ୍ତି।

## ● ପଞ୍ଚାୟତସମିତି କାର୍ଯ୍ୟାଳୟ ଘେରିଲେ

# ବିଭିନ୍ନ ଦାବିକୁ ନେଇ ସରକାର ବିରୋଧରେ ବିକ୍ଷୋଭ

କୋଷାଗୁମୁଡା, ୩।୭ (ସମିସ): ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ ଜିଲ୍ଲା କମିଟିରେ ପଦ ପାଇଲା ପରଠାରୁ ବିଜେଡି ଦଳକୁ କୋଷାଗୁମୁଡାରେ ମଜବୁତ କରିବା ଦିଗରେ ଅଗ୍ରସର ହେଉଛନ୍ତି ମୋତିଗାଁ ସମିତିସଭ୍ୟ ତ୍ରିଲୋଚନ ଧାକଡ଼। ଆଜି ତ୍ରିଲୋଚନ ଧାକଡ଼ଙ୍କ ନେତୃତ୍ୱ ରେ ବିଜେଡି କର୍ମୀ ମୋତିଗାଁ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମବାସୀ ସବୁଜ ପତାକା ଓ ବ୍ୟାନର ଧରି କୋଷାଗୁମୁଡା ବ୍ଲକ ପରିସରରେ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି ଯେ ସରକାର ଧାନ ସଂଗ୍ରହରେ ସମସ୍ୟା ଦୂର କରିବା, ଖରିଫ ଓ ରବି ଋତୁରେ ପର୍ଯ୍ୟାପ୍ତ ଜଳସେଚନ ବ୍ୟବସ୍ଥା, ଚାଷୀଙ୍କୁ ଉପଯୁକ୍ତ ବିହନ ଯୋଗାଣ, ଫସଲ ବୀମାର ସଠିକ୍ କାର୍ଯ୍ୟକାରିତା, ଭତ୍ତା ପ୍ରଦାନ ସହ କଟଗାଁଠାରେ ବିଦ୍ୟୁତ କାଟ ବନ୍ଦ, ପେଟ୍ରୋଲ ଡିଜେଲ ସଙ୍କଟ ଦୂର, ବିଦ୍ୟୁତ ସେବାର ଉନ୍ନତି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଠିକ୍ ରୂପାୟନ ଭଳି ଦାବି କରାଯାଇଛି। ଖୁନା ଗ୍ରାମଠାରେ ମୋବାଇଲ ଟାୱାର ସ୍ଥାପନ କରିବା ଭଳି ବିଭିନ୍ନ ଦାବିକୁ ନେଇ ଏକ ବିଶାଳ ରାଲି କରିଥିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଷାଗୁମୁଡା ଏବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୋଷାଗୁମୁଡା ସଦର ପଞ୍ଚାୟତ ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ବିଜେଡି କର୍ମୀ ଅନିଲ ବାଘ ଏବଂ ଅନ୍ୟାନ୍ୟ ବିଜେଡି ବରିଷ୍ଠ ନେତା ଉପସ୍ଥିତ ଥିଲେ।



# ଆଲୁମିନା କପ୍ କ୍ରିକେଟ: ଜୟପୁରର ଓରିଅନ କ୍ରିକେଟ କ୍ଲବ ଚାମ୍ପିଅନ





ଦାମନଯୋଡ଼ି, ୩।୭ (ସମିସ):

ଦାମନଯୋଡ଼ିସ୍ଥିତ ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର ସ୍ପୋର୍ଟସ ସେଲ ପକ୍ଷରୁ ଗତ ଶନିବାରଠାରୁ ଚାଲିଥିବା ୧୦ମ ଆଲୁମିନା କପ୍ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ନାଲକୋ ଟାଉନସିପ ଡ଼ଃ ବି.ଆର. ଆମ୍ବେଦକର ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜୟପୁରର ଓରିଅନ କ୍ରିକେଟ କ୍ଲବ୍ ବିପକ୍ଷ ବ୍ରହ୍ମପୁରର ଆଲଫା ସ୍ପୋର୍ଟିଂ କ୍ଲବକୁ ୧୪ରନରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ବର୍ଷା ଯୋଗୁଁ ୫ଓଭର ଲେଖାଏଁ ଖେଳ ହୋଇଥିଲା। କେ.ଈଶ୍ୱର ପ୍ରସାଦଙ୍କୁ ମ୍ୟାନ୍ ଅଫ ଦ ଫାଇନାଲ ସହିତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ଓ ସବୁଠାରୁ ମୂଲ୍ୟବାନ ଖେଳାଳି ପୁରସ୍କାର ମିଳିଛି। ଆଲଫା ସ୍ପୋର୍ଟିଂ କ୍ଲବ୍‌ର ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ଶ୍ରେଷ୍ଠ ବେଟର (ବ୍ୟାଟ୍ସମ୍ୟାନ୍) ଓ ମାଲକାନଗିରିର ଜଗଦୀଶ ରାଓ କ୍ରିକେଟ କ୍ଲବର ଖେଳାଳି ଅବଦୁଲ୍ ଆନସ ଖାନ୍‌ଙ୍କୁ ଶ୍ରେଷ୍ଠ ଅଲ୍ ରାଉଣ୍ଡର ପୁରସ୍କାର ମିଳିଛି। ପ୍ରତି ଖେଳର ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଜୟପୁର ଦଳକୁ ବିଜେତା ଟ୍ରଫି ସହିତ ନଗଦ ୪୦ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଅପ୍ ବ୍ରହ୍ମପୁର ଦଳକୁ ଟ୍ରଫି ସହିତ ନଗଦ ୨୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ମ୍ୟାଚ୍ ପରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଦେଇଥିବା ବେଳେ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ ଓ ଚନ୍ଦ୍ରମୋହନ ମହାନ୍ତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନାଲକୋ ସ୍ପୋର୍ଟସ ସେଲ୍ ଅଧ୍ୟକ୍ଷ କୁନ୍ତଳ ଆନନ୍ଦ ଓ ସ୍ପୋର୍ଟସ ସେଲ୍ ଭାରପ୍ରାପ୍ତ ଅଧିକାରୀ ଅରୁଣ କୁମାର ମହାନ୍ତି ଉପସ୍ଥିତ ଥିଲେ। ସେହିପରି ମାଇନ୍ସ ଓ ପ୍ଲାଣ୍ଟର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ କାର୍ଯ୍ୟକର୍ତ୍ତା ସୁବାସ ଚନ୍ଦ୍ର ଓଝା ଓ ଏନ.ରବି କୁମାର ମଧ୍ୟ ଉଦଯାପନୀ ସମାରୋହ ବେଳେ ଉପସ୍ଥିତ ଥିଲେ। ନିର୍ମଳ କୁମାର ରାଉତଙ୍କ ମଞ୍ଚ ସଂଯୋଜନ କରିଥିବା ବେଳେ ସ୍ପୋର୍ଟସ ସେଲ୍ ସଦସ୍ୟ ଶ୍ରୀକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ଃ ରମେଶ ଚନ୍ଦ୍ର ସ୍ୱାଇଁ ମ୍ୟାଚ୍ ରେଫାରୀ ଦାୟିତ୍ୱ ତୁଲାଇଥିବା ବେଳେ ଅସିତ କୁମାର ପଟ୍ଟନାୟକ ଓ ତୁଷାର କାନ୍ତ ପଣ୍ଡା ଅମ୍ପାୟର ଥିଲେ। ସୁଶାନ୍ତ ଶେଖର ପାଢ଼ୀ ସ୍କୋରର ଥିବାବେଳେ ସୁଶାନ୍ତ ହିକୋକ୍କା ଧାରା ବିବରଣୀ ପ୍ରଦାନ କରିଥିଲେ। ନାଲକୋ ସ୍ପୋର୍ଟସ ସେଲ ସଦସ୍ୟ ରଶ୍ମିରଞ୍ଜନ ପଣ୍ଡା, ଲାବଣ୍ୟ ଖରା, ମୋହନ କଟିମ, ଦିଲ୍ଲୀପ କୁମାର ନାୟକ, ମହେନ୍ଦ୍ର ବେହେରା, ଲଳିତ ଗୌଡ଼, ତ୍ରିନାଥ ମାଳି, ପୁତୁଲ ମହାକୁଡ଼, ହରେକୃଷ୍ଣ ଏକୁଡୁ, ପ୍ରଭାତ ସାହୁ, ଗୌରାଙ୍ଗ ଦୋରା, ଜେପି ବାଲା, ସୋମେନ୍ଦୁ ବାରିକ, ଦୁର୍ଗାପ୍ରସାଦ ନାୟକ, ଶୁଭ୍ରଜିତ ଜେନା, ଅଭିଷେକ ଦତ୍ତ, ଜିତେନ୍ଦ୍ର ଡାକୁଆ, ଶ୍ରବଣ ମହାନ୍ତ, ଦୁର୍ଲ୍ଲଭ ନାଗ ଓ ସମୀର ବେନ୍ୟା ପରିଚାଳନା କରିଥିଲେ।

# ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପାଠ୍ୟପୁସ୍ତକରେ ତ୍ରୁଟିର ପ୍ରତିବାଦ

### କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହକଲା ବିଜେଡି





ନବରଙ୍ଗପୁର, ୩।୭ (ସମିସ):

ପ୍ରାଥମିକ ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟି ଓ ବହି ମୁଦ୍ରଣରେ ଦୁର୍ନୀତି ଅଭିଯୋଗରେ ବିଜେଡି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଆଜି ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସହରସ୍ଥିତ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପୂର୍ବାହ୍ନରେ ପ୍ରତୀକ ଧାରଣା ଦେଇ ପ୍ରତିବାଦ କରାଯାଇଥିଲା। ବେକରେ ଲେମ୍ବୁ ମାଳା ପିନ୍ଧି ଅଭିନବ ଢଙ୍ଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଯୁବ ଓ ଛାତ୍ର କର୍ମୀ। ପରେ ଗାନ୍ଧୀଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସରକାର ବିରୋଧୀ ନାରାବାଜି କରି ଭଣ୍ଡାର ଘୋରଣୀ ମନ୍ଦିର ନିକଟକୁ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରି ବିଜେଡି ତାହାର ପ୍ରତିବାଦକୁ ଜୋରଦାର କରିଥିଲା। ବିକ୍ଷୋଭକାରୀଙ୍କ ଅଭିଯୋଗ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ରହିଥିବା ବେଳେ ବହି ମୁଦ୍ରଣରେ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ସେଥିରୁ ୧୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୫୭ କୋଟି ଟଙ୍କା କିକ୍‌ବ୍ୟାକ୍ କାରବାର ହୋଇଥିବା ଏବଂ ଏହାର ଡିଲ୍ ନବରଙ୍ଗପୁରରେ ହୋଇଥିବା ଦାବି କରିଛି ବିଜେଡି। ସେହିପରି ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହାସହ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଏପରିକି ଗଣଶିକ୍ଷା ମନ୍ତ୍ରୀ ନବରଙ୍ଗପୁର ଗସ୍ତରେ ଆସିଲେ ବିଜେଡି ପକ୍ଷରୁ ଅଣ୍ଡାମାଡ଼ କରାଯିବ ବୋଲି କିଛି ନେତା ଚେତାବନୀ ଦେଇଛନ୍ତି। ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ସୁବାସ ଗଣ୍ଡ, କୌଶଲ୍ୟା ପ୍ରଧାନୀ, ନବୀନ ନାୟକ, କୋରାପୁଟ ଜୋନ୍ ସଭାପତି ତପୋଷ ତ୍ରିପାଠୀ, ଜିଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଯୁବ ବିଜେଡି ସଭାପତି ଗୁପ୍ତ ଝଙ୍କାର, କୁନା ପାଢ଼ୀ, ଉତ୍ତମ ତ୍ରିପାଠୀ, ଭୀମ ହରିଜନ ସମେତ ବିଜେଡିର କର୍ମକର୍ତ୍ତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଖନା ହାତୀ ପାଇଁ ଘଣ୍ଟାଏ ରାସ୍ତା ଅବରୋଧ



**କଣିହାଁ,୩।୭ (ସମିସ):** ଅନୁଗୋଳ ଜିଲ୍ଲାରେ ଚର୍ଚ୍ଚିତ ମାଖନା ଦନ୍ତା ହାତୀ 'ରାଜୁ' ଶୁକ୍ରବାର କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ସାପକଟା ଗ୍ରାମ ନିକଟ ଅତାବିରା ରାସ୍ତାରେ ଦୀର୍ଘ ସମୟ ଧରି ରହିବାରୁ ଯାତାୟାତ ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ସଂଖ୍ୟକ ଗାଡ଼ି ଓ ଯାତ୍ରୀ ଅଟକି ରହିଥିଲେ।

**ଯାତାୟାତ ବ୍ୟାହତ**

ହାତୀଟି ଛେଣ୍ଡିପଦା ଅଞ୍ଚଳରୁ ଆସି କଣିହାଁ ଅଞ୍ଚଳରେ ପ୍ରବେଶ କରିଥିଲା। ଅତାବିରା ରାସ୍ତାକଡ଼ ଗଛର ଡାଳ ଭାଙ୍ଗିବା ସହ ଦୀର୍ଘ ସମୟ ଧରି ରାସ୍ତା ଉପରେ ରହିଥିଲା। ଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସତର୍କତାର ସହ ହାତୀକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଛି।

# ଶିକ୍ଷୟିତ୍ରୀ ଅନୁପସ୍ଥିତ ▶ ବାରଣ୍ଡାରେ ବସି ପାଠ ପଢ଼ିଲେ ଛାତ୍ରଛାତ୍ରୀ

କଣିହାଁ,୩।୭ (ସମିସ)



ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବାରୁ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢ଼ିବା ଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ଶିପୁର କେନ୍ଦୁଡିପ ସାହି ପ୍ରାଥମିକ ବିଦ୍ୟାଳୟରେ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ବାରଣ୍ଡାରେ ବସି ନିଜେ ନିଜେ ପାଠ ପଢୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କେନ୍ଦୁଡିପ ସାହି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ଟା ସୁଦ୍ଧା କୌଣସି ଶିକ୍ଷୟିତ୍ରୀ ଉପସ୍ଥିତ ନ ଥିଲେ। ବିଦ୍ୟାଳୟରେ ମାତ୍ର ଦୁଇଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ ଥିବାବେଳେ ଉଭୟ ଅନୁପସ୍ଥିତ ଥିବାରୁ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ନିଜେ ନିଜେ ପାଠ ପଢୁଥିବା ଦେଖିବାକୁ ମିଳିଥିଲା। ସରକାର ଶିକ୍ଷାର ମାନରେ ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏଭଳି ଘଟଣା ତୃଣମୂଳ ସ୍ତରରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାକୁ ଆଣିଛି ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଣିହାଁ ବିଇଓଙ୍କୁ ପଚାରିବାରେ ଘଟଣାର ତଦନ୍ତ କରାଯିବ ଏବଂ ଯଦି ଅବହେଳା ପ୍ରମାଣିତ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦୁଇଦିନ ପରେ ସ୍ୱାଭାବିକ ହେଲା ଖଣି କାର୍ଯ୍ୟ

**କଣିହାଁ,୩।୭ (ସମିସ):** ଆନ୍ଦୋଳନ ଯୋଗୁଁ କଣିହାଁ କୋଇଲା ଖଣିରେ ଗତଦୁଇ ଦିନ ଧରି ବନ୍ଦ ରହିଥିବା କୋଇଲା ଉତ୍ତୋଳନ ଓ ପରିବହନ କାର୍ଯ୍ୟ ଶୁକ୍ରବାର ଅପରାହ୍ନରୁ ପୁଣି ସ୍ୱାଭାବିକ ହୋଇଛି। ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ସମାଧାନ ବୈଠକରେ ଆଲୋଚନା ପରେ ନିଷ୍ପତ୍ତିକୁ ଲିଖିତ ଭାବେ ଜାରି କରାଯାଇଥିଲା। ପରେ ଖଣିପକ୍ଷ, ପରିବହନ ସଂସ୍ଥା ଓ ଶ୍ରମିକମାନେ କାର୍ଯ୍ୟ ଆରମ୍ଭ କରିଥିଲେ। ବୈଠକରେ କଣିହାଁ ଓସିପିରେ ନିଯୁକ୍ତି ସମ୍ପର୍କିତ ଦାବିକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଯୋଗ୍ୟ ପ୍ରାର୍ଥୀଙ୍କ ଆବେଦନ ଗ୍ରହଣ, ଯାଞ୍ଚ ପାଇଁ ସ୍କ୍ରିନିଂ କମିଟି ଗଠନ, ଆବଶ୍ୟକ ଦଲିଲ ଓ ପୁଲିସ କ୍ଲିୟରାନ୍ସ ସାର୍ଟିଫିକେଟ୍ ଦାଖଲ ଏବଂ ଯୋଗ୍ୟତା ଆଧାରରେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟା ଆଗେଇ ନେବାକୁ ସହମତି ପ୍ରକାଶ ପାଇଥିଲା। ଉପଜିଲ୍ଲାପାଳଙ୍କ ଲିଖିତ କାର୍ଯ୍ୟ ବିବରଣୀ ପ୍ରକାଶ ପରେ ଦୁଇ ଦିନ ଧରି ଅଚଳ ରହିଥିବା ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଛି।

# ଖୁଣ୍ଟ ପୋତି ସର୍ବସାଧାରଣ ରାସ୍ତା ଅବରୋଧ

**ଅନୁଗୋଳ,୩।୭ (ସମିସ):** ଅନୁଗୋଳ ବ୍ଲକ ତଥା ତହସିଲ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ ଚନ୍ଦନପୁର ରାଜନଗର ଗ୍ରାମକୁ ଯାଇଥିବା ସର୍ବସାଧାରଣ ସରକାରୀ ରାସ୍ତାକୁ ଚନ୍ଦନପୁରର କୃତିବାସ ପ୍ରଧାନ ଜୋରଜବରଦସ୍ତ ଖୁଣ୍ଟ ପୋତି ଅବରୋଧ କରିଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପ୍ରିଲ ୨୦ ଓ ୨୧ ତାରିଖ ଚନ୍ଦନପୁର ଗ୍ରାମ ସଭାପତି ଶ୍ରୀପତି ଭୋଇ, ସମ୍ପାଦକ ଅନନ୍ତ ବେହେରା, ୱାର୍ଡ ମେମ୍ବର କାର୍ତ୍ତିକେଶ୍ୱର ବେହେରାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏ ନେଇ ତହସିଲଦାର ଓ ବନ୍ତଲା ଥାନା ଆଇଆଇସିଙ୍କୁ ଅଭିଯୋଗ କରିଥିଲେ। ତହସିଲଦାର ମେ ୧୨ ତାରିଖରେ କୃତିବାସଙ୍କୁ ଏକ ନୋଟିସ କରିଥିଲେ। ଏହା ପୂର୍ବରୁ ପୋକୁତୁଙ୍ଗା ଆରଆଇ ଓ ଚମ୍ପତିମୁଣ୍ଡା ଆରଆଇ ମିଳିତ ଭାବେ ଏହି ରାସ୍ତାକୁ ମାପ କରି ଚିହ୍ନଟ କରିଥିଲେ। କିନ୍ତୁ କୃତିବାସ ଏହାକୁ ଅମାନ୍ୟ କରି ରାସ୍ତାରେ ଖୁଣ୍ଟ ପୋତି ଅବରୋଧ କରିଥିବା ଅଭିଯୋଗ ହେଉଛି। ସର୍ବସାଧାରଣ ରାସ୍ତାରୁ ତୁରନ୍ତ ବେଆଇନ ନିର୍ମାଣ ଉଠାଇବାକୁ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



**ଗ୍ରାମବାସୀଙ୍କ ଯାତାୟାତରେ ବାଧା**

### ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ ପାଳିତ

# ସୁସ୍ଥ ସମାଜ ନିମନ୍ତେ ଶୋଭନୀୟତା ଏକମାତ୍ର ମାର୍ଗ



**ଜରପଡ଼ା,୩।୭ (ସମିସ):** ସାମ୍ପ୍ରତିକ ପରିସ୍ଥିତିରେ ମାନବିକତାର ଅବକ୍ଷୟ ଯୋଗୁଁ ସମଗ୍ର ପୃଥିବୀ ଓ ମାନବ ଜୀବନ ଅଶାନ୍ତ ହୋଇ ଉଠୁଥିବାବେଳେ ଏକ ସ୍ନେହ ଶାନ୍ତିଭରା ସୁସ୍ଥ ସମାଜ ଗଠନ ନିମନ୍ତେ ଶୋଭନୀୟତା ହିଁ ଏକମାତ୍ର ମାର୍ଗ ବୋଲି ଛେଣ୍ଡିପଦା ବ୍ଲକ୍ ତୁକୁଡ଼ା ହାଟପଦାସ୍ଥିତ ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ କଞ୍ଚୁରା ସରପଞ୍ଚ ମଧୁସୂଦନ ପ୍ରଧାନ, ସୁନୀଲ କୁମାର ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ୨୦୧୪ରେ ପ୍ରତିଷ୍ଠିତ ଜିଲ୍ଲାର ଏକମାତ୍ର ଏହି ଶୋଭନୀୟ ଶିକ୍ଷାଶ୍ରମରୁ ବହୁ ଯୋଗ୍ୟ ଆଦର୍ଶ ଛାତ୍ରଛାତ୍ରୀ ବାହାରି ସାଧୁତା, ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟକରି ଜଗତ କଲ୍ୟାଣ ଯଜ୍ଞରେ ନିଜକୁ ନିୟୋଜିତ କରିଥିବା ସଭାପତି ମତବ୍ୟକ୍ତ କରିଥିଲେ। ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ସମାଜ ସଂସ୍କାରକ ପୂଜ୍ୟ କୁମାର ଭାଇଙ୍କ ରଚନାରୁ ମନ ଗଠନକାରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

# ରାସ୍ତା ଖୋଳି ନଷ୍ଟ କରୁଛି ପାନୀୟ ଜଳ ବିଭାଗ

**କିଶୋରନଗର,୩।୭ (ସମିସ):** ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ପିଡବ୍ଲ୍ୟୁଡି ବିଭାଗ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚକରି ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ରାସ୍ତା ନିର୍ମାଣ ପରେ ପାନୀୟ ଜଳ ପକ୍ଷରୁ ମେଗା ପ୍ରକଳ୍ପ ପାଇପ୍ ବିଛାଇବା ଉଦ୍ଦେଶ୍ୟରେ ଠିକାସଂସ୍ଥା ରାସ୍ତା ଖୋଳି ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ବାମୁର-ମାଧପୁର ପୂର୍ତ୍ତ ରାସ୍ତାର କସ୍ତୁରୀବାହାଲ ଗ୍ରାମରେ ଏହି ଘଟଣା ଘଟିଛି। ପୂର୍ତ୍ତ ବିଭାଗର ବିନା ଅନୁମତିରେ ମେଗା ପାନୀୟ ଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ନାଗାର୍ଜୁନ ଠିକାସଂସ୍ଥା ନବନିର୍ମିତ ସୁନ୍ଦର ପିଚୁ ରାସ୍ତାକୁ ଖୋଳି ନଷ୍ଟ କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ନଷ୍ଟ କରାଯାଇଥିବା ରାସ୍ତାକୁ ମରାମତି କରାଯିବାକୁ ଦାବି ହେଉଛି।



# ୨ ବର୍ଷ ବିକାଶର ହିସାବ ରଖିଲେ ବିଧାୟକ



**ଅନୁଗୋଳ,୩।୭ (ସମିସ):** ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ଗତ ଦୁଇବର୍ଷ ମଧ୍ୟରେ ହୋଇଥିବା ଜନକଲ୍ୟାଣ ମୂଳକ ତଥା ଉନ୍ନୟନ ଯୋଜନାଗୁଡ଼ିକର ହିସାବ ରଖିଛନ୍ତି ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ। ପାନୀୟ ଜଳ ଯୋଗାଣ, ଜଳସେଚନ, ପୋଖରୀ ପୁନରୁଦ୍ଧାର, ରାସ୍ତା, ବ୍ରିଜ, ଆଲୋକୀକରଣ, ଚାରାରୋପଣ, ହାତୀଉପଦ୍ରବ ନିରାକରଣ, ଶିକ୍ଷକ ନିଯୁକ୍ତି, ଡାକ୍ତର ନିଯୁକ୍ତି, କଲ୍ୟାଣ ମଣ୍ଡପ, ଯାତ୍ରୀ ପ୍ରତୀକ୍ଷାଳୟ, ସହର ସୌନ୍ଦର୍ଯ୍ୟକରଣ, ସହରରୁ ବର୍ଷାଜଳ ନିଷ୍କାସନ, ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତା ପ୍ରଶସ୍ତୀକରଣ, ବଜାର ମଧ୍ୟରେ ସର୍ବସାଧାରଣ ଶୌଚାଳୟ, ମନ୍ଦିର ସୌନ୍ଦର୍ଯ୍ୟକରଣ, ଷ୍ଟାଡିୟମ ନିର୍ମାଣ, ବନ୍ତଲାରେ ଦମକଳ କେନ୍ଦ୍ର ସ୍ଥାପନ ଆଦି ଅନେକ ପ୍ରକଳ୍ପ ସଫଳତାର ସହ ସମ୍ପନ୍ନ ହୋଇଛି। ଗାଁ, ପଞ୍ଚାୟତ ପ୍ରତିନିଧି, ଜିଲ୍ଲାସ୍ତରୀୟ ନେତୃତ୍ୱ ମଣ୍ଡଳୀ, ଦଳୀୟ ନେତାଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଇଚ୍ଛାଶକ୍ତିର ଅବଦାନ ସ୍ୱରୂପ ଅନୁଗୋଳ ନିର୍ବାଚନ ମଣ୍ଡଳୀ ଆଜି ବିକାଶ ପଥରେ ଆଗେଇ ଚାଲିଛି। ସମସ୍ତେ ମିଳିମିଶି ଗଠନମୂଳକ ଚିନ୍ତାଧାରାରେ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଧାନ ଆହ୍ୱାନ ଦେଇଛନ୍ତି।

ଲୋକଙ୍କ ଭଲପାଇବା ତଥା ସମର୍ଥନରେ ଲୋକପ୍ରତିନିଧି ହୋଇଛୁ ଲୋକଙ୍କ ସମସ୍ୟା ଶୁଣିବା ପାଇଁ। କେବଳ ମୋବାଇଲରେ କଥା ହେବାକୁ ନୁହଁ କାମରେ ଦେଖାଇବାକୁ ପଡ଼ିବ। ଇଚ୍ଛାଶକ୍ତି ଥିଲେ ଲୋକଙ୍କ ସମସ୍ୟା ଦୂର କରିପାରିବା। ଲୋକଙ୍କ ଦୀର୍ଘଦିନର ମୌଳିକ ସମସ୍ୟା ଏବଂ ଦାବିଗୁଡ଼ିକୁ ଦୁଇବର୍ଷ ଭିତରେ ଅନେକ ସମାଧାନ କରାଯାଇଛି ବୋଲି ସେ କହିଥିଲେ। ଅନୁଗୋଳ ସଦର ଏବଂ ଆଂଶିକ ବଅଁରପାଳ ବ୍ଲକ ଅଞ୍ଚଳରେ ନିର୍ବାଚନ ମଣ୍ଡଳୀର ଅନେକ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟର ବିବରଣୀ ପ୍ରଦାନ କରିବା ସହ କ୍ଷେତକୁ ଜଳସେଚନ ଓ ଘର ଘରକୁ ପାନୀୟଜଳ ଯୋଗାଣ ଯୋଜନାର ସଫଳ କାର୍ଯ୍ୟକାରିତା ଏବଂ ନିର୍ମାଣାଧୀନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଗୋଳ ସହରରେ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇନ୍‌ଡୋର ଷ୍ଟାଡିୟମ ସାଙ୍ଗକୁ ସନ୍ତରଣ ପ୍ରଶିକ୍ଷଣ ୟୁନିଟ ହେଉଛି। ଅନୁଗୋଳ କଦମ ପଡ଼ିଆରେ ଫ୍ଲଡ଼୍‌ଲାଇଟ ବ୍ୟବସ୍ଥା କରାଯାଇଛି। ବଅଁରପାଳ ବ୍ଲକ ବଉଳିଗଡ଼ ଏବଂ ଅନୁଗୋଳ ବ୍ଲକ ଖାଲଗାଁରେ ଦୁଇଟି ଷ୍ଟାଡିୟମ ତିଆରି ହେବାକୁ ଯାଉଛି। ବଅଁରପାଳ-ମହିଧରପୁର, ମହିଧରପୁର-ଅନୁଗୋଳ, ମହିଧରପୁର-ବଡ଼କେରା ରାସ୍ତା ଆଲୋକୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ବଅଁରପାଳ କଲେଜର ଉନ୍ନୟନ କାର୍ଯ୍ୟ ସହ ବଅଁରପାଳ ବଜାରରେ ଉନ୍ନତ ଯାତ୍ରୀନିବାସ ଓ ଶୌଚାଳୟ ନିର୍ମାଣ କରାଯାଇଛି। ଅନୁଗୋଳ କଲେଜ ଏବଂ ବଡ଼କେରାସ୍ଥିତ କଲେଜରେ ଅଧିକ କ୍ଲାସରୁମ ନିର୍ମାଣ ହୋଇଛି। ଏଭଳି ଅନେକ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିଧାୟକ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ଗୋପାଳ ଚନ୍ଦ୍ର ନାୟକ, ବରିଷ୍ଠ ନେତା ଭକ୍ତିପ୍ରସାଦ ଦାସ, ପ୍ରତିମା ମିଶ୍ର, ମହେଶ ଚନ୍ଦ୍ର ଧଳ, ପ୍ରଭାତ ପ୍ରଧାନ, ଛବିମୋହନ ସାହୁ, ନମିତା ଦଳବେହେରା, ସୁଲଭ ଦେହୁରୀଙ୍କ ସମେତ ନିର୍ବାଚନ ମଣ୍ଡଳୀର ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୭ ଦଫା ଦାବି ନେଇ କର୍ମଚାରୀଙ୍କ ଧାରଣା

**ତାଳଚେର,୩।୭ (ସମିସ):** ୭ ଦଫା ଦାବି ନେଇ ତାଳଚେର ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏଆଇଟିୟୁସି ଶ୍ରମିକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ସଂଗଠନ ପକ୍ଷରୁ ଗତ ଏପ୍ରିଲ ୧୪ ତାରିଖ ୭ଟି ଦାବି ଉପସ୍ଥାପନ କରାଯାଇଥିଲା। ପରିଚାଳନା କର୍ତ୍ତୃପକ୍ଷ ୧୫ରୁ ୨୦ଦିନ ସମୟ ନେଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏଆଇଟିୟୁସିର ସାଧାରଣ ସମ୍ପାଦକ ବୃନ୍ଦାବନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଧାରଣା ଦିଆଯାଇଛି। କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ପ୍ରମୁଖ ଦାବିଗୁଡ଼ିକ ହେଲା ହିଙ୍ଗୁଳା କ୍ଷେତ୍ରର କର୍ମଚାରୀଙ୍କୁ କ୍ୱାର୍ଟର୍ସ ପ୍ରଦାନ, ଅନେକ ଦିନ ଧରି ଗୋଟିଏ ଗ୍ରେଡ୍‌ରେ କାମ କରୁଥିବା କର୍ମଚାରୀଙ୍କୁ ପ୍ରଦୋନ୍ନତି ପ୍ରଦାନ, ମମତା ଦେହୁରୀଙ୍କ ସର୍ଭିସ ରେକର୍ଡ ଅପଡେଟ୍ କରିବା, ସିଏମପିଏଫ ଅଫଲାଇନ ଜରିଆରେ ଶ୍ରମିକଙ୍କ ଆକାଉଣ୍ଟ ତଥ୍ୟ ପ୍ରଦାନ, ସୁରକ୍ଷା ପ୍ରତି ଧ୍ୟାନ ଦେବା ଆଦି ରହିଛି। ସମସ୍ତ ଦାବି ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଖଣିବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଧାରଣାରେ ହିଙ୍ଗୁଳା କ୍ଷେତ୍ରର ଏଆଇଟିୟୁସି ଶ୍ରମିକ ସଙ୍ଗଠନର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।



# ଲାଇଟ ନ ଥିବାରୁ ବଢୁଛି ହାତୀ ଓ ବାର୍‌ହା ଉପଦ୍ରବ

**ବଅଁରପାଳ,୩।୭ (ସମିସ):** ବଅଁରପାଳ ବ୍ଲକ ସାନ୍ତରାପୁର ପଞ୍ଚାୟତ କଲଣ୍ଡାପାଳ ଗ୍ରାମରେ ବିଦ୍ୟୁତ ଖୁଣ୍ଟ ଥିଲେ ମଧ୍ୟ ଲାଇଟ୍ ନାହିଁ। ଫଳରେ ରାତିରେ ହାତୀ ଓ ବାର୍‌ହା ଉପଦ୍ରବ ବଢୁଛି। ଗତ ୩ ମାସ ହେବ ବିଦ୍ୟୁତ ଖୁଣ୍ଟରେ ଲାଇଟ୍ ଜଳୁନାହିଁ। ତେଣୁ ଗାଁ ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ଏହି ଗ୍ରାମରେ ଛନ୍ଦକବି ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ ଜନ୍ମଗ୍ରହଣ କରିଥିଲେ। ହେଲେ ଏହି ଗ୍ରାମ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକେ ଚାଷବାସ କରି ପେଟ ପୋଷୁଥିବା ବେଳେ ହାତୀ ଓ ବାରହା ଫସଲ ନଷ୍ଟ କରୁଛନ୍ତି। ଏହାଦ୍ୱାରା ଗ୍ରାମବାସୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଉଛି। କଲଣ୍ଡାପାଳ ଗ୍ରାମ ୟୁପି ସ୍କୁଲଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ୧୦ ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଲାଗୁନାହିଁ। ଫଳରେ ଗତ ରାତିରେ ବିଦ୍ୟାଳୟ ଭିତରକୁ ହାତୀପଲ ପ୍ରବେଶ କରି ଗାଁ ଭିତରକୁ ପ୍ରବେଶ କରିଥିଲେ। ଗ୍ରାମବାସୀ ବିଡିଓ ଏବଂ ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ଫଳ ମିଳୁନାହିଁ। ତୁରନ୍ତ ଗ୍ରାମରେ ଲାଇଟ୍ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବସ୍ ଚଳାଚଳରେ ବାଧା

# ପ୍ରଶାସନର ହସ୍ତକ୍ଷେପ, ପୂଜା କମିଟି ସହ ଆଲୋଚନା

**କିଶୋରନଗର,୩।୭ (ସମିସ):** ଆଠମଲ୍ଲିକରୁ ଗଣେଶ ବଜାର ଦେଇ ଆମ୍ବସରମୁଣ୍ଡା ଯାଉଥିବା 'ଆମ ବସ' ଓ ଭାରୀଯାନ ଚଳାଚଳ ନେଇ ଠାକୁରଗଡ଼ ଗଣେଶ ବଜାର ଛକରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଆଠମଲ୍ଲିକ ତହସିଲଦାର ପ୍ରସନ୍ନ କୁମାର ଟେଟେ ଗଣେଶ ବଜାର ପୂଜା କମିଟିର ୨୧ ସଦସ୍ୟଙ୍କୁ ନୋଟିସ୍ ଜାରି କରିଥିଲେ। ବୁଧବାର ସ୍ଥାନୀୟ ଆର୍‌ଆଇଙ୍କ କାର୍ଯ୍ୟାଳୟରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ରାସ୍ତା ଉପରକୁ ଦୋକାନ ମାଡ଼ି ରହିବା କଥା କମିଟି ସଦସ୍ୟମାନେ ପୂର୍ବରୁ ଜାଣି ନ ଥିବା ବୈଠକରେ ପ୍ରକାଶ କରିଥିଲେ। ପରେ କମିଟି ସଭାପତି ଗଣେଶ ବିଶ୍ୱାଳ ପ୍ରଶାସନ ନିକଟରୁ ୧୦ ଦିନ ସମୟ ମାଗିବା ସହ ସମସ୍ତ ସଦସ୍ୟଙ୍କ ସହିତ ଆଲୋଚନା କରି ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରି ସମସ୍ୟା ସମାଧାନ କରିବାକୁ ତହସିଲଦାର ଉଭୟ ପକ୍ଷକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ସୁବ୍ରତ ସତ୍ୟବ୍ରତ ପ୍ରଧାନ, ବରିଷ୍ଠ କିରାଣି ସନ୍ତୋଷ ନାଏକ ଓ ଆର୍‌ଆଇ ଅରଜିତ୍ ପ୍ରଧାନ ଉପସ୍ଥିତ ଥିଲେ। ପ୍ରଶାସନର ଏହି ପଦକ୍ଷେପକୁ ଅଞ୍ଚଳରେ ସ୍ୱାଗତ କରାଯାଇଛି।

# ଆଇନସେବା କମିଟି ପକ୍ଷରୁ ଚାରାରୋପଣ



**ଆଠମଲ୍ଲିକ,୩।୭ (ସମିସ):** ଆଠମଲ୍ଲିକ ତାଲୁକ ଆଇନସେବା କମିଟି ଓ ଜଙ୍ଗଲ ବିଭାଗ ମିଳିତ ଉଦ୍ୟମରେ ଶୁକ୍ରବାର ସ୍ଥାନୀୟ ଟାଙ୍ଗିଆନିଶାଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୭୭ତମ ବନ ମହୋତ୍ସବ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ରଞ୍ଜନ କୁମାର ସୁତାର ଯୋଗଦେଇ ଚାରାରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସବ୍‌ଜଜ୍ ଲିଙ୍କିପ୍ରିୟା ସାହୁ, ଏସଡିଜେଏମ ସିଙ୍କୁନ ରାୟ, ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, କ୍ରିମିନାଲ କୋର୍ଟ ଓକିଲସଂଘ ସଭାପତି ଅଞ୍ଜନ କୁମାର ପ୍ରଧାନ, ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ସାହୁ ଯୋଗଦେଇଥିଲେ। ଆଇନଜୀବୀ, ତାଲୁକ ଆଇନସେବା କମିଟି ସମ୍ପାଦକ ଅମିତ କୁମାର ନାୟକ, ସହାୟକ ସିଦ୍ଧାର୍ଥ ମହାନ୍ତି, ବନପାଳ ସୁବ୍ରତ ଶତପଥୀ, ଗୋବିନ୍ଦ ମାର୍ଣ୍ଡି, ଜଙ୍ଗଲ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦନ୍ତା ହାତୀର ଉତ୍ପାତ

# ଗାଈ ମାରିଲା, ଧାନ ଚାଉଳ ଖାଇଗଲା

**ବଅଁରପାଳ,୩।୭ (ସମିସ):** ବଅଁରପାଳ ବ୍ଲକ ବନ୍ଧା ତୁଳସୀ ପାଳ ଝଜିରୀ ଗ୍ରାମରେ ୧୦ ଦିନ ଧରି ଏକ ଦନ୍ତାହାତୀ ଉତ୍ପାତ କରୁଛି। ଗୁରୁବାର ରାତି ପ୍ରାୟ ୧ଟା ୩୦ରେ ହାତୀ ଝଜିରୀ ଓ ବନ୍ଧା ଗ୍ରାମରେ ପଶି ଘଣ୍ଟି ସାହୁଙ୍କ ଏକ ଗାଈକୁ ଦଳି ମାରିଦେବା ସହ ଯୁଧିଷ୍ଠିର ସାହୁଙ୍କ ଘରେପଶି ଧାନ ଚାଉଳ ଖାଇଦେଇଛି। ଏଥିସହ ଘର ଆଜବେଷ୍ଟସ ଭାଙ୍ଗିଥିବା ଅଭିଯୋଗ ହୋଇଛି। ସେହିପରି ବନ୍ଧା ଗ୍ରାମର ବୃନ୍ଦାବନ ରାଉଳଙ୍କ ଘର ଫାଟକ ଭାଙ୍ଗି ଅସବାବପତ୍ର ଓ ଗଛ ନଷ୍ଟ କରିଛି। ଗ୍ରାମବାସୀ ଭୟଭୀତ ଥିବାବେଳେ ସକାଳେ ବନ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଶୀଘ୍ର କ୍ଷତିପୂରଣ ମିଳିବ ବୋଲି କହିଛନ୍ତି।



# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଅନୁଗୋଳ ସହର,୩।୭ (ସମିସ):** ଅନୁଗୋଳ ସହର ଉତ୍ତରପଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ସିଆରସିସି ସୁଦର୍ଶନ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନାନୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର, କଳ୍ପନା ବିଜୟିନୀ ସ୍ୱାଇଁ, ମିତା ମିଶ୍ର, ସୁମତୀ ପ୍ରଧାନ, ଯଶସ୍ମିତା ସାହୁ, ଅଞ୍ଜନା କୁମାରୀ ସାହୁ ଓ ନବାଗତା ଅନିତା ସିଂ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତିଳୋତ୍ତମା କର୍ଣ୍ଣ, ଗୀତା ମିଶ୍ର, ସଂଯୁକ୍ତା ସ୍ୱାଇଁ, ସଂଯୁକ୍ତା ନାଥ, ରଶ୍ମିତା ପଟ୍ଟନାୟକ, ନୀଳିମା ଦେହୁରୀ, ଶିକ୍ଷୟିତ୍ରୀ ସବିତା ନାୟକ, ଶିକ୍ଷକ ବିଜୟ କୁମାର ବେହେରା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ

**ଅନୁଗୋଳ,୩।୭ (ସମିସ):** ଅନୁଗୋଳ ବନ ବିଭାଗର ସମସ୍ତ ବନାଞ୍ଚଳରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଚାରାରୋପଣ ଅଭିଯାନ, ସଚେତନତା କାର୍ଯ୍ୟକ୍ରମ, ଜନସହଭାଗିତା ଏବଂ ଶିକ୍ଷାମୂଳକ କାର୍ଯ୍ୟକଳାପ ଆୟୋଜିତ ହେଉଛି। ଲୋକଙ୍କୁ ବନ ସଂରକ୍ଷଣ ଓ ପ୍ରକୃତି ପ୍ରତି ଯତ୍ନଶୀଳ ହେବା ପାଇଁ ପ୍ରେରିତ କରାଯାଉଛି। ଆଜି ରୋପଣ କରାଯାଇଥିବା ପ୍ରତ୍ୟେକ ଚାରା ଏକ ସବୁଜ ଓ ସମୃଦ୍ଧ ଭବିଷ୍ୟତ ପାଇଁ ଆମର ଦୃଢ଼ ସଂକଳ୍ପର ପ୍ରତୀକ। ସମସ୍ତେ ମିଶି ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ଅତୁଟ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ସୁସ୍ଥ ବନ, ସମୃଦ୍ଧ ଜୈବ ବିବିଧତା ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ଗଢ଼ିବାରେ ସହଯୋଗ କରିବାକୁ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ପ୍ରକାଶ କରିଛନ୍ତି।



# ଶୈଳଶ୍ରୀକ୍ଷେତ୍ରରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ,୩।୭ (ସମିସ)



ଆସନ୍ତା ୧୬ ତାରିଖ ହେବାକୁ ଥିବା ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରଥଯାତ୍ରା ଓ ବାହୁଡ଼ାଯାତ୍ରାର ଶୃଙ୍ଖଳିତ ପରିଚାଳନା ନିମନ୍ତେ ପରାମର୍ଶ ଦେଇଛନ୍ତି। ବୈଠକରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଶେଷକରି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅନୁଗୋଳ ଉପଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ନିୟମ କଡ଼ାକଡ଼ି ପାଳନ କରିବା ପାଇଁ ଏସ୍‌ପିଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଅନୁଗୋଳ ଉଚ୍ଚ ବିଦ୍ୟାଳୟଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଜାତୀୟରାଜପଥର ଉଭୟପାଶ୍ୱର୍ ମରାମତି, ଶୃଙ୍ଖଳା ଗଛ ଡାଳ କାଟିବା, ଅସ୍ଥାୟୀ ଦୋକାନଗୁଡ଼ିକୁ ସ୍ଥାନାନ୍ତର ଆଦି କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଭକ୍ତଙ୍କ ସ୍ୱାସ୍ଥ୍ୟ ସେବା, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଏବଂ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ ପ୍ରୋବେସନର ଅଭି ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

# ଡାକ୍ତର ଆନ୍ଦୋଳନ; ୪୮ ଘଣ୍ଟା ପରେ ଶବ ବ୍ୟବଚ୍ଛେଦ

ଯୋଡ଼ା, ୩।୭ (ସମିସ): ଡାକ୍ତରମାନଙ୍କ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବେ ସ୍ୱାସ୍ଥ୍ୟସେବାକୁ ଗୁରୁତର ଭାବେ ପ୍ରଭାବିତ କଲାଣି। ଏହି ଆନ୍ଦୋଳନ ଶୁକ୍ରବାର ତିନି ଦିନରେ ପହଞ୍ଚିଥିବା ବେଳେ ସାଧାରଣ ଲୋକ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ପୁଲିସ ମାମଲା ସହ ଜଡ଼ିତ ଥିବା ଜଣେ ଶ୍ରମିକଙ୍କ ମୃତଦେହର ଶବ ବ୍ୟବଚ୍ଛେଦ ହୋଇ ନପାରିବା ଘଟଣାରେ ମୃତକଙ୍କ ପରିବାର ଲୋକ ଗଭୀର ଦୁଶ୍ଚିନ୍ତା ଓ ମାନସିକ ଯନ୍ତ୍ରଣାରେ ରହିଛନ୍ତି। ତେବେ, ୪୮ ଘଣ୍ଟା ପରେ ଉକ୍ତ ଶବ ବ୍ୟବଚ୍ଛେଦ ହୋଇଛି ଏବଂ ପରିବାର ବର୍ଗଙ୍କୁ କିଛି ମାତ୍ରରେ ଆଶ୍ୱସ୍ତି ମିଳିଛି।

ସୂଚନା ଅନୁସାରେ, ଗତ ବୁଧବାର ସୁନ୍ଦରଗଡ଼ ଜିଲ୍ଲା ମାଲଦା ସଂରକ୍ଷିତ ଜଙ୍ଗଲରେ ଚୋରା ମାଙ୍ଗାନିଜ ଖନନ ବେଳେ ମାଟି ଅତଡ଼ା ଖସି ପଡ଼ିବା ଘଟଣାରେ ଜଣେ ନାବାଳକ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ପୁଲିସ ମାମଲା ରୁଜୁ ହୋଇଥିବାରୁ ଶବ ବ୍ୟବଚ୍ଛେଦ ଅନିବାର୍ଯ୍ୟ ହୋଇପଡ଼ିଥିଲା। ତେବେ ଡାକ୍ତରମାନଙ୍କ ଆନ୍ଦୋଳନ କାରଣରୁ ଶବ ବ୍ୟବଚ୍ଛେଦ ହୋଇପାରି ନଥିବାରୁ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇପାରି ନଥିଲା। ତେବେ ମୃତଦେହ ଟାଟା ଷ୍ଟିଲ ଶବଗୃହରେ ରଖାଯାଇଛି। ପରିବାର ସଦସ୍ୟମାନେ ଯଥାଶୀଘ୍ର ଶବ ବ୍ୟବଚ୍ଛେଦ ସମ୍ପନ୍ନ କରି ମୃତଦେହ ହସ୍ତାନ୍ତର କରିବାକୁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଙ୍କ ନିକଟରେ ଦାବି କରିଥିଲେ। ଏହାପରେ ମୃତ ନାବାଳକର ଶବ ବ୍ୟବଚ୍ଛେଦ ଶୁକ୍ରବାର ସନ୍ଧ୍ୟାରେ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି।

## ଓମ୍‌ସା ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ତୃତୀୟ ଦିନରେ

# ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ରୋଗୀଶୂନ୍ୟ; ନର୍ସିଂହୋମ୍‌ରେ ହନ୍ତସନ୍ତ

ଆନନ୍ଦପୁର, ୩।୭ (ସମିସ)



ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦ ଦଫା ଦାବି ପୂରଣ ନେଇ ଡାକ୍ତରମାନଙ୍କ ଧର୍ମଘଟ ଆଜି ତୃତୀୟ ଦିନରେ ପହଞ୍ଚିଛି। ପ୍ରତିଦିନ ପ୍ରାୟ ୫ ଶହ ରୋଗୀ ନିର୍ଭର କରୁଥିବା ଏହି ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ବେଡ ଖାଲି ପଡିଛି। ଡାକ୍ତରମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ନର୍ସିଙ୍ଗହୋମରେ ରୋଗୀଙ୍କ ଭିଡ଼ ଲାଗିଥିବା ବେଳେ ସବୁ ବିଭାଗର ଡାକ୍ତର ନଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଥିବା ପରିଲକ୍ଷିତ ହୋଇଛି। ଆଜି ସକାଳୁ ଡାକ୍ତରମାନେ ଆନନ୍ଦପୁର ଡାକ୍ତରଖାନା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନାରାବାଜି କରିଛନ୍ତି। ଡାକ୍ତର ସପନ କୁମାର ବେହେରା, ରବିନାରାୟଣ ସେନାପତି, ଅମର ବେହେରା, ଲକ୍ଷ୍ମୀଧର ନାୟକ, ଉତ୍ତମ ନାୟକ, ସୁବ୍ରତ ଚିନ୍ନାରା, ମନୋଜ ପଣ୍ଡା, ସନତ ଶୁଭମ୍ ମିଶ୍ର, ବଦ୍ରିପ୍ରସାଦ ରାୟ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ଯୋଗୁଁ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଉପଖଣ୍ଡ ଡାକ୍ତରଖାନାରେ ଦୁଇଜଣ ଡିଏମଏଫ୍ ଓ ଦୁଇଜଣ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ନେଇ ରୋଗୀସେବା ଚାଲିଛି। ବିଶେଷଜ୍ଞଙ୍କ ଆଉଟଡୋର, ୱାର୍ଡ ରାଉଣ୍ଡ ହୋଇପାରୁ ନଥିବାବେଳେ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆମ୍ବୁଲାନ୍ସ ଅଭାବରୁ ଅନେକ ଗୁରୁତର ରୋଗୀ ବିଳମ୍ବରେ କଟକ ଯାଇଥିବା ଜଣାପଡ଼ିଛି। ଦିନ ସାଢେ ଗୋଟାଏ ସମୟରେ ଆଉଟଡୋରରେ ଅଧୀକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ ରୋଗୀ ଦେଖିଥିଲେ। ଏହି ସମୟରେ ବାହାରେ ଅନେକ ରୋଗୀ ଚିକିତ୍ସାପାଇଁ ଧାଡ଼ି ଲଗାଇଥିଲେ। ଆନ୍ଦୋଳନ ଜାରି ରହିଲେ ଆଗକୁ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେବ।

# ଆର୍‌ଆଇ ଓ ଅମିନଙ୍କୁ ଡିଜିଟାଲ୍ ଜନଗଣନା ପ୍ରଶିକ୍ଷଣ



ଚମ୍ପୁଆ, ୩।୭ (ସମିସ): ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଗାମୀ ଜନଗଣନାକୁ ଦୃଷ୍ଟିରେ ରଖି ଡିଜିଟାଲ୍ ସେନସସ୍ ହ୍ୟାଣ୍ଡବୁକ୍ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣରେ ଚମ୍ପୁଆ ଉପଖଣ୍ଡର ରେଭେନ୍ୟୁ ଇନ୍ସପେକ୍ଟର ଆରଆଇ ଓ ଅମିନମାନେ ଯୋଗଦେଇ ଡିଜିଟାଲ୍ ତଥ୍ୟ ସଂଗ୍ରହ ପ୍ରଣାଳୀ, ଆପ୍ ବ୍ୟବହାର ଓ ତଥ୍ୟର ସଠିକତା ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଚମ୍ପୁଆ ଉପଜିଲ୍ଲାପାଳ ତଥା ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର ଉମାକାନ୍ତ ପରିଡ଼ା ଡିଜିଟାଲ୍ ପଦ୍ଧତିରେ ନିର୍ଭୁଲ ଓ ସମୟୋପଯୋଗୀ ତଥ୍ୟ ସଂଗ୍ରହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ସଠିକ୍ ତଥ୍ୟ ସଂଗ୍ରହ ହିଁ ଜନଗଣନାର ସଫଳତାର ମୂଳ ଆଧାର। ପ୍ରଶିକ୍ଷଣ ଶିବିରରେ ବଡବିଲ ତହସିଲଦାର ରାକେଶ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ ସେନାପତି ଓ ଅକ୍ଷୟ ନାୟକ ପ୍ରଶିକ୍ଷକ ଭାବେ ଯୋଗଦେଇ ଡିଜିଟାଲ୍ ଆପ୍ ବ୍ୟବହାର, ତଥ୍ୟ ସଂଗ୍ରହ ପ୍ରକ୍ରିୟା ଏବଂ ତଥ୍ୟର ସଠିକତା ବଜାୟ ରଖିବା ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ଆରଆଇ ଓ ଅମିନମାନେ ଏହାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ପ୍ରକାଶ କରିଥିଲେ। ଆଗାମୀ ଜନଗଣନା କାର୍ଯ୍ୟକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବାରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି।

# ଜୁଲାଇ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି ସୂଚୀ

କେନ୍ଦୁଝର, ୩।୭ (ସମିସ): ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ତତ୍ପର କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଜୁଲାଇ ମାସ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଜୁଲାଇ ମାସର ଶୁଣାଣି ୬ ତାରିଖ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୧୩ ତାରିଖ ଚମ୍ପୁଆ ପଞ୍ଚାୟତସମିତି କାର୍ଯ୍ୟାଳୟ, ୨୦ ତାରିଖ ଘଷିପୁରା ପଞ୍ଚାୟତସମିତି କାର୍ଯ୍ୟାଳୟ, ୨୭ ତାରିଖ ଘଟଗାଁ ପଞ୍ଚାୟତସମିତି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ଅନୁଷ୍ଠିତ ହେବ। ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ।

# ସୁଲଭ ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ

ତେଲକୋଇ, ୩।୭ (ସମିସ): କେନ୍ଦୁଝର ବନଖଣ୍ଡ ଅଧୀନ ତେଲକୋଇ ବନ ବିଭାଗ ପକ୍ଷରୁ ଶୁକ୍ରବାର ବନ ବିଭାଗ କାର୍ଯ୍ୟାଳୟ ନିକଟରେ ସୁଲଭ ଚାରା ବଣ୍ଟନ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ତେଲକୋଇ ସରପଞ୍ଚ ରଶ୍ମିତା ନାୟକ, ରେଞ୍ଜର ଅଶୋକ ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଚାରା ବଣ୍ଟନ କେନ୍ଦ୍ରରୁ ଅଞ୍ଚଳର ଲୋକମାନେ ୧ଟଙ୍କା ମୂଲ୍ୟରେ ବିଭିନ୍ନ ପ୍ରକାର ଗଛ କ୍ରୟ କରି ବୃକ୍ଷ ରୋପଣରେ ଅଗ୍ରଣୀ ହାସଲ କରିବା ପାଇଁ ପାଇଁ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତେଲକୋଇ ବନାଞ୍ଚଳ ଅଧୀନରେ ବିଭିନ୍ନ ଫରେଷ୍ଟ ବିଟ୍ ଅଧୀନରେ ଚାରା ବଣ୍ଟନ କେନ୍ଦ୍ର ଖୋଲାଯିବ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଲବ, ଯୁବକ ସଂଘ ଓ ସାଧାରଣ ଜନତାଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରହିଛି। ତେଲକୋଇ ସେକ୍ସନର ଫରେଷ୍ଟର ପୁଷ୍ପଲତା ମହାନ୍ତ, ଫରେଷ୍ଟ ଗାର୍ଡ ପ୍ରଭାତୀ ଦାସ, ପୂତୁଲୁ ନାଏକ, ତ୍ରିଲୋଚନ ଖଣ୍ଡା, ଶ୍ରୀତମ ବିଶ୍ୱାଳ, ପ୍ରଶାନ୍ତ ବେହେରା ସମେତ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।



# ଭଣ୍ଡାରୀବନ୍ଧ ପୋଖରୀ ନିଲାମରେ ଚଞ୍ଚକତା

**ଦେଓଗାଁରେ ଉତ୍ତେଜନା**



ଆନନ୍ଦପୁର, ୩।୭ (ସମିସ): ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତରେ ଭଣ୍ଡାରୀବନ୍ଧ ପୋଖରୀ ନିଲାମରେ ଚଞ୍ଚକତା ଅଭିଯୋଗରେ ଗ୍ରାମରେ ଉତେଜନା ପ୍ରକାଶ ପାଇଛି। ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଭଣ୍ଡାରୀବନ୍ଧ ପୋଖରୀକୁ ପୂର୍ବ ବର୍ଷ ପ୍ରକାଶ କୁମାର ବଳ ନିଲାମ ପ୍ରକ୍ରିୟାରେ ସାମିଲ ହୋଇ ୨୫୭୦୦ ଟଙ୍କାରେ ନିଲାମ ନେଇଥିଲେ। ଚଳିତ ବର୍ଷ ଉକ୍ତ ପୋଖରୀ ନିଲାମ ସମ୍ପର୍କରେ ତାଙ୍କୁ କିମ୍ବା ଅନ୍ୟ ଇଚ୍ଛୁକ ବ୍ୟକ୍ତି ଓ ଗ୍ରାମବାସୀଙ୍କୁ କିଛି ଲିଖିତ କି ମୌଖିକ ସୂଚନା ଦିଆଯାଇନାହିଁ। ଉକ୍ତ ପୋଖରୀକୁ ଚଳିତବର୍ଷ କାହାରିକୁ ନଜଣାଇ କିପରି କାହାକୁ ୧୫୦୦୦ ଟଙ୍କାରେ ନିଲାମ ଦିଆଯାଇଛି ସେନେଇ ପ୍ରଶ୍ନ ଉଠିଛି। ସରକାରୀ ରାଜସ୍ୱ କ୍ଷତି ନଷ୍ଟ ହେଉଛି ବୋଲି ପ୍ରକାଶ ବଳ ଅଭିଯୋଗ କରିଛନ୍ତି। ଏ ବିଷୟରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଜି ସକାଳୁ ଜଣେ ବ୍ୟକ୍ତି ମାଛ ଧରିବାକୁ ଯାଇଥିବା ବେଳେ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରିଥିଲେ। ଏହାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ମାଛ ଧରାଳି ମାଛଗୁଡିକ ପୋଖରୀରେ ଛାଡି ଦେଇଥିବା ଜଣାପଡ଼ିଛି।

# ଆଗଉଛି ଚମ୍ପୁଆ ଜଗନ୍ନାଥ ମନ୍ଦିର ଓ ମାମୁଘରର ବିକାଶ





**ଦେବୋତ୍ତର ବିଭାଗର ବ୍ୟାପକ ପଦକ୍ଷେପ**

ଚମ୍ପୁଆ, ୩।୭ (ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଘର ଭାବେ ପରିଚିତ ବଡନଈ ପଞ୍ଚାୟତର ପଳସା ଗ୍ରାମରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଅଧିକାଂଶ କାର୍ଯ୍ୟ ଶେଷ କରିବାକୁ ଦେବୋତ୍ତର ବିଭାଗ ଲକ୍ଷ୍ୟ ରଖିଛି। ପଳସା ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ଜମିରେ ଆମ୍ବ ଗଛ ରୋପଣ, ଭବ୍ୟ କୀର୍ତ୍ତନ ମଣ୍ଡପ ନିର୍ମାଣ, ପାନୀୟଜଳ ପ୍ରକଳ୍ପ, ପୋଖରୀ ଖନନ ଭଳି ବିଭିନ୍ନ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ପ୍ରତିବର୍ଷ ରଥଯାତ୍ରା ସମୟରେ ଏହି ମାମୁଘରରୁ ମହାପ୍ରଭୁଙ୍କ ପାଇଁ ପାରମ୍ପରିକ 'ଭାର' ଚମ୍ପୁଆ ଜଗନ୍ନାଥ ମନ୍ଦିରକୁ ଆସିଥାଏ ଏବଂ ଗ୍ରାମର ପ୍ରାୟ ସମସ୍ତ ଲୋକ ଏହି ପରମ୍ପରାରେ ସାମିଲ ହୋଇଥାନ୍ତି। ଏହାସହିତ ଚମ୍ପୁଆ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସୌନ୍ଦର୍ଯ୍ୟକରଣ ଓ ଭକ୍ତମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପେଭର ବ୍ଲକ୍ ବିଛାଇବା, ନୂତନ ପାଚେରି ନିର୍ମାଣ, ବୋରିଂ ସ୍ଥାପନ ସମେତ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ କରାଯିବା ପାଇଁ ଦେବୋତ୍ତର ବିଭାଗ ଓ ମନ୍ଦିର ପରିଚାଳନା କମିଟି ମିଳିତ ଭାବେ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ମନ୍ଦିର ପରିସର ଅଧିକ ସୁନ୍ଦର ହେବା ସହ ଭକ୍ତମାନଙ୍କ ପାଇଁ ଆବଶ୍ୟକ ସୁବିଧା ମଧ୍ୟ ବୃଦ୍ଧି ପାଇବ। ଚମ୍ପୁଆ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଉମାକାନ୍ତ ପରିଡ଼ା କହିଛନ୍ତି, "ସବୁ ସେହି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛା। ତାଙ୍କ ଆଶୀର୍ବାଦରେ ଏହି ସମସ୍ତ ବିକାଶମୂଳକ କାର୍ଯ୍ୟ ସଫଳ ଭାବେ ଆଗେଇ ଚାଲିଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରୟାସ ଜାରି ରହିଛି'। ସ୍ଥାନୀୟ ଲୋକଙ୍କ ମତରେ, ଏହି ପଦକ୍ଷେପ କେବଳ ମନ୍ଦିରର ଭିତ୍ତିଭୂମିର ବିକାଶ ନୁହେଁ, ବରଂ ଚମ୍ପୁଆର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ଅଧିକ ସୁଦୃଢ଼ କରିବ।

# ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ




କେନ୍ଦୁଝର, ୩।୭ (ସମିସ): ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନିଟ ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ପ୍ରଘଟ, ସ୍କୁଲ ବହିରେ ତ୍ରୁଟି ଓ ଯୁବକଙ୍କୁ ରୋଜଗାର ଦାବି ଆଦି ପ୍ରସଂଗ ନେଇ ଆଜି ସ୍ଥାନୀୟ କଂଗ୍ରେସ ଭବନରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ କମିଟିର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସୁନେଶ ଧୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ। ଦାବୀଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଯୁବ ନେତାମାନେ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ସନତ ପାଢ଼ୀ ଓ ଜଗବୀର ଦିଶା, କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଆନନ୍ଦ ମାଝୀ, ଅମିତ କୁମାର ରାଉତ ଓ ମିଡ଼ିଆ ସଂଯୋଜକ ବ୍ୟାସଦେବ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ମାନସ ବେହେରା, ଅଭିଜିତ ବେହେରା, ବାବୁନ ରାଉତ, ବିଜୟ କୁମାର ମହାକୁଡ଼, ବ୍ରଜବନ୍ଧୁ ପ୍ରଧାନ, ବାଦଲ ସେଠୀ, ସୌରଭ ଭୂୟାଁ, ଦୀପକ ବେହେରା ଓ ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଧକ୍କାରେ ଯୁବକ ମୃତ; ଡାକ୍ତରଖାନାରେ ଉତ୍ତେଜନା



ଚମ୍ପୁଆ, ୩।୭ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ-ଯୋଡ଼ା ମୁଖ୍ୟରାସ୍ତାର ବ୍ଲକ୍ କାର୍ଯ୍ୟାଳୟ ନିକଟସ୍ଥ ଏମଆରଏଫ୍ ଟାୟାର ଦୋକାନ ପାଖରେ ଗୁରୁବାର ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଧୂଳି ଗ୍ରାମର ଜଗନ୍ନାଥ ନାଏକ (ବାଳିଆ, ୫୬ ବର୍ଷ)। ସୂଚନା ଅନୁଯାୟୀ, ସେ କାମ କରୁଥିବା ଦୋକାନ ଖୋଲିବାକୁ ରାସ୍ତା ପାରି ହୋଇ ଯାଉଥିବା ସମୟରେ ପଛପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଚମ୍ପୁଆ ଡାକ୍ତରଖାନାକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ କେନ୍ଦ୍ରକରି ତଥା ଦୁର୍ଘଟଣା ଘଟାଇଥିବା ବାଇକ ଚାଳକକୁ ଗିରଫ ଦାବିରେ ଡାକ୍ତରଖାନା ପରିସରରେ ପରିବାର ଓ ଗ୍ରାମବାସୀଙ୍କ ଦ୍ୱାରା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଏସଡିପିଓ ରଶ୍ମିରଞ୍ଜନ ସାହୁ, ଆଇଆଇସି ସ୍ୱରୂପ ରଞ୍ଜନ ନାଏକ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଓ କାଉନ୍ସିଲର ଛତ୍ରପତି ନାଏକ ପହଞ୍ଚି ପ୍ରାୟ ଦୁଇ ଘଣ୍ଟା ଧରି ଆଲୋଚନା ଓ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏହାସହ ରେଡ୍‌କ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ତତ୍କାଳ ସହାୟତା ସ୍ୱରୂପ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଦର ଥାନା ପୋକ୍ସୋ ମାମଲା

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

କେନ୍ଦୁଝର, ୩।୭ (ସମିସ): କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସୋ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ଶୁକ୍ରବାର ଜଣେ ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ କରିଥିବା ଜଣାପଡିଛି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝର ସଦର ଥାନାଞ୍ଚଳର ଜଣେ ପୀଡ଼ିତା ଗତ ୨୯।୧୨।୨୦୨୪ରେ ଘରୁ ନିଖୋଜ ହୋଇଯିବାରୁ ତାଙ୍କ ମାଆ କେନ୍ଦୁଝର ସଦର ଥାନାରେ ଏତଲା ଦେଇଥିଲେ। ଏହି ସମୟରେ ପୀଡ଼ିତା ୧୬ ବର୍ଷ ବୟସର ହୋଇଥିଲେ। ଏହି ଏତଲାକୁ ଭିତ୍ତିକରି ସଦର ଥାନା ଆଇଆଇସି ଅମିତ ଭୂୟାଁ ସଦର ଥାନା ସବ୍‌ଇନ୍ସପେକ୍ଟର ସସ୍ମିତା ହାରୋଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ପୀଡିତାଙ୍କୁ ଝୁମ୍ପୁରାଠାରୁ ଉଦ୍ଧାର କରିଥିଲେ। ପୀଡିତାଙ୍କ ବୟାନ ଭିତ୍ତିରେ ଝୁମ୍ପୁରା ଗ୍ରାମର ଅଭିଯୁକ୍ତ ଶିବ ଲୋହାରକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିଲା। ଏଥିରେ ଅଭିଯୁକ୍ତଙ୍କ ବିରୋଧରେ ଅପହରଣ ଓ ଦୁଷ୍କର୍ମ ପରି ସଂଗୀନ ଦଫା ଲଗାଇ ଚାର୍ଜସିଟ୍ ଦାଖଲ କରିଥିଲା ସଦର ପୁଲିସ। ଏହି ମାମଲାଟି କୋର୍ଟରେ ବିଚାରାଧୀନ ଥିଲା ବେଳେ କେନ୍ଦୁଝର ଫାଷ୍ଟଟ୍ରାକ୍ (ପୋକ୍ସୋ) କୋର୍ଟ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ଶିବ ଲୋହାର(୩୫)କୁ ନାବାଳିକା ଅପହରଣ ପାଇଁ ୧୦ ବର୍ଷ, ନାବାଳିକା ଦୁଷ୍କର୍ମ ପାଇଁ ବିଏନ୍‌ଏସ୍/ପୋକ୍ସୋ ଆକ୍ଟରେ ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ବିଭିନ୍ନ ଦଫାରେ ୧୭ ହଜାର ଟଙ୍କାର ଜରିମାନା; ଅନାଦେୟ ୧ ବର୍ଷ ସଶ୍ରମ କାରାଦଣ୍ଡର ଆଦେଶ ଦେଇଛନ୍ତି। ଏଥିରେ ଅନ୍ୟ ଏକ ବିଷୟ ଜଣାପଡିଛି ଯେ ପୀଡ଼ିତାଙ୍କ ୩୪ ବର୍ଷ ବୟସ୍କା ମା'ଙ୍କୁ ମଧ୍ୟ ଏହି ଅଭିଯୁକ୍ତ ସଂପର୍କ ରଖି ତାଙ୍କ ସହ ଶାରିରୀକ ସଂପର୍କ ରଖିଥିଲା। ପୀଡିତା ନାବାଳିକାକୁ ପ୍ରଲୋଭନ ଦେଖାଇ ନେଇ ଏକ ଭଡ଼ା ଘରେ ରଖି ସଂପର୍କ ରଖି ପୀଡିତାକୁ ଗର୍ଭବତୀ କରାଇଥିଲା। ଶିବ ଲୋହାର ଆଇନଗତ ଅପରାଧ ସହ ନୈତିକ ଭାବେ ମଧ୍ୟ ମାଆ ଓ ଝିଅଙ୍କୁ ପ୍ରେମକରି ଏକ ସାଂଘାତିକ ଅପରାଧ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ (ଫାଷ୍ଟ ଟ୍ରାକ) ପୋକ୍ସ କୋର୍ଟର ସ୍ପେସାଲ ପିପି ପତିତ ପାବନ ନାଥ ପରିଚାଳନା କରୁଥିଲେ।

# ୬ରୁ ବୈତରଣୀ ସୁରକ୍ଷା ଅଭିଯାନ



- ଆନନ୍ଦପୁରରୁ ଲୋକଭବନ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ
- ନଦୀ ହତ୍ୟା ନେଇ ରାସ୍ତାରେ ବ୍ୟାପକ ଜନସଚେତନତା ସୃଷ୍ଟି ଲକ୍ଷ୍ୟ
- ବାଲି ଲୁଟ୍ ଓ ନଦୀ ସୁରକ୍ଷା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ

ଆନନ୍ଦପୁର ୩।୭ (ସମିସ): ବୈତରଣୀ ନଦୀର ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ। ଫଳରେ ଏହାର ସୁରକ୍ଷା ପାଇଁ ଆସନ୍ତା ୬ ତାରିଖରୁ ପଦଯାତ୍ରା ଆରମ୍ଭ ହେବ। କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରୁ ଭୁବନେଶ୍ୱର ଲୋକଭବନ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ ସତ୍ୟାଗ୍ରହୀ। ୯ ତାରିଖ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବ। ସେହିଦିନ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବୈତରଣୀ ସୁରକ୍ଷା ପାଇଁ ହସ୍ତକ୍ଷେପ ଦାବି କରିବେ ପ୍ରତିନିଧିମଣ୍ଡଳୀ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ଆଜି ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଜିଲ୍ଲା ଗୋନାସିକାରୁ ପ୍ରବାହିତ ବୈତରଣୀ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମୃଦ୍ଧ କରିଛି। ବୈତରଣୀ ନଦୀ ହିଁ ସଭ୍ୟତାକୁ ରୁଦ୍ଧିମନ୍ତ କରିଛି। ତେବେ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀନାଳରୁ ବେଆଇନ ଭାବେ ପ୍ରତିଦିନ ବାଲି ଲୁଟ୍ ହେଉଛି। ଏହାର ପ୍ରଭାବ ନଦୀ ଉପରେ ପଡୁଛି। ବେଆଇନ ତଥା ବିନା ଲିଜରେ ଅବିଚାରିତ ଭାବେ ବାଲି ଉତ୍ତୋଳନ ଯୋଗୁଁ ନଦୀର ପ୍ରାକୃତିକ ଗତିପଥ ପରିବର୍ତ୍ତନ ହେଉଛି। ଫଳରେ ନଦୀକୂଳିଆ ଗାଁଲୋକେ ବର୍ଷାଦିନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମାଫିଆ-ପ୍ରଶାସନିକ କଳର କିଛି ବରିଷ୍ଠ ଅଧିକାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲାପାଳ, ଏସପି ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଶ୍ରୀ ସାହୁ ଗତକାଲି ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ବୈତରଣୀ ସୁରକ୍ଷା ଯାତ୍ରା ସମ୍ପର୍କରେ ଆଲୋକପାତ କରିଛନ୍ତି। ବର୍ତ୍ତମାନ ମୌସୁମୀ ସମୟରେ ବାଲି ଉତ୍ତୋଳନ ବନ୍ଦ ଥିବାବେଳେ ମାସେ ହେବ କିପରି ନଦୀରୁ ବାଲି ଉଠୁଛି। ବାଲି ସିଣ୍ଡିକେଟରେ ବହୁ ପ୍ରଭାବଶାଳୀ ନେତା, ମାଫିଆ ଓ ପ୍ରଶାସନିକ ଅଧିକାରୀ ସାମିଲ ଅଛନ୍ତି। ହାଟଡିହି ତହସିଲର ସମଣା, ଗୋବିନ୍ଦପୁର, ଡ଼ିମିରିଆ, ବାହାରିପୁର, ଜମ୍ବରା, ହାବଳେଶ୍ୱର, ବଞ୍ଜୁ, ଅମୃତପୁର, ନୂଆଗାଁ, ଘଷିପୁରା ତହସିଲର ବୀରଗୋବିନ୍ଦପୁର, ତାଳଗାଁ, ଦରଡିପାଳ, କେଶଦୁରାପାଳ, କାଠପାଳ, ମଧୁକେଶରୀ, ବାତୋ, ଅତାସାହି ଏବଂ ଆନନ୍ଦପୁର ତହସିଲର କୁମଡ, ଅମାରଙ୍ଗ, ଟୁକୁଣା, କୋଡ଼ପଡ଼ା, ବୁଢ଼ୀକୁଦ, ଗୌଡଡିହା ବେଲବାହାଳିରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ ହେଉଛି। ପ୍ରତିଦିନ ୫ ହଜାରରୁ ଅଧିକ ବଡ ବଡ ହାଇୱା ଯୋଗେ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରକୁ ବାଲି ଚୋରା ଚାଲାଣ ହେଉଛି। ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ଅର୍ଥ ଉପାର୍ଜନ କରାଯାଉଥିବାରୁ ମାଫିଆଙ୍କ ବିରୋଧରେ ମନି ଲଣ୍ଡରିଂ ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଫୋନ୍ କଲ୍ ଯାଞ୍ଚ କଲେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ଏହି ପଦଯାତ୍ରା ସମୟରେ ୬ ତାରିଖ ସନ୍ଧ୍ୟାରେ ପାଣିକୋଇଲି, ୭ ତାରିଖ ସନ୍ଧ୍ୟାରେ ଛତିଆ ଓ ୮ ତାରିଖ ସନ୍ଧ୍ୟାରେ ଫୁଲନଖରାଠାରେ ଏଲ୍‌ଇଡି ସ୍କ୍ରିନ ମଧ୍ୟରେ ନଦୀ ହତ୍ୟା ସମ୍ପର୍କିତ ସତ୍ୟ ଭିଡ଼ିଓ ପ୍ରଦର୍ଶିତ ହେବ ବୋଲି ଶ୍ରୀ ସାହୁ କହିଛନ୍ତି।

## ଖରସ୍ରୋତା ମହାବିଦ୍ୟାଳୟରେ ଆଲୋଚନାଚକ୍ର




ସିଂହପୁର, ୩।୭ (ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଆଜି ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। 'ଭାରତୀୟ ଜ୍ଞାନ ପରମ୍ପରାରେ ପରିବେଶ ବିଜ୍ଞାନ' ଶୀର୍ଷକ ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବ୍ରଜ କିଶୋର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭୁବନେଶ୍ୱର କିସ୍ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନର ସହକାରୀ ପ୍ରାଧ୍ୟାପକ ଡ. ଦେବାଶିଷ ମହାପାତ୍ର, ମୁଖ୍ୟବକ୍ତା ଅନୁଗୁଳ ସରକାରୀ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନର ବିଭାଗୀୟ ମୁଖ୍ୟ ଡ. ଗୌରୀ ଶଙ୍କର ଯୁଗ ପ୍ରକାଶ ଜେନା ଯୋଗ ଦାନ କରିଥିଲେ। ଖରସ୍ରୋତା ମହାବିଦ୍ୟାଳୟର ଅଭ୍ୟାନ୍ତରିଣ ଗୁଣବତ୍ତା ନିଶ୍ଚିତି କରଣ କୋଷ ଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ରରେ ଡ. ଅରୁଣ କୁମାର ସାମଲ ସଂଯୋଜନା କରିଥିଲେ। ଡ. ଗାୟତ୍ରୀ ଧଳ, ବୈଭବ ନାୟକ, ରୂପାଲି ମହାରଣା ଓ ଦୀପ୍ତି ରଞ୍ଜନ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ ଓ ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରରେ ପାଖାପାଖି ୧୦ଟି ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦାନ କରିଥିଲେ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ବିଜୟ କୁମାର ପତି, ମୀନକେତନ ତ୍ରିପାଠୀ, ସୁବାସ ସାହୁ, ସୁରେନ୍ଦ୍ର ସାମଲ, ଗଗନ ବିହାରୀ ବେହେରା, ଦେବବ୍ରତ ଧଳ, ଚିତ୍ତରଞ୍ଜନ ସାହୁ, ଜଳଧର ସାହୁ, ରଜତ ସାହୁ, ସତ୍ୟବ୍ରତ ସେଠୀ, ରୋଜାଲିନ କୁଅଁର, ଜ୍ୟୋତିପ୍ରଭା ମହାନ୍ତି, ସୁଚିତ୍ରା ରାଉତ, ଅର୍ପିତା ସ୍ୱାଇଁ, ପ୍ରୀତି ଭୂୟାଁ, ରୁବି ଏକା, ସୁଚିସ୍ମିତା ନାୟକ, ମମତାମୟି ସାମଲ, ନିଳମଣି ମଲ୍ଲିକ, ରାଜେଶ ପୃଷ୍ଟି, ଦିଲିପ ବାରିକ, ଯଶୋବନ୍ତ ସାହୁ, ସତ୍ୟରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ରୂପାଲି ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ।

### 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ ବିଫଳ

## ଦାନଗଦିରେ ବୃକ୍ଷରୋପଣ ପାଲଟିଛି ପ୍ରହସନ

ଦାନଗଦି, ୩।୭ (ସମିସ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କ ଜନ୍ମଦିନରେ ୭୫ ଲକ୍ଷ ବୃକ୍ଷରୋପଣ କରିବା ପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା। ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ ହାତକୁ ନେଇ ପ୍ରତି ପଞ୍ଚାୟତକୁ ୫୦୦ ଚାରା ବଣ୍ଟନ କରାଯାଇଥିଲା। ଦାନଗଦି ବ୍ଲକର ୨୩ ପଞ୍ଚାୟତରେ ଥିବା ବିଭିନ୍ନ ସରକାରୀ ଜାଗାରେ ଏହି ସବୁ ଚାରା ଲଗାଯାଇଥିଲା। ମାତ୍ର ଏବେ ଗୋଟିଏ ବି ପଞ୍ଚାୟତରେ ଗଛ ନ ଥିବା ଦେଖିବାକୁ ମିଳିଛି। ବନବିଭାଗ, ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କଲେ ସ୍ପଷ୍ଟ ଚିତ୍ର ମିଳିପାରିବ। ଏଭଳି ଏକ ଅଭିଯୋଗ ଦାନଗଦି ବ୍ଲକ ଦେଉଳକଣ ପଞ୍ଚାୟତରୁ ଆସିଛି। ଡଙ୍କାରି ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ମହିଳା ଗୋଷ୍ଠୀର ସଦସ୍ୟମାନେ ବୃକ୍ଷରୋପଣ କରିଥିଲେ। ହାତରେ ପ୍ରଧାନମନ୍ତ୍ରୀଙ୍କ ବ୍ୟାନର ଧରି ସଚେତନତା ସଭା କରିଥିଲେ ହେଲେ ଦୁଃଖର ବିଷୟ ସେହି ଜାଗାରେ ଏବେ ଗଛ ବଦଳରେ ଖାଲି ଚିରାଜରି ଅଖା ମିଶା ଖୁଣ୍ଟସବୁ ପଡ଼ିଛି। ଗୋଟେ ହେଲେ ବି ଗଛ ନାହିଁ। ଏହା ଆମ ପ୍ରଧାନମନ୍ତ୍ରୀଙ୍କ ପାଇଁ ବଡ଼ ଉପହାର। ସୂଚନା ଫଳକରେ ନରେଗା ଯୋଜନା ଲେଖା ଯାଇଥିଲେ ମଧ୍ୟ ଅଟକଳ ପରିମାଣ କିଛି ସୂଚନା ଦେଇନାହାନ୍ତି। ଡଙ୍କାରି ସାହି ପ୍ରାଥମିକ ବିଦ୍ୟାଳୟରେ ଗଛ ଆଉ ଫଳକ କରିଛନ୍ତି। ହେଲେ ଫଳକରେ ଡିଜିପି ପଞ୍ଚାୟତ ହାଇସ୍କୁଲ ପରିସରରେ ବୃକ୍ଷରୋପଣ ବୋଲି ଲେଖାଯାଇଛି। ଏପରି ଅଧିକାଂଶ ପଞ୍ଚାୟତରେ ବୃକ୍ଷରୋପଣ ନାମରେ ମିଥ୍ୟା ବିଲ୍ କରାଯାଇ ସରକାରୀ ଟଙ୍କାକୁ ଆତ୍ମସାତ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଯଥା ଶୀଘ୍ର ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ଗୋପିନାଥଜିଉ ହାଇସ୍କୁଲ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର



ବନ୍ତ/ଆଗରପଡ଼ା, ୩।୭ (ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଗୋପିନାଥପୁର କ୍ଲଷ୍ଟର ଅନ୍ତର୍ଗତ ଗୋପିନାଥଜୀଉ ହାଇସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଗତ ମାର୍ଚ୍ଚ ମାସରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଉକ୍ତ ଗୃହ ନିମନ୍ତେ ୧୬ଲକ୍ଷ ୭୯ହଜାର ୪୮୭ ଟଙ୍କାର ଅଟକଳ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା। ଟେଣ୍ଡର ପ୍ରକ୍ରିୟା ସରିବା ପରେ ବର୍ତ୍ତମାନ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ କାର୍ଯ୍ୟରେ ନିମ୍ନମାନର ବାଲି ଓ ସିମେଣ୍ଟ ବ୍ୟବହାର ହେଉଥିବାର ଦେଖିବାକୁ ମିଳିଛି। ଯାହାକି କୋଠାଘରର ସ୍ଥାଇତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ସମସ୍ୟାକୁ ନେଇ ସମ୍ପୃକ୍ତ ଠିକାଦାରଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଉତ୍ତର ସନ୍ତୋଷ ଜନକ ହୋଇପାରିନଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କାର୍ଯ୍ୟର ଅନିୟମିତତାକୁ ପରୋକ୍ଷରେ ସ୍ୱୀକାର କରିବା ସହିତ କାର୍ଯ୍ୟକୁ ସରକାରଙ୍କ ନିର୍ଦ୍ଦେଶାନୁସାରେ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ୍ କରିଥିବା ପ୍ରକାଶ କରିଥିଲେ। ଠିକାଦାରଙ୍କ ମନମାନୀ କାର୍ଯ୍ୟକୁ ନାପସନ୍ଦ କରିଥିଲେ। ସେହିପରି ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ନିର୍ମାଣାଧୀନ ସ୍ଥାନରେ ଆଜି ପର୍ଯ୍ୟନ୍ତ ଫଳକ ନିର୍ମାଣ ହୋଇ ନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହେଉଥିଲେ ସୁଦ୍ଧା ଉକ୍ତ ଯୋଜନା କ'ଣ ତାହାର କୌଣସି ସୂଚନା ଦିଆନଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସରକାର ସୂଚନା ଫଳକ ନିର୍ମାଣ ଓ ସୂଚନା ଲେଖିବା ବାଧ୍ୟତାମୂଳକ କରିଥିବା ଓ ସର୍ବସାଧାରଣରେ ସରକାର କେଉଁ ବିଭାଗରୁ ଅର୍ଥ ପ୍ରଦାନ କରିଛନ୍ତି, କେତେ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। କାହା ନାମରେ କାର୍ଯ୍ୟଦେଶ ରହିଛି, କେଉଁ ଅଧିକାରୀ ତଦାରଖ କରୁଛନ୍ତି ଏବଂ କାର୍ଯ୍ୟାଦେଶର ଆରମ୍ଭ ଆଦି ସମ୍ପର୍କରେ ସୂଚନା ଫଳକରେ ଲିପିବଦ୍ଧ ହେବାର ନିୟମ ରହିଥିବା ବେଳେ ବିଭାଗ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଉନ୍ନୟନ କାର୍ଯ୍ୟ କରି ଚାଲିଛନ୍ତି। ତେଣୁ ସର୍ବସାଧାରଣରେ ସୂଚନା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ମଧ୍ୟ ହେଉଛି। ଏହି ସବୁ ଦୃଷ୍ଟିରୁ ନିର୍ମାଣାଧୀନ କାର୍ଯ୍ୟର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି କରୁଛି। ପିଲାଙ୍କ ଭବିଷ୍ୟତ ଗଢାରେ ଉକ୍ତ ଗୃହ ପ୍ରମୁଖ ଭୂମିକା ନିର୍ବାହ କରିବାକୁ ଯାଉଥିବାରୁ ସୂଚନା ଫଳକ ନିର୍ମାଣ ଗୁରୁତ୍ୱ ବହନ କରୁଛି। ସୂଚନାଫଳକକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଖୁବ୍‌ଶୀଘ୍ର ସୂଚନା ଫଳକ ସ୍ଥାପିତ ହେବାର ସୂଚନା ପ୍ରଦାନ କରିଥିଲେ। ତେଣୁ ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳୀ ନିକଟରେ ସୂଚନା ଫଳକ ନିର୍ମାଣ କରିବା ସହ ହେଉଥିବାର ନିମ୍ନମାନର କାର୍ଯ୍ୟ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଧୂଷୁରୀ ବଜାର ଉଚ୍ଛେଦ ପାଇଁ ୨୧୯ ବ୍ୟବସାୟୀଙ୍କୁ ନୋଟିସ୍

ଅସୁରାଳି, ୩।୭ (ସମିସ): ଧୂଷୁରୀ ବଜାରକୁ ସୁବ୍ୟବସ୍ଥିତ କରିବା ଓ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ପ୍ରଦକ୍ଷେପ ଗ୍ରହଣ କରାଯାଇଛି। ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଧୂଷୁରୀ ବଜାରରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ସରକାରୀ ଜାଗା ମାଡ଼ି ବସିଥିବା ୨୧୯ ଜଣ ବ୍ୟବସାୟୀ ଓ ଗୃହ ମାଲିକଙ୍କୁ ଧାମନଗର ତହସିଲ ପକ୍ଷରୁ କାରଣ ଦର୍ଶାଅ ନୋଟିସଉ ଜାରି କରାଯାଇଛି। ଆସନ୍ତା ୩୦ ଦିନ ମଧ୍ୟରେ ସମ୍ପୃକ୍ତ ସ୍ଥାନରୁ ନିଜ ସାମଗ୍ରୀ ଓ ଜବରଦଖଲ ହଟାଇନେବା ପାଇଁ ଏହି ନୋଟିସ ରେ ନିର୍ଦ୍ଦେଶ ଦିଆଯାଇଛି ଓନିକଟରେ ରାଜ୍ୟ ସରକାର ଧୂଷୁରୀକୁ ଏକ ନୂତନ ଏନଏସିର ମାନ୍ୟତା ପ୍ରଦାନ କରିଛନ୍ତି। ଧୂଷୁରୀ ମୁଖ୍ୟବଜାର ମଧ୍ୟ ଦେଇ ୯ ନମ୍ବର ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଅତିକ୍ରମ କରିଛି। ପଡ଼ିସାହି ଗେଙ୍ଗୁଟି ପୋଲ ଠାରୁ ଆରମ୍ଭ କରି ଧୂଷୁରୀଶୁଣୀ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ଦୀର୍ଘ ଏହି ବଜାର ଉପରେ ପାଖାପାଖି ୫ ଶହରୁ ଅଧିକ ଛୋଟବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ଭର କରନ୍ତି। କେବଳ ସେତିକି ନୁହେଁ, ଧୂଷୁରୀ ଉପରେ ଧାମନଗର ବ୍ଲକର ପାର୍ଶ୍ୱବର୍ତ୍ତୀ ୬ ରୁ ୭ଟି ପଞ୍ଚାୟତ ସମେତ ତିହିଡ଼ି, ଚାନ୍ଦବାଲି ଏବଂ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଅଞ୍ଚଳର ହଜାର ହଜାର ଲୋକ ଦୈନନ୍ଦିନ ନିର୍ଭର କରିଥାନ୍ତି। ତେବେ ଦୀର୍ଘ ଦିନ ଧରି ନରସିଂହପୁର ରାଜସ୍ୱ ଗ୍ରାମ ଅଧୀନରେ ଥିବା ସରକାରୀ ଜାଗାକୁ ଜବରଦଖଲ କରି କିଛି ବ୍ୟବସାୟୀ ଦୋକାନ ଗୃହ ନିର୍ମାଣ କରିଛନ୍ତି। ବ୍ୟବସାୟୀମାନେ ରାସ୍ତା ଉପରକୁ ମାଡ଼ି ଆସି ଦୋକାନ ବଜାର କରୁଥିବାରୁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଏଠାରେ ଗୁରୁତର ଟ୍ରାଫିକ ସମସ୍ୟା ଉପୁଜୁଛି। ଫଳରେ ଜରୁରୀକାଳୀନ ଆମ୍ବୁଲାନ୍ସ, ଯାତ୍ରୀବାହୀ ବସ, ବାଇକ ଆରୋହୀ ଏବଂ ସାଧାରଣ ପଥଚାରୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହି ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା, ନୂତନ ଘଇଉ ଅଞ୍ଚଳର ବିକାଶ କରିବା ଏବଂ ଏକ ସୁବ୍ୟବସ୍ଥିତ ବଜାର ପ୍ରତିଷ୍ଠା କରିବା ପାଇଁ ଜବରଦଖଲ ଉଚ୍ଛେଦ ଜରୁରୀ ହୋଇପଡ଼ିଛି। ପ୍ରଶାସନର ଏହି ଉଚ୍ଛେଦ ନୋଟିସ ପରେ ସ୍ଥାନୀୟ ବ୍ୟବସାୟୀ ମହଲରେ ଚିନ୍ତା ଓ ଉଦବେଗ ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ଏହି ଦୋକାନ ବଜାର କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀମାନେ ଏବେ ସେମାନଙ୍କର ଜୀବିକାକୁ ନେଇ ଆଶଙ୍କାରେ ରହିଛନ୍ତି। ପ୍ରଶାସନ କିଭଳି ଭାବେ ଏହି ପ୍ରକ୍ରିୟା ଶେଷ କରୁଛି ଏବଂ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଏସ୍‌ପିଙ୍କୁ ଭେଟିଲା ଦଳିତ ସଂଗଠନ

ପାଣିକୋଇଲି, ୩।୭ (ସମିସ): ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ବଡ଼ଚପେଇ ଗ୍ରାମରେ ରଜ ପର୍ବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଘଟିଥିବା ଜାତିଗତ ହିଂସା ଘଟଣାକୁ ନେଇ ଡ. ବିଆର୍ ଆମ୍ବେଦକର ସେବକ ସଂଘ ଓଡ଼ିଶା ସମେତ ବିଭିନ୍ନ ଦଳିତ ସାମାଜିକ ସଂଘର ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସଭାପତି ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ପୁଲିସର ନିଷ୍କ୍ରିୟତା ତଦନ୍ତରେ ବିଳମ୍ବ, ଅଭିଯୁକ୍ତ ମାନଙ୍କୁ ଗିରଫ ନକରିବା ଓ ପୀଡ଼ିତାମାନଙ୍କୁ ନ୍ୟାୟ ମିଳିବାରେ ବିଳମ୍ବକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ରଜପର୍ବ ଅବସରରେ ଦୋଳମେଳଣ ପଡ଼ିଆରେ ଦଳିତ ସମ୍ପ୍ରଦାୟର ଲୋକମାନେ ମାଇକ୍ ଯୋଗେ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ସମୟରେ ଅଭିଯୋଗ ଅନୁଯାୟୀ ସବର୍ଣ୍ଣ ସାହିର ଶତାଧିକ ଲୋକ ଯୋଜନାବଦ୍ଧ ଭାବେ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ। ଏହି ଘଟଣାରେ ପ୍ରାୟ ୩୦ଜଣ ଦଳିତ ମହିଳାଙ୍କ ସମେତ ଆହତ ହୋଇଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଥିଲେ। ଫଳରେ ବହୁ ସାମଗ୍ରୀ ନଷ୍ଟ ହେବା ସହ ପୀଡ଼ିତାମାନଙ୍କୁ ନ୍ୟାୟ ଦେବାରେ ପୁଲିସ ବିଫଳ ହୋଇଛି। ପୁଲିସ ସଠିକ ତଦନ୍ତ ପରିଚାଳନା କରିନାହିଁ। ବୈଜ୍ଞାନିକ ପ୍ରମାଣ ସଂଗ୍ରହ, ଶାନ୍ତି କମିଟି ବୈଠକ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ବ୍ରହ୍ମବରଦା ଥାନା ୧୨୭/୨୬ରେ ପ୍ରାୟ ୪୦ ଜଣ ଅଭିଯୁକ୍ତ ଥିଲେ ବି ଏପର୍ଯ୍ୟନ୍ତ ପୁଲିସ ଜଣେ ବି ଗିରଫ କରିନାହିଁ। ଫଳରେ ଏହାର ପ୍ରତିବାଦରେ ଗଣତାନ୍ତ୍ରିକ ଆନ୍ଦୋଳନ କରିବ ବୋଲି କହିଛି। ଯାଜପୁର ଜିଲ୍ଲା ଆବାହକ ବାଉରୀବନ୍ଧୁ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଦୈତାରୀ ନାୟକ, ଉପଦେଷ୍ଟା ସୁବାସ ନାୟକ, ସୁରେନ୍ଦ୍ର କୁମାର ମଲିକ, ପ୍ରକାଶ କୁମାର ନାୟକ, ମାନସ ମଲ୍ଲିକ, ଦିଲ୍ଲୀପ କୁମାର ବାରିକ, ଚଗଲା ବାଗ, କ୍ଷରୋଦ ଦାସ, ଶଙ୍କର ମଲିକ, ଅଜୟ ମଲିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଅସୁରାଳି, ୩।୭ (ସମିସ): ଧାମନଗର ବ୍ଲକ ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ ଶ୍ରୀଭାରତୀ କୃଷ୍ଣ ଓ ପ୍ରାଦେଶିକ ମେଧା ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନ ଆଚାର୍ଯ୍ୟ ରମାପଦ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ସଭାପତି ଶିକ୍ଷାବିତ୍ ରଞ୍ଜନ ଭୂୟାଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମେଧାବି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ। ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭାରେ ସୌମ୍ୟାଶ୍ରୀ ନାୟକ (ରାଜ୍ୟରେ ୬ଷ୍ଠ ସ୍ଥାନ), ପୂନମ୍ ପ୍ରିୟଦର୍ଶିନୀ ପତି ଓ ସୌମ୍ୟଜିତ୍ ନାୟକ ପ୍ରାଦେଶିକ ମେଧା ପରୀକ୍ଷାରେ ସୌମ୍ୟାଶ୍ରୀ ନାୟକ, ପୂନମ୍ ପ୍ରିୟଦର୍ଶିନୀ ପତି ଓ ମଧୁସ୍ମିତା କର ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ସଫଳତା ଅର୍ଜନ କରିବା ସହିତ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ତେଣୁ ସେମାନଙ୍କୁ ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ବିଦ୍ୟାଳୟରେ ସମ୍ବର୍ଦ୍ଧନା କରାଯାଇଥିଲା। ଗୁରୁମା ଦମୟନ୍ତୀ ସାହୁ ଅତିଥି ପରିଚୟ କରିଥିବା ବେଳେ ରଶ୍ମିତା ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଲିଚାଲାଣ ବେଳେ ଚଢ଼ଉ; ୨ ଟ୍ରାକ୍ଟର ଜବତ

ଯାଜପୁର, ୩।୭ (ସମିସ): ଯାଜପୁର ସଦର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବେଆଇନ ବାଲି ଚୋରାଚାଲାଣ ରୋକିବା ନିମନ୍ତେ ତତ୍ପରତା ପ୍ରକାଶ ପାଇଛି। ରାତ୍ରରେ ପାଟ୍ରୋଲିଂ କରୁଥିବା ସମୟରେ ସଦର ଥାନା ପୁଲିସ ବୁଢ଼ାଘାଟ ନିକଟରୁ ୨ଟି ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଜବତ କରି କେଶ୍ ନମ୍ବର୍ ୨୩୦/ ୨୦୨୬ରେ ମାମଲା ରୁଜୁ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ବାଲିମାଫିଆ ମାନେ ଚତୁରତାର ସହ ଚୋରା ବାଲିରେ ବ୍ୟବହୃତ ହେଉଥିବା ଟ୍ରାକ୍ଟରର ନମ୍ବର୍ ପ୍ଲେଟ୍ କାଢି ଦେଉଛନ୍ତି। ସମଗ୍ର ଯାଜପୁର ଜିଲ୍ଲାରେ ଚାଲିଥିବା ଶତକଡା ୯୦ ଭାଗ ଟ୍ରାକ୍ଟର ଗାଡ଼ିର ନମ୍ବର୍ ପ୍ଲେଟ୍ ନଥିବା ଦେଖିବାକୁ ମିଳୁଛି। ହେଲେ ଏଥିପ୍ରତି ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ବେଳେ ଜିଲ୍ଲା ପୁଲିସ ପ୍ରଶାସନ ଜାଣି ଅଜଣା ଭଳି ଅଭିନୟ କରୁଛି। ପ୍ରତ୍ୟେକ ଦିନ ଜିଲ୍ଲାରୁ ଶହ ଶହ ଟ୍ରିପ୍ ବେଆଇନ ଘାଟରୁ ବଳପୂର୍ବକ ବାଲି ଉଠାଇ ବାହାରକୁ ଚୋରା ଚାଲାଣ କରୁଥିବା ବେଳେ କେବେ କେମିତି ଗୋଟିଏ ଦୁଇଟି ଗାଡ଼ି ଧରି ଖଣି ବିଭାଗ ଓ ପୁଲିସ ନିଜକୁ ବାହା ବାହା ବୋଲାଉଛନ୍ତି।

## ଦୈନିକ ଓଡ଼ିଆ ଖବରକାଗଜ 'ତ୍ରିଶା' ଲୋକାର୍ପିତ

ବଡ଼ଚଣା, ୩।୭ (ସମିସ): ଛତିଆ ଅମରାବତୀ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଦୈନିକ ଓଡ଼ିଆ ଖବରକାଗଜ 'ତ୍ରିଶା ଖବର'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନିଲ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପବିତ୍ର ମାହାଲା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ତଥା ପ୍ରେସ୍ କ୍ଲବ ଚଣ୍ଡିଖୋଲର ସଭାପତି ବେଣୁଧର ପଣ୍ଡା ସମ୍ବାଦ ପରିବେଷଣରେ ଛୋଟ ବଡ ଖବର କାଗଜ ବିଭିନ୍ନତା କିଛି ନ ଥାଏ। ଛୋଟ ସମ୍ବାଦ ପତ୍ରରେ ବାହାରୁଥିବା ସମ୍ବାଦ ମଧ୍ୟ ପାର୍ଲିଆମେଣ୍ଟ ଓ ରାଜ୍ୟ ବିଧାନସଭାର ଆଲୋଚ୍ୟ ବିଷୟ ହୋଇଥାଏ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସିଦ୍ଧଗିରୀ ଆଶ୍ରମର ମଠାଧିଶ ବ୍ରହ୍ମଚାରୀ ବିଶ୍ୱନାଥ ଦାସ, ଛତିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ନିଜର ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା ପ୍ରକାଶ ବେହେରା, ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। 'ତ୍ରିଶା ଖବର'ର ସମ୍ପାଦକ ବେଦପ୍ରକାଶ ନାୟକ ଅତିଥିଙ୍କୁ ସ୍ୱାଗତ କରିବା ସହିତ ସମସ୍ତଙ୍କର ସାହଯ୍ୟ ସହଯୋଗ କାମନା କରିଥିଲେ। ଧାନ ମଣ୍ଡଳସ୍ଥିତ ଉଦୀୟମାନ କଳା ପରିଷଦର ନୃତ୍ୟଶିଳ୍ପୀମାନେ ସ୍ୱାଗତ ସଙ୍ଗୀତ, ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।

### ୫୬ ପିଲାଙ୍କୁ ଗୋଟିଏ ଗୃହ

## ଭବିଷ୍ୟତ ଗଢ଼ାରେ ବାଧକ ଅଧାଗଢ଼ା ଗୃହ

ବନ୍ତ/ଆଗରପଡ଼ା, ୩।୭ (ସମିସ)



ସରକାର ଶିକ୍ଷାର ମାନବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହିତ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅର୍ନ୍ତଗତ ବାଙ୍କତିରା ହାଇସ୍କୁଲରେ। ଅର୍ଥ ମହଜୁଦ ଥାଇ ମଧ୍ୟ ଅଧାଗଢ଼ାରେ ଅଟକିଛି ଗୃହ ନିର୍ମାଣ ଯାହାକି ପିଲାଙ୍କ ଭବିଷ୍ୟତ ଗଢାରେ ବାଧକ ସାଜିଛି। ନା ଅଛି ଶ୍ରେଣୀ ଗୃହ, ନା ଅଛି ଶୌଚାଳୟ, ନା ଶୈକ୍ଷିକ ବାତାବରଣ ତଥାବି ଚାଲିଛି ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟଟି ୧୯୮୭ ମସିହାରେ ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠାକୁ ୩୮ ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହାର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ହୋଇପାରି ନାହିଁ। ଚଳିତ ଶିକ୍ଷା ବର୍ଷରେ ଉକ୍ତ ହାଇସ୍କୁଲର ୮ମ ଶ୍ରେଣୀରେ ୪୭, ୯ମରେ ୫୧ ଓ ୧୦ମରେ ୫୬ ଏହିପରି ୩ଟି ଶ୍ରେଣୀରେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୧୫୪। ଆବଶ୍ୟକୀୟ ଶ୍ରେଣୀ ଗୃହ ଅଭାବରୁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିବେଶ ଅନୁକୂଳ ହେଉ ନଥିବା ପରିଲକ୍ଷିତ ହେଉଛି। ୨ଟି ସୁରକ୍ଷିତ ଛାତ ଗୃହରେ ୮ମ ଓ ୯ମ ଶ୍ରେଣୀର ପାଠପଢ଼ା ଚାଲିଥିବା ବେଳେ ଗୋଟିଏ ଅସୁରକ୍ଷିତ ଆଜବେଷ୍ଟସ ଗୃହରେ ୫୬ଜଣ ପିଲାଙ୍କୁ ନେଇ ଚାଲିଛି ୧୦ମ ଶ୍ରେଣୀର ପାଠପଢ଼ା। ହାଇସ୍କୁଲର ଗୃହ ସମସ୍ୟା ଲାଗି ରହିଥିବାରୁ ମଇ ସ୍କୁଲର ଏକ ଗୃହରେ ଏହାର କାର୍ଯ୍ୟାଳୟ ଚାଲିଛି। ସେହିପରି ୧୨ଜଣ କର୍ମଚାରୀଙ୍କ ଆବଶ୍ୟକ ଥିବା ବେଳେ ୫ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ହାଇସ୍କୁଲ ଚାଲିଛି। ଆବଶ୍ୟକୀୟ ପରିସ୍ରାଗୃହ ନଥିବାରୁ ଛାତ୍ରଛାତ୍ରୀମାନଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟିର କୌଣସି ସ୍ଥାୟୀ ପାଚେରୀ ନଥିବାରୁ ଗୋରୁଗାଈମାନଙ୍କ ସମେତ ଅସାମାଜିକ ବ୍ୟକ୍ତିଙ୍କର ଅବାଧ ପ୍ରବେଶ ଘଟିବା ସହ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ଖେଳ ପଡ଼ିଆଟି ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ। ବିଦ୍ୟାଳୟଟିରେ ବିଜ୍ଞାନଗାର କିମ୍ବା କୌଣସି ଉପକରଣ ସାମଗ୍ରୀ ନଥିବାରୁ ବିଜ୍ଞାନ ବିଷୟରେ ଅଧ୍ୟୟନ, କମ୍ପ୍ୟୁଟର ପାଠ୍ୟକ୍ରମ ଆଦିରେ ଅସୁବିଧା ସୃଷ୍ଟି ହେଉଛି। ଏହି ସବୁ ସମସ୍ୟାର ସୁଧାର ଆଣିବା ପାଇଁ ବିଭିନ୍ନ ଯୋଜନାରେ ଶ୍ରେଣୀ ଗୃହ ନିର୍ମାଣ, ପାଇଖାନା ଓ ପାନୀୟ ଜଳଯୋଗାଣ କାର୍ଯ୍ୟ, ଇ-ଲାଇବ୍ରେରୀ ଓ ବିଜ୍ଞାନାଗାର ନିର୍ମାଣ, ପରିସରର ସୌନ୍ଦର୍ଯ୍ୟ ଉନ୍ନତିକରଣ ଆଦି ପାଇଁ ପଞ୍ଚାୟତ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଏହି ସବୁ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ବର୍ଷାଧିକ କାଳ ବିତିଯିବା ପରେ ବି ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନଥିବାରୁ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରୁଥିବା ଜଣାପଡ଼ିଛି। ତେଣୁ ଶିକ୍ଷା ବ୍ୟବସ୍ଥାରେ ଏହି ପ୍ରହସନ ଆଉ କେତେଦିନ ବୋଲି ଲୋକମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିତ ଭାବେ କୋମଳମତୀ ଛାତ୍ରଛାତ୍ରୀମାନଙ୍କ ଉପରେ କୁପ୍ରଭାବ ପକାଇବ। ଏଥିରେ ଦ୍ୱିମତ ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି।

## ଇନରହୁଇଲ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ




ଧର୍ମଶାଳା, ୩।୭ (ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥ ଧର୍ମଶାଳା ମହାବିଦ୍ୟାଳୟ ରାସ୍ତା ପାର୍ଶ୍ୱରେ ଇନରହୁଇଲ କ୍ଲବ୍ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି କଳ୍ପନା ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଇନରହୁଇଲ କ୍ଲବର ପୂର୍ବତନ ସଭାପତି ତଥା ସମାଜସେବୀ ମିନତୀ ସାହୁ ଯୋଗଦେଇ ବୃକ୍ଷ ଲଗାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ବଉଳ, ଆମ୍ବ, ପଣସ, ଅଶୋକ ଓ ଅଁଳା ଆଦି ୫୦ରୁ ଅଧିକ ଗଛ ଲଗାଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ପାଦକ ଉପାସନା ଶତପଥୀ, କୋଷାଧ୍ୟକ୍ଷ ବିଶ୍ୱାମିତ୍ରା ସାହୁ, ଆଇଏସଓ କଳ୍ପନା ନାୟକ, ସଦସ୍ୟା କାଦମ୍ବିନୀ ମିଶ୍ର, ପ୍ରଭାତ ନଳିନୀ ସାହୁ, କଳ୍ପନା ଖୁଣ୍ଟିଆ, ଅଜନ୍ତା ପାଣିଗ୍ରାହୀ, ଗୋଲାପ ମଞ୍ଜରୀ ପଣ୍ଡା ପ୍ରମୁଖ ଗଛ ଲଗାଇବା ସହିତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ।

# କଟକ ସିଟି





## ସିଏମ୍‌ସିର ଜଳ ନିଷ୍କାସନ ଯୋଜନା ଫେଲ୍

# ବର୍ଷାରେ ଭାସୁଛି କଟକ











**କଟକ,୩।୭(ସମିସ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ସହିତ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଯୋଗୁଁ କଟକ ସହରରେ ଦିନ ତମାମ ପ୍ରବଳ ବର୍ଷା ହୋଇଛି। ସିଏମ୍‌ସିର ଜଳ ନିଷ୍କାସନ ଯୋଜନା ଫେଲ୍ ମାରିଥିବାରୁ ବର୍ଷା ଜଳରେ ଭାସୁଛି ରୌପ୍ୟନଗରୀ। ସକାଳୁ ଆରମ୍ଭ ହୋଇଥିବା ବର୍ଷା ଦିନସାରା ଜାରି ରହିବା ଫଳରେ ସମଗ୍ର କଟକ ସହରରେ ପାଣି ପଶିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣି ଜମି ରହିଛି। ସହରର ୨ଟି ବଡ଼ ନାଳ ଏବଂ ସବ୍‌ଡ୍ରେନଗୁଡ଼ିକ ଜାମ୍ ହୋଇ ଉଛୁଳିବା ଯୋଗୁଁ ବର୍ଷା ପାଣି ସହିତ ଡ୍ରେନର ଦୂଷିତ ପାଣି ଓ ଅଳିଆ ଆବର୍ଜନା ଲୋକଙ୍କ ଘରେ ପଶିଛି। କେତେକ ସ୍ଥାନରେ ଦୋକାନ ଭିତରେ ପଶିଯାଇଛି। ଫଳରେ ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ସହରର ପ୍ରାୟ ସମସ୍ତ ପ୍ରମୁଖ ଅଞ୍ଚଳ ଯଥା ବାଲୁବଜାର, କାଜିବଜାର, ଓଡ଼ିଆ ବଜାର, ସୁତାହାଟ, ତନ୍ତିସାହି, ମେରିଆ ବଜାର, ପିଠାପୁର, ଝୋଲାସାହି, କେଶରପୁର, ମଙ୍ଗଳାବାଗ, କଲେଜ ଛକ, ବାଦାମବାଡ଼ି, ଖପୁରିଆ ଏବଂ ମଧୁପାଟଣା ଆଦି ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ତଳିଆ ବସ୍ତି ଅଞ୍ଚଳ ଏବଂ ଜନବସତିରେ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ସେହିପରି ତୁଳସୀପୁର, ବିଡ଼ାନାସୀ ଏବଂ ସିଡିଏ ଭଳି ଉଚ୍ଚା ସ୍ଥାନଗୁଡ଼ିକରେ ମଧ୍ୟ ମୌସୁମୀ ବର୍ଷା ଯୋଗୁଁ ନାହିଁ ନଥିବା ସମସ୍ୟା ଦେଖାଦେଇଛି। ପଟ୍ଟାପୋଲ ଏବଂ ସୂତାହାଟ ଭଳି ଖାଲୁଆ ସାହିରେ ରାସ୍ତାରେ ଛିଡ଼ା ହୋଇଥିବା ବାଇକ୍ ଏବଂ ସ୍କୁଟର ଗୁଡ଼ିକ ଅଧା ବୁଡ଼ି ରହିଥିବା ଦେଖିବାକୁ ମିଳିଛି। ସକାଳେ ଅଫିସ୍ ଏବଂ ବିଦ୍ୟାଳୟ ଖୋଲିବା ସମୟରେ ବର୍ଷାର ପ୍ରକୋପ ଅଧିକ ଥିବାରୁ ଯାତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଛନ୍ତି। ଅନେକ ମୋଟରସାଇକଲ ଆରୋହୀ ବର୍ଷା ଆଶ୍ରୟ ପାଇଁ ବିଭିନ୍ନ ଦୋକାନ ବାରଣ୍ଡା, ଓଭରବ୍ରିଜ୍ ଏବଂ ଫ୍ଲାଇଓଭର ତଳେ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲେ। ଏହି ଦୁର୍ଦ୍ଦଶାକୁ ନେଇ କଟକ ସହରବାସୀଙ୍କ ମଧ୍ୟରେ କଟକ ମହାନଗର ନିଗମ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାସନ ପକ୍ଷରୁ ବର୍ଷା ଦିନ ପୂର୍ବରୁ ଯେଉଁ ଡ୍ରେନ୍ ସଫା ଏବଂ ପଙ୍କୋଦ୍ଧାର କାର୍ଯ୍ୟ କରାଯିବାର ଦାବି କରାଯାଉଥିଲା, ତାହା କେବଳ କାଗଜପତ୍ରରେ ସୀମିତ ଥିଲା। ସହରର ବ୍ରାଞ୍ଚ୍ ଡ୍ରେନଗୁଡ଼ିକରେ ପ୍ଲାଷ୍ଟିକ, ପଲିଥିନ ଏବଂ ଅନ୍ୟାନ୍ୟ କଠିନ ବର୍ଜ୍ୟବସ୍ତୁ ଜମି ରହି ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଛି। ଫଳରେ ବର୍ଷା ପାଣି ନାଳ ଦେଇ ନିଷ୍କାସିତ ହେବା ପରିବର୍ତ୍ତେ ଓଭରଫ୍ଲୋ ହୋଇ ରାସ୍ତାକୁ ଭସାଉଛି। ପ୍ରତିବର୍ଷ ବର୍ଷା ଦିନ ଆସିଲେ କଟକ ସହରର ଏହି ଦେଖଣାହାରୀ ରୂପ ସାମ୍ନାକୁ ଆସୁଥିଲେ ମଧ୍ୟ ପ୍ରଶାସନର ଆନ୍ତରିକତା ଅଭାବରୁ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ ବୋଲି ସହରବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ, ସହରରେ ବର୍ଷା ଜଳ ଯୋଗୁଁ ସ୍ଥିତି ଅଣାୟତ୍ତ ହେବା ପରେ କଟକ ମହାନଗର ନିଗମ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ତତ୍ପରତା ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ତଳିଆ ଏବଂ ସବୁଠାରୁ ଅଧିକ ଜଳମଗ୍ନ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ବହୁ ସଂଖ୍ୟାରେ ହାଇ-ପାୱାର ମୋଟର ପମ୍ପ ବ୍ୟବହାର କରାଯାଉଛି। ମୁଖ୍ୟ ଡ୍ରେନଗୁଡ଼ିକରେ ସୃଷ୍ଟି ହୋଇଥିବା ଜାମ୍‌କୁ ହଟାଇବା ପାଇଁ ବିଭିନ୍ନ ସ୍ଥାନରେ ଜେସିବି ମେସିନ୍ ଲଗାଯାଇ ଆବର୍ଜନା ସଫା କରାଯାଉଛି। ସେହିପରି ସିଏମ୍‌ସିର କଣ୍ଟ୍ରୋଲ ରୁମ୍ ମଧ୍ୟ ସକ୍ରିୟ ରହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

## ୬ ଲେନ୍ ରାସ୍ତା ଓ ଗାର୍ଡୱାଲ ଭୁଶୁଡ଼ିବା ଘଟଣା

# ଠିକାଦାରଙ୍କୁ କଳା ତାଲିକାଭୁକ୍ତ କର

**କଟକ,୩।୭(ସମିସ):** ଗତକାଲି ବର୍ଷାରେ ଚହଟା ଛକରୁ ମଧୁ ସେତୁ ପର୍ଯ୍ୟନ୍ତ ନିର୍ମାଣାଧୀନ ୬ ଲେନ ବିଶିଷ୍ଟ ରାସ୍ତା ସହ କଂକ୍ରିଟ ଗାର୍ଡୱାଲ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ଆଜି କଟକ ନଗର ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଦଳର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କଟକ ଆରଆଣ୍ଡବି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ମହମ୍ମଦ

### ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଓଜେସିର ଦାବି



ସେହେବାଜଙ୍କୁ ଭେଟି ଏକ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ବେହେରା କହିଛନ୍ତି ଯେ ବହୁ ଦିନରୁ ଏହି ପ୍ରକଳ୍ପଟି ଆହେତୁକ ବିଳମ୍ବରେ ଚାଲିଥିବା ବେଳେ, ପ୍ରଥମ ବର୍ଷାରେ ହିଁ ପାଚେରି ଭୁଶୁଡ଼ିବା ଉକ୍ତ ରାସ୍ତା ନିର୍ମାଣର ଅତି ନିମ୍ନମାନର କାର୍ଯ୍ୟକୁ ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି। ଏହି ନିର୍ମାଣ ବିଫଳତାର ପ୍ରକୃତ କାରଣ ଖୋଜିବା ପାଇଁ ତୁରନ୍ତ ଏକ ନିରପେକ୍ଷ ଉଚ୍ଚସ୍ତରୀୟ କମିଟି ଗଠନ, ନିମ୍ନମାନର କାମ ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ସଙ୍ଗେ ସଙ୍ଗେ କଳା ତାଲିକାଭୁକ୍ତ କରିବା, ଉକ୍ତ ପ୍ରକଳ୍ପର ବୈଷୟିକ ଡିଜାଇନର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଓ ସରକାରୀ ଅର୍ଥର ଅପବ୍ୟୟ କରିଥିବା ସମ୍ପୃକ୍ତ ସମସ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି; ନଚେତ୍ ଆଗାମୀ ଦିନରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ଓଜେସି ମହିଳା ସଭାନେତ୍ରୀ ଶୈଳବାଳା ଜେନା, ରାଜ୍ୟ ଓଜେସି ଯୁବ ସଭାପତି ଆର୍ଯ୍ୟବୀର ଲେଙ୍କା, ଇଶରତ ଜାହାନ, ସନ୍ତୋଷ କୁମାର ପାତ୍ର, ସୁରଜିତ ସାହୁ, ସେକ ଗୁଲାମ ମୋଇଉଦ୍ଦୀନ, ରାକେଶ ମହାରଣା, ପ୍ରଭାତୀ ପଟ୍ଟନାୟକ, ସିଲା ସାହା, ମନୋରମା ପଣ୍ଡା, ରାଜଶ୍ରୀ ରାୟ, ଅନିତା ବେହେରା, ସ୍ୱାଗତିକା ମହାପାତ୍ର, ବିକ୍ରମ ବିଶ୍ୱାଳ, ବିଶ୍ୱରଞ୍ଜନ, କୁଣା ପୁଲାର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷକ ବଜାର ଦେଇ ଭାରୀ ଯାନ ଚଳାଚଳ ନିଷେଧ

**କଟକ,୩।୭(ସମିସ):** କୃଷକବଜାର ଦେଇ ସେକ୍ଟର-୬ ଓ ରିଙ୍ଗରୋଡ଼କୁ ସଂଯୋଗ କରୁଥିବା ରାସ୍ତାରେ ନିୟମିତ ଭାବେ ଭାରୀ ଯାନ ଚଳାଚଳ କରୁଥିବାରୁ ବଜାରର ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ନିକଟରେ ଏହି କାରଣରୁ ନୂଆ କରି ଲଗାଯାଇଥିବା କାଓ କ୍ୟାଚର ମଧ୍ୟ ଭାଙ୍ଗିଯାଇଛି। ଆରଏମସି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଆସନ୍ତା ଜୁଲାଇ ୧୫ ସୁଦ୍ଧା ଏହି ରାସ୍ତାରେ ଭାରୀ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହାସହ ବ୍ୟବସାୟୀ ଏବଂ ସାଧାରଣ ଜନତା ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେନେଇ ଏକ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ କେ.ଆର.ମହାପାତ୍ର ଓ ଜଷ୍ଟିସ ଭି ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି କୃଷକ ବଜାରର ସାମଗ୍ରିକ ବିକାଶ ପାଇଁ

### ଅଧିକ ସଫେଇ କର୍ମଚାରୀ ନିଯୁକ୍ତ ହେବେ

ପ୍ରସ୍ତୁତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉପରେ ଆରଏମସି, ୱାଟକୋ ଏବଂ ସିଏମ୍‌ସି ମଧ୍ୟରେ ଆଲୋଚନା ହୋଇଥିଲେ ସୁଦ୍ଧା ଏହାର କୌଣସି ବିଧିବଦ୍ଧ ବିବରଣୀ ପ୍ରସ୍ତୁତ ହୋଇନାହିଁ। ଏଣୁ ଆସନ୍ତା ୧୦ ଦିନ ମଧ୍ୟରେ ଏକ ମିଳିତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଗତ ମେ ୨୧ରୁ ସିଏମସି ସଫେଇ କାମ ବନ୍ଦ କରିଦେବା ପରେ ମାତ୍ର ଦୁଇ ଜଣ ସ୍ୱିପରଙ୍କୁ ନେଇ ଆରଏମସି କାମ ଚଳାଉଛି, ଯାହାକି ଆଦୌ ଯଥେଷ୍ଟ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଉପଜିଲ୍ଲାପାଳ କୃଷକବଜାରରେ ଅଧିକ ସଫେଇ କର୍ମଚାରୀ ନିୟୋଜିତ କରିବା ସହ ଆଉଟସୋର୍ସିଂ ମାଧ୍ୟମରେ ସଫେଇ କାର୍ଯ୍ୟ ତୁଲାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ପେଟାନାଳ ସମସ୍ୟାର ସମାଧାନ ପାଇଁ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏହାର ଷ୍ଟାଟସ ରିପୋର୍ଟ କୋର୍ଟରେ ଦାଖଲ କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୩୦ରେ ହେବ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ



**କଟକ, ୩।୭(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱରାଜ ଆଶ୍ରମଠାରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରାଙ୍କ ସମେତ ବିଚାରକ ଭାବେ ରାଜା ଅର୍ଦ୍ଧ?ନ୍ଦୁ ଶେଖର ମହାନ୍ତି, ରାଜୀବ ଷଡଙ୍ଗୀ, ବିଶ୍ୱନାଥ ମିଶ୍ର, ରଞ୍ଜନ ଲେଙ୍କା, ଜଗନ୍ନାଥ ପଣ୍ଡା, ସରୋଜିନୀ ମିଶ୍ର ଓ ଅଭିମନ୍ୟୁ ରଥ ପ୍ରମୁଖ ଯୋଗ ଦେଇଥିଲେ।

# ରଥଯାତ୍ରା ପ୍ରସ୍ତୁତିର ସ୍ଥିତି ପରଖିଲେ ମେୟର ଓ କମିସନର

**କଟକ,୩।୭(ସମିସ)**

ଆସନ୍ତା ପବିତ୍ର ରଥଯାତ୍ରାକୁ ସୁରକ୍ଷିତ, ସୁଶୃଙ୍ଖଳ ଏବଂ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ଲକ୍ଷ୍ୟରେ ଆଜି କଟକ ମହାନଗର ନିଗମର ମେୟର ସୁବାସଚନ୍ଦ୍ର ସିଂହ ଓ କଟକ ମହାନଗର ନିଗମର କମିଶନର ସ୍ଥାନୀୟ କର୍ପୋରେଟରମାନେ, ସ୍ଥାନୀୟ ପୂଜା କମିଟି ମେମ୍ବର ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ରଥଯାତ୍ରା ଆୟୋଜନସ୍ଥଳ ଓ ପାରିପାର୍ଶ୍ୱିକ ଅଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତିର ସ୍ଥିତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ରଥଯାତ୍ରା ମାର୍ଗର ରାସ୍ତାଘାଟର ଅବସ୍ଥା, ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଆଲୋକୀକରଣ, ଅସ୍ଥାୟୀ ଶୌଚାଳୟ, ବର୍ଷାଜଳ ନିଷ୍କାସନ, ବ୍ୟାରିକେଡିଂ, ଟ୍ରାଫିକ୍ ପରିଚାଳନା, ଅଗ୍ନିଶମ ଓ ଜରୁରୀକାଳୀନ ସେବା, ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ସମେତ ସମସ୍ତ ମୌଳିକ ବ୍ୟବସ୍ଥାର ଯାଞ୍ଚ କରାଯାଇଥିଲା।



ମେୟର ଶ୍ରୀ ସିଂହ କହିଥିଲେ ଯେ ରଥଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ କଟକ ସହରର ଗୌରବ ଓ ପରମ୍ପରାର ପ୍ରତୀକ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାକୁ ସମୟ ପୂର୍ବରୁ ସଂପୂର୍ଣ୍ଣ କରିବା ସହ କୌଣସି ପ୍ରକାର ଅବହେଳା ବରଦାସ୍ତ କରାଯିବ ନାହିଁ। ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କମିଶ୍ନର ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅବଶିଷ୍ଟ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ କରିବା, ରଥଯାତ୍ରା ସମୟରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ ରଖିବା, ପାନୀୟ ଜଳ ଓ ବିଦ୍ୟୁତ ସେବାରେ କୌଣସି ବ୍ୟାଘାତ ନ ଘଟିବା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଟିମ୍‌କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ କର୍ପୋରେଟରମାନେ ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମେୟର ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସ୍ଥଳରେ ହିଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କଟକ ମହାନଗର ନିଗମ ପକ୍ଷରୁ ରଥଯାତ୍ରାର ସମସ୍ତ ପ୍ରସ୍ତୁତିକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଥିବା ବେଳେ, ସହରବାସୀ ଓ ଭକ୍ତମାନଙ୍କ ସହଯୋଗରେ ଏହି ମହାନ ପର୍ବକୁ ସୁରକ୍ଷିତ, ସୁଶୃଙ୍ଖଳ ଓ ସଫଳତାର ସହିତ ସମ୍ପନ୍ନ କରିବାକୁ ମହାନଗର ନିଗମ ଆଶା ପ୍ରକାଶ କରିଛି।

# ଜାହାନପୁରରେ ବନମହୋତ୍ସବ 'ସବୁଜାୟନ' କାର୍ଯ୍ୟକ୍ରମ

ଜଗତସିଂହପୁର, ୩।୭ (ସମିସ)



ପରିବେଶ ସୁରକ୍ଷା କ୍ଷେତ୍ରରେ ବହୁବିଧ ବାସ୍ତବଧର୍ମୀ ଓ ସଚେତନତାମୂଳକ କାର୍ଯ୍ୟାବଳୀକୁ ସଫଳଭାବେ ରୂପାୟନ କରି ଆସୁଥିବା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଓ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଜାହାନପୁରରେ ୭୭ତମ ବନମହୋତ୍ସବ ପାଳନ ଅବସରରେ 'ସବୁଜାୟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟରେ ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାର ପ୍ରାରମ୍ଭରେ ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ସନ୍ତୋଷ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥିଭାବେ ବିଦ୍ୟାଳୟ ଆଲମୁନି କମିଟିର ସଦସ୍ୟ ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ, ଲୋକସଂସଦର ମୋ' ଗାଁ ଅଧ୍ୟକ୍ଷ ଅତୁଲ ବିକ୍ରମ ପ୍ରଧାନ, ମୁଖ୍ୟବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଏବଂ ମୁଖ୍ୟଅତିଥି ଭାବେ ଅଳକା ମହାବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ବୃକ୍ଷରାଜିର ଜୀବଜଗତର ସୃଷ୍ଟି, ସ୍ଥିତି ଓ ପ୍ରଗତିର ଏବଂ ସର୍ବୋପରି ଜୀବନଧାରଣ ପାଇଁ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ବିକଳ୍ପ ନାହିଁ ବୋଲି ଦର୍ଶାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର, ମେଡେଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମୌସୁମୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶିକ୍ଷକ ରାଜକିଶୋର ବେହେରା, ଶିକ୍ଷୟିତ୍ରୀ ଅଞ୍ଜଳି ନାଥ, ପିଙ୍କି ମହାକୁଡ, ମିତାଲି ବେହେରା ଏବଂ ପରିଚାଳନା କମିଟିର ସଦସ୍ୟ ଦେବରାଜ ସାହୁ, ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଆନ୍ତରିକ ସହଯୋଗ କରିଥିଲେ।

'ଉଲ୍ଲାସ' ପାଇଁ ବିଷାଦ


# ମିଳୁନି ଶିକ୍ଷକଙ୍କ ଜୁନ୍ ମାସର ଦରମା

ବାଲିକୁଦା, ୩।୭ (ସମିସ): ବାଲିକୁଦା ବ୍ଲକରେ 'ଉଲ୍ଲାସ' କାର୍ଯ୍ୟକ୍ରମର ନିର୍ଦ୍ଧାରିତ ସଂଖ୍ୟା ଲକ୍ଷ୍ୟ ପୂରଣ ନ ହେବାରୁ ଶିକ୍ଷକମାନଙ୍କ ଜୁନ୍ ମାସର ଦରମା ବିଲ୍ ମୁକ୍ତ ହୋଇନଥିବା ନେଇ ଏକ ନିର୍ଦ୍ଦେଶପତ୍ରକୁ କେନ୍ଦ୍ର କରି ଶିକ୍ଷା ମହଲରେ ଚର୍ଚ୍ଚା ଜୋର ଧରିଛି। ବାଲିକୁଦା ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକଙ୍କ ପକ୍ଷରୁ ଜାରି ହୋଇଥିବା ବାର୍ତ୍ତାରେ ଉଲ୍ଲେଖ ରହିଛି ଯେ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ୩୫୦୦ ଜଣଙ୍କୁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ସାମିଲ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାହା ଅସମ୍ପୂର୍ଣ୍ଣ ରହିଛି। ଲକ୍ଷ୍ୟ ପୂରଣ ହେବା ପରେ ହିଁ ଜୁନ୍ ମାସର ଦରମା ବିଲ୍ ମୁକ୍ତ କରାଯିବ ବୋଲି ସେଥିରେ ସ୍ପଷ୍ଟ କରାଯାଇଛି। ଏହାସହ ସିଆର୍‌ସିସି ଜ୍ଞାନରଞ୍ଜନ ସ୍ୱାଇଁ ଏବଂ ଏବିଇଓ ତଥା 'ଉଲ୍ଲାସ' ଦାୟିତ୍ୱରେ ଥିବା ଝରଣା ମହାନ୍ତିଙ୍କୁ ସମସ୍ତ ସିଆର୍‌ସିସି ଓ ସର୍ଭେୟରଙ୍କ ସହ ସମନ୍ୱୟ ରକ୍ଷା କରି ତୁରନ୍ତ ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ସିଧାସଳଖ ସମ୍ପର୍କ କରି କାର୍ଯ୍ୟ ସମ୍ପନ୍ନ କରିବାକୁ ମଧ୍ୟ କୁହାଯାଇଛି। ଏହି ନିର୍ଦ୍ଦେଶ ପରେ ବ୍ଲକର ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି। ସରକାରୀ ଯୋଜନାର ଲକ୍ଷ୍ୟ ପୂରଣ ସହ ଦରମା ବିଲ୍‌କୁ ସମ୍ପୃକ୍ତ କରାଯିବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଥିବା ବେଳେ, ଏହି ପ୍ରସଙ୍ଗରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି। ଏହା କଣ ପ୍ରାଥମିକ ଶିକ୍ଷକ ମାନଙ୍କ ମୂଳ ଦାୟିତ୍ୱ ବୋଲି ପ୍ରସଙ୍ଗ କରିଛନ୍ତି ପ୍ରାଥମିକ ଶିକ୍ଷକ। ନବଭାରତ ସାକ୍ଷରତା ଅଭିଯାନର ସରକାରୀ ଚିଠିରେ କେବଳ ପ୍ରାଥମିକ ଶିକ୍ଷକମାନଙ୍କ ସମ୍ପୃକ୍ତି କରାଇବା ନେଇ କୌଣସି ସ୍ପଷ୍ଟ ଉଲ୍ଲେଖ ନଥିବା ବେଳେ କେଉଁ ଆଧାରରେ ଜୋର ଜବରଦସ୍ତ ପ୍ରାଥମିକ ଶିକ୍ଷକମାନଙ୍କ ମୁଣ୍ଡରେ ଏହି ବୋଝ ଲଦି ଦିଆଯାଉଛି ଯାହା ବିଇଓଙ୍କ ଭୂମିକା ଉପରେ କଡ଼ା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଏହି ପ୍ରସଙ୍ଗକୁ ନେଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଶିକ୍ଷକମାନଙ୍କ ଦରମା ଏକ ସପ୍ତାହ ମଧ୍ୟରେ ନ ମିଳେ ତେବେ ଏହା ଶିକ୍ଷାଧିକରୀଙ୍କ ପ୍ରତି ମହଙ୍ଗା ସାବ୍ୟସ୍ତ ହେବ ବୋଲି କଡ଼ା ଚେତାବନୀ ଦେଇଛି ପ୍ରାଥମିକ ଶିକ୍ଷକ ସଂଘ। ଏନେଇ ବିଇଓ ବିଶ୍ୱମ୍ବର ମଲ୍ଲିକଙ୍କ ପତିକ୍ରିୟା ମିଳିପାରିନାହିଁ।

## ଆଜି ଉନ୍ମୋଚିତ ହେବ ରଘୁ ସାହୁଙ୍କ 'ବାପାଙ୍କ କାନ୍ଧ'

ପାରାଦୀପ, ୩।୭ (ସମିସ): ସମକାଳର ପରିଚିତ କଥାକାର ରଘୁ ସାହୁଙ୍କ ଚତୁର୍ଥ ଗଳ୍ପ ସଙ୍କଳନ 'ବାପାଙ୍କ କାନ୍ଧ' ଶନିବାର ପାରାଦୀପ ନେହରୁ ବଙ୍ଗଳା ଠାରେ ଉନ୍ମୋଚନ ହେବ। ଏହି ସନ୍ଧ୍ୟାକାଳୀନ ପୁସ୍ତକ ଉନ୍ମୋଚନ ଉତ୍ସବରେ କଥାକାର ଡ. ଗୌରହରି ଦାସ, କେନ୍ଦ୍ର ସାହିତ୍ୟ ଅକାଡେମୀ ପୂର୍ବାଞ୍ଚଳର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ, କବି ପିତାମ୍ବର ତରାଇ, କଥାକାର ଡ. ଅରବିନ୍ଦ ରାୟ, ବିଷ୍ଣୁ ସାହୁ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, କଥାକାର ବ୍ରହ୍ମାନନ୍ଦ ବିଶ୍ୱାଳ, ନାଟ୍ୟକାର ଶ୍ରୀମନ ମିଶ୍ର, କଥାକାର ସନ୍ତୋଷ ସାମଲ, ସାହିତ୍ୟିକ ସବିତା ମହାପାତ୍ର ଓ ପ୍ରାବନ୍ଧିକ ଡ. କେଶବ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେବେ ବୋଲି ଉକ୍ତ ଗଳ୍ପ ସଂକଳନର ପ୍ରକାଶକ ଆଦିତ୍ୟ ଭାରତର ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ ପ୍ରକାଶ କରିଛନ୍ତି।

## ମହନି ରାଉତ ବାଲିକୁଦା ବ୍ଲକ କଂଗ୍ରେସ ସଭାପତି



ଜଗତସିଂହପୁର/ବାଲିକୁଦା, ୩।୭ (ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହନି ଚରଣ ରାଉତ ନିଯୁକ୍ତି ପାଇଛନ୍ତି। ଅରିଲୋ ପଞ୍ଚାୟତର ତିନିଥର ସରପଞ୍ଚ ଏବଂ ଜୋନ-୧ର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଭାବେ ଜନସେବାର ଅଭିଜ୍ଞତା ରଖିଥିବା ଶ୍ରୀ ରାଉତ ପୂର୍ବରୁ ଜିଲ୍ଲା କଂଗ୍ରେସର ଉପସଭାପତି ଭାବେ ମଧ୍ୟ ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ। ଗତକାଲି ତାଙ୍କ ନାମକୁ ପ୍ରଦେଶ କଂଗ୍ରେସ ସଭାପତି ଘୋଷଣା କରିଛନ୍ତି ବୋଲି ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ ସୂଚନା ଦେଇଛନ୍ତି। ଏଥିସହ ଜିଲ୍ଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିରେ କଂଗ୍ରେସ ଦଳ ତାର ସଭାପତି ଚୟନ ପ୍ରକ୍ରିୟା ଶେଷ କରିଛି। ବାଲିକୁଦା, ଜଗତସିଂହପୁର ଓ କୁଜଙ୍ଗ ବ୍ଲକକୁ ବାଦଦେଲେ ଅନ୍ୟ ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିର କମିଟି ଗଠନ ହୋଇସାରିଛି। ଆଗାମୀ ଏକ ମାସ ମଧ୍ୟରେ ଅନ୍ୟ ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିରେ ଅସମ୍ପୂର୍ଣ୍ଣ ଥିବା ପଞ୍ଚାୟତ କମିଟି, ଜୋନ ସଭାପତି ଓ ବ୍ଲକ କମିଟି ଗଠନର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲା ସଭାପତି ସମସ୍ତ ସଭାପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଫ୍ରେଣ୍ଡଲି ଯୋଗ କ୍ଲବର ସମ୍ମିଳନୀ

ପାରାଦୀପ, ୩।୭ (ସମିସ): ଫ୍ରେଣ୍ଡଲି ଯୋଗ କ୍ଲବ ପାରାଦୀପ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ କପିଳମୁନି ଆଶ୍ରମ, ମଧୁବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ବିଭୂତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଏବଂ ସେମାନଙ୍କର ପରିବାରବର୍ଗ ଯୋଗ ଦେଇଥିଲେ। ଏହା ଏକ ଭାଇଚାରାର ସମ୍ପର୍କ ସୃଷ୍ଟି କରିବା ସହ ସମସ୍ତେ ସମସ୍ତଙ୍କ ପରିବାର ସହିତ ମିଶିବାର ସୁଯୋଗ ସୃଷ୍ଟି କରିଥିଲା। ଏହି ଅବସରରେ କପିଳମୁନି ଆଶ୍ରମର ତତ୍ତ୍ୱାବଧାରକ ଦୁଇଜଣ ସାଧୁ ସନ୍ଥ ନାରାୟଣ ମିଶ୍ର ଏବଂ ସନ୍ଥ ମାନସ ମିଶ୍ରଙ୍କୁ ଯୋଗ ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଥ ଦ୍ୱୟ ଯୋଗ ପରିବାରର ସମସ୍ତ ସଦସ୍ୟମାନଙ୍କୁ ଆଶୀର୍ବାଦ କରିବା ସହ କ୍ଲବର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।

## ପାରାଦୀପରେ ପଲ୍ସ ପୋଲିଓ ଅଭିଯାନ

ପାରାଦ୍ୱୀପ, ୩।୭ (ସମିସ): ଏଏମ୍/ଏନ୍‌ଏସ୍ ପୋର୍ଟସ୍ ପକ୍ଷରୁ ଭାରତ ସରକାରଙ୍କ ପଲ୍ସ ପୋଲିଓ ଅଭିଯାନକୁ ସହଯୋଗ କରାଯାଇଛି। ୨୮ ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ବିଜୁ ମେମୋରିଆଲ୍ ହସ୍ପିଟାଲ ସହଯୋଗରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଟିକାକରଣ କେନ୍ଦ୍ରଗୁଡ଼ିକୁ ଭ୍ୟାକ୍ସିନ୍ କ୍ୟାରିୟର୍ ଯୋଗାଇବା ସହ ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିଲା। ଏହି ଅଭିଯାନ ଅବଧି ମଧ୍ୟରେ, ୧୯ଟି ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ପାଞ୍ଚ ବର୍ଷରୁ କମ୍ ବୟସର ସମୁଦାୟ ୬,୫୫୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ପାରାଦୀପର ବିଜୟଚନ୍ଦ୍ରପୁର, ଷଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କି, ପାରାଦୀପ ସମୁଦ୍ର ବେଳାଭୂମି ଏବଂ ବଜାର ଅଞ୍ଚଳ ଭଳି ବିଭିନ୍ନ ବସ୍ତି ଅଞ୍ଚଳରେ ଏଏନ୍‌ଏମ୍, ଅଙ୍ଗନବାଡ଼ି କର୍ମୀ, ଆଶା ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନଗୁଡ଼ିକ ସହିତ ଏଏମ୍/ଏନ୍‌ଏସ୍ ପୋର୍ଟସର ସିଏସଆର ଟିମ୍ ନିରନ୍ତର ପରିଶ୍ରମ କରି ଏହି ଅଭିଯାନକୁ ସଫଳ କରିଥିଲେ। ପୋର୍ଟସ୍ ପକ୍ଷରୁ କମ୍ପାନୀର କନଭେୟର ବେଲ୍ଟ ଲାଇନ୍ ଅଞ୍ଚଳ ଅନ୍ତର୍ଗତ ଲକପଡ଼ା ଟ୍ରାଞ୍ଜିଟ୍ ପଏଣ୍ଟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକାର ଉପାଧ୍ୟକ୍ଷା ଛବିଳତା ରାଉତଙ୍କ ସମେତ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନେ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବସନ୍ତ କୁମାର ବାରିକ ଏବଂ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସକ ଡା. ଆସିଫ୍ ଇକବାଲ୍‌ଙ୍କ ସହ ହସ୍ପିଟାଲର କର୍ମଚାରୀ ଓ ସ୍ୱେଚ୍ଛାସେବୀ ମିଳିତ ଭାବେ ସମଗ୍ର ପଲ୍ସ ପୋଲିଓ ଅଭିଯାନର ତଦାରଖ କରିଥିଲେ।

## ଓଜେସି ସଭାପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ଜଗତସିଂହପୁର, ୩।୭ (ସମିସ): ଓଡ଼ିଶାରେ ନୂତନ ଭାବେ ଗଢ଼ି ଉଠିଥିବା ରାଜନୈତିକ ଦଳ ଓଡ଼ିଶା ଜନତା କଂଗ୍ରେସ (ଓଜେସି)ର ସଭାପତି ମହମ୍ମଦ ମୋକିମଙ୍କୁ ଜଗତସିଂହପୁର ଜିଲ୍ଲାର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ସତ୍ୟନଗର କାର୍ଯ୍ୟାଳୟରେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଜଗତସିଂହପୁର ଜିଲ୍ଲାରୁ ନୂତନ ଭାବେ ରାଜ୍ୟ ସଙ୍ଗଠନର ସମ୍ପାଦକ ଦାୟିତ୍ୱ ନେଇଥିବା ତପନ କୁମାର ରାଉତରାୟ, ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟଦୀପ ବିଶ୍ୱାଳ ଓ ଅନ୍ୟ ସଂଗଠକ ମାନଙ୍କ ସହିତ ପହଞ୍ଚି ରାଜ୍ୟ ସଭାପତିଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜିଲ୍ଲାସ୍ତରରେ ସଂଗଠନକୁ ମଜଭୁତ କରିବା ଏବଂ ଜନସାଧାରଣଙ୍କ ମନରେ ନୂତନ ଆଶାର ସଞ୍ଚାର କରିବା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଯୁବଶକ୍ତିକୁ ନେଇ ଆଗେଇବା ସହିତ ନୂତନ ପିଢ଼ିର ଯୁବକ ଯୁବତୀମାନଙ୍କୁ ନେଇ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ସାକ୍ଷାତକାର ପରିପ୍ରେକ୍ଷୀରେ ରାଜ୍ୟର ବରିଷ୍ଠ ଉପ ସଭାପତି ବଦ୍ରୀନାରାୟଣ ମହାନ୍ତି, ମଧୁ ମହାନ୍ତି, ଶ୍ରୀକାନ୍ତ ସାମନ୍ତ ରାୟ ଓ ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦର ଦୁଇ କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ପାରାଦୀପ, ୩।୭ (ସମିସ): ପାରାଦୀପ ପୋର୍ଟ କ୍ଲବ୍ ପକ୍ଷରୁ ଶଙ୍କର ଚନ୍ଦ୍ର ମଲ୍ଲିକ ଏବଂ ମନମୋହନ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା




ପ୍ରଦାନ କରାଯାଇଛି। ବ୍ଲକର ସଭାପତି ଦିଲ୍ଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉଭୟ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ସହିତ ଉପହାର ପ୍ରଦାନ କରାଯାଇଥିଲା। ଉଭୟ କର୍ମଚାରୀ ତାଙ୍କ ଚାକିରି କାଳ ମଧ୍ୟରେ ବନ୍ଦରର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସୂଚାରୁ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ପାରାଦୀପ ବନ୍ଦରର କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଦୀର୍ଘ ୨୫ ବର୍ଷ ଧରି ଆର୍ଥଲେଟିକ୍, ଫୁଟବଲ୍ ଓ ବ୍ୟାଡମିଟନ୍ ଖେଳ ପ୍ରଦର୍ଶନ କରି ସଫଳତାର ସହ ପାରାଦୀପ ବନ୍ଦର ପାଇଁ ଗୌରବର୍ଜନ କରିଛନ୍ତି। କ୍ଲବ୍‌ର ସମ୍ପାଦକ ତ୍ରିଗୁଣାତିତ୍ତ ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ବିନୟ କୁମାର ସ୍ୱାଇଁ, ପାରାଦୀପ ବନ୍ଦର ପ୍ରାଧିକରଣର ପୂର୍ବତନ ଟ୍ରଷ୍ଟି ପରେସ ମୁର୍ମୁ, ଉପସଭାପତି ସଞ୍ଜୟ କୁମାର ସେଠୀ, ସତ୍ୟଜିତ୍ ବେହେରା, ହଟ୍ଟକିଶୋର ସେଠୀ, ସହ ସମ୍ପାଦକ ଶିବ ଶଙ୍କର ମହାପାତ୍ର, ଅନୀଲ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ବିକାଶ କୁମାର ସାହୁ ଏବଂ ପୋର୍ଟ କ୍ଲବ୍‌ର ଅନ୍ୟାନ୍ୟ ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

## ନିର୍ବାହୀ ଯନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରଘୁନାଥପୁର, ୩।୭ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଉପଖଣ୍ଡ ଆର୍‌ଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ ସରକାରୀ ସେବାରୁ ଅନ୍ତର ହୋଇଛନ୍ତି। ଏହି ଉପଲକ୍ଷେ ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରଘୁନାଥପୁର, ତିର୍ତ୍ତୋଲ ଓ ବିରିଡି ବ୍ଲକ ଆରଡବ୍ଲୁଏସଏସ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ମନୋରଞ୍ଜନ ଦେହୁରୀ, ସ୍ୱାଗତିକା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଦାଶ, ପ୍ରମୋଦ କୁମାର ପରିଡ଼ା, ଚିନ୍ମୟୀ ସାହୁ, ପ୍ରତ୍ୟୁଷ ସ୍ୱାଇଁ, ପ୍ରିୟଙ୍କା ସ୍ୱାଇଁ, ଅଭିଲିପ୍ସା ଷଡଙ୍ଗୀ, ଜ୍ୟୋତ୍ସ୍ନାରାଣୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ବାହୀ ଯନ୍ତ୍ରୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସେ ତାଙ୍କ ବିଦାୟକାଳୀନ ବକ୍ତବ୍ୟରେ ଅଧିକାରୀ ଓ ଅଧସ୍ତନ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆବଶ୍ୟକ ସ୍ଥଳେ ସେ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ରଖିଥିଲେ। ଏଥିରେ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

● ରହସ୍ୟରେ ରହିଗଲା କାରଣ

## ସହପାଠୀଙ୍କୁ ଆକ୍ରମଣ ଘଟଣାର ଆପୋଷ ସମାଧାନ!

ବାଲିକୁଦା, ୩।୭ (ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତର ମାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଦ୍ୱାରା ଅନ୍ୟ ଜଣେ ସହପାଠୀଙ୍କ ବେକରେ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣା ଦୁଇ ଦିନ ପରେ ନୂଆ ପ୍ରଶ୍ନ ଉଠିଛି। ପୂର୍ବରୁ ମିଳିଥିବା ସୂଚନା ଓ ବର୍ତ୍ତମାନ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମଧ୍ୟରେ ଥିବା ଅସଙ୍ଗତିକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ବଢ଼ିଛି। ଘଟଣା ଦିନ ପ୍ରାର୍ଥନା ସଭାରେ ଘଟିଥିବା ଏହି ଘଟଣାକୁ ନେଇ ସ୍ପଷ୍ଟ କାରଣ କିଛି ଜଣାପଡ଼ିନି। ସେତେବେଳେ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଦେବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବନିତା ଦାସ ପରବର୍ତ୍ତୀ ସମୟରେ ସୂଚନା ଦେବେ ବୋଲି କହିଥିଲେ। ଏବେ ଦୁଇ ଦିନ ପରେ ପ୍ରଧାନ ଶିକ୍ଷୟିତ୍ରୀ ବନିତା ଦାସ କହିଛନ୍ତି ଯେ କେଉଁ ଧାରୁଆ ଅସ୍ତ୍ରରେ ଓ କେଉଁ କାରଣରୁ ଛାତ୍ର ଆକ୍ରମଣ କଲେ, ସେ ସମ୍ପର୍କରେ ସେ ଅବଗତ ନାହାନ୍ତି। ଉଭୟ ଛାତ୍ର ଭଲ ସାଙ୍ଗ ଥିଲେ ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁସାରେ ଆହତ ଛାତ୍ରଙ୍କୁ ସତର୍କତାମୂଳକ ଭାବେ ଚିକିତ୍ସା ପାଇଁ ମେଡିକାଲ ନିଆଯାଇଥିଲା। ଉଭୟ ପରିବାର ମଧ୍ୟରେ ଏହାକୁ ନେଇ ଆପୋଷ ସମାଧାନ ହୋଇଯାଇଛି। ଘଟଣା ପରେ ବାଲିକୁଦା ଥାନା ପକ୍ଷରୁ କୁହାଯାଇଥିଲା ଯେ ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ମିଳିନଥିବାରୁ ମାମଲା ରୁଜୁ ହୋଇନାହିଁ। ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି ପୁଲିସ ସ୍ପଷ୍ଟ କରିଥିଲା। ଏହି ପ୍ରସଙ୍ଗରେ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର କହିଛନ୍ତି ଯେ ସେ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଅବଗତ ନଥିଲେ। ତେବେ ଘଟଣାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଏହାର ଆପୋଷ ସମାଧାନ ଘଟଣରାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି।

● ଡ୍ରେନ୍ ଉପରେ ବେଆଇନ୍ ଘର ନିର୍ମାଣ

## ଅସରାଏ ବର୍ଷାରେ ଉବୁଟୁବୁ ହେଉଛି ଅଞ୍ଚଳ

ପାରାଦୀପ, ୩।୭ (ସମିସ): ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ ଅଧୀନ ୬ ନମ୍ବର ୱାର୍ଡରେ ବେଆଇନ ଭାବେ ଜବର ଦଖଲ ବଢ଼ି ଚାଲିଛି। ଲୋକେ ଡ୍ରେନ୍ ଉପରେ ବେଆଇନ ଘର ନିର୍ମାଣ କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅସୁବିଧାରେ ପକାଉଛନ୍ତି। ଅସରାଏ ବର୍ଷା ହେଲେ ଜଳାଜୀର୍ଣ୍ଣ ହୋଇପଡୁଛି ଅଞ୍ଚଳ। ଇଡ୍‌କୋ ଡ୍ରେନ ଉପରେ ଏହି ବେଆଇନ ଭାବରେ ଘର ନିର୍ମାଣ ହୋଇଥିବା କାରଣରୁ ଡ୍ରେନରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବା ଫଳରେ ଅସରାଏ ବର୍ଷା ହେଲେ ଏହି ଅଞ୍ଚଳରେ ପାଣି ଲହଡି ଖେଳୁଛି। ଯାହାକୁ ନେଇ ଯେତେ ଅଭିଯୋଗ କଲେବି କିଛି ସୁଫଳ ମିଳୁନାହିଁ। ସୂଚନା ଅନୁଯାୟୀ ପାରାଦୀପ ଗଡ଼ ଗ୍ରାମପଞ୍ଚାୟତର ୬ ନମ୍ବର ୱାର୍ଡ ସତ୍ୟପ୍ରିୟା ଆଇସ ପ୍ଲାଣ୍ଟ ନିକଟରେ କିଛି ଲୋକ ବେଆଇନ ଭାବରେ ଇଡ୍‌କୋ ଡ୍ରେନେଜ ଉପରେ ନିଜର ଘର ତିଆରି କରିଛନ୍ତି। ଯାହା ଫଳରେ ବର୍ଷାଜଳ ନିଷ୍କାସନର ପ୍ରମୁଖ ରାସ୍ତା ପାଲଟିଥିବା ଏହି ଡ୍ରେନ୍ ପୋତିହୋଇଯିବା ଫଳରେ ବର୍ଷା ଦିନ ଆସିଲେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ସ୍ଥାନୀୟ ପଞ୍ଚାୟତ ଅଧିକାରୀ, ସରପଞ୍ଚଙ୍କ ସହିତ ବିଭିନ୍ନ ଦପ୍ତରରେ ଅଭିଯୋଗ କରିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଚଳିତ ବର୍ଷର ବର୍ଷା ଆସିବା ପୂର୍ବରୁ ଅସରାଏ ଦୁଇ ଅସରା ବର୍ଷା ହେଲେ ଏହି ଅଞ୍ଚଳ ପୋଖରୀ ସଦୃଶ ପାଲଟୁଛି। ଯାହାକୁ ନେଇ ଇଡ଼କୋ ଅଧିକାରୀଙ୍କୁ ଯେତେ ଅଭିଯୋଗ ଜଣାଇଲେ ମଧ୍ୟ ଏହାର କିଛି ସୁଫଳ ମିଳିପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଯଦି କେହି ଏ ନେଇ ପ୍ରତିବାଦ କରୁଛି ତେବେ ବେଆଇନ ଘର ନିର୍ମାଣ କରିଥିବା ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ଯଥାଶୀଘ୍ର ଇଡ୍‌କୋ କର୍ତ୍ତୃପକ୍ଷ ଏ ନେଇ ଦୃଷ୍ଟି ଗୋଚର କରିବା ସହିତ ଜବରଦଖଲ ଡ୍ରେନେଜ ଲାଇନ୍‌କୁ ଖୋଲିବାକୁ ସାଧାରଣ ରେ ଦାବି ଜୋର ଧରିଛି।

# ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ଜଗତସିଂହପୁର, ୩।୭ (ସମିସ)



ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ୪ ଗୋଟି ବିଭାଗ ବକ୍ତୃତା, ପ୍ରବନ୍ଧ, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଦୁଇଗୋଟି ବିଭାଗ କନିଷ୍ଠ ବର୍ଗ ('କ') ଓ ବରିଷ୍ଠ ବର୍ଗ ('ଖ') ରେ ଅନୁଷ୍ଠିତ ହୋଇଥିଲା। 'କ' ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗତସିଂହପୁରର ଷଷ୍ଠ ଶ୍ରେଣୀ ଛାତ୍ରୀ ଦିବ୍ୟାଂଶୀ ନାୟକ ବକ୍ତୃତାରେ, ନରେନ୍ଦ୍ରନାଥ ଉପ୍ରା ବିଦ୍ୟାଳୟ, ପୁନଙ୍ଗ ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଣତୀ ଭୋଇ ପ୍ରବନ୍ଧରେ, ସରସ୍?ତୀ ଶିଶୁ ବିଦ୍ୟା ମନ୍ଦିର, ଚାଷୀଖଣ୍ଡର ସପ୍ତମ ଶ୍ରେଣୀର ଛାତ୍ରୀ ଭୂମିଜା ରଥ କବିତା ଆବୃତ୍ତିରେ, ସରକାରୀ ଉପ୍ରା ବିଦ୍ୟାଳୟ, ଆଶ୍ରମପଟଣାର ସପ୍ତମ ଶ୍ରେଣୀ ଛାତ୍ର ଓମକାର ଦାଶ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି 'ଖ' ବିଭାଗରେ ଗାଦିବ୍ରହ୍ମ ବିଦ୍ୟାପୀଠ, କାଦୁଆପଡ଼ାର ଦଶମ ଶ୍ରେଣୀ ଛାତ୍ର ଭକ୍ତିପ୍ରସାଦ ପରିଡ଼ା ବକ୍ତୃତାରେ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆମ୍ବଶାଳର ଦଶମ ଶ୍ରେଣୀର ଛାତ୍ରୀ ସମୀକ୍ଷା ରାଉତ ପ୍ରବନ୍ଧରେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋରକରାର ଅଷ୍ଟମ ଶ୍ରେଣୀ ଛାତ୍ରୀ ମୌସିମ୍ ମହାନ୍ତି କବିତା ଆବୃତ୍ତିରେ, ବଟବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପାଟେଣୀଗାଁର ଦଶମ ଶ୍ରେଣୀ ଛାତ୍ର ପ୍ରତୀକ ଗୌରବ ନାୟକ, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା କନିଷ୍ଠ ବର୍ଗର ଛାତ୍ରଛାତ୍ରୀ ଆସନ୍ତା ୧୨ ତାରିଖ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀ ୧୯ ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ଏକତ୍ରିତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସ୍ୱନକ୍ଷତ୍ର ଦିବସ ୨୫ ତାରିଖ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ଆଜି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସୁକାନ୍ତ କିଶୋର ରାୟ, ନିକୁଞ୍ଜ କିଶୋର ବେହେରା, ଡ. ଜ୍ୟୋତିର୍ମୟୀ ମହାନ୍ତି, ନଗେନ ପଣ୍ଡା, ବିଜୟ କୁମାର ରଥ, ସାଗରମୟ ସ୍ୱାଇଁ, କୈଳାଶ ଚନ୍ଦ୍ର ପରିଡ଼ା, ଉମାକାନ୍ତ ନାୟକ, ଶରତ ଚନ୍ଦ୍ର ବାରିକ, ପ୍ରତାପ କେଶରୀ ମହାପାତ୍ର, ଅତୁଲ ବିକ୍ରମ ପ୍ରଧାନ ଓ ସୁକାନ୍ତ କୁମାର ଲେଙ୍କା ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ଶେଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ସମ୍ବିତ କୁମାର ରାଉତ ମୁଖ୍ୟ ଅତିଥି ଏବଂ ଜିଲ୍ଲା ଆପାତକାଳୀନ ବିଭାଗର ଡେପୁଟୀ କଲେକ୍ଟର, ଅନିଶା ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ଭୁବନେଶ୍ୱର ସିଟି



# ସାରାଦିନ ବର୍ଷାରେ ଭିଜିଲା ରାଜଧାନୀ

ଭୁବନେଶ୍ୱର, ୩।୭(ସମିସ): ମୌସୁମୀ ବର୍ଷାରେ ଆଜି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷାର ପ୍ରକୋପ ଦେଖିବାକୁ ମିଳିଥିଲା। ବିଶେଷକରି ରାଜଧାନୀର ତଳି ଅଞ୍ଚଳର ସମେତ ବିଭିନ୍ନ ବସ୍ତିରେ ପାଣି ଜମିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ପ୍ରଭାବରେ ଭୁବନେଶ୍ୱରରେ ବିଭିନ୍ନ ଛକବଜାରରେ ଆଜି ଭିଡ଼ କମ୍ ଥିବା ବେଳେ ଏକନମ୍ବର ହାଟ ସମେତ ବିଭିନ୍ନ ପରିବାର ହାଟ ଖାଁ ଖାଁ ପରିଲକ୍ଷିତ ହୋଇଥିଲା। ବର୍ଷା ପ୍ରଭାବରେ ଭୁବନେଶ୍ୱର ସହରରେ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ମଧ୍ୟ ପାଣି ଜମି ରହିଥିଲା। ରାଜମହଲ, ମାଷ୍ଟରକ୍ୟାଣ୍ଟିନ୍, ସିଆର୍‌ପି ଆଦି ଅଞ୍ଚଳରେ ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ସାଙ୍ଗକୁ ପବନ ହେବାରୁ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିଲା।





## ଉତ୍ତରା ରାସ୍ତା ଉପରେ ଉପୁଡ଼ିଲା ଗଛ

● ଦୁଇ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ

ଧଉଳି ୩।୭(ସମିସ): ବର୍ଷା ପ୍ରଭାବରେ ଆଜି ସରଦେଇପୁର-ନିମାପଡ଼ା ରାସ୍ତା ଉତ୍ତରା ଛକରେ ଏକ ବର ଓ ଓସ୍ତ ଗଛ ଉପୁଡି ପଡ଼ିଥିଲା। ଫଳରେ ବାଳକାଟି, ବାଲିପାଟଣା ଏବଂ ଭୁବନେଶ୍ୱର ପାର୍ଶ୍ୱରୁ ଆସୁଥିବା ଯାନବାହାନ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ହୋଇଥିଲା। ଏପରିକି ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଖବରପାଇ ଧଉଳି ଥାନା ଏବଂ ବାଳକାଟି ଫାଣ୍ଡି ପୁଲିସ ଟ୍ରାଫିକ ସମସ୍ୟା ସ୍ୱାଭାବିକ କରିଥିଲେ। ପରେ ବାଲିଅନ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ ସାହାଯ୍ୟରେ ଡାଳଗୁଡିକ କାଟି ରାସ୍ତା ସଫା କରିଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରକାଶଥାଉକି ବାଳକାଟି ଏବଂ ଏହାର ଆଖପାଖ ଅଞ୍ଚଳରେ ଆଜି ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲେ ମଧ୍ୟ ଅପରାହ୍ନ ପ୍ରାୟ ୩ ଟାରେ ଯୋରରେ ବର୍ଷା ହୋଇଥିଲା। ଫଳରେ ଉତ୍ତରା ଛକ ବାଲିଘାଟ ଗଡ଼ା ନିକଟରେ ଦୀର୍ଘବର୍ଷର ଏକ ବିରାଟକାୟ ବର ଓ ଓସ୍ତ ଗଛ ଉପୁଡି ପଡ଼ିଥିଲା। ଗଛଟି ଉପୁଡି ଯାଇ ରାସ୍ତା ଓ ବିଦ୍ୟୁତ ତାର ଉପରେ ପଡ଼ିଯାଇଥିଲା। ଫଳରେ ବିଦ୍ୟୁତ ସରବରାହ ବ୍ୟାଘାତ ଦେଖାଯିବା ସହ ଯାତାୟାତ ଠପ ହୋଇଯାଇଥିଲା। ପରେ ସ୍ଥାନୀୟ ବଜାର ବ୍ୟବସାୟୀ ଏବଂ ବାଲିଅନ୍ତା ଅଗ୍ନିଶମ ବାହିନୀ ରାସ୍ତା ସଫା କରିଥିଲେ।



## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ



ଭୁବନେଶ୍ୱର, ୩।୭ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଲାଠି ଓ କାଚ ବୋତଲାରେ ଆକ୍ରମଣ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୁଲିସ ବି. ବୈରାଗୀ ରେଡ୍ଡୀ ନାମକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନିଜ ସହଯୋଗୀଙ୍କ ସହିତ ମିଶି ଦୋକାନ ନିକଟରେ ପହଞ୍ଚି ଲାଠି ଏବଂ କାଚ ବୋତଲ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତ ବି. ବୈରାଗୀ ରେ‡ୀଙ୍କ ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚରୁ ସେ ଆଗରୁ ଇନ୍ଫୋସିଟି ଥାନାର ଦୁଇଟି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଶିଖରଚଣ୍ଡୀ ନଗର ଅନ୍ତର୍ଗତ ପ୍ଲଟ ନମ୍ବର-୧୦୮୨ ରେ ପରିବାର ସହ ରୁହନ୍ତି। ତାଙ୍କ ପୁଅ ସଞ୍ଜୟ ମଣ୍ଡଳ ଏବଂ ଅଭିଯୁକ୍ତ ବି. ବୈରାଗୀ ରେ‡ୀଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଆସିଛି। ଗତ ୧ ତାରିଖରେ ପୁଅ ସଞ୍ଜୟ ଜଣେ ସହଯୋଗୀଙ୍କ ସହ ବଙ୍ଗାଳୀ ସାହି ଠାରେ ଥିବା ନିଜ ଦୋକାନରେ ବସିଥିବା ବେଳେ, ଅଭିଯୁକ୍ତ ବୈରାଗୀ ପୂର୍ବ ବିବାଦକୁ କେନ୍ଦ୍ରକରି ନିଜ ସହଯୋଗୀଙ୍କ ସହିତ ମିଶି ଦୋକାନ ନିକଟରେ ପହଞ୍ଚି ଲାଠି ଏବଂ କାଚ ବୋତଲ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସଞ୍ଜୟ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାକୁ କେନ୍ଦ୍ରକରି ଅଭିଯୁକ୍ତମାନଙ୍କ ବିରୋଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଅଭିଯୋଗକାରିଣୀ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଶିଖରଚଣ୍ଡୀ ନଗର ଛକ ନିକଟରେ ଚଢଉ କରିବା ସହ ଅଭିଯୁକ୍ତ ବି. ବୈରାଗୀଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

## ନାବାଳକଙ୍କୁ ଅପହରଣ; ୪ ଗିରଫ



■ ସ୍ପେଶାଲ ସ୍କ୍ୱାଡ ବୋଲି ପରିଚୟ ଦେଇ, ୨୦ ହଜାରରେ ମୁଣ୍ଡ ଜାମିନ
■ ମାଡ଼ ମାରି ଟଙ୍କା ଲୁଟି ନେଇଥିଲେ

ଭୁବନେଶ୍ୱର, ୩।୭ (ସମିସ): ସହିଦନଗର ଥାନା ଅଞ୍ଚଳରେ ବିରିୟାନୀ ଖାଉଥିଲା ବେଳେ ଜଣେ ନାବାଳକଙ୍କୁ ଅପହରଣ କରି ନିଆଯାଇଥିଲା। ବ୍ରାଉନ୍‌ସୁଗର ଆଣି ଦେବାକୁ ମନା କରିବାରୁ ପ୍ରଥମେ ତାଙ୍କ ଠାରୁ ଲୁଟ୍ କରାଗଲା। ପରେ ତାଙ୍କୁ ଅପହରଣ କରି ଏକ ଅଟୋ ଭିତରେ ବନ୍ଧକ ରଖାଗଲା। ଅପହୃତାଙ୍କୁ ଛାଡିବାକୁ ମାତ୍ର ୨୦ହଜାର ଟଙ୍କା ମୁଣ୍ଡ ଜାମିନ୍ ରଖିଥିଲେ ଅପହରଣକାରୀ। ହେଲେ ପୁଲିସ ନାବଳକଙ୍କୁ ଉଦ୍ଧାର କରିବା ସହ ଏହି ମାମଲାରେ ମାନସ ସିଂ ଓରଫ ମଣିଆ, ମିଟୁ ନାୟକ ଓରଫ ମିଟୁ, ମାନସ ରଞ୍ଜନ ସ୍ୱାଇଁ ଓ ରାଜେଶ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ସମସ୍ତ ଅଭିଯୁକ୍ତ ୨୦ରୁ ୩୬ ବର୍ଷ ମଧ୍ୟରେ ରହିଛି। ଏପରିକି ଅପହରଣ ବେଳେ ସେମାନେ ନିଜକୁ ସ୍ପେଶାଲ ସ୍କ୍ୱାର୍ଡ ପୁଲିସ ଅଧିକାରୀ ବୋଲି ପରିଚୟ ଦେଇଥିଲେ।

ପୁଲିସ ସୂଚନା ମୁତାବକ, ନାବାଳକଙ୍କ ଜଣଙ୍କ ବସ୍ତିରେ ରୁହନ୍ତି। ସେ ବିରିଆନି ଖାଇବାକୁ ଆସିଥିଲେ। ପୁଲିସ୍ ଦ୍ୱାରା ଗିରଫ ୪ ଅଭିଯୁକ୍ତଙ୍କୁ ପ୍ରଥମେ ତାଙ୍କ ପାଖକୁ ଆସି ବ୍ରାଉନ୍‌ସୁଗର ଆଣିବାକୁ ପଠାଇଥିଲେ। ସେ ମନା କରିବାରୁ ତାଙ୍କ ଭଉଣୀ ପାଖରୁ ବ୍ରାଉନ୍‌ସୁଗର ଆଣିବାକୁ କହିଥିଲେ। ନାବାଳକ ଏହାକୁ ପ୍ରତିରୋଧ କରିଥିଲେ। ପାଲଟା ପ୍ରଶ୍ନ କରିଥିଲେ ଯେ, ମୋ ଭଉଣୀ କଣ ବ୍ରାଉନ୍‌ସୁଗର ବ୍ୟବସାୟୀ କି? ଏତିକିରେ ୪ଅଭିଯୁକ୍ତ ବିଗିଡ଼ି ଯାଇଥିଲେ। ପ୍ରଥମେ ନାବାଳକଙ୍କୁ ମାଡ଼ ମାରିବା ସହ ତାଙ୍କ ଠାରୁ ୧୮ଶହ ଟଙ୍କା ଲୁଟି ନେବା ସହ ମୋଟର ସାଇକେଲରେ ନେଇ ନିର୍ଯାତନା ଦେଇଥିଲେ। ପରେ ଅପହରଣ କରି ନେଇ ନାବାଳକଙ୍କୁ ଏକ ଅଟୋରେ ବସାଇ ଭିଏସଏସ୍ ନଗରର ତାରିଣୀ ବସ୍ତିକୁ ନେଇଥିଲେ। ସେହି ଅଟୋରେ ତାଙ୍କୁ ବନ୍ଧକ ରଖାଯାଇଥିଲା। ଜବରଦସ୍ତି ତାଙ୍କ ଭଉଣୀଙ୍କୁ ଫୋନ୍ କରାଇ ୨୦ ହଜାର ଟଙ୍କା ମୁଣ୍ଡ ଜାମିନ ଦାବି କରିଥିଲେ। ଟଙ୍କା ନଦେଲେ ନାବାଳକଙ୍କୁ ହତ୍ୟା କରି ମୃତଦେହ ଫିଙ୍ଗି ଦେବାକୁ ଧମକ ମଧ୍ୟ ଦେଇଥିଲେ। ଅଭିଯୋଗ ପରେ ସହିଦନଗର ଥାନା ପୁଲିସ ତୁରନ୍ତ ଚଢ଼ାଉ କରି ନାବାଳକଙ୍କୁ ଉଦ୍ଧାର କରିଥିଲା।

## ଦୁଇ ଅଭ୍ୟାସଗତ ଅପରାଧୀ ଗିରଫ; ୩ ଦୁଇଚକିଆ ଯାନ ଜବତ



ଭୁବନେଶ୍ୱର, ୩।୭ (ସମିସ): ବାଇକ୍ ଚୋରି ଅଭିଯୋଗରେ ତମାଣ୍ଡୋ ଥାନା ପୁଲିସ ଦୁଇ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପିଣ୍ଟୁ ପ୍ରଧାନ ଏବଂ ଫାରୁକ୍ ଖାଁ। ସେମାନଙ୍କ ଠାରୁ ୩ଟି ମୋଟର ସାଇକେଲ୍ ଏବଂ ୩ମୋବାଇଲ ଫୋନ୍ ଜବତ କରାଯାଇଛି। ପିଣ୍ଟୁ ପ୍ରଧାନ ଓରଫ କାହ୍ନାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୬ଟି ଓ ଫାରୁକ ଖାଁଙ୍କ ନାମରେ ୧୪ଟି ଭିନ୍ନ ଅପରାଧିକ ମାମଲାମାନ ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ତମାଣ୍ଡୋ ଥାନା ଅନ୍ତର୍ଗତ ନରଗଡ଼ା, ସୁବୁଦ୍ଧିପୁର ଅଞ୍ଚଳରେ ରୁହନ୍ତି। ସେ ତମାଣ୍ଡୋସ୍ଥିତ ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଥିବା ତାଙ୍କ ମାମୁ ଘରକୁ ଯାଇଥିଲେ। ମାମୁଁ ଘର ସମ୍ମୁଖରେ ନିଜ ୟାମାହା ମୋଟରସାଇକେଲକୁ ପାର୍କିଂ କରିଥିବା ବେଳେ କୌଣସି ଦୁର୍ବୃତ୍ତ ସେଠାରୁ ତାଙ୍କର ମୋଟରସାଇକେଲକୁ ଚୋରିକରି ନେଇଯାଇଥିଲେ। ତଦନ୍ତ ସମୟରେ ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ତପୋବନ ବସ୍ତିରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହ ଛାନଭିନ କରି ଉଭୟଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ଚୋରିଯାଇଥିବା ମୋଟରସାଇକେଲ ସହିତ ଅନ୍ୟ ଏକ ଚୋରା ସ୍କୁଟି ଏବଂ ୩ଟି ମୋବାଇଲ ଫୋନ ଜବତ କରିଥିଲେ।

## ଦୋକାନରୁ ମୋବାଇଲ୍ ଚୋରି; ୨ ଗିରଫ





ଭୁବନେଶ୍ୱର, ୩।୭(ସମିସ): ଗ୍ରାହକ ବେଶରେ ଆସି ମୋବାଇଲ ମୋବାଇଲ ଦୋକାନରୁ ଫୋନ୍ ଚୋରି ଅଭିଯୋଗରେ ସହିଦ ନଗର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୌମ୍ୟ ରଞ୍ଜନ ଏବଂ ସାଇ ଶଙ୍କର ନାୟକ। ଏମାନଙ୍କ ଠାରୁ ୨ଟି ମୋବାଇଲ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତକାଲି ଦିନ ପ୍ରାୟ ୨.୪୫ ସମୟରେ ଅଭିଯୋଗକାରୀ ଭୁବନେଶ୍ୱର, ସହିଦନଗରସ୍ଥିତ ଏମ୍ପାୟାର ହୋଟେଲ ସମୁଖରେ ଥିବା ତାଙ୍କର ମୋବାଇଲ୍ ଫୋନ୍ ଦୋକାନରେ ଉପସ୍ଥିତ ଥିଲେ। ସେହି ସମୟରେ ଜଣେ ଅଜଣା ବ୍ୟକ୍ତି ଗ୍ରାହକ ସାଜି ଦୋକାନକୁ ଆସି ବିଭିନ୍ନ ମୋବାଇଲ୍ ଫୋନ୍ ଦେଖାଇବାକୁ କହିଥିଲେ। ଯାଞ୍ଚ କରିବା ପରେ ସେ ଏକ ମୋବାଇଲ୍ ଫୋନ୍ ପସନ୍ଦ କରିଥିଲେ। ଏହି ସମୟରେ ଅଭିଯୋଗକାରୀଙ୍କ ନଜର ଆଢୁଆଳର ସୁଯୋଗ ନେଇ, ବ୍ୟକ୍ତି ଜଣକ ହଠାତ୍ ଉକ୍ତ ମୋବାଇଲ୍ ଫୋନ୍ ଧରି ଦୋକାନର ଗେଟ୍ ଖୋଲି ପଳାଇ ଯାଇଥିଲେ। ଅଭିଯୋଗକାରୀ ତାଙ୍କୁ ପିଛା କରି ବାହାରକୁ ଯିବାବେଳେ ଦେଖିଥିଲେ ଯେ, ଅନ୍ୟ ଜଣେ ଅଜଣା ବ୍ୟକ୍ତି ଏକ ପଲସର୍ ମୋଟରସାଇକେଲ୍‌ରେ ସହଯୋଗୀ ଭାବେ ଅପେକ୍ଷା କରିଥିଲେ। ପ୍ରଥମ ବ୍ୟକ୍ତି ତୁରନ୍ତ ମୋଟରସାଇକେଲ୍‌ରେ ବସିଥିଲେ। ଉଭୟେ ଦ୍ରୁତ ଗତିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ନାବାଳିକାଙ୍କୁ ଅସଦାଚରଣ; ମହିମା ବାବାଙ୍କୁ ୫ ବର୍ଷ ଜେଲ୍

ଭୁବନେଶ୍ୱର, ୩।୭ (ସମିସ): ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାର ବିଚାରକରି ଶୁକ୍ରବାର ପୋକସୋ ସ୍ୱତନ୍ତ୍ର ଜଜ୍-କମ୍-ଅତିରିକ୍ତ ସେସନ୍ସ ଜଜ ଶୁଭଞ୍ଜିନ ମହାନ୍ତି ଅଭିଯୁକ୍ତ ମହିମା ବାବା ଅମର ଦାସକୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଦୋଷୀ ସାବ୍ୟସ୍ତ ଅମରଙ୍କୁ ୨୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଜଣଙ୍କ ଅଧିକ ୬ ମାସ ଜେଲରେ ରହିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏନେଇ ୨୦୨୫ ମସିହା ଅକ୍ଟୋବର ମାସରେ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତ ସବ-ଇନ୍ସପେକ୍ଟର ଭ୍ରମରାଜ ପଟେଲ କରିବା ସହ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ ଦାଖଲ କରିଥିଲେ। ଏତଦ୍ ବ୍ୟତୀତ ଅଦାଲତ ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୧ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଲାଗି ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁବ୍ରତ ପ୍ରିୟଦର୍ଶୀ ସଫଳତାର ସହ ପରିଚାଳନା କରିଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣା କ୍ଷତିପୂରଣ ଟଙ୍କା ନ ଦେବାରୁ ଲୁଟ୍

ଭୁବନେଶ୍ୱର, ୩।୭ (ସମିସ): ନୂଆପଲ୍ଲୀ ଥାନା ଫାୟାର ଷ୍ଟେସନ ଅଞ୍ଚଳରେ ଜଣେ ଅଟୋ ଚାଳକ ଏବଂ ସ୍କୁଟି ଆରୋହୀଙ୍କ ମଧ୍ୟରେ ସାମାନ୍ୟ ଦୁର୍ଘଟଣା ଘଟିଥିଲା। ଅଟୋ ଚାଳକ କ୍ଷତିପୂରଣ ଟଙ୍କା ଦାବି କରିଥିଲା। ହେଲେ କ୍ଷତିପୂରଣ ଟଙ୍କା

### ଅଟୋ ଜବତ; ଚାଳକ ଗିରଫ

ଦେବାକୁ ସ୍କୁଟି ଆରୋହୀଙ୍କ ଅରାଜି ହେବାରୁ ଅଟୋ ଚାଳକ ଜଣଙ୍କ ତାଙ୍କ ଠାରୁ ଟଙ୍କା ଏବଂ ମୋବାଇଲ ଲୁଟ୍ କରିଥିଲେ। ଏହାପରେ ପୁଲିସ ହାତରେ ଧରାପଡ଼ି ଗିରଫ ହୋଇ ଜେଲ ଯାଇଛନ୍ତି। ଗିରଫ ଅଟୋ ଚାଳକ ଜଣଙ୍କ ହେଲେ ରାଜା ଦାସ। ତାଙ୍କ ଠାରୁ ଏକ ଅଟୋ ଏବଂ ମୋବାଇଲ ଫୋନ୍ ଜବତ ହୋଇଛି।



ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ତାଙ୍କ ଟିଭିଏସ ସ୍କୁଟି ଯୋଗେ ଫାୟାର ଷ୍ଟେସନ୍ ଛକରୁ ଡେଲ୍ଟା ଅଭିମୁଖେ ଯାଉଥିବା ବେଳେ ଫାୟାର ଷ୍ଟେସନ୍ ଓଭର ବ୍ରିଜ୍ ତଳେ ଏକ ସାମାନ୍ୟ ସଡ଼କ ଦୁର୍ଘଟଣା ଘଟିଥିଲା। ତାଙ୍କ ସ୍କୁଟିଟି ଏକ ଯାତ୍ରୀବାହୀ ଅଟୋରିକ୍ସାର ପଛପଟ ସହ ଧକ୍କା ହେବାରୁ ଅଟୋର ପଛ ସେଫ୍ଟି ରଡ୍‌ରେ ସାମାନ୍ୟ କ୍ଷତି ଘଟିଥିଲା। ଏହାପରେ ଉକ୍ତ ଅଟୋରିକ୍ସା ଚାଳକ ଏବଂ ତାଙ୍କ ପତ୍ନୀ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କ୍ଷତିପୂରଣ ବାବଦକୁ ୨, ୦୦୦ ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କ ପକେଟ୍‌ରେ ଟଙ୍କା ଖୋଜିଥିଲେ। ପକେଟ୍‌ରେ ଟଙ୍କା ନ ପାଇବା ପରେ, ଅଟୋରିକ୍ସା ଚାଳକ ବଳପୂର୍ବକ ଅଭିଯୋଗକାରୀଙ୍କ ପକେଟ୍‌ରୁ ଜୋରଜବରଦସ୍ତ ମୋବାଇଲ ଫୋନ୍‌ଟିକୁ କାଢ଼ି ନେଇଯାଇଥିଲେ। ଅଭିଯୋଗକାରୀ ତାଙ୍କ ମୋବାଇଲ ଫୋନ୍ ଫେରାଇବାକୁ ଅନୁରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇ ମୋବାଇଲ ଫୋନ୍‌ଟି ସହ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏନେଇ ସେ ଥାନାରେ ଲିଖିତ ଆକାରରେ ଜଣାଇ ଥିଲେ। ତଦନ୍ତ ସମୟରେ ପୁଲିସ ଏକ ବିଶ୍ୱସ୍ତ ସୂତ୍ର ଆଧାରରେ ଜୟଦେବବିହାର ଛକ ନିକଟରେ ଚଢଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ସମ୍ପୃକ୍ତ ଅଟୋ ଏବଂ ଅଭିଯୋଗକାରୀଙ୍କ ଲୁଟ ମୋବାଇଲ ଫୋନକୁ ଜବତ କରିଥିଲା।

### ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣର ପର୍ଦ୍ଦାଫାସ

## କିଙ୍ଗପିନ୍ ସମେତ ୪ ଗିରଫ, ୫୦ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, ୩।୭ (ସମିସ): ସଂଗଠିତ ନିଶା କାରବାର ବିରୋଧରେ ଏସ୍‌ଟିଏଫ୍, କ୍ରାଇମବ୍ରାଞ୍ଚକୁ ବଡ଼ ସଫଳତା ମିଳିଛି। ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ଚକ୍ରର ପର୍ଦ୍ଦାଫାସ କରି କିଙ୍ଗପିନ୍ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୫୦.୫ କେଜିର ଗଞ୍ଜେଇ, ୪ଟି ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏସ୍‌ଟିଏଫ୍ ସୂଚନା ଅନୁସାରେ, ବଡ଼ଗଡ଼ ଥାନା ଅନ୍ତର୍ଗତ ପାଣ୍ଡବ ନଗରର ଏକ ଭଡ଼ାଘରେ ବିପୁଳ ପରିମାଣର ଗଞ୍ଜେଇ ମହଜୁଦ ରଖାଯାଇ କେରଳ ସମେତ ଅନ୍ୟ ରାଜ୍ୟକୁ ପଠାଯାଉଥିଲା। ଏହାପରେ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ସନ୍ଦିଗ୍ଧମାନଙ୍କୁ ଅଟକ ରଖିଥିଲା। ପରେ ଭଡ଼ାଘରେ ଯାଞ୍ଚ କରାଯାଇ ୨୫ଟି ପ୍ୟାକେଟରେ ଥିବା ୫୦.୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ସାକ୍ଷୀଙ୍କ ଉପସ୍ଥିତିରେ ଜବତ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ଚନ୍ଦନ ଦିଗାଲ (୨୩) ଓ ରଶ୍ମି ରଞ୍ଜନ ଦିଗାଲ (୨୬), କେରଳର ମହମ୍ମଦ ଆସିଫ (୨୭) ଏବଂ ବାଲେଶ୍ୱର ଜିଲ୍ଲାର ଶୁଭ୍ରାଂଶୁ ଶେଖର ପଣ୍ଡା ଓରଫ ବବୁଲ (୨୨)। ତଦନ୍ତରୁ ଜଣାପଡ଼ିଛି ଯେ ମହମ୍ମଦ ଆସିଫ ଏହି ଚାଲାଣର କିଙ୍ଗପିନ୍ ଥିବା ବେଳେ ଶୁଭ୍ରାଂଶୁ ପଣ୍ଡା ଚାଲାଣର ଦ୍ୱିତୀୟ ପ୍ରମୁଖ ସଦସ୍ୟ ଭାବେ ଭୁବନେଶ୍ୱରରେ ଥିବା ଗୋଦାମ ପରିଚାଳନା କରୁଥିଲେ। ଚନ୍ଦନ ଓ ରଶ୍ମି ଗଞ୍ଜେଇ ଯୋଗାଣ କରୁଥିବା ଜଣାପଡ଼ିଛି। ଏନେଇ ଏସ୍‌ଟିଏଫ୍ ଥାନାରେ ମାମଲା ରୁଜୁ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତ ସମୟରେ ମହମ୍ମଦ ଆସିଫ ଓ ଶୁଭ୍ରାଂଶୁ ପଣ୍ଡାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏନ୍‌ଡିପିଏସ୍ ଓ ଅନ୍ୟ ଅପରାଧିକ ମାମଲା ଥିବା ଜଣାପଡ଼ିଛି।

### ଗଞ୍ଜେଇ ଚୋରା ଚାଲାଣ, ୨ ଗିରଫ



ଭୁବନେଶ୍ୱର, ୩।୭ (ସମିସ): ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲାର ଆକାଶ ଦିଗଲ ଏବଂ ତୋଫାନ ନାୟକ। ଏମାନଙ୍କ ଠାରୁ ୨୨କେଜି ଗଞ୍ଜେଇ ସମେତ ଗୋଟିଏ କାର୍ ଏବଂ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସତ୍ୟ ବିହାର ସ୍ଥିତ ଜାତୀୟ ରାଜପଥରୁ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଫୁଲବାଣୀ ଜିଲ୍ଲାରୁ ବେଆଇନ ଗଞ୍ଜେଇ ସଂଗ୍ରହ କରି ଆଣି ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ବିକ୍ରୟ କରୁଥିଲେ।





# ପକ୍କା ରାସ୍ତା ସ୍ୱପ୍ନ; ବର୍ଷା ହେଲେ ବାଟ ବନ୍ଦ

ଭୁବନେଶ୍ୱର, ୩।୭ (ସମିସ)

ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି। ୨ଦିନ ହେବ ଲଗାଣ ବର୍ଷାରେ ରାସ୍ତା ପାଲଟିଛି ନଦୀ। କହିବାକୁ ଗଲେ ସ୍ଥାନୀୟବାସୀଙ୍କ ଯାତାୟତ ଏକପ୍ରକାର ବନ୍ଦ। ନିଜ ଘରକୁ ଯିବାକୁ ହେଲେ ପାଣି କାଦୁଅରେ ପଶି ଯାତାୟତ କରୁଛନ୍ତି ଲୋକେ। ପାଦରୁ ଚପଲ ଓହ୍ଲାଇ ହାତରେ ଧରି ଯାଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି।

- ହନ୍ତସନ୍ତ ହେଉଛନ୍ତି ରୁଦ୍ର ବିହାରବାସୀ
- ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ପ୍ରବାହିତ ହେଉଛି ବର୍ଷା ପାଣି

କାରଣ ରାସ୍ତା ଉପରେ ଲହଡି ଭାଙ୍ଗୁଛି ଭାସୁଛି ବର୍ଷା ପାଣି ସହିତ ମିଶି ଡ୍ରେନ୍ ପାଣି। ଯାତାୟତ କରିବାର ଏକମାତ୍ର ରାସ୍ତା ହୋଇଥିବାରୁ ପ୍ରତିଦିନ ଆବର୍ଜନା ପାଣି ଭିତରେ ପଶି ଲୋକେ ସଂକ୍ରମଣର ଶିକାର ହେଉଛନ୍ତି। ତେବେ ଏଭଳି ବିପଦପୂର୍ଣ୍ଣ ରାସ୍ତା ଦେଖିବାକୁ ମିଳିଛି ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର-୪ ଅଧୀନରେ ରହିଥିବା ରୁଦ୍ର ବିହାରରେ।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର-୪ ଅଧୀନରେ ରହିଛି ରୁଦ୍ର ବିହାର। ପାହାଳ ଜାତୀୟ ରାଜପଥକୁ ଲାଗି ରହିଥିବା ଏହି ଅଞ୍ଚଳରେ ଦିନକୁ ଦିନ ଜନବସତି ଗଢ଼ି ଉଠୁଥିବା ବେଳେ ଲୋକସଂଖ୍ୟା ୨ହଜାର ଟପିଲାଣି। ହେଲେ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ରୁଦ୍ର ବିହାର ସମେତ ଶିବଶକ୍ତି ନଗର, ବସନ୍ତ ଭିଲ୍ଲା ଆଦି ଅଞ୍ଚଳରେ ପ୍ରତିବର୍ଷ ଏହି ସମସ୍ୟା ଲାଗି ରହିଥିବା ବେଳେ ଏନେଇ ବାରମ୍ବାର ବିଏମସି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସେମାନଙ୍କ କହିବା ଅନୁସାରେ, ଏଠାରେ ଏବେବି ମାଟିରାସ୍ତା ରହିଛି। ବାରମ୍ବାର ଅଭିଯୋଗ ପରେ ରୁଦ୍ରବିହାରକୁ ରାସ୍ତା କାମ ଆରମ୍ଭ ହୋଇଥିବା ବେଳେ ମାତ୍ର ୧୦୦ମିଟର ରାସ୍ତା ଆରମ୍ଭ ହୋଇ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ସେହିପରି



ଏଠାରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଜମି ରହୁଛି। ଏଭଳି ସମସ୍ୟା ପ୍ରତିବର୍ଷ ବର୍ଷା ଋତୁରେ ହେଉଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ନଥିବାରୁ ଚଳିତ ବର୍ଷାରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। ଯାହାକି ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। କାରଣ ଅଫିସ୍ କାମ ହେଉ ପିଲାମାନଙ୍କ ସ୍କୁଲ, କଲେଜ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି। ଏମିତିକି ଓଲା, ଉବେର କିମ୍ବା ଟ୍ରାଭେଲ ଏଜେନ୍ସିରୁ ଗାଡ଼ି ବୁକିଂ କରାଯାଉଥିଲେ ବି ତାହା କ୍ୟାନସଲ କରାଯାଉଥିବା କୁହାଯାଉଛି। ଫଳରେ କୌଣସି ଜରୁରୀ କାମରେ ହସ୍ପିଟାଲ ଯିବା ମଧ୍ୟ ଅସମ୍ଭବ ହୋଇପଡୁଛି। ତେଣୁ ଆଗକୁ ବର୍ଷା ଋତୁରେ ନିୟମିତ ବର୍ଷାରେ ଅଞ୍ଚଳବାସୀ ଗମନାଗମନ କିପରି କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ୱାର୍ଡର କର୍ପୋରେଟର ସୁକୁମାର ସାହୁ କହିଛନ୍ତି ଏଠାରେ ରାସ୍ତା ପାଇଁ କଞ୍ଚାପକ୍କା ଯୋଜନାରେ ପୂର୍ବ ସରକାରରେ ଟେଣ୍ଡର ହୋଇଥିଲା। ହେଲେ ନୂତନ ସରକାରରେ ଉକ୍ତ ଟେଣ୍ଡର କ୍ୟାନସଲ ହୋଇଥିବାରୁ କାମ ହୋଇପାରୁନି। ପୁନର୍ବାର ଟେଣ୍ଡର ପାଇଁ ପ୍ରୟାସ କରାଯାଉଛି। ଯଥାଶିଘ୍ର ଟେଣ୍ଡର କରି ରାସ୍ତା ଓ ଡ୍ରେନ୍ କରାଯିବାକୁ ଯୋଜନା ରହିଛି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୩।୭ (ସମିସ): ସମୟ ସୁଅରେ ଅନେକ ଉତ୍ଥାନ ପତନ ଦେଇ ଦୁନିଆ ଗତି କରି ଚାଲିଛି, ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟ କରି ରଖିଥାଏ। ସେମିତି ଏକ ଫଟୋ ରହିଛି ଯାହା ଅନେକଙ୍କୁ ପୁରୁଣା ସମମୟକୁ ଫେରେଇ ନେଇଥିବ ନିଶ୍ଚିତ। ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସେହିପରି ଏକ ଫଟୋ ଆଜି ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହୋଇଥିଲା।

ଏହି ଫଟୋଟିରେ ଗୁରୁ ମାୟାଧର ରାଉତ ଏବଂ ସଂଯୁକ୍ତା ପାଣିଗ୍ରାହୀଙ୍କୁ ଦେଖିବାକୁ ମିଳୁଛି। କଳା ବିକାଶ କେନ୍ଦ୍ର ଦ୍ୱାରା ନୃତ୍ୟନାଟ୍ୟ ଭାବରେ ଗୀତ ଗୋବିନ୍ଦର ପ୍ରଥମ ମଞ୍ଚସ୍ଥ ୧୯୬୩ ମସିହାରେ ହୋଇଥିଲା ଏବଂ ଏଥିରେ ମାୟାଧର କୃଷ୍ଣ ଏବଂ ସଞ୍ଜୁକ୍ତା ରାଧା ଭୂମିକାରେ ଅଭିନୟ କରିଥିଲେ ଏବଂ କେଳୁଚରଣ ମହାପାତ୍ର ନୃତ୍ୟ ନିର୍ଦ୍ଦେଶନା କରିଥିଲେ। ଦୃଶ୍ୟରେ ଥିବା ଫଟୋଟି ଠିକ୍ ସେହି ସମୟର। ଷାଠିଏ ଦଶକର ପ୍ରଥମାର୍ଦ୍ଧରେ କେନ୍ଦ୍ରର ନୃତ୍ୟ ରଚନାରେ ଏହି ଦୁଇ ଗୁରୁଙ୍କ ଘନିଷ୍ଠ ସହଯୋଗ ସେମାନଙ୍କର ସୃଜନଶୀଳ ସମ୍ଭାବନାକୁ ପାରସ୍ପରିକ ସମୃଦ୍ଧ କରିଥିଲା।

## ନାଟ୍ୟଧାରାର ତୃତୀୟ ସନ୍ଧ୍ୟାରେ 'ମହୋଦଧି'



ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟ ଧାରା କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ବାଲେଶ୍ୱର କଳାକାର ନାଟ୍ୟ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ନାଟକ 'ମହୋଦଧି' ମଞ୍ଚସ୍ଥ ହୋଇଯାଇଛି। ମନୋରଞ୍ଜନ ଦାସଙ୍କ ମୂଳ ରଚନାକୁ ନାଟ୍ୟକାର ସୁରଞ୍ଜନ ଦାସ ସମ୍ପାଦନା କରିଥିବାବେଳେ ନିର୍ଦ୍ଦେଶନା ଦେବା ସହିତ ସଙ୍ଗୀତ ସଂଯୋଜନା କରିଥିଲେ ନାଟ୍ୟ ନିର୍ଦ୍ଦେଶକ ଇଞ୍ଜିନିୟର ଶ୍ରୀତମ କୁମାର ସିଂହ। ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ଆଜିର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଅତିଥି ଭାବେ ଏନସିଇଆରଟିର ପ୍ରଯୋଜକ ରମେଶ ଚନ୍ଦ୍ର ମହାନ୍ତି ଏବଂ ନାଟ୍ୟକାର କୈଳାସ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ମଞ୍ଚ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାନ୍ତି ଏବଂ ନାଟ୍ୟ ଧାରା ନାଟକର ଜଣେ ନିୟମିତ ଦର୍ଶକ ଦୁର୍ଗା ଚରଣ ସାହୁ ଉଭୟଙ୍କର ଅକାଳ ବିୟୋଗ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଦ୍ୱାବିଂଶତମ ଦିନରେ ମଦମୁକ୍ତ ଓଡ଼ିଶା ଦାବିରେ ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର, ୩।୭ (ସମିସ): କ୍ଷମତାସୀନ ବିଜେପି ସରକାର ନିଜର ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଯାଇଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଜାରି କରାଯାଇଥିବା ସଙ୍କଳ୍ପପତ୍ରରେ ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ ଘୋଷଣା କରିଥିଲା। ଓଡ଼ିଶାକୁ ମଦମୁକ୍ତ କରିବା ପରିବର୍ତ୍ତେ ଓଡ଼ିଶାରେ ବିଜେପି ସରକାର ମଦ ପ୍ରସାରଣ କାର୍ଯ୍ୟରେ ମାତିଥିବା ପ୍ରତିବାଦ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତୁରନ୍ତ ରାଜ୍ୟ ସରକାର ନିଜର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ସରକାରଙ୍କ ନିକଟରେ କ୍ରମାଗତ ଭାବେ ଦାବି କରିଆସୁଛି।



ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରତ୍ୟେହ ଅପରାହ୍ନ ୫ଟାରେ ଚାଲିଥିବା ଏହି ତ୍ରିରଙ୍ଗା ଯାତ୍ରା ଆଜି ଦ୍ୱାବିଂଶ ତମ ଦିନରେ ପହଞ୍ଚିଛି। ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନର ପ୍ରଣେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀ ଠାରୁ ଆରମ୍ଭ ହୋଇଥିବା ତ୍ରିରଙ୍ଗା ଯାତ୍ରା ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଆଜିର ଏହି ତ୍ରିରଙ୍ଗା ଯାତ୍ରାରେ କୂଳମଣି ଶୁକ୍ଳ, ସାବିତ୍ରୀ ଦେଇ, ସ୍ନେହଲତା ଧଳ, ସାଗରିକା ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲା ବେଳେ ଶୁଭେନ୍ଦୁ ରାଉତରାୟ, ମଳୟ ତ୍ରିପାଠୀ, ବିଶ୍ୱଜିତ ମହାନ୍ତି, ଅରୁଣ ସ୍ୱାଇଁ, ରମାକାନ୍ତ ମଣ୍ଡଳ, ସ୍ନେହାଂଶୁ ଜେନା, ଇନ୍ଦୁମତୀ ସାହୁ ପ୍ରମୁଖ ତ୍ରିରଙ୍ଗା ଯାତ୍ରୀମାନଙ୍କୁ ସହାୟତା କରିଥିଲେ।

## 'ୱିମେନ୍ ଏମ୍ପାୱାରମେଣ୍ଟ ପ୍ରୋଗ୍ରାମ୍ସ ଇନ୍ ଆକ୍ସନ' ଉନ୍ମୋଚିତ



ଭୁବନେଶ୍ୱର, ୩।୭ (ସମିସ): ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ରଙ୍କ ଲିଖିତ ଇଂରାଜୀ ପୁସ୍ତକ 'ୱିମେନ ଏମ୍ପାୱାରମେଣ୍ଟ ପ୍ରୋଗ୍ରାମ୍ସ ଇନ୍ ଆକ୍ସନ' ଶୁକ୍ରବାର ପ୍ରେସ୍‌କ୍ଲବ ଅଫ୍ ଓଡ଼ିଶାଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇଥିଲେ। ସେହିଭଳି ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାଶ ଯୋଗ ଦେଇଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ନେତାଜୀ ଅଭିନନ୍ଦନ ପୁସ୍ତକର ସମୀକ୍ଷା କରିଥିଲେ। ଉତ୍ସବରେ ଲେଖିକାଙ୍କ ବଡ଼ଭାଇ ଇଂ ଶଶାଙ୍କ ଶେଖର ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଆଶିଷ କୁମାର ଦାସ, ଡାକ୍ତର ଐଶ୍ୱର୍ଯ୍ୟା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଆଦିକନ୍ଦ ସାହୁ, ଶୈଳରାଣୀ ମିଶ୍ର, ଡ. ଅର୍ଚ୍ଚନା ନାୟକ, ମମତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗଶ୍ରୀ ଟ୍ରଷ୍ଟର ଅଧ୍ୟକ୍ଷ ଶୁଭଙ୍କର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଟ୍ରଷ୍ଟର ସଦସ୍ୟା ସୁଶ୍ରୀ ଗୀତାଞ୍ଜଳି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଗାୟତ୍ରୀ କର ସଂଯୋଜନା କରିଥିଲେ।

## ରୋଟାରୀ କ୍ଲବ ଓ କାରସିଇନୋଭା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ଡାକ୍ତର ଦିବସ



ଭୁବନେଶ୍ୱର, ୩।୭ (ସମିସ): ରୋଟାରୀ କ୍ଲବ କଟକ ମହାନଦୀ ଏବଂ କାରସିନୋଭା କ୍ୟାନ୍ସର ହସ୍ପିଟାଲ କଟକର ମିଳିତ ସହଯୋଗରେ ଡାକ୍ତର ଦିବସ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ଏବଂ ବୃକ୍ଷରୋପଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରୋଟାରିଆନ ପୂର୍ବତନ ପ୍ରାନ୍ତପାଳ ସୌମ୍ୟ ରଞ୍ଜନ ମିଶ୍ର ଯୋଗଦେଇ କାରସିନୋଭା କ୍ୟାନ୍ସର ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. କ୍ଷିତୀଶ କୁମାର ମିଶ୍ର, ନିର୍ଦ୍ଦେଶିକା ଓ ଅଧିଷ୍ଠାତ୍ରୀ ଡା. ପ୍ରଜ୍ଞା ପାରମିତା ମିଶ୍ର, ଡା. ଅମୂଲ୍ୟ ରଞ୍ଜନ ଦାଶ, ଡା. ଆଶିଷ ନୀଳମାଧବ, ଡା. ସମୀର ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଡାକ୍ତରମାନଙ୍କୁ ସମ୍ମାନିତ କରିଥିଲେ। ସେହିପରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୀର ରଞ୍ଜନ ପରିଜାଙ୍କୁ ମଧ୍ୟ ରୋଟାରୀ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ କାରସିନୋଭା କ୍ୟାନ୍ସର ହସ୍ପିଟାଲ ପରିସରରେ ଡା. ପ୍ରଜ୍ଞା ପାରମିତା ମିଶ୍ରଙ୍କ ନେତୃତ୍ୱରେ ରୋଟାରୀ କ୍ଲବ କଟକ ମହାନଦୀ ଓ ହସ୍ପିଟାଲର ସଦସ୍ୟମାନେ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ କାରସିନୋଭା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ମୁଖ୍ୟ ଅତିଥି ରୋଟାରିଆନ ସୌମ୍ୟ ରଞ୍ଜନ ମିଶ୍ର, ସହାୟକ ପ୍ରାନ୍ତପାଳ ବିପିନ ବିହାରୀ ପଣ୍ଡା, ରୋଟାରୀ କ୍ଲବ କଟକ ମହାନଦୀର ସଭାପତି ମହେନ୍ଦ୍ର ଦାସ, ସମ୍ପାଦକ ପବିତ୍ର ମହାନ୍ତି, ପୂର୍ବତନ ସଭାପତି ରୋଟାରିଆନ ସୁଜାତା ମହାପାତ୍ର, ସରିତା ମିଶ୍ର, ସଞ୍ଜୟ ଛାପୋଲିଆ, ଅଙ୍କିତ ଭୂତ, କେ. ଭାଗ୍ୟଶ୍ରୀ, ଶାନ୍ତନୁ ଦାସ ଏବଂ ସବିତା ପରିଡ଼ାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ରୋଟାରିଆନ ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଏମ୍ଆଇରେ 'ଆରମ୍ଭ-୨୦୨୬' ଓରିଏଣ୍ଟେସନ



ଭୁବନେଶ୍ୱର, ୩।୭ (ସମିସ): ଆଇଏମ୍ଆଇ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରରେ ପିଜିଡିଏମ୍ ୨୦୨୬-୨୮ ଶିକ୍ଷାବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ 'ଆରମ୍ଭ୨୦୨୬' ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆର୍ଜାସ୍ ଷ୍ଟିଲ୍‌ର ସିଇଓ ତଥା ଟାଟା ଷ୍ଟିଲ୍‌ର ଉପସଭାପତି ପସୁପୁଲେଟି ଆନନ୍ଦ ସମ୍ମାନିତ ଅତିଥି ଏବଂ ରିଚୁଆଲିଷ୍ଟିକ୍‌ର ସହ ପ୍ରତିଷ୍ଠାତା ଓ ସିଓଓ ନିପୁନ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହିତ ଆଇଏମ୍ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ଡିନ୍ ପ୍ରଫେସର ସୁପ୍ରୀତି ମିଶ୍ର, ପ୍ରଫେସର ସୌଗତ ରାୟ ଓ ପ୍ରଫେସର ସୌରଭ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଅଧ୍ୟାପକ, କର୍ମଚାରୀ, ନବାଗତ ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପାଠାଗାର ମହତ୍ତ୍ୱ ଜାତୀୟ ଆଲୋଚନାଚକ୍ର

ନନ୍ଦନକାନନ, ୩।୭ (ସମିସ): ପଟିଆ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ 'ମହାବିଦ୍ୟାଳୟର ଦର୍ପଣ: ପାଠାଗାର - ଆଭାସୀ ଦୁନିଆରେ ଆହ୍ୱାନ' ଶୀର୍ଷକ ଏକ ଜାତୀୟ ସ୍ତରର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଓ ରାଜ୍ୟ ବାହାରୁ ପ୍ରାୟ ୬୦ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଲାଇବ୍ରେରିଆନ୍, ଅଧ୍ୟକ୍ଷ, ନାକ୍ ସଂଯୋଜକ ପ୍ରତିନିଧିମାନେ ଯୋଗଦେଇଥିଲେ। କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ପ୍ରାଧ୍ୟାପକ ଅର୍କ କୁମାର ଦାସ ମହାପାତ୍ର ମୁଖ୍ୟ ଅତିଥି ରୂପେ ଏହାକୁ ଉଦଘାଟନ କରିଥିଲେ। ଧାନବାଦ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରାଧ୍ୟାପକ ରାଧାନାଥ ତ୍ରିପାଠୀ ବିଶିଷ୍ଟ ବକ୍ତା ରୂପେ ଯୋଗ ଦେଇଥିବା ବେଳେ, କିଟ୍ ବିଶ୍ୱବିଦ୍ୟାଳୟର ସେଣ୍ଟ୍ରାଲ ଲାଇବ୍ରେରୀର ମୁଖ୍ୟ ଗ୍ରନ୍ଥଗାରିକ ଡଃ ବିଜୟଲକ୍ଷ୍ମୀ ରାଉତରାୟ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ନାକ ସଂଯୋଜକ ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ସ୍ୱାଗତ ଭାଷଣ ଓ ମୁଖ୍ୟ ଗ୍ରନ୍ଥଗାରିକା ସୁଜାତା ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଦ୍ୱିତୀୟ ବୈଷୟିକ ସଭାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ମୋଟ ୮ ଜଣ ଲାଇବ୍ରେରିଆନ୍ ଯେଉଁମାନେ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରଦେଶରୁ ଯୋଗଦେଇଥିଲେ, ସେମାନେ ସେମାନଙ୍କର ନିବନ୍ଧ ପାଠ କରିଥିଲେ। ମହାବିଦ୍ୟାଳୟର ସହଯୋଗୀ ଗ୍ରନ୍ଥଗାରିକ ସୁଚିତ ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ

ଭୁବନେଶ୍ୱର, ୩।୭ (ସମିସ): ମିଶନ ଶକ୍ତି ଭବନଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଉଦ୍‌ଘାଟନ କରିଥିଲେ। ଜୁଲାଇରୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଆୟୋଜିତ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୪,୫୦୦ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ନିମାପଡ଼ା ଓ ଗୋପ ବ୍ଲକର ୧୯୦ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ। ରାଜ୍ୟରେ କାର୍ଯ୍ୟରତ ସମୁଦାୟ ୬୨,୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ପର୍ଯ୍ୟାୟକ୍ରମେ ପରିଚୟପତ୍ର ପ୍ରଦାନ କରାଯିବ। ଏଥିରେ କମ୍ୟୁନିଟି ରିସୋର୍ସ ପର୍ସନ୍, ମାଷ୍ଟର ବୁକ୍ କିପର୍, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଏବଂ ଲାଇଭଲିହୁଡ୍ ସପୋର୍ଟ ପର୍ସନ୍ ସାମିଲ ଅଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନର ସଶକ୍ତୀକରଣ, ଜୀବିକା ବିକାଶ, ଉଦ୍ୟୋଗୀ ସୃଷ୍ଟି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ ସଶକ୍ତୀକରଣ, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ରସ୍ତରରେ ଉତ୍ତମ ସେବା ପ୍ରଦାନ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରାରମ୍ଭରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ଼. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ, ଉପ ସଚିବ ନମ୍ରତା ମୋଦୀ ଧନ୍ୟବାଦ ଦେଇଥିଲେ।

## ବଜାରରେ ଆରମ୍ଭ ହେଲାଣି ଛତା ଓ ରେନ୍‌କୋଟ୍ ବ୍ୟବସାୟ


# ଏଥର ଚାହିଦାରେ ମ୍ୟାଜିକ୍ ଛତା

ଭୁବନେଶ୍ୱର, ୩।୭ (ସମିସ)

ବର୍ତ୍ତମାନ ବର୍ଷା ଦିନ ଆସିବାରୁ ଚଳଚଞ୍ଚଳ ହୋଇ ଉଠିଛି ଦୋକାନ ବଜାର। ଋତୁ ଅନୁଯାୟୀ ବ୍ୟବସାୟ କରୁଥିବା ବ୍ୟବସାୟୀମାନ ଏବେ ଛତା ଓ ରେନ୍‌କୋଟ୍ ବା ବର୍ଷାତିର ଆସର ଜମେଇବା ଆରମ୍ଭ କଲେଣି। ପ୍ରତିଛକରେ ଏବେ ବ୍ୟବସାୟୀ ଭଳିକିଭଳି ଛତା ଷ୍ଟଲ କରି ବିକ୍ରି କରୁଛନ୍ତି। ପ୍ରମୁଖ ଓ ଜନଗହଳି ମାର୍କେଟ ମାର୍କେଟଗୁଡିକରେ ଡିଜାଇନ ଛତା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଲୋକ ବର୍ଷା ଦିନ ପାଇଁ ଯେତେ ଛତା କିଣିବାକୁ ଆଗ୍ରହୀ ନୁହଁ ବରଂ ଏବେ ଫ୍ୟାଶନ ପାଇଁ ଛତା କିଣଇବା ପସନ୍ଦ କରୁଛନ୍ତି।

ବର୍ତ୍ତମାନ ସମୟରେ ଆଗ ଭଳି କେବଳ ରଙ୍ଗ ବେରଙ୍ଗ ଛତା ନୁହଁ ବରଂ ବିଭିନ୍ନ ଭେରାଇଟି ଓ ଡିଜାଇନର ଛତା ବଜାରରେ ଲୋକଙ୍କୁ ଆକର୍ଷିତ କଲାଣି। ଏବେ ଘରେ ଛତା ପୁରୁଣା ହୋଇଗଲେ କି ଭାଙ୍ଗିଗଲେ ତାକୁ ସଜାଡିନା ପରିବର୍ତ୍ତେ ନୂଆ ଡିଜାଇନ ଛତା କିଣିବ ଏକ ଟ୍ରେଣ୍ଡରେ ପରିବର୍ତ୍ତନ ହେଲାଣି। ତାକୁ ନଜରରେ ରଖି ବ୍ୟବସାୟୀମାନେ ମଧ୍ୟ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଆଡଭାନ୍ସ ଛତା ଆଣି ରଖିଲେଣି। ଯେପରି ମ୍ୟାଜିକ ଛତା - ୭୦୦, ୱାଟର





ପ୍ରୁଫ ଏବଂ ୱିଣ୍ଡ ପ୍ରଫ ଛତା - ୫ ହଜାର, ବୋତଲ ଛତା - ୪୫୦ ଟଙ୍କା, କ୍ୟାପସୁଲ ଛତା - ୪୦୦ ଟଙ୍କା, ମିନି ଛତା - ୩୫୦ ଟଙ୍କା ଏହା ଏତେ ଛୋଟ ଯେ ସବୁଠି ନେଇ ଯାଇ ହବ। ସେହିପରି ଆଉ ଏକ ପ୍ରକାର ଛତା ମଧ୍ୟ ବଜାରରେ ଦେଖିବାକୁ ମିଳୁଛି, ସାଧା ଧଳା ଛତା ହେଲେ ବର୍ଷା ପଡ଼ିଲେ ସେଥିରେ ଥିବା ଛୋଟ ଫୁଲ ଆଖିକୁ ଜଣା ପଡ଼ିବା, ବିନା ପାଣିରେ ତାହା ଦୃଶ୍ୟମାନ ହେବନି ଯାହାର ମୂଲ୍ୟ ୫୦୦ ରହିଛି। ଏହିସବୁ ଡିଜାଇନ ଛତାର ଦାମ ମଧ୍ୟ ସେହିପରି, ଯେତେ ଡିଜାଇନ ସେତେ ଅଧିକ ତା ଦାମ। ଏହିସବୁ ଛତା ହିଁ ଗ୍ରାହକ ଆସି ବେଶୀ ଖୋଜୁଛନ୍ତି ବୋଲି ଦୋକାନୀମାନେ ମତ ଦେଇଛନ୍ତି। ସେହି ଗ୍ରାହକଙ୍କ ମଧ୍ୟରେ କଲେଜ ଓ ସ୍କୁଲ ପଢୁଥିବା ଛାତ୍ରଛାତ୍ରୀ ଅଧିକ ରହିଛନ୍ତି। ଛତା ପରି ଭଳି କି ଭଳି ରେନ୍‌କୋଟ ମଧ୍ୟ ବଜାରରେ ସଜେଇ ହେଇଛି। ଛତା ତୁଳନାରେ ରେନ୍‌କୋଟର ସେପରି ଅଧିକ ଭେରାଇଟି ନଥିଲେ ବି ଏଥିରେ କିଛିଟା ନୂଆ ପ୍ରକାର ରହିଛି। ଯେପରି ପକେଟ୍ ରେନ୍‌କୋଟ, ୟୁଜ ଆଣ୍ଡ ଥ୍ରୋ ରେନ୍‌କୋଟ ଯାହାର ବ୍ୟବହାର ମାତ୍ର ଥରେ କରିହବ। ଏହି ରେନକୋଟର ଦାମ୍ ୪୫୦ରୁ ଆରମ୍ଭ ହୋଇ ଦୁଇ ହଜାର ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଏହି ରେନକୋଟ୍ ବେଶୀ ଚାକିରି କ୍ଷେତ୍ରରେ ଯାଉଥିବା ଲୋକ ବେଶୀ ଖୋଜୁଛନ୍ତି ଏବଂ ଏହିସବୁ ଛତା ଓ ରେନକୋଟ୍ କଲିକତାରୁ ଆସୁଛି।

# ଗହଣା ଦୋକାନରୁ ଚୋରି କରି ଯୁବକ ଗିରଫ

**ରାଉରକେଲା, ୩।୭ (ସମିସ):** ରାଉରକେଲା ସହରର ଉଦିତନଗର ଥାନା ଅନ୍ତର୍ଗତ ମେରିଡିଆନ୍ ଟାୱାରରେ ଥିବା କାରାଟ୍ ଲେନ୍ ରିଟେଲ୍ ଜୁଏଲେରୀ ଶୋ'ରୁମରୁ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟର ହୀରା ଖଚିତ ସୁନା ବାଲା ଚୋରି ଘଟଣାରେ ପୁଲିସ ଜଣେ ଆନ୍ତଃରାଜ୍ୟ ଚୋରକୁ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ୪୦ ହଜାର ଟଙ୍କା ନଗଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

**୧.୫୦ ଲକ୍ଷର ସୁନା ହୀରା ବାଲା ଚୋରି**

**ଟ୍ରେନ୍‌ରୁ ଧରାପଡ଼ିଲା ଅଭିଯୁକ୍ତ, ୪୦ ହଜାର ଟଙ୍କା ଜବତ**



ସୂଚନା ଅନୁସାରେ, ଗତ ୨ ଜୁଲାଇ ରାତି ପ୍ରାୟ ୧୦ଟା ୧୦ରେ କାରାଟ୍ ଲେନ୍ ଶୋ'ରୁମର ଷ୍ଟୋର ମ୍ୟାନେଜର ସୋମନାଥ ବସା ଉଦିତନଗର ଥାନାରେ ଅଭିଯୋଗ କରିଥିଲେ ଯେ, ୩୦ ଜୁନ୍ ରାତି ପ୍ରାୟ ୯ଟା ବେଳେ ଜଣେ ବ୍ୟକ୍ତି ଗ୍ରାହକ ସାଜି ଶୋ'ରୁମକୁ ପ୍ରବେଶ କରି ସୁଯୋଗ ଦେଖି ଏକ ହୀରା ଖଚିତ ସୁନା ବାଲା ଚୋରି କରି ଫେରାର ହୋଇଯାଇଥିଲେ।

ତଦନ୍ତ ସମୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ସୂଚନା ମିଳିଥିଲା ଯେ, ଅଭିଯୁକ୍ତ ଦିନେଶ କୁମାର ଠାକ୍କର ଓରଫ ଦିନେଶ ବିଶ୍ରାମ ଠାକ୍କର ହାୱଡ଼ା-ମୁମ୍ବାଇ ସିଏସ୍‌ଏମ୍‌ଟି ମେଲ୍ (ଟ୍ରେନ୍ ନଂ୧୨୮୧୦)ରେ ଖଡ଼ଗପୁରରୁ ରାୟପୁର ଅଭିମୁଖେ ସାଧାରଣ ବଗିରେ ଯାତ୍ରା କରୁଛି। ସୂଚନା ଆଧାରରେ ଉଦିତନଗର ପୁଲିସ ରାଉରକେଲା ରେଳ ଷ୍ଟେସନରେ ଆର୍‌ପିଏଫ୍‌ର ସହଯୋଗରେ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

ପଚରାଉଚରା ବେଳେ ଅଭିଯୁକ୍ତ ଚୋରି ନେଇ ସ୍ୱୀକାର କରିଥିଲା। ପରେ ସେ କୋଲକାତାର ଚୋରା ବଜାରରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଏହି ବାଲାକୁ ୪୫ ହଜାର ଟଙ୍କାରେ ବିକ୍ରି କରିଥିଲେ। ସେଥିରୁ ୫ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ ବାକି ୪୦ ହଜାର ଟଙ୍କା ତାଙ୍କ ନିକଟରୁ ପୁଲିସ ଜବତ କରିଛି। ତଦନ୍ତ ବେଳେ ଆହୁରି ଜଣାପଡ଼ିଛି ଯେ, ଅଭିଯୁକ୍ତ ଗତ ୧ ଜୁଲାଇରେ ଭୁବନେଶ୍ୱରସ୍ଥ ଏସ୍‌ପ୍ଲାନେଡ୍ ମଲ୍‌ରେ ଥିବା ବ୍ଲୁଷ୍ଟୋନ୍ ଜୁଏଲେରୀ ଶୋ'ରୁମରୁ ଏକ ସୁନା କଡ଼ା ଚୋରି କରିଥିଲେ ଏବଂ ତାହାକୁ ମଧ୍ୟ କୋଲକାତା ଚୋର ବଜାରରେ ବିକ୍ରି କରିଦେଇଥିଲେ।

ଗିରଫ ଅଭିଯୁକ୍ତ ଦିନେଶ କୁମାର ଠାକ୍କର (୬୩)ଙ୍କ ସ୍ଥାୟୀ ଘର ଗୁଜରାଟର ଭଦୋଦରା ଜିଲ୍ଲାରେ ହୋଇଥିବା ବେଳେ ସେ ବର୍ତ୍ତମାନ ଛତିଶଗଡ଼ର ରାୟପୁରରେ ରହୁଥିଲେ।

ଅଭିଯୁକ୍ତଙ୍କ ନିକଟରୁ ୪୦ ହଜାର ଟଙ୍କା ନଗଦ, ଏକ ସୁନା ରଙ୍ଗର ବାଲା, ଏକ ହାତଘଡ଼ି ଓ ଏକ ମୋବାଇଲ୍ ଫୋନ୍ ଜବତ କରିଛି। ପୁଲିସ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଡକାୟତି ଯୋଜନା ପଣ୍ଡ; ୨ ଗିରଫ

**ବଣାଇଁ, ୩।୭ (ସମିସ)**

ବଣାଇଁ ଥାନା ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ଦୁଇ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଅନ୍ୟଜଣେ ନାବାଳକ ଅଭିଯୁକ୍ତକୁ ବାଳସୁଧାର ଗୃହକୁ ପଠାଯାଇଛି। ସେମାନଙ୍କ ନିକଟରୁ ଡକାୟତିରେ ବ୍ୟବହୃତ ବିଭିନ୍ନ ମାରଣାସ୍ତ୍ର ଓ ପୂର୍ବ ଚୋରି ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛି। ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଓ ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁ ଏନେଇ ବଣାଇଁ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

**ମାରଣାସ୍ତ୍ର ସହ ଚୋରି ସାମଗ୍ରୀ ଜବତ**



ତାଙ୍କ ସୂଚନା ଅନୁଯାୟୀ, ବଣାଇଁ ଥାନାର ଉପ-ନିରୀକ୍ଷକ ଆଦିତ୍ୟ ନାରାୟଣ ବେହେରାଙ୍କ ଲିଖିତ ଏତଲା ଆଧାରରେ ନଂ.୧୭୫ରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ରାତ୍ରି ପାଟ୍ରୋଲିଂବେଳେ ଦେଶୀ ମଦଭାଟି ନିକଟରେ ଥିବା ପଡ଼ିଆରେ କିଛି ଦୁର୍ବୃତ୍ତ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ପୁଲିସ ଚଢ଼ଉ କରି ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବାବେଳେ ଅନ୍ୟ କିଛି ଦୁର୍ବୃତ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ କାଳିଆ ମୁଣ୍ଡା (୨୫) ଓ ଦୀପକ ମୁଣ୍ଡା (୧୯)। ପୁଲିସ ସେମାନଙ୍କ ନିକଟରୁ ଏକ ଛୁରୀ, ଲୁହା କ୍ରୋବାର, ଲୁହା ଖଣ୍ଡା, ଏକ ପ୍ୟାକେଟ ଲଙ୍କା ଗୁଣ୍ଡ, କଳା ମୁଖା ଓ ଏକ ବାଇକ୍ ଜବତ କରିଛି। ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ଏସି କପର ପାଇପ୍, ସୋଲାର ଚାର୍ଜର, ବିଦ୍ୟୁତ ତାର ଓ ନଟ୍-ବୋଲ୍ଟ ମଧ୍ୟ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହି ସାମଗ୍ରୀ ବଣାଇଁ ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଚୋରି ମାମଲାର ସାମଗ୍ରୀ ବୋଲି ଜଣାପଡ଼ିଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୁଲିସ ତଦନ୍ତ ଜୋରଦାର କରିଥିବା ବେଳେ ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରାଯାଇଛି।

# ଚୋରି ମାମଲାରେ ୩ ଗିରଫ; ଅଳଙ୍କାର ଜବତ

**ରାଉରକେଲା, ୩।୭ (ସମିସ):** ସ୍ଥାନୀୟ ସେକ୍ଟର-୭ ପୁଲିସ ଏକ ଘରଭଙ୍ଗା ଚୋରି ମାମଲାରେ ଦୁଇ ଜଣ ଅଭିଯୁକ୍ତ ଓ ଚୋରା ସାମଗ୍ରୀ କ୍ରୟ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୭ ଥାନା ଅନ୍ତର୍ଗତ ଜାମତୋଳି ବସ୍ତିର ଭୂଷଣ ନାଏକ (୨୦), ପ୍ଲାଣ୍ଟସାଇଟ୍ ଥାନା ରେଳ କଲୋନୀ ଅନ୍ତର୍ଗତ ସ୍ୱାମୀ ବିବେକାନନ୍ଦ ପଲ୍ଲୀର ଶେଖର ମୁଖୀ (୨୧) ଏବଂ ବିଶ୍ରାଡାହାର ରୋଡ଼, ହନୁମାନ ମନ୍ଦିର ନିକଟର ସମୀର କର୍ମକାର (୬୨)।



ପୁଲିସ ସୂଚନା ଅନୁସାରେ, ଗତ ୪ ମଇରେ ସେକ୍ଟର-୭ ଅଞ୍ଚଳର କ୍ୱାର୍ଟର ନଂ-ଏ-୭୧ରେ ରହୁଥିବା ନୃସିଂହ ଚରଣ ରାଉତଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ଚୋରି ମାମଲା ରୁଜୁ କରିଥିଲା। ତଦନ୍ତ କରି ଭୂଷଣ ଓ ଶେଖରଙ୍କୁ ଧରି ପଚରାଉଚରା ବେଳେ ଉଭୟ ଚୋରି ହୋଇଥିବା ଏକ ଯୋଡ଼ା ସୁନା କାନଫୁଲ, ଏକ ଯୋଡ଼ା ସୁନା ଚୁଡ଼ି (ଶାଙ୍ଖି), ଏକ ଯୋଡ଼ା ରୁପା ପାଉଁଜି, ଏକ ରୁପା ବ୍ରେସଲେଟ୍ ଓ ଦୁଇଟି ନାକଫୁଲକୁ ତିନୋଟି ପର୍ଯ୍ୟାୟରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ସାମଗ୍ରୀ ବଦଳରେ ସେମାନେ ସମୀର କର୍ମକାରଙ୍କ ଠାରୁ ୬୫ ହଜାର ଟଙ୍କା ପାଇଥିବା ମଧ୍ୟ କହିଥିଲେ। ପୁଲିସ ସମୀରଙ୍କ ନିକଟରୁ ଦୁଇଟି ସୁନା ମୁଦି, ଏକ ଯୋଡ଼ା ସୁନା ଚୁଡ଼ି, ଏକ ରୂପା ଥାଳି, ଦୁଇଟି ଛୋଟ ରୁପା ଗ୍ଲାସ୍, ଏକ ରୁପା ବ୍ରେସଲେଟ୍ ଓ ତିନୋଟି ରୁପା ହାର ଜବତ କରିଥିଲା। ତିନିଜଣଙ୍କୁ ଗିରଫ କରି ଗୁରୁବାର ସ୍ଥାନୀୟ ଅଦାଲତରେ ହାଜର କରାଯାଇଛି।

ପୁଲିସର ସୂଚନା ଅନୁଯାୟୀ, ଶେଖର ନାମରେ ସେକ୍ଟର-୧୯ ଥାନା ଓ ପ୍ଲାଣ୍ଟସାଇଟ୍ ଥାନାରେ ଡକାୟତି, ଘରଭଙ୍ଗା ଚୋରି ସମେତ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଥିବା ରେକର୍ଡ ରହିଛି। ସେହିପରି ବର୍ତ୍ତମାନ ମାମଲାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ସେକ୍ଟର-୭ ଓ ସେକ୍ଟର-୧୯ ଥାନାର ଅନ୍ୟ ଚୋରି ମାମଲାରେ ମଧ୍ୟ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି।

# ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ; ଜଣେ ଗିରଫ

**ରାଉରକେଲା, ୩।୭ (ସମିସ):** ବ୍ରାହ୍ମଣୀ ତରଙ୍ଗ ଥାନା ପକ୍ଷରୁ ଶୁକ୍ରବାର ଗାଡ଼ିମୋଟର ଯାଞ୍ଚବେଳେ ଏକ ବାଇକ ଚୋରି ରାକେଟର ପର୍ଦ୍ଦାଫାଶ କରିଛି ପୁଲିସ। ଏହି ଘଟଣାରେ ପୁଲିସ ଜଣେ ଯୁବକକୁ ଗିରଫ କରିଥିବା ବେଳେ ଦୁଇଟି ଚୋରା ବାଇକ୍ ଜବତ କରିଛି।

ସୂଚନାଯୋଗ୍ୟ ଯେ, କୁଆଁରମୁଣ୍ଡା ପକ୍ଷରୁ ବେଦବ୍ୟାସ ଅଭିମୁଖେ ଆସୁଥିବା ଏକ ବାଇକ୍‌କୁ

**ଦୁଇ ଚୋରା ବାଇକ୍ ଜବତ**

ପୁଲିସ ଅଟକାଇ ଯାଞ୍ଚବେଳେ ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ପଚରାଉଚରା ପରେ ସେ ବାଇକ୍‌ଟି ବଣାଇଁ ଅଞ୍ଚଳରୁ ଚୋରି ହୋଇଥିବା ଓ ଏହାକୁ ଆଇଡିସି ଅଞ୍ଚଳକୁ ନେଇ ବିକ୍ରି କରିବାକୁ ଯାଉଥିବା ସ୍ୱୀକାର କରିଥିଲେ।

ଗିରଫ ଅଭିଯୁକ୍ତ ହେଲେ ଦୀନବନ୍ଧୁ ଓରଫ ଦୀନନାଥ ମୁଣ୍ଡାରୀ (୪୩)। ସେ ମୁଣ୍ଡା ମୁଣ୍ଡାରୀଙ୍କ ପୁଅ ଏବଂ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ମସୁରିକୁଦର ଗ୍ରାମର ମୂଳ ବାସିନ୍ଦା। ବର୍ତ୍ତମାନ ସେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝରତରଙ୍ଗ, ବିଜୁଳିଟୋଲାରେ ବସବାସ କରୁଛନ୍ତି।



ପଚରାଉଚରା ବେଳେ ଅଭିଯୁକ୍ତ ଆହୁରି ଏକ ବାଇକ୍ ଚୋରି କରିଥିବା ସ୍ୱୀକାର କରିଛି। ବୟାନ ଆଧାରରେ ଉକ୍ତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି।

ତଦନ୍ତ ସମୟରେ ଅଭିଯୁକ୍ତ ବଣାଇଁ, ବିଶ୍ରା, ବେଦବ୍ୟାସ, ରାଉରକେଲା ଟାଉନ, ସବଡେଗା, ତଲସରା, ସୁନ୍ଦରଗଡ଼ ଟାଉନ ଥାନା ଏବଂ ସଦର ଥାନା ଅଞ୍ଚଳରୁ ଏକାଧିକ ମୋଟରସାଇକେଲ ଚୋରି କରିଥିବା ସ୍ୱୀକାର କରିଛି। ଚୋରି ହୋଇଥିବା ଗାଡ଼ିଗୁଡ଼ିକୁ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ମୂଳ ବାସିନ୍ଦା ଏବଂ ବର୍ତ୍ତମାନ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝରତରଙ୍ଗ, ଭଣ୍ଡାରଟୋଲିରେ ରହୁଥିବା ରାଜମିସ୍ତ୍ରୀ ଶମ୍ଭୁ କୁମାର ବାଉରୀ (୪୦)ଙ୍କ ମାଧ୍ୟମରେ ବିକ୍ରି କରୁଥିବା ସେ ପୁଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ପୁଲିସ ଶମ୍ଭୁ କୁମାର ବାଉରୀଙ୍କ ସମ୍ପୃକ୍ତତା ଯାଞ୍ଚ କରାଯାଉଥିବା ବେଳେ ତାଙ୍କ ଭୂମିକା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ସାଲେପାଲିରେ ଭିବି-ଜି-ରାମ୍‌ଜୀ କାର୍ଯ୍ୟକ୍ରମ

**ରାଉରକେଲା, ୩।୭ (ସମିସ):** ବିକଶିତ ଭାରତ ଗ୍ରାମୀଣ ଗ୍ୟାରେଣ୍ଟି ରୋଜଗାର ଯୋଜନା ଏବଂ ଅଜୀବିକା ମିଶନ ଗ୍ରାମୀଣର ଜାତୀୟସ୍ତରୀୟ ଶୁଭାରମ୍ଭ ଆଜି ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ଡିପିଆରସି ଭବନରେ ଆଭାସୀ ମାଧ୍ୟମରେ ଜିଲ୍ଲା ପ୍ରଶାସନର ଅଧିକାରୀ, ଜନପ୍ରତିନିଧି, ହିତାଧିକାରୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହାପରେ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ପଞ୍ଚାୟତରେ ବିକଶିତ ଭାରତ ଗ୍ରାମୀଣ ଗ୍ୟାରେଣ୍ଟି ରୋଜଗାର ଯୋଜନା ଏବଂ ଅଜୀବିକା ମିଶନ ଗ୍ରାମୀଣର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ସଦର ବିଡିଓ ମୋତିଲାଲ ସୁଲିଆ, ସରପଞ୍ଚ ସ୍ୱର୍ଣ୍ଣ କୁମାରୀ ମାଝୀ, ସମିତି ସଭ୍ୟ ଜିତେନ୍ଦ୍ର କରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଲେପାଲି ନର୍ସରୀ ଠାରେ ଷ୍ଟୋନ ଗାର୍ଡ ଟ୍ରେଞ୍ଚ ଖନନ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ଅତିଥିମାନେ ବୃକ୍ଷ ରୋପଣ ମଧ୍ୟ କରିଥିଲେ।

## ଡାଲମିଆ ମହାବିଦ୍ୟାଳୟରେ ବନ ମହୋତ୍ସବ

**କୁତ୍ରା, ୩।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧିନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ବୁଧବାର ଦିନ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଫରେଷ୍ଟର ପ୍ରଦୀପ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଫରେଷ୍ଟ ଗାର୍ଡ ଗୁଣଦେବ ଭୋଇ, ଝାରବେଡା ସରପଞ୍ଚ ଭିକ୍ଟୋରିଆ ଯୋଯୋ, ନାଏକ ସରପଞ୍ଚ ଶୁକ୍ରା ଚିରମାକୋ ଓ ଯୁଗେଶ୍ୱର ଗୌଡ଼ ଯୋଗ ଦେଇଥିଲେ। ଅଧ୍ୟକ୍ଷଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଓ ଅତିଥିଗଣ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ମହାବିଦ୍ୟାଳୟର ୱାଇଆରସି ଅଫିସର ଅଧ୍ୟାପକ ପ୍ରଶାନ୍ତ କୁମାର ମାଝୀ, ଅଧ୍ୟାପିକା ଗୋଲାପୀ ଓରାମ, ଏନସିସି ଅଫିସର କ୍ୟାପଟେନ ଏମଡି ହମ୍ମିଦ ଏବଂ ଏନଏସଏସ ଅଫିସର ମନୋଜ କୁମାର ମେହେର ସହଯୋଗ କରିଥିଲେ।

## ଏସ୍‌ଆଇଆର୍ ପାଇଁ ବିଜେଡିର ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ପ୍ରଶିକ୍ଷଣ

**ରାଉରକେଲା, ୩।୭ (ସମିସ):** ସୁନ୍ଦରଗଡ଼ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ବୁଥ୍ ସ୍ତରୀୟ୍ ଏଜେଣ୍ଟ (ବିଏଲଏ)ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ରାଜ୍ୟ ଯୁଗ୍ମ ସମ୍ପାଦକ ଜୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱ ଏବଂ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜକିଶୋର ସାହୁ ଏବଂ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷଣରେ ମୁଖ୍ୟଅତିଥି ରାଜକିଶୋର ସାହୁ ଏବଂ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ ଜିଲ୍ଲା ପରିଷଦ ସଭ୍ୟ ତଥା ସଦର ବ୍ଲକ ସଭାପତି ଅଶ୍ୱିନୀ ନାଏକ, ଟାଙ୍ଗରପାଲି ବ୍ଲକ ସଭାପତି ଶୋଭନ ଦାଶ ଏବଂ ବାର୍ ଆସୋସିଏସନ ସଭାପତି ଅଶୋକ କୁମାର ସ୍ୱାଇଁ, ଚାଲିଥିବା ଏସଆଇଆର-୨୦୨୬ ପ୍ରକ୍ରିୟାରେ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ବୁଥ୍ ସ୍ତରରେ ସଫଳ ପରିଚାଳନା ପାଇଁ ଆବଶ୍ୟକ କୌଶଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ ପଟ୍ଟନାୟକ ବିଏଲଏମାନଙ୍କୁ ଉଦ୍ଦେଶ୍ୟ କରି ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଅଧିବେଶନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ଉପସଭାପତି ସୁମନ୍ତ ପଣ୍ଡା, ଅଶୋକ ମହାନ୍ତି, ସୁମନ୍ତ ସାହୁ, ହେମନ୍ତ ମେହେର, ଦଳୀୟ ସମସ୍ତ କାର୍ଯ୍ୟକର୍ତ୍ତା, ସମସ୍ତ ବିଏଲଏ, ସମସ୍ତ ମୁନିସିପାଲିଟି କାଉନସିଲର ଉପସ୍ଥିତ ଥିଲେ।




## ଆର୍‌ଏସ୍‌ପିର ନ୍ୟୁ-ପ୍ଲେଟ୍ ମିଲ୍ ଦ୍ୱାରା ରେକର୍ଡ ଉତ୍ପାଦନ ଓ ଚାଲାଣ

**ରାଉରକେଲା, ୩।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ପ୍ଲେଟ୍ ମିଲ୍ ଗତ ଜୁନ୍ ମାସରେ ୮୯, ୨୨୬ ଟନ୍ ପ୍ଲେଟ୍ ଉତ୍ପାଦନ ସହ ୮୪, ୯୯୭ ଟନ୍ ଚାଲାଣ କରି ଏଯାବତ ସର୍ବୋଚ୍ଚ ଜୁନ୍ ମାସର ପ୍ରଦର୍ଶନ ରେକର୍ଡ କରିଛି। ଏହି ପରିମାଣ ପୂର୍ବରୁ ଜୁନ୍ ମାସରେ ହୋଇଥିବା ସର୍ବୋଚ୍ଚ ରେକର୍ଡ ଯଥା ୮୨, ୦୯୮ ଟନ୍ ଉତ୍ପାଦନ ଏବଂ ୮୪, ୪୮୧ ଟନ୍ ଚାଲାଣ ପରିମାଣକୁ ଅତିକ୍ରମ କରିଛି। ଆଲୋଚ୍ୟ ଜୁନ ମାସ ମଧ୍ୟରେ, ନ୍ୟୁ ପ୍ଲେଟ୍ ମିଲ୍ ୮, ୭୦୬ ଟି ସ୍ଲାବ୍ ରୋଲିଂ କରିଛି, ଯାହାକି କୌଣସି ୩୦ ଦିନିଆ ମାସ ମଧ୍ୟରେ ସର୍ବାଧିକ। ଏଥିସହିତ ତିନୋଟି ଭିନ୍ନ ଭିନ୍ନ ଦିବସରେ ଦୈନିକ ୩୫୦ରୁ ଅଧିକ ସ୍ଲାବ୍ ରୋଲିଂ ମଧ୍ୟ ରେକର୍ଡ କରାଯାଇଛି। ନ୍ୟୁ ପ୍ଲେଟ୍ ମିଲ୍ ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକରେ ଉଭୟ ଉତ୍ପାଦନ ଏବଂ ଚାଲାଣ କ୍ଷେତ୍ରରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ପଞ୍ଜିକୃତ କରିଛି। ଗତ ବର୍ଷର ସମାନ ଅବଧି ତୁଳନାରେ, ଚଳିତ ଆର୍ଥିକ ବର୍ଷରେ ଉତ୍ପାଦନ ୧୧.୫୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଚାଲାଣ ଅନୁରୂପ ୫.୨୯ ପ୍ରତିଶତ ବୃଦ୍ଧି ପାଇଛି।




ଏହି ଅବସରରେ ନ୍ୟୁ ପ୍ଲେଟ୍ ମିଲ୍ ସମୁଦାୟିକଙ୍କୁ ଅଭିନନ୍ଦନ ଜଣାଇ, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ବିଭାଗ, ବିଭାଗୀୟ ନେତୃତ୍ୱ ଏବଂ ସମସ୍ତ ସହଯୋଗୀ ବିଭାଗର ଏହି ସମନ୍ୱୟକୁ ପ୍ରଶଂସା କରିଛନ୍ତି।

## ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ ସମ୍ପର୍କରେ ପ୍ରଶିକ୍ଷଣ



**ରାଉରକେଲା, ୩।୭ (ସମିସ):** ରାଉରକେଲା ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ନିର୍ଦ୍ଦେଶ କ୍ରମେ ସେକ୍ଟର-୮ ସ୍ଥିତ ଶିବ ମନ୍ଦିର ପରିସରରେ ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ତରଫରୁ ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ସମ୍ପର୍କରେ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁବ ମୋର୍ଚ୍ଚାର ସୁଜିତ୍ ସିଂ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବରେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ଆଜିର ବ୍ୟବସ୍ଥାକୁ ଅଧିକ ଆଧୁନିକ, ସୁଲଭ ଏବଂ ଗୁଣାତ୍ମକ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେଉଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ଜିଲ୍ଲା ପ୍ରବକ୍ତା ଗଙ୍ଗାଧର ଦାଶ, ଜିଲ୍ଲା ଉପସଭାପତି ମନୋଜ କୁମାର ସେନାପତି, ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ ଏବଂ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦିକା ନୀନା ଷଡ଼ଙ୍ଗୀ ଆଦି କାର୍ଯ୍ୟକର୍ତ୍ତାମାନଙ୍କୁ ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ଜିଲ୍ଲା ଉପସଭାପତି ମନୋଜ କୁମାର ସେନାପତି କରିଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦିକା ନୀନା ଷଡ଼ଙ୍ଗୀ ଏବଂ ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ

## ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ରାଉରକେଲା, ୩।୭ (ସମିସ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ଜୁନ୍ ୨୪ରୁ ଚାଲିଥିବା ଶକ୍ତିଶ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ସହ ଶକ୍ତିଶ୍ରୀ ଯୋଜନା ସମ୍ପର୍କୀତ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ଡ.ସସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧ୍ୟାପିକା ମମତା ବାକ୍ସଲାଙ୍କ ସଂଯୋଜନାରେ ହୋଇଥିବା ଏହି ଉଦ୍‌ଯାପନୀ ଅବସରରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଅପରାଧିକ ଆଇନ ସମ୍ପର୍କରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଡ.ସାମଲ ସୂଚନା ଦେବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା, ଅନୁବାଦିକା ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡ. ନିବେଦିତା ଜେନା ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ରମେଶ ଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଓ ବରେଣ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଏଥିରେ ଉଭୟ ବକ୍ତା ଭାରତୀୟ ନ୍ୟାୟ ସଂହିତା ସହିତ ମହିଳା ଓ ବାଳିକା ସୁରକ୍ଷା ଆଇନର ବିଭିନ୍ନ ଦିଗ ସହିତ ରାଗିଂ ନିରୋଧ ଆଇନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଯୋଜନା ଓ ଯୁବ ରେଡ୍‌କ୍ରସ୍ ଯୋଜନାର ଭାରପ୍ରାପ୍ତ ଅଧିକାରୀ ଡ. ସ୍ମୃତିସ୍ନିଗ୍ଧା ମିଶ୍ର ଏବଂ ଡ. ସୋନିଆ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ଶିକ୍ଷା ବିଭାଗର ପଞ୍ଜୀକୃତ ତଥା ଅନୁଭବି ପ୍ରଶିକ୍ଷିକା ଦୁଲାରି ମୁଣ୍ଡାରୀ ଓ ମହିମା ସୁନ୍ଦରୀ ମଲ୍ଲିକ ସପ୍ତାହେ ବ୍ୟାପି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ।

# 'ଅଟୋମୋଟିଭ୍ ଷ୍ଟିଲ୍ ଏବଂ ସଷ୍ଟେନେବଲ୍ ସିଣ୍ଟରିଂ' ଉପରେ ଆଲୋଚନାଚକ୍ର

**ରାଉରକେଲା, ୩।୭ (ସମିସ)**

ରାଉରକେଲା ଇସ୍ପାତ କାରଖାନା, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ ରାଉରକେଲା ଚାପ୍ଟର ଏବଂ ଏନ୍‌ଆଇଟି ରାଉରକେଲା ସହଯୋଗରେ ଆରଏସପିର 'ସମାଗମ' ସମ୍ମିଳନୀ କକ୍ଷରେ 'ଅଟୋମୋଟିଭ୍ ଷ୍ଟିଲ୍ ଏବଂ ସଷ୍ଟେନେବଲ୍ ସିଣ୍ଟରିଂ' ଉପରେ ଏକ ବୈଷୟିକ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ଆଇଆଇଏମ୍ ରାଉରକେଲା ଚାପ୍ଟରର ଅଧ୍ୟକ୍ଷ ତଥା ନିର୍ବାହୀ ନିର୍ଦ୍ଦେଶକ (ୱର୍କସ) ବିଶ୍ୱ ରଞ୍ଜନ ପଲାଇଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ଆଇଆଇଏମ୍ ରାଉରକେଲା ଚାପ୍ଟରର ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ (ସେବା) ଅତିଶ ଚନ୍ଦ୍ର ସରକାର, ଏନ୍‌ଆଇଟି (ରାଉରକେଲା)ର ମେଟାଲର୍ଜି ବିଭାଗର ପ୍ରଫେସର ତଥା ଆଇ.ଆଇ.ଏମ୍ ରାଉରକେଲା ଚାପ୍ଟରର ଉପାଧ୍ୟକ୍ଷ ଡଃ ଅର୍ଚ୍ଚନା ମଲ୍ଲିକ ଏବଂ ଆସାନସୋଲର କାଜି ନଜରୁଲ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମାଇନ୍ସ ଆଣ୍ଡ ମେଟାଲର୍ଜିର ନିର୍ଦ୍ଦେଶକ ଡଃ ଅର୍ଘ୍ୟ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ। ଏହି ଆଲୋଚନାରେ ଆର୍‌ଏସ୍‌ପିର ପ୍ରାୟ ୧୦୦ ଜଣ କର୍ମଚାରୀ, ଆଇଆଇଏମ୍ ରାଉରକେଲା ଚାପ୍ଟର ଏବଂ ଏନ୍.ଆଇ.ଟି ରାଉରକେଲାର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଇସ୍ପାତ କ୍ଷେତ୍ରରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ଅଭ୍ୟାସ ଏବଂ ଅଗ୍ରଗତି ବିଷୟରେ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା।




'ଅଟୋମୋଟିଭ୍ ଷ୍ଟିଲ୍ ଗ୍ରେଡ୍ସ: ପ୍ରପର୍ଟିଜ୍, ଆପ୍ଲିକେସନ୍ସ ଆଣ୍ଡ ପରଫରମାନ୍ସ' ଶୀର୍ଷକ ପ୍ରଥମ ବୈଷୟିକ ଆଲୋଚନା ଆର୍‌ଏସ୍‌ପିର ବରିଷ୍ଠ ପ୍ରବନ୍ଧକ (ଆରସିଏଲ) ଆର୍. ରାମକୃଷ୍ଣନ୍ ଏବଂ ପ୍ରବନ୍ଧକ (ଆରସିଏଲ) ବଟକୃଷ୍ଣ ଗିରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବକ୍ତାମାନେ ଅଟୋମୋଟିଭ୍ ଷ୍ଟିଲ୍ ଗ୍ରେଡ୍‌ର ବିକାଶ, ସେଗୁଡ଼ିକର ଗୁଣବତ୍ତା, ପ୍ରୟୋଗ ଏବଂ କାର୍ଯ୍ୟଦକ୍ଷତା ସମ୍ବନ୍ଧୀୟ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

'ସିଣ୍ଟରିଂ ଦି ଫ୍ୟୁଚର: ଗ୍ଲୋବାଲ୍ ଏକ୍ସଲେନ୍ସ ଏବଂ ପାଥ୍ ଟୁ ନେଟ୍ ଜିରୋ' ଶୀର୍ଷକ ଦ୍ୱିତୀୟ ବୈଷୟିକ ଆଲୋଚନା ଡଃ ଅର୍ଘ୍ୟ ମଜୁମଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅଧିବେଶନ ସ୍ଥାୟୀ ସିଣ୍ଟରିଂ ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଏବଂ ଇସ୍ପାତ ଶିଳ୍ପ ପାଇଁ ଅଙ୍ଗାରକାମ୍ଳ ହ୍ରାସ ରଣନୀତି ଉପରେ କେନ୍ଦ୍ରିତ ଥିଲା, ଯେଉଁଥିରେ ନେଟ୍-ଜିରୋ ଲକ୍ଷ୍ୟ ହାସଲ କରିବାରେ ନୂତନତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମଟି ଶିଳ୍ପ-ଶିକ୍ଷା ସଂସ୍ଥାନ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଏବଂ ଇସ୍ପାତ କ୍ଷେତ୍ରରେ ନିରନ୍ତର ଶିକ୍ଷା ତଥା ବୈଷୟିକ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

**ଡାକ୍ତର ଆନ୍ଦୋଳନକୁ ଜେଡିଏର ସମର୍ଥନ**

# ଆଜିଠୁ ଘଣ୍ଟାଏ ଓପିଡି, ଆଇପିଡି ବନ୍ଦ

**ସମ୍ବଲପୁର, ୩।୭ (ସମିସ)**

ବୁର୍ଲାସ୍ଥିତ ଭିମ୍‌ସାରର ଜୁନିଅର ଡାକ୍ତର ସଂଘ (ଜେଡିଏ) ସରକାରଙ୍କୁ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମ୍‌ସା) ବିବାଦର ସମାଧାନ କରିବାକୁ ଅନୁରୋଧ କରିଛି। ବର୍ତ୍ତମାନ ଏକ ଘଣ୍ଟା ପାଇଁ ଓପିଡି ଏବଂ ଆଇପିଡି ସେବାରେ କାର୍ଯ୍ୟବନ୍ଦ (ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା) କରିବ ବୋଲି ଭିମସାର ଜେଡିଏ ଚେତାବନୀ ଦେଇଛି। ଅବଶ୍ୟ ସମସ୍ତ ଜରୁରୀକାଳୀନ ଏବଂ ଜୀବନରକ୍ଷାକାରୀ ସେବା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ରଖାଯିବ ବୋଲି କୁହାଯାଇଛି। ଆଜି ଜେଡିଏ ଦୃଢ଼ ନିନ୍ଦା କରିଛି। ସରକାରଙ୍କ ଓମ୍‌ସା ସହ ଆଲୋଚନା କରିବାକୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଏହି ଅଚଳାବସ୍ଥାର ସମାଧାନ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ହୋଇପାରିବ। ଡାକ୍ତରଖାନା ଗୁଡ଼ିକରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବା ଦ୍ୱାରା ଭିମସାର୍ ଉପରେ ଚାପ ପଡ଼ିଛି। ଏହାର ଫଳସ୍ୱରୂପ କ୍ଷତି ପହଞ୍ଚାଇପାରେ ବୋଲି ଜେଡିଏ ପକ୍ଷରୁ ଆଶଙ୍କା ପ୍ରକାଶ କରାଯାଇଛି। ଗଠନମୂଳକ ଆଲୋଚନା ମାଧ୍ୟମରେ ଓମ୍‌ସାର ଯଥାର୍ଥ ଦାବିଗୁଡ଼ିକୁ ସରକାର ତୁରନ୍ତ ଗ୍ରହଣ କରି ସମାଧାନ କରନ୍ତୁ ବୋଲି ଦାବି କରାଯାଇଛି। ଏହାସହ ପ୍ରତିବାଦ କରୁଥିବା ଡାକ୍ତରମାନଙ୍କ ବିରୋଧରେ ସମସ୍ତ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରାଯାଉ। ନିକଟସ୍ଥ ହସ୍ପିଟାଲଗୁଡ଼ିକରେ ସ୍ୱାଭାବିକ ସ୍ୱାସ୍ଥ୍ୟସେବା ପୁନଃସ୍ଥାପିତ କରାଯିବାକୁ ଅନୁରୋଧ କରାଯାଇଛି। ସରକାରଙ୍କ ପକ୍ଷରୁ





**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭିମସାର ଡିନ୍ ତଥା ଅଧ୍ୟକ୍ଷଙ୍କୁ ଦାବିପତ୍ର**

ଡାକ୍ତର ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାଫଳରେ ଭିମ୍‌ସାର ଉପରେ ଚାପ ବୃଦ୍ଧି ପାଇଛି। ଏହାଦ୍ୱାରା ଗୁରୁତର ରୋଗୀଙ୍କ ସେବା ବିଳମ୍ବିତ ହେଉଛି। ଓମ୍‌ସା ସହିତ ଏକତା ପ୍ରକାଶ କରି ଭିମ୍‌ସାର ଜେଡିଏ ସଦସ୍ୟମାନେ କଳା ବ୍ୟାଜ୍ ପରିଧାନ କରିଛନ୍ତି। ଯଦି ସରକାର ଗଠନମୂଳକ ଆଲୋଚନା ଆରମ୍ଭ କରିବା ଏବଂ ଡାକ୍ତରଙ୍କ ବିରୋଧରେ ସରକାରୀ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରିବାରେ ବିଫଳ ହୁଅନ୍ତି ତେବେ ଶନିବାରଠାରୁ ପ୍ରତିଦିନ ପ୍ରତୀକାତ୍ମକ ଭାବରେ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭିମସାର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୪୮ ଘଣ୍ଟା ମଧ୍ୟରେ ଓମ୍‌ସା ଆନ୍ଦୋଳନ ଯୋଗୁଁ ଭିମସାର୍‌ରେ ଦେଖାଦେଇଥିବା ସ୍ୱାସ୍ଥ୍ୟସେବା ସଙ୍କଟ ବିଷୟରେ ଏଥିରେ ବର୍ଣ୍ଣନା କରାଯାଇଛି। ଓମ୍‌ସାରଗୁଡ଼ିକୁ ଜେଡିଏ ସମର୍ଥନ କରୁଛି। ଆନ୍ଦୋଳନକାରୀ ଡାକ୍ତରମାନଙ୍କ ସହ ଆଲୋଚନା କରିବା ପରିବର୍ତ୍ତେ ନିଆଯାଇଥିବା ବଳପୂର୍ବକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ଜେଡିଏ ଏହି ଡାକ୍ତରଖାନା ଉପରେ ଆବଶ୍ୟକ କରୁଥିବା ଗୁରୁତର ରୋଗୀ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଜୁନିଅର ଡାକ୍ତର, ରେସିଡେଣ୍ଟ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଶାରୀରିକ ଓ ମାନସିକ ଚାପ ମଧ୍ୟରେ କାର୍ଯ୍ୟ କରୁଛନ୍ତି। ଏଭଳି ପରିସ୍ଥିତି ଜାରି ରହିଲେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଯିବାର ଆଶଙ୍କା ରହିଛି। ଯଦି ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନିଆ ନ ଯାଏ ତେବେ ଭିମସାରର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅଧିକ ଭାରାକ୍ରାନ୍ତ ହୋଇପାରେ। ସମଗ୍ର ପଶ୍ଚିମ ଓଡ଼ିଶାରେ ରୋଗୀ ସେବାକୁ ଗମ୍ଭୀର ଭାବରେ କୌଣସି ସକାରାତ୍ମକ ପଦକ୍ଷେପ ଆରମ୍ଭ କରା ନ ଗଲେ ଭିମସାର୍ ଜୁନିଅର ଡାକ୍ତର ସଂଘ ଶନିବାରଠାରୁ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରତୀକାତ୍ମକ ଭାବେ ଏକ ଘଣ୍ଟା ପାଇଁ ଓପିଡି ଓ ଆଇପିଡିରେ କାର୍ଯ୍ୟବନ୍ଦ କରିବ। ଜେଡିଏ ସଭାପତି ଡାକ୍ତର ମଳୟ ରଞ୍ଜନ ମଲ୍ଲିକ ଓ ସାଧାରଣ ସମ୍ପାଦକ ଡାକ୍ତର ଦେବଦତ୍ତ ପଣ୍ଡାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭିମସାର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ମହାନ୍ତିଙ୍କୁ ଦାବିତ୍ର ପ୍ରଦାନ କରାଯାଇଛି।

## ଲଗାଣ ବର୍ଷାରେ ଗଛ ଉପୁଡ଼ି ରାସ୍ତା ଅବରୋଧ




**ରେଢ଼ାଖୋଲ, ୩।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅଧୀନ ହେମାମୁରା ଗାଁ ମୁଣ୍ଡରେ ଶୁକ୍ରବାର ଲଗାଣ ବର୍ଷା ଯୋଗୁଁ ଏକ ପୁରୁଣା କୃଷ୍ଣଚୂଡ଼ା ଗଛ ମୂଳରୁ ଉପୁଡ଼ି ପଡ଼ିଛି ଏହା ଫଳରେ ରାସ୍ତା ଅବରୋଧ ହୋଇଥିଲା। ଏଣୁ ହେମାମୁରାରୁ ବୁଢିପାଣୀକୁ ରାସ୍ତା ବନ୍ଦ ରହିଥିଲା। ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ସେମାନେ ପହଞ୍ଚି ଗଛକୁ କଟର ସାହାଯ୍ୟରେ କାଟି ରାସ୍ତାରୁ ହଟାଇଥିଲେ। ଏହା ପରେ ରାସ୍ତାରେ ଯିବା ଆସିବା ସ୍ୱାଭାବିକ ହୋଇଥିଲା। ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

**ଟିପିଡବ୍ଲ୍ୟୁଓଡିଏଲ୍‌ରେ ସୁରକ୍ଷା ଓ କର୍ମଚାରୀ ସମସ୍ୟା**

## ସିଇଓଙ୍କ ସହ ମଜଦୂର ସଂଘର ବୈଠକ



**ସମ୍ବଲପୁର, ୩।୭(ସମିସ):** ବୁର୍ଲା ମୁଖ୍ୟ କାର୍ଯ୍ୟାଳୟଠାରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ରେ ଘଟିଥିବା ସୁରକ୍ଷାଜନିତ ଘଟଣାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଆଜି ସୁରକ୍ଷା ପ୍ରସଙ୍ଗ ଉପରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘକୁ ପ୍ରତିନିଧି ମନୋନୀତ କରି ଯୋଗଦେବାକୁ କମ୍ପାନୀ ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା। ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ପ୍ରବୀଣ ବର୍ମାଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ କର୍ମକ୍ଷେତ୍ରରେ ବର୍ତ୍ତମାନର ସୁରକ୍ଷା ସମସ୍ୟା, ସଚେତନତା ବୃଦ୍ଧି, ସୁରକ୍ଷିତ କାର୍ଯ୍ୟପଦ୍ଧତିର ପ୍ରୋତ୍ସାହନ ଏବଂ ସମସ୍ତ ସ୍ତରରେ ଦାୟିତ୍ୱବୋଧ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ସୁରକ୍ଷା ବ୍ୟବସ୍ଥା ସହ ଟିପିଡବ୍ଲ୍ୟୁଓଡିଏଲରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏସବୁ ବିଷୟ ଉପରେ ସମାଧାନ କରିବାକୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତପକ୍ଷର ସକ୍ରିୟ ସହଭାଗିତା ଦ୍ୱାରା କର୍ମକ୍ଷେତ୍ରରେ ଅଧିକ ସୁରକ୍ଷିତ ପରିବେଶ ସୃଷ୍ଟି ହେବ ବୋଲି ଆଶା ପ୍ରକାଶ ପାଇଥିଲା। ଆଲୋଚନାରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବଲାଙ୍ଗୀର ସମ୍ପାଦକ ଦୟାନିଧି ଦୀପ, ଜୀମୂତବାହନ ନାଗ, ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ଜିତେନ୍ଦ୍ର କୁମାର ପଟେଲ, ସୁନ୍ଦରଗଡ଼ ସମ୍ପାଦକ ରଞ୍ଜିତ କୁମାର ସାହୁ, ଜଗନ୍ନାଥ ମେହେର, ଡିଭିଜନ ସମ୍ପାଦକ ଜଗନ୍ନାଥ ଛତର, ଶଶୀଭୂଷଣ ମହଲା, ସମ୍ବଲପୁରରୁ ସୀମାଞ୍ଚଳ ପାତ୍ର, ବରଗଡ଼ ସର୍କଲ ସମ୍ପାଦକ ବଦ୍ରିନାରାୟଣ ସେଠ, ବରଗଡ଼ ଡିଭିଜନ ସମ୍ପାଦକ ପାଣ୍ଡବ ଜଗଦଲ୍ଲା, ସମ୍ପାଦକ ଅନୁପ ଦାସ, ସମ୍ପାଦକ ବିଭୀଷଣ ମେହେର, ଯୁଗ୍ମ ସମ୍ପାଦକ ଚକ୍ରଧର ପଧାନ ଓ ମହାସଂଘ ସଂଗଠନ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ।

## ଅସହାୟ ଯୁବକ ଉଦ୍ଧାର



**ସମ୍ବଲପୁର, ୩।୭ (ସମିସ) :** ସମ୍ବଲପୁର ରିଂରୋଡରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଜୁହାର ଛକ ନିକଟରୁ ଜଣେ ଅସହାୟ ଯୁବକ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ରଘୁନାଥ ମିଶ୍ର ତଥା ପରିଚୟ ଅନୁଷ୍ଠାନ ସଦସ୍ୟ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ବୁର୍ଲା ଭିମ୍‌ସାରରେ ଭର୍ତ୍ତି ଥିଲେ। ପୁରୀ ଜିଲ୍ଲା କଣାସ ବ୍ଲକରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନରେ ତାଙ୍କୁ ଆଶ୍ରୟ ଦେବାକୁ ବ୍ୟବସ୍ଥା କରାଯାଇଛି।

# ବର୍ଷାରେ ବେହାଲ ସମ୍ବଲପୁର

**ସମ୍ବଲପୁର, ୩।୭ (ସମିସ):** ପ୍ରବଳ ବର୍ଷାରେ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ନାଳ ଉଛୁଳି ରାସ୍ତା ଉପରେ ପାଣି ପ୍ରବାହିତ ହେବାରୁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବର୍ଷା ପୂର୍ବରୁ ମହାନଗର ନିଗମ ପକ୍ଷରୁ ନାଳ ସଫେଇ କାର୍ଯ୍ୟ ଠିକ୍ ଭାବେ କରାଯାଇନି। ଜଳନିଷ୍କାସନ ପଥରେ ଥିବା ବିଭିନ୍ନ ପ୍ରତିବନ୍ଧକ ମଧ୍ୟ ଅପସାରଣ କରାଯାଇନି। ଏଣୁ ବର୍ଷାଜଳ ସହଜରେ ନିଷ୍କାସିତ ହୋଇପାରିନି। ଏହାଫଳରେ ଅନେକ ସ୍ଥାନରେ ପାଣି ଜମି ରହିଥିଲା। ଏଣୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରାୟ ଦେଢ଼ରୁ ଦୁଇ ଘଣ୍ଟାର ବର୍ଷା ସହରର ଜନଜୀବନକୁ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ କରିଦେଇଥିଲା। ଏଣୁ ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସହରର ପ୍ରାୟ ସମସ୍ତ ତଳି ଅଞ୍ଚଳ ସମେତ ଜାତୀୟ ରାଜପଥରେ ମଧ୍ୟ ପାଣି ଜମି ରହିଥିଲା। ଏହାଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଶେଷ କରି ଗୋପାଳମାଲ, ଚାରଭାଟି, ପ୍ରଧାନପଡ଼ା, ଏସଆରଆଇଟି କଲୋନୀ ଭଳି ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଥିଲା। ଘରଗୁଡ଼ିକରେ ପାଣି ପଶି ଯାଇଥିଲା। ଅଇଁଠାପାଲି ବସଷ୍ଟାଣ୍ଡ ପରିସରରେ ପାଣି ଜମି ରହିଥିଲା। ଏଣୁ ଯାତ୍ରୀ ଛିଡ଼ା ହେବାକୁ ମଧ୍ୟ ସ୍ଥାନ ନ ଥିଲା। ସହରରେ ଅଧାପନ୍ତରିଆ ଡ୍ରେନ୍ କାମ ଏବଂ ନିୟମିତ ସଫେଇର ଅଭାବ ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡ୍ରେନେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହେବାସହ ଡ୍ରେନ୍ ଉପରେ ଅବୈଧ ନିର୍ମାଣ ଯୋଗୁଁ ପାଣି ନିଷ୍କାସନ ହୋଇପାରିନାହିଁ। ମହାନଗର ନିଗମର ବିଭିନ୍ନ ୱାର୍ଡ / ପଡ଼ାରେ ଅଙ୍କାବଙ୍କା ସହ ସଂକୁଚିତ ନାଳ ଯୋଗୁଁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ବୋହିଥିଲା। ମହାନଗର ନିଗମ ସମସ୍ତ ଅଞ୍ଚଳରେ ଚଉଡ଼ା ନାଳ କରିବାକୁ ବାରମ୍ବାର ଦାବି ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି। ଏହାସହ ନାଳ ଗୁଡ଼ିକ ଯାଇ ତିନୋଟି ମୁଖ୍ୟ ନାଳରେ ପଡ଼ିଥିବାବେଳେ ଡ୍ରେନ୍ ଗୁଡ଼ିକ ସଂକୁଚିତ ସହ ତାହା ଉପରେ ଅବୈଧ ନିର୍ମାଣ ଜଳସ୍ରୋତକୁ ଅବରୋଧ କରୁଛି। ସହରର କେତେକ ଅଞ୍ଚଳରେ ପାଣି ଜମା ହୋଇ ରହିଥିଲା। ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷ ଓ କର୍ମଚାରୀ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିବା ସହ ଡ୍ରେନ୍ ଉପରେ ଥିବା ଅବୈଧ ନିର୍ମାଣ ଏବଂ ଜଳସ୍ରୋତ ଅବରୋଧ ଗୁଡ଼ିକୁ ଉଚ୍ଛେଦ କରିଛନ୍ତି। ତେବେ, ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ପ୍ରତିଦିନ ଏଭଳି ସ୍ଥିତି ଉପୁଜିବ। ଏପରିସ୍ଥଳେ ବର୍ଷା ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରା ନ ଗଲେ ପ୍ରତି ବର୍ଷାରେ ଏଭଳି ସମ୍ବଲପୁର ବୁଡ଼ିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ କରାଯାଇଛି।





## ସଞ୍ଜୟ ଛୁରିଆ ରାହୁଲ-ପ୍ରିୟଙ୍କା ଗାନ୍ଧୀ ସେନାର ରାଜ୍ୟ ସମ୍ପାଦକ

**ସମ୍ବଲପୁର, ୩।୭ (ସମିସ) :** କଂଗ୍ରେସ ନେତା ସଞ୍ଜୟ ଛୁରିଆ ରାହୁଲ-ପ୍ରିୟଙ୍କା ଗାନ୍ଧୀ ସେନାର ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏହି ମର୍ମରେ ରାହୁଲ ପ୍ରିୟଙ୍କା ଗାନ୍ଧୀ ସେନା (କଂଗ୍ରେସ)ର ଜାତୀୟ ସଭାପତି ପଣ୍ଡିତ ଜଗଦୀଶ ଶର୍ମା ଏକ ପତ୍ର ଲେଖି କଂଗ୍ରେସ ଦଳ ପ୍ରତି ଶ୍ରୀ ଛୁରିଆଙ୍କ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ରାଜ୍ୟ ସମ୍ପାଦକ (ଓଡ଼ିଶା) ଭାବେ ନିଯୁକ୍ତ କରାଯାଇଥିବା ଉଲ୍ଲେଖ କରିଛନ୍ତି। ରାହୁଲ ପ୍ରିୟଙ୍କା ସେନା ଦଳକୁ ମଜବୁତ କରିବାରେ ଉଦ୍ୟମ ଜାରି ରଖିବେ ବୋଲି କୁହାଯାଇଛି।



## ନାଫେଡ୍ ଓଡ଼ିଶା ପକ୍ଷରୁ ସମବାୟ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୩।୭ (ସମିସ) :** ଜାତୀୟ କୃଷି ସମବାୟ ମାର୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ନାଫେଡ୍), ଓଡ଼ିଶା, ଦୀନ ଦୟାଲ ଉପାଧ୍ୟାୟ କେନ୍ଦ୍ର ପବ୍ଲିକ୍ ପଲିସି ଏବଂ ଜୀବିକା ଅଲଟରନେଟିଭ୍ସ ସହିତ ମିଳିତ ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସମବାୟ ସପ୍ତାହ ୨୦୨୬ର ଅଂଶ ଭାବରେ ଚାଷୀଙ୍କ ପାଇଁ ଏକ ସଚେତନତା ଏବଂ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଏମ୍‌ୟୁର ଡାକ୍ତର ନାରାୟଣୀ ପଣ୍ଡା ରିସୋର୍ସ ସେଣ୍ଟରରେ ଉଦ୍‌ଘାଟିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଏମ୍‌ୟୁ ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ମଲ୍ଲିକ, ମାର୍କଫେଡ୍ ସଚିବ ବିଜେନ୍ଦ୍ର ମହାନ୍ତି ଏବଂ ସମ୍ବଲପୁର ଡିଆରସିଏସ୍‌ର ଲକ୍ଷ୍ମୀଧର ରାଉତ ଉପସ୍ଥିତ ଥିଲେ। ନାଫେଡ୍ ଓଡ଼ିଶାର ରାଜ୍ୟ ମୁଖ୍ୟ ଅନିନ୍ଦିତା ଗୁହା ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। କୃଷକମାନଙ୍କ ପାଇଁ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଏବଂ ଡାଲି ଏବଂ ତୈଳବୀଜ ପାଇଁ ମୂଲ୍ୟ ସହାୟକ ଯୋଜନା (ପିଏସ୍ଏସ୍) ବିଷୟରେ ସଚେତନତା ସୃଷ୍ଟି କରିବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ଜୀବିକା ନିର୍ମାଣ ଏବଂ ସମବାୟ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଏପରି ସହଭାଗିତା ଅତ୍ୟାବଶ୍ୟକ। ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ଢେଙ୍କାନାଳ, ବରଗଡ଼ ଏବଂ ଝାରସୁଗୁଡ଼ାର ଚାଷୀମାନେ ଏଫ୍‌ପିଓ ଏବଂ ସମବାୟ ପ୍ରତିନିଧିମାନଙ୍କ ସହିତ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ନାଫେଡ୍‌ର ସହକାରୀ ପରିଚାଳକ ଗୋବିନ୍ଦ ମୁର୍ମୁ ଏବଂ ସହକାରୀ ପରିଚାଳିକା ଲିଜାରାଣୀ ସାମଲ ସଂଯୋଜନା କରିଥିଲେ।




## ଘୋଷରାମାଳରେ ବନ ମହୋତ୍ସବ



**ନାକଟିଦେଉଳ, ୩।୭ (ସମିସ):** ନାକଟିଦେଉଳ ବନାଞ୍ଚଳ ଅଧୀନ ଘୋଷରାମାଳ ଫରେଷ୍ଟ ସେକ୍ସନ ପକ୍ଷରୁ ଘୋଷରାମାଳ ହାଇସ୍କୁଲ ପରିସରରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଘୋଷରାମାଳ ଫରେଷ୍ଟର ସୈରେନ୍ଦ୍ରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଘୋଷରାମାଳ ସରପଞ୍ଚ ପ୍ରେମଶିଳା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଘୋଷରାମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଓ ବିଦ୍ୟାଳୟ ପରିସରରେ ଆମ୍ବ, ଜାମୁ, ଅଁଳା ଆଦି ବିଭିନ୍ନ ପ୍ରଜାତିର ପ୍ରାୟ ୨ ଶହ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରେନ ପ୍ରଧାନ, ସହକାରୀ ଶିକ୍ଷକ ସଞ୍ଜୟ ନାଏକ, ସୁଦର୍ଶନ ରାଉଳ, ପବିତ୍ରମୋହନ ପ୍ରଧାନ, ସଂଯୁକ୍ତା ଅଦାବେଙ୍କ, ନାଏବ ସରପଞ୍ଚ ଗିରିଧାରୀ ପ୍ରଧାନ, ଫରେଷ୍ଟ ଗାର୍ଡ ରେବତୀ ପ୍ରଧାନ ଏବଂ ସୁମନ୍ତ ମେହେରଙ୍କ ସମେତ ବନ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଚାରାରୋପଣ କରିବା ସହ ସମସ୍ତ ଚାରା ସୁରକ୍ଷା କରିବାକୁ ଶପଥ ନେଇଥିଲେ।

## ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ



**ରେଢ଼ାଖୋଲ, ୩।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଉପଖଣ୍ଡ ସି କେଲ୍ କାର୍ଯ୍ୟାଳୟରେ ଶୁକ୍ରବାର ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘ ପକ୍ଷରୁ ଦ୍ୱି ବାର୍ଷିକ ସାଧାରଣ ଅଧିବେଶନ ସହିତ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ବନ ନିଗମର ଏକମାତ୍ର ସ୍ୱୀକୃତି ପ୍ରାପ୍ତ କର୍ମଚାରୀ ସଂଗଠନ ରହିଛି। ଏଥିରେ ସମ୍ମାନନୀୟ ଅତିଥି ଭାବରେ କାର୍ଯ୍ୟକାରୀ ସଭାପତି ସଂଗ୍ରାମ ପଟ୍ଟନାୟକ, ସାଧାରଣ ସମ୍ପାଦକ ରଙ୍ଗାଧର ନାୟକ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଜୋନାଲ ସମ୍ପାଦକ ସସ୍ମିତା ମଲ୍ଲିକ, ଡିଏମ୍ ଶୁଭମ୍ ବେହେରା, ଏସଡିଏମ୍ ମଦନ ମୋହନ ସେଠୀ, ଅଳଙ୍କୃତ ସେଠୀ, ପୂର୍ବତନ ସମ୍ପାଦକ ଶୁଭ ନାରାୟଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅଧିବେଶନରେ ରେଢ଼ାଖୋଲ ଶାଖାର ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଦୀପ ପ୍ରଧାନ, ଉପ ସଭାପତି ସୁଶାନ୍ତ ସାହୁ, ସମ୍ପାଦକ ଅନନ୍ତ ସ୍ୱାଇଁ, ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ଅର୍ଗାନାଇଜ ସେକ୍ରେଟାରୀ ଜୟକୃଷ୍ଣ ଜେନା, ମୁଖ୍ୟ ଉପଦେଷ୍ଟା ଚିତ୍ରସେନ ଜେନା, ସୌରଭ ଭୋଇ, କୋଷାଧ୍ୟକ୍ଷ ଅଜୟ ଲାକ୍ରା, ସୁପର୍ଣ୍ଣା ଦାସ, ସନ୍ତୋଷ ପରିଡ଼ା, ପ୍ରାଚୀ ପୌନତ୍ୟା ଖିଲାରୀ, ମନୋଜ ସାହୁ ପ୍ରମୁଖ ଚୟନ ହୋଇ ଶପଥ ନେଇଥିଲେ।

**ଶେଷ ହେଲା ରବି ଧାନକିଣା**

# ଚାଷୀ ବିକିଲେ ୧୪ ଲକ୍ଷ କ୍ୱିଣ୍ଟାଲ ଧାନ

**ସମ୍ବଲପୁର, ୩।୭ (ସମିସ)**

ଚଳିତବର୍ଷର ରବି ଧାନ ସଂଗ୍ରହ ଜୁଲାଇ ୩ ତାରିଖ ଶେଷ ହୋଇଛି। ଜିଲ୍ଲାର ମୋଟ ୧୯, ୦୯୭ ଜଣ ଚାଷୀ ଚଳିତ ରବି ଋତୁରେ ମୋଟ ୧୪, ୧୭, ୦୧୮.୦୧ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୬ ଜଣ ଚାଷୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ଚାଷୀଙ୍କୁ ଡିବିଟି ଜରିଆରେ ପ୍ରାପ୍ୟ ପ୍ରଦାନ କରାଯାଇଥିବା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ଚଳିତବର୍ଷ ସକାଶେ ସମ୍ବଲପୁର ଜିଲ୍ଲା ସକାଶେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟରେ ୯୯.୮୮ ପ୍ରତିଶତ ଧାନ ସଂଗ୍ରହ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ମେ ୧୫ ତାରିଖରୁ ରବି ଧାନକ୍ରୟ ଆରମ୍ଭ ସକାଶେ ଦିନ ଧାର୍ଯ୍ୟ ହୋଇଥିବାବେଳେ ସମସ୍ତ ଚାଷୀଙ୍କ ଏକକାଳୀନ ଟୋକନ ନ ଆସିବାରୁ ଚାଷୀମାନେ ଧାନ ବିକ୍ରୟ କରି ନ ଥିଲେ। ଟୋକନ ଇସ୍ୟୁ କରାଯିବାପରେ ମେ ୧୯ ତାରିଖରୁ ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଥିଲା।

ମିଳିଥିବା ତଥ୍ୟ ଅନୁଯାୟୀ, ସମ୍ବଲପୁର ଜିଲ୍ଲା ପାଇଁ ରବି ଧାନ ସଂଗ୍ରହରେ ମୋଟ ୧୪, ୧୮, ୬୭୮ କ୍ୱିଣ୍ଟାଲ ଧାନସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଆଜିସୁଦ୍ଧା ୧୪, ୧୭, ୦୧୮.୦୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଜିଲ୍ଲାର ମୋଟ ୫୭ଟି ଧାନ ସଂଗ୍ରହ କେନ୍ଦ୍ର (ପିପିସି)ରେ ଧାନ ସଂଗ୍ରହ କରାଯାଇଥିବାବେଳେ ୪୮ ଜଣ ମିଲର୍ ସାମିଲ ହୋଇଥିଲେ। ଜିଲ୍ଲାର ମୋଟ ୨୮, ୦୧୯ଟି ଟୋକନ୍ ମଧ୍ୟରୁ ବର୍ତ୍ତମାନ କୌଣସି ସକ୍ରିୟ ଟୋକନ୍ ବାକି ନ ଥିବା ଜଣାପଡ଼ିଛି। ଜିଲ୍ଲାର ୧୯, ୦୯୭ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରୟ କରିଛନ୍ତି। ସିଧାସଳଖ ସ୍ଥାନାନ୍ତରଣ (ଡିବିଟି) ଜରିଆରେ ସେମାନଙ୍କ ମଧ୍ୟରୁ ୧୮, ୯୬୨ ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୩, ୩୩, ୩୪, ୨୫, ୨୦୬ ଟଙ୍କା ପଠାଯାଇଛି। ତେବେ କିଛି ବୈଷୟିକ ତ୍ରୁଟି ଯୋଗୁଁ ୨୬ ଜଣ ଚାଷୀଙ୍କ ପ୍ରାୟ ୩୫, ୮୭, ୫୪୨ ଟଙ୍କାର କାରବାରରେ ସମସ୍ୟା ଦେଖାଦେଇଛି, ଯାହାର ସମାଧାନ ପାଇଁ ପ୍ରଶାସନିକ ଉଦ୍ୟମ ଜାରି ରହିଛି। ସଂଗୃହୀତ ହୋଇଥିବା ସମସ୍ତ ୧୪, ୧୭, ୦୧୮.୦୧ କ୍ୱିଣ୍ଟାଲ ଧାନ ମିଲର୍‌ମାନଙ୍କୁ ସମ୍ପୂର୍ଣ୍ଣ ରୂପେ ହସ୍ତାନ୍ତର କରାଯାଇ ସାରିଛି ଏବଂ ମଣ୍ଡିଗୁଡ଼ିକରେ ବର୍ତ୍ତମାନ କୌଣସି ଧାନ ବଳକା ରହି ନ ଥିବା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା ସୂଚନା ଦେଇଛନ୍ତି।



ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ରବି ଧାନ ବିକ୍ରୟ କରିବା ସକାଶେ ପଞ୍ଜିକରଣ କରିଥିବା ପ୍ରାୟ ସମସ୍ତ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିପାରିଛନ୍ତି। ତେବେ, ୯ ଏକରରୁ ଅଧିକ ଜମିରେ ଧାନଚାଷ କରି ପଞ୍ଜିକରଣ କରିଥିବା ଚାଷୀମାନଙ୍କ ଧାନ ବଳକା ରହିଯାଇଛି। ଏନେଇ ସରକାରଙ୍କ ପକ୍ଷରୁ ଏକ ଧାର୍ଯ୍ୟ ପରିମାଣର ଜମିରେ ଧାନ ଚାଷକୁ ପଞ୍ଜିକରଣ କରାଗଲେ ଭଲ ହୁଅନ୍ତା। ସରକାରଙ୍କ ନୀତି ସ୍ପଷ୍ଟ ହୁଅନ୍ତା। ଚାଷୀ ଧାନବିକ୍ରୟ ପାଇଁ ଅଧିକ ଜମି ପଞ୍ଜିକରଣ କରିପାରନ୍ତା ନାହିଁ ଏବଂ ବିକିବ ବୋଲି ମଧ୍ୟ ଆଶାରେ ରହି ନ ଥାନ୍ତା ବୋଲି ଶ୍ରୀ ଠାକୁର ମତପ୍ରକାଶ କରିଛନ୍ତି।

### ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

# କଳାହାଣ୍ଡିରେ ବିଗୁଡୁଛି ସ୍ୱାସ୍ଥ୍ୟସେବା



**ଭବାନୀପାଟଣା, ୩।୭ (ସମିସ):** ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା)ର କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଫଳରେ ଜିଲ୍ଲା ସଦର ହସ୍ପିଟାଲ ସମେତ ଗ୍ରାମାଞ୍ଚଳରେ ରୋଗୀ ସେବା ପ୍ରଭାବିତ ହୋଇଛି। କଳାହାଣ୍ଡି ଜିଲ୍ଲାର ସମସ୍ତ ସରକାରୀ ଚିକିତ୍ସାଳୟରେ ଆୟୁଷ ଡାକ୍ତର ସାମୟିକ ରୂପେ ସ୍ୱାସ୍ଥ୍ୟସେବା ଯୋଗାଉଥିବା କୁହାଯାଉଥିଲେ ବି ଗୁରୁତର ରୋଗୀଙ୍କ କ୍ଷେତ୍ରରେ ସଠିକ୍ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ।

ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି, ସରକାର ଦାବି ଗୁଡ଼ିକ ପ୍ରତି ବିଚାର କରି ସକାରାତ୍ମକ ନିଷ୍ପତି ନେବା ଉଚିତ୍। ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଆନ୍ଦୋଳନ ଦାବି ପୂରଣ ନହେବା ଯାଏଁ ଚାଲୁ ରହିବବୋଲି ସୂଚନା ମିଳୁଛି। କଳାହାଣ୍ଡି ଜିଲ୍ଲାରେ ୬ ଶହ ଡାକ୍ତର ମଞ୍ଜୁରିପ୍ରାପ୍ତ ପଦବୀ ରହିଥିବାବେଳେ ଏବେ ମାତ୍ର ୨ ଶହ ଡାକ୍ତର ରହିଛନ୍ତି। କମ ସଂଖ୍ୟକ ଡାକ୍ତର ଯୋଗୁଁ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହୋଇଛି।ସରକାର ଆନ୍ଦୋଳନରୁ ଓହରିବାକୁ ନାନା ଧମକ ଏବଂ ଭୟ ଦେଖାଇ ସାରିଛନ୍ତି। ତଥାପି ସରକାର ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଆମେ ଆମର ନିଷ୍ପତ୍ତିରେ ଅଟଳ ରହିବୁବୋଲି ଆନ୍ଦୋଳନକାରୀ ଡାକ୍ତରଙ୍କ ତରଫରୁ ସ୍ପଷ୍ଟ ମତ ପ୍ରକାଶ ପାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଭବାନୀପାଟଣା, ୩।୭ (ସମିସ):** ସରକାରୀ ପ୍ରାଥମିକ ବିଦ୍ୟାଳୟ ପରଦେଶୀପଡ଼ାଠାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମୁଦୁଲିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଆଚାରୀ ଶବର, ବିଆର୍‌ସିସି ଜୟ ମାଝୀ, ପ୍ରକୃତି ବନ୍ଧୁ ମନୋଜ କୁମାର ପାଣିଗ୍ରାହୀ, ନିହାରିକା ମ୍ୟାଡାମ, ମହେନ୍ଦ୍ର ପଣ୍ଡା, କିଶୋର ଉପାଧ୍ୟାୟ, ବିଭାଗୀୟ ଅଧିକାରୀ, ପ୍ରଶାନ୍ତ କୁମାର ନନ୍ଦ, ବୀରେନ କୁମାର ଆଚାର୍ଯ୍ୟ, ଟଙ୍କ ସାହୁ, ବିହାରୀ ମହାନନ୍ଦ, ଜିତେନ୍ଦ୍ର ମୁଣ୍ଡ ଓ ଅରୁଣ ମିଶ୍ର ଏବଂ ଏସ୍. ଏମ୍. ସି. ସଭାନେତ୍ରୀ ସଙ୍ଗୀତା ସାହୁ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସଂଯୋଜିକା ସ୍ୱାଧିନୀ ସାହୁ ମାନପତ୍ର ପଠନ କରିଥିଲେ ଓ ଗୀତା ଦେଇ ଅତିଥି ସ୍ୱାଗତ କରିଥିଲେ।

# କୋଟାମାଲ-ଡଙ୍ଗରୀପଡ଼ା ରାସ୍ତାରେ ଆଣ୍ଠୁଏ ପାଣି

### ପାଣି କାଦୁଅରେ ପଶି ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ



**ସିନାପାଲି, ୩।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋଟାମାଲ ସ୍ଥିତ ଡଙ୍ଗରିପଡ଼ା ରାସ୍ତା ଅସରାଏ ବର୍ଷା ପରେ ଶୋଚନୀୟ ହୋଇପଡ଼ିଛି। ପଡ଼ାର କୁନି କୁନି ଶିଶୁ ନିକଟସ୍ଥ ଅଙ୍ଗନବାଡ଼ି ଓ ବିଦ୍ୟାଳୟକୁ ପାଣି କାଦୁଅରେ ପଶି ହୀନସ୍ତା ହୋଇ ଯାଉଛନ୍ତି। ସେହିପରି ଏହି ରାସ୍ତା ଦେଇ ଯୋଗୀମଠ ପର୍ଯ୍ୟଟନ ସ୍ଥଳୀକୁ ଅନେକ ଲୋକ ଯିବା ଆସିବା କରୁଛନ୍ତି। ଏପରିକି ଏହି ରାସ୍ତା ଦେଇ ଭରୁଆମୁଣ୍ଡ ଦେଇ କଳାହାଣ୍ଡିକୁ ସିଧାସଳଖ ଅଞ୍ଚଳର ଲୋକେ ଯିବା ଆସିବା କରୁଛନ୍ତି। ହେଲେ ଡଙ୍ଗରୀପଡ଼ା ମଧ ଭାଗରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମା ହୋଇ ରହୁଥିବା ବାରମ୍ବାର ଅଭିଯୋଗ ପରେ ମଧ କେହି ଶୁଣୁ ନ ଥିବା ଡଙ୍ଗରୀପଡ଼ାବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ଦୁର୍ଗମ ଅଞ୍ଚଳରେ ଅନ୍ଧବିଶ୍ୱାସର କରୁଣ ଚିତ୍ର

# ଚର୍ମରୋଗରେ ପୀଡ଼ିତ ଶିଶୁଙ୍କ ପାଇଁ ପୂଜାପାଠ

ଲାଞ୍ଜିଗଡ଼, ୩।୭ (ସମିସ)



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତୁର୍କା ଗାଁ ବସିବା ଇତିମଧ୍ୟରେ ଶହେବର୍ଷ ଟପିଲାଣି। ଏହି ଗାଁରେ ୩୦ ଆଦିବାସୀ ପରିବାର ବସବାସ କରନ୍ତି। ତଥାପି ଆଜି ଯାଏ ଗାଁରେ ଅନ୍ଧବିଶ୍ୱାସ ଦୂର ହୋଇନାହିଁ। ଫଳରେ ଗତ ୨ ମାସ ମଧ୍ୟରେ ଚର୍ମରୋଗରେ ଆକ୍ରାନ୍ତ ଗାଁର ୨୦ ଶିଶୁ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ରୋଗ ପ୍ରକୋପରୁ ରକ୍ଷା ପାଇବାକୁ ପୂଜା କରାଯାଉଥିଲା। ମାତ୍ର ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇଥିଲା। ଖବର ପାଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ଲାଞ୍ଜିଗଡ଼ ବ୍ଲକ ମେଡ଼ିକାଲ ଅଫିସର ଡ଼. ଭବାନୀ ଶଙ୍କର ଲେଙ୍କାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟଟିମ୍ ବୁଧବାର ସକାଳେ ଗାଁରେ ପହଞ୍ଚି ସମସ୍ତ ଗୁରୁତର ଶିଶୁଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲା।

ସୂଚନା ଅନୁସାରେ, ଆଜିକୁ ୨ମାସ ହେଲା ତୁର୍କାରେ ୧ ରୁ ୫ ବର୍ଷ ମଧ୍ୟରେ ଥିବା ୨୦ରୁ ଊର୍ଦ୍ଧ୍ୱ ଶିଶୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିଲେ। ୨ମାସ ତଳେ ପ୍ରଥମେ ପୁଅ ମାନସ ମାଝୀ, ଅମର ମାଝୀ, ଝିଅ ବର୍ଷା ମାଝୀ, ରାକ୍ଷୀ ମାଝୀ, ଅଙ୍କିତା ମାଝୀ, ଆଶାନ୍ତି ମାଝୀ, ସୁନିତା ମାଝୀ, ସୁନିତା ମାଝୀଙ୍କ ଶରୀରର ମୁହଁ, ପିଠି, ଗୋଡ଼, ହାତରେ ଗରମ ଫୋଡ଼ା ପରି ବାହାରି ଧୀରେ ଧୀରେ ଶରୀରର ବିଭିନ୍ନ ଅଂଶକୁ ବ୍ୟାପି ଯାଇଥିଲା। ଆମ ପିଲାଙ୍କୁ ମା' କମାନି ହୋଇଛି, ଡାକ୍ତରଖାନା ଗଲେ ମା' କୋପ କରିବେ କହି ଗୁଣିଆ ବା ପୂଜାରୀ ଡକାଇ ଧୂପଦୀପ ଦେଇ ପୂଜା ପାଠ କରୁଥିଲେ। ଗାଁ ଠାରୁ ୧୪ କିମି ଦୂରରେ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ମୁଷାନାଳରେ ରହିଥିବା ବେଳେ ତୁର୍କା ଗାଁ ଦାୟିତ୍ୱରେ ଥିବା ସିଏଚଓ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ଗାଁକୁ ଯାଉନଥିବାରୁ ଏପରି ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଗାଁର ଜଣେ ଶିକ୍ଷିତ ଯୁବକ ନବୀନ ମାଝୀ ଗାଁ ଲୋକଙ୍କୁ ବହୁ ବୁଝାଇ ଡାକ୍ତରଙ୍କ ପାଖକୁ ଯିବାକୁ କହିଥିଲେ ମଧ କେହି ଶୁଣି ନଥିଲେ। ପରେ ଖବର ପାଇ ଲାଞ୍ଜିଗଡ଼ ବ୍ଲକ ମେଡ଼ିକାଲ ଅଫିସର ଡ଼. ଲେଙ୍କାଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ସକାଳେ ଗାଁରେ ୩ ଗୋଟି ଗାଡ଼ି ପହଞ୍ଚି ଗାଁର ଶିକ୍ଷିତ ଯୁବକ ନବୀନ ମାଝୀ, ଆକ୍ରାନ୍ତ ଶିଶୁଙ୍କ ବାପା ମା ସମେତ ସମସ୍ତ

### ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଉଦ୍ଧାର କରି ମେଡିକାଲ ନେଲା

ଗୁରୁତର ଶିଶୁଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଚର୍ମରୋଗ ବିଶେଷଜ୍ଞଙ୍କ ଠାରେ ଚିକିତ୍ସା କରାଇଥିବା ଦେଖିବାକୁ ମିଳିଛି। ଏନେଇ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ତୁର୍କା ଗାଁ ଦାଇତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କ ଚରମ ଅବହେଳା ଦର୍ଶାଇ ଘୋର ନିନ୍ଦା କରିଛନ୍ତି।

# ବିକାଶ ଆବାସିକ ବିଦ୍ୟାଳୟରେ ଇନ୍‌ଭେଷ୍ଟିଚର ସେରିମନି

**ଭବାନୀପାଟଣା, ୩।୭ (ସମିସ):** ବିକାଶ ଆବାସିକ ବିଦ୍ୟାଳୟରେ ଷ୍ଟୁଡେଣ୍ଟ କାଉନସିଲ ନିମନ୍ତେ ଇନଭେଷ୍ଟିଚର୍ ସେରିମନି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଡି ରାମ କୁମାର, ମୁଖ୍ୟ ଶିକ୍ଷା ଅଧିକାରୀ ଡି ବିଜୟା, ମୁଖ୍ୟ ଶିକ୍ଷା ଅଧିକାରୀ ଡି ପଦ୍ମିନୀ, ଅଧ୍ୟକ୍ଷ ତଥା ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରସନ୍ନଜିତ୍ ଦତ୍ତ, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାରେ ହେଡବୟ, ହେଡଗର୍ଲ, ତଥା ବିଭିନ୍ନ ବିଭାଗ ଓ କ୍ଲବ୍ ନିମନ୍ତେ କ୍ୟାପଟେନ୍, ଭାଇସ କ୍ୟାପଟେନ ବଛାଯାଇ ଏକ ଭବ୍ୟ ସମାରୋହର ଆୟୋଜନ କରି ସମସ୍ତ ନେତୃବୃନ୍ଦଙ୍କୁ ଅତିଥିମାନଙ୍କ ଦ୍ୱାରା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅତିଥିଗଣ ନବନିର୍ବାଚିତ ନେତୃବର୍ଗଙ୍କ ମାର୍ଗ ଦର୍ଶନ କରାଇଥିଲେ। ଉପାଧ୍ୟକ୍ଷ ପ୍ରସନ୍ନଜିତ୍ ଦତ୍ତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ, କ୍ରୀଡ଼ା ଶିକ୍ଷକ ମନୋଜ ବିଶ୍ୱାଳ ଶପଥ ପାଠ କରାଇଥିଲେ।



# ନୂଆପଡ଼ାରେ ଭିବି-ଜି ରାମ୍-ଜି ଜିଲ୍ଲାସ୍ତରୀୟ ଜନସମ୍ମିଳନୀ

**ନୂଆପଡ଼ା/ସିନାପାଲି, ୩।୭ (ସମିସ):** ବିକଶିତ ଭାରତଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) (ଭିବି ଜି ରାମ ଜି)ର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ନୂଆପଡ଼ାସ୍ଥିତ ଏନ୍‌ଆଇସି ଭିଡିଓ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି।

ଆନ୍ଧ୍ରପ୍ରଦେଶର ତିରୁପତିରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଶୁଭାରମ୍ଭ କରିଥିଲେ। ନୂଆପଡ଼ାରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ସାମିଲ ହୋଇଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ) କ୍ଷମାନିଧି ଭୋଇ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ବିଡିଓ, ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, ମନରେଗା ସଂଯୋଜକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପିଇଓ, ଏଡିଇଓ, ଜିଆରଏସ୍, ଯାନ୍ତ୍ରିକ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଜିଲ୍ଲା ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଜୁନାଗଡ଼, ୩।୭ (ସମିସ):** ଜୁନାଗଡ଼ ତାଲବନ୍ଦପଡ଼ା ସ୍ଥିତ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ତାଲବନ୍ଦପଡ଼ାର ରଷି ମୋହନ ଗହୀର। ସେ ପୋଖରୀକୁ ଗାଧୋଇବାକୁ ଯାଇ ବହୁ ସମୟ ଧରି ଫେରିନଥିଲେ। ପରିବାର ଲୋକେ ଖୋଜିବାକୁ ଯାଇ ପୋଖରୀରେ ମୃତଦେହ ଭାସୁଥିବା ଦେଖିଥିଲେ। ଜୁନାଗଡ଼ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ଓଲଟିଲା କୋଇଲା ବୋଝେଇ ଟ୍ରକ୍

**ଲାଞ୍ଜିଗଡ଼, ୩।୭ (ସମିସ):** ଭବାନୀପାଟଣା-ବିଶାଖାପାଟଣା ୬ ନମ୍ବର ରାଜ୍ୟ ରାଜପଥରେ ଗୁରୁବାର ବିଳମ୍ବିତ ରାତିରେ ସିକେରକୁପା ନିକଟସ୍ଥ ଏକ ଅଣଓସାରିଆ ପୋଲ ନିକଟରେ କୋଇଲା ବୋଝେଇ ଟ୍ରକ ରାସ୍ତା ତଳକୁ ଓଲଟି ପଡ଼ିଛି। ଫଳରେ ଟ୍ରକ୍ ଚାଳକ ଆହତ ହୋଇଛନ୍ତି। ଟ୍ରକଟି ବିଶାଖାପାଟଣାରୁ କୋଇଲା ବୋଝେଇ କରି ରାୟପୁର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବାବେଳେ ସିକେରକୁପା ନିକଟ ସଂକୀର୍ଣ୍ଣ ପୋଲ ଉପରେ ଚାଳକ ନିୟନ୍ତ୍ରଣ ହରାଇବାରୁ ଟ୍ରକ୍‌ଟି ରାସ୍ତା କଡ଼ରୁ ତଳକୁ ଖସି ପଡ଼ିଥିଲା। ସିକେରକୁପା ଫାଣ୍ଡି ପୁଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ଗାଡ଼ି ଭିତରେ ଫସି ରହିଥିବା ଚାଳକଙ୍କୁ ଉଦ୍ଧାର କରିଥିଲେ।

# ଧର୍ମଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି

**ଧର୍ମଗଡ଼, ୩।୭ (ସମିସ):** ରଥଯାତ୍ରା ପାଇଁ ଧର୍ମଗଡ଼ ବ୍ଲକ ସ୍ଥିତ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ଗଠିତ ବିଭିନ୍ନ କମିଟିର ସଦସ୍ୟମାନେ ଯତ୍ନବାନ ହେବା ସହିତ ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଉପ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଉପଖଣ୍ଡ ପୁଲିସ ଅଧିକାରୀ ଉର୍ଷିତା ଅଡେପୁ, ସହକାରୀ ଜିଲ୍ଲାପାଳ ସୋନମ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ନଗରପାଳ ଅଶୋକ କୁମାର ମହାନ୍ତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ଥାନା ଅଧିକାରୀ ସୁଦର୍ଶନ ନାଏକ, ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ, ବ୍ରଜମୋହନ ପଞ୍ଚଦେବ ଶ୍ରୀ ରାଧାକୃଷ୍ଣ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଷୀ, ସମ୍ପାଦକ ନିରଞ୍ଜନ ମହାପାତ୍ର ଓ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

# ନୂଆ ରାଜ ଜ୍ୟୋତିଷ ମନୋନୀତ କଲେ ଖଡ଼ିଆଳ ରାଜା



**ଖଡ଼ିଆଳ, ୩।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜଦରବାରଠାରେ ରାଜ ପରିବାର ପକ୍ଷରୁ ନୂଆ ରାଜ ଜ୍ୟୋତିଷ ଭାବରେ ଗୋବିନ୍ଦ ରଥଙ୍କୁ ଖଡ଼ିଆଳ ରାଜା ସାହେବ ଦେବ ଦେବ ସିଂଦେଓ ମନୋନୀତ କରିଛନ୍ତି। ରାଜ ପରମ୍ପରା ଅନୁଯାୟୀ ଖଡ଼ିଆଳ ଗଡ଼ଜାତ ଅଞ୍ଚଳରେ ସମସ୍ତ ଧାର୍ମିକ କାର୍ଯ୍ୟକ୍ରମ ରୀତିନୀତି ସହ ରାଜ ପରିବାରର ଘରୋଇ କାର୍ଯ୍ୟକ୍ରମର ତିଥି ବାହାର କରିଥାନ୍ତି ରାଜ ଜ୍ୟୋତିଷ। କିଛିମାସ ତଳେ ରାଜ ଜ୍ୟୋତିଷ ପ୍ରଫୁଲ୍ଲ ରଥଙ୍କ ପରଲୋକ ଘଟିଥିବା ବେଳେ ଆଜି ତାଙ୍କ ପୁଅ ଗୋବିନ୍ଦ ରଥଙ୍କୁ ନୂଆଁ ରାଜ ଜ୍ୟୋତିଷ ଭାବରେ ମନୋନୀତ କରାଯାଇଛି।

# ଗୋଡ଼ାଲର ୩ ଛାତ୍ର ସମ୍ମାନିତ

**ସିନାପାଲି, ୩।୭ (ସମିସ):** ଗତ ଜାତୀୟ ଆୟ ଭିତ୍ତିକ ମେଧା ବୃତ୍ତି ପରୀକ୍ଷା ବା ଏନଏମଏମଏସ୍ ପରୀକ୍ଷାରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ଗୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଲକ୍ଷ୍ମଣ ମାଝୀ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ହୋଇଥିବାବେଳେ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଛି। ସେହିପରି ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷରୋପଣ ସହ ସେସବୁର ବିଶେଷ ଯତ୍ନ ନେଇଥିବା ଯୋଗୁଁ ଛାତ୍ର ବାଲାଜୀ ମାଝୀ ଓ ଟିକେଲାଲ ମାଝୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏନେଇ ଶୁକ୍ରବାର ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏକ ସଭା କରାଯାଇ ଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା।

# ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

**ଭବାନୀପାଟଣା, ୩।୭ (ସମିସ):** ଜିଲ୍ଲା ଶିଳ୍ପ କେନ୍ଦ୍ର କଳାହାଣ୍ଡି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦିବସ



ଅବସରରେ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏନେଇ ଅନୁଷ୍ଠିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ପଟ୍ଟନାୟକ ପ୍ରଥମ ସ୍ଥାନ, ଅନ୍ୱେଷା ଅଭିଲିପ୍ସା ଜେନା ଦ୍ୱିତୀୟ ସ୍ଥାନ, ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ପ୍ରତ୍ୟାଶା ପଟ୍ଟନାୟକ ପ୍ରଥମ ସ୍ଥାନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀ ଟୁନି ନାଏକ ପ୍ରଥମ ସ୍ଥାନ, କୁଇଜ ପ୍ରତିଯୋଗିତାରେ ଧନେଶ୍ୱର ନିଆଲ ପ୍ରଥମ ସ୍ଥାନ, ଅଙ୍କିତା ପ୍ରିୟଦର୍ଶିନୀ ପ୍ରଧାନ ଦ୍ୱିତୀୟ ସ୍ଥାନ, ଟୁନି ନାଏକ ତୃତୀୟ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗଛ ପଡ଼ି ବାଇକ୍ ଓ ଘର କ୍ଷତିଗ୍ରସ୍ତ



**ଭବାନୀପାଟଣା, ୩।୭ (ସମିସ):** ସ୍ଥାନୀୟ ଷ୍ଟାଚ୍ୟୁ ଛକ ନିକଟରେ ଏକ ବଡ଼ ଗଛ ହଠାତ୍ ଉପୁଡ଼ି ପଡ଼ିବା ଫଳରେ ବହୁ ସଂଖ୍ୟାରେ ଦୁଇ ଚକିଆ ଗାଡ଼ି ନଷ୍ଟ ହୋଇଥିବା ବେଳେ ପାଖରେ ଥିବା ଏକ ଘର ମଧ ଭାଙ୍ଗିଯାଇଛି। ଦୀର୍ଘ ସମୟଧରି ଉକ୍ତ ରାସ୍ତାଦେଇ ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲା।

# ଡୋକରିଦର ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

 କୋକସରା, ୩।୭ (ସମିସ)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଖଲିଗଡ଼ ପାଦଦେଶରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଥିବା ଡୋକରୀଦର

### ସେଲ୍‌ଫି ନେବା ବେଳେ ଖସି ପଡ଼ିଥିବା ଅନୁମାନ

ଝରଣା ନିକଟରୁ ଗୁରୁବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଦେଖିବାକୁ ମିଳିଥିବା ବେଳେ ଶୁକ୍ରବାର ପୁଲିସ ଓ ଅଗ୍ନିଶମ ବାହିନୀ ଶବ ଉଦ୍ଧାର କରିଛନ୍ତି। ମୃତ ଯୁବକ ଜଣକ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଦେଭୋଗ ଥାନା କର୍ଲାଗୁଡା ଗ୍ରାମର ଅମ୍ରିତଲାଲ ଦୁରିଆଙ୍କ ପୁଅ ଲୋକେଶ ଦୁରିଆ (୨୩)। ସେଲ୍‌ଫି ନେବାବେଳେ ଗୋଡ଼ ଖସିଯିବାରୁ ଏହି ଦୁର୍ଘଟଣା ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।



ପରିବାର ଲୋକଙ୍କ ସୂଚନା ଅନୁସାରେ, ଗତକାଲି (ଗୁରୁବାର) ସକାଳୁ ଲୋକେଶ ଘରୁ ବାହାରିଥିଲେ ମଧ ସେ କେଉଁଆଡ଼େ ଯାଉଛନ୍ତି କାହାକୁ କିଛି କହି ନଥିଲେ। ତେବେ ସଞ୍ଜ ପର୍ଯ୍ୟନ୍ତ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରା ପର୍ଯ୍ୟଟନ ସ୍ଥଳୀରେ ଏକ ବାଇକ୍ ରାସ୍ତା ଉପରେ ରହିଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ଲୋକେ ଖୋଜାଖୋଜି କରି ଝରଣା ଆଡ଼କୁ ଯିବା ସମୟରେ ସେଠାରେ ଶବ ପଡ଼ିଥିବା ଦେଖି ତୁରନ୍ତ ଆମପାଣି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ବାଇକ୍ ଆଧାରରେ ମୃତକଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ଶୁକ୍ରବାର ସକାଳେ ଆମପାଣି ଥାନା ପୁଲିସ ଓ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ଝରଣା ନିକଟରୁ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ସେଲଫି ନେବା ବେଳେ ଗୋଡ଼ ଖସିଯିବାରୁ ଏହି ଅଘଟଣ ଘଟିଥିବା ପୁଲିସ ସନ୍ଦେହ କରିଛି ଏବଂ ପରିବାର ଲୋକେ ମଧ ସମାନ ଆଶଙ୍କା ପ୍ରକଟ କରିଛନ୍ତି। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ମାଣିକେରାରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଉଦ୍‌ଘାଟିତ



**ମ.ରାମପୁର, ୩।୭ (ସମିସ):** ଏସ୍‌ବିଆଇ ଫାଉଣ୍ଡେସନର ସହାୟତା ତଥା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାଶକ୍ତି ଫାଉଣ୍ଡେସନ ତତ୍ତ୍ୱାବଧାନରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମାଣିକେରା ଗ୍ରାମଠାରେ ଏକ ସ୍ୱୟଞ୍ଚାଳିତ ପାଣିପାଗ କେନ୍ଦ୍ରର ଶୁଭ ଉଦଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାଣିକେରା ସରପଞ୍ଚ ଫଗନୁ ପାତ୍ର ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ। ମହାଶକ୍ତି ଫାଉଣ୍ଡେସନ ବ୍ଲକ ସଂଯୋଜିକା ଶ୍ୱେତା ଷଡଙ୍ଗୀ ଏହି ସ୍ୱୟଂ ଚାଳିତ ପାଣିପାଗ କେନ୍ଦ୍ର ଚାଷୀମାନଙ୍କ କୃଷି କାର୍ଯ୍ୟକୁ ଆହୁରି ସୁରକ୍ଷିତ ଓ ଲାଭଦାୟକ କରିବା ସହିତ ଶ୍ରମିକ, ଶିକ୍ଷାର୍ଥୀ ତଥା ଗ୍ରାମବାସୀ ମାନଙ୍କୁ ସତର୍କ ସୂଚନା ପ୍ରଦାନ କରିପାରିବ ବୋଲି ପ୍ରକାଶ କରିଥିଲେ। ଏହା ୧୫ କିଲୋମିଟର ରେଞ୍ଜ ର ତାପମାତ୍ରା, ବାୟୁର ଆର୍ଦ୍ରତା, ବୃଷ୍ଟିପାତ ର ପରିମାଣ, ପବନର ବେଗ ଓ ଦିଗ, ସୌର ବିକିରଣ, ବାୟୁମଣ୍ଡଳୀୟ ଚାପ, ଅତିବାଇଗଣି ସୂଚକାଙ୍କ, କାକର ବିନ୍ଦୁ ଇତ୍ୟାଦି ପାଣିପାଗ ସମ୍ବନ୍ଧୀୟ ସୂଚନା ତଥା ୨୪ ଘଣ୍ଟିଆ ପୂର୍ବାନୁମାନର ସଠିକ ସୂଚନା ପ୍ରଦାନ କରିବ।

# ତୃତୀୟ ଦିନରେ ଆନ୍ଦୋଳନ; ଡାକ୍ତରଙ୍କୁ ଭେଟିଲା ବିଜେଡି ଟିମ୍

ବାଲେଶ୍ୱର, ୩।୭ (ସମିସ)



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଡ଼ିଏମଓ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଁଚିଛି। ଦଶ ଦଫା ଦାବି ପୂରଣ ନେଇ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ ପକ୍ଷରୁ ଏହି ଆନ୍ଦାଳନ ଚାଲିଛି। ଏହି ପରିପ୍ରେକ୍ଷୀରେ ବିଜେଡିର ଏକ ଟିମ୍ ଶୁକ୍ରବାର ସକାଳେ ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିଛନ୍ତି। ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିବା ସହ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ସାଂସଦ ପ୍ରାର୍ଥୀନୀ ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପହଞ୍ଚି ଆନ୍ଦୋଳନରତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦାବି ଓ ସମସ୍ୟାକୁ ବୁଝିବା ସହ ଟିମ୍ ନବୀନ ନିବାସକୁ ସମସ୍ତ ସୂଚନା ପ୍ରଦାନ କରିଥିଲା। ଦାବି ପୂରଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଜାଣି ଟିମ୍ ଏହାକୁ ନିନ୍ଦା କରିଥିଲା। ବିଜେଡି ସରକାର ସ୍ୱାସ୍ଥ୍ୟସେବା ପାଇଁ ସମସ୍ତ ସୁବିଧା ଯୋଗାଇଥିବା ସତ୍ତ୍ୱେ ଏ ସରକାର ଡାକ୍ତରଙ୍କ ସମସ୍ୟା ବୁଝିବାରେ ବିଫଳ ହୋଇଥିବା କହିଥିଲେ। ଫଳସ୍ୱରୂପ ଦୁଇ ଦିନ ଧରି ରୋଗୀଙ୍କୁ ବଡ଼ ମେଡିକାଲରେ ଚିକିତ୍ସା ପରିବର୍ତ୍ତେ କେବଳ ବାଲେଶ୍ୱର ମେଡିକାଲ କଲେଜ ଓ କଟକ ରେଫର କରାଯାଉଥିବା ଭଳି ଶୋଚନୀୟ ଘଟଣାକୁ ନିନ୍ଦା କରିଥିଲେ। "କାର୍ଯ୍ୟବନ୍ଦ ତ ଦରମା ବନ୍ଦ' ନେଇ ଡାକ୍ତରଙ୍କୁ ସରକାରଙ୍କ ଧମକକୁ ସଂଘ ପକ୍ଷରୁ ନିନ୍ଦା ଓ ବିରୋଧ କରାଯାଇଛି। ପରେ ସାଂସଦ ପ୍ରାର୍ଥୀନୀ ଡ. ସାମନ୍ତସିଂହାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିବା ସହ ସଂଘର ଏକ ଟିମକୁ ଡାକି ଆଲୋଚନା କରିବାକୁ ଆହ୍ୱାନ କରିଥିବା ବେଳେ ମନ୍ତ୍ରୀ ଏହା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଜେଡିର ଆନ୍ୟନ୍ୟ ନେତୃତ୍ୱଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, କାଉନସିଲରଙ୍କ ମଧ୍ୟରେ ମୀନା ମହାନ୍ତି, ସେକ ଆୟୁବ, ସବିତାରାଣୀ ଦାସ, ସନ୍ଧ୍ୟାରାଣୀ ଜେନା, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରମେଶ ମାଝୀ, ସେକ ଅନସର ଅଲ୍ଲୀ, ରୀତିକ ଜୀ, ଅଶୋକ ଦାସ, ଅତୁଳ ଶତପଥି, ଭରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପ୍ରକାଶ ଥାଉକି, ଦଶ ଦଫା ଦାବି ନେଇ ଓଏମଏସଏ ସଂଘ ପକ୍ଷରୁ ତିନି ଦିନ ଧରି ସାରା ରାଜ୍ୟରେ ଆନ୍ଦୋଳନ ଚାଲିଥିବା ବେଳେ ସମୁଦାୟ ୬ହଜାର ୫ଶହ ଡାକ୍ତର ଆନ୍ଦୋଳନରେ ବସିଛନ୍ତି। ଅନୁରୂପ ବାଲେଶ୍ୱରର ୨୯୫ରୁ ଅଧିକ ଡାକ୍ତର ତିନି ଦିନ ଧରି ସିଡିଏମଓ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ସମ୍ପର୍କରେ ପୂର୍ବରୁ ବାରମ୍ବାର ସରକାର ସହ ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ସଂଘ ଏଭଳି ଦୃଢ଼ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛି।

## ବସକୁ ପିଟିଲା ଟ୍ରକ୍

ରାଜଘାଟ, ୩।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଇନ୍ଦିରାଛକ ନିକଟରେ ଘଟିଛି ଦୁର୍ଘଟଣା। ଶନିଦେବ ନାମକ ଏକ ଘରୋଇ ବସ୍ ୩୬ ଜଣ ଯାତ୍ରୀ ନେଇ ବାଲେଶ୍ୱରରୁ ଚନ୍ଦନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଇନ୍ଦିରା ଛକ ନିକଟରେ ପଛପଟୁ ଆସୁଥିବା ଏକ ଟ୍ରକ ବସ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍‌ର ପଛ ପଟ ଭାଙ୍ଗି ଯାଇଥିବା ବେଳେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ୩୬ ଯାତ୍ରୀ। ଖବର ପାଇ ଘଟଣା ସ୍ଥଳରେ ବସ୍ତା ପୁଲିସ ପହଞ୍ଚି ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ୍‌ରେ ଗନ୍ତବ୍ୟ ସ୍ଥଳକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## ନୀଳଗିରି ବାର୍ ଆସୋସିଏସନ୍ ତରଫରୁ ସହାୟତା ପ୍ରଦାନ

ନୀଳଗିରି, ୩।୭ (ସମିସ): ଗତ ଜୁଲାଇ ୧ତାରିଖ ବୁଧବାର ନୀଳଗିରି ଅଞ୍ଚଳର ବରିଷ୍ଠ ରାଜନେତା ତଥା ଆଇନଜୀବୀ ଚିରଞ୍ଜନ ଚୌଧୁରୀଙ୍କ ପରଲୋକ ହୋଇଯାଇଛି। ଜଣେ ରାଜନେତା ସହିତ ସରକାରୀ ଓକିଲଭାବେ ନୀଳଗିରି ସମେତ ବାଲେଶ୍ୱର ଜିଲ୍ଲାରେ ବେଶ୍ ସୁପରିଚିତ ସ୍ୱର୍ଗତ ଚୌଧୁରୀଙ୍କ ସ୍ମୃତିରେ ନୀଳଗିରି ଓକିଲସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏଥିରେ ସଂଘର ସଭାପତି ମିହିର ରାଉତଙ୍କ ସଭାପତିତ୍ୱରେ ସମସ୍ତ ଆଇନଜୀବୀ ଉପସ୍ଥିତରହି ସ୍ୱର୍ଗତ ଚୌଧୁରୀଙ୍କ ଉଦ୍ଦେଶ୍ୟରେ ୨ମିନିଟର ନୀରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସ୍ୱର୍ଗତ ଚୌଧୁରୀ ଉକ୍ତ ସଂଘର ସକ୍ରିୟ ସଦସ୍ୟ ଥିବାରୁ ତାଙ୍କ ଆତ୍ମାରାମନରେ ଆଜି ସଂଘର ସଭାପତି ମିହିର କୁମାର ରାଉତ, ସମ୍ପାଦକ ଶୁଭେନ୍ଦ୍ର କୁମାର ବିଶ୍ୱାଳ ଏବଂ ବରିଷ୍ଠ ଆଇନଜୀବୀ ନିହାରରଞ୍ଜନ ପରିଡ଼ା ସ୍ୱର୍ଗତ ଚୌଧୁରୀଙ୍କ ନଗଣପୁରସ୍ଥ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଜଣାଇବା ସହିତ ସଂଘ ତରଫରୁ ତାଙ୍କର ବିଧବାପତ୍ନୀ ସୁକାନ୍ତି ଚୌଧୁରୀଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ବିକାଶର ଧାରା ଓଡ଼ିଶା ସାରା

ଖଇରା, ୩।୭ (ସମିସ): ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଠାରେ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉତ୍ସବ ଶୁକ୍ରବାର ଦିନ ଗଣ୍ଡିବେଡ ପଞ୍ଚାୟତ ପଡ଼ିଆରେ ପାଳିତ ହୋଇ ଯାଇଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗ ଦେଇ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପ୍ରତି ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ୧କୋଟି ୬୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକାଶ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅଭିଲିପ୍ସା ସାହୁ, ଯୁବନେତା ନୀଳମାଧବ ପଣ୍ଡା ଓ ଅଣୁମାଧବ ପଣ୍ଡା, ଜିଲା ପରିଷଦ ଉତ୍ତମ ମାନସ ଦାସ, ଭାଜପା ନେତା ବାବାଜୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଷୟ କୁମାର ଦାସ ଅତିଥି ପରିଚୟ ଓ ବୁଦ୍ଧିରାମ ବୁଗୁଡ଼ାଇ ଏବଂ ଶ୍ରୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତା ନଥିବାରୁ ଯମଯନ୍ତ୍ରଣା ଭୋଗୁଛନ୍ତି କେନ୍ଦୁଗଡ଼ିଆ ଗ୍ରାମବାସୀ



ଖଇରା, ୩।୭ (ସମିସ): ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କେନ୍ଦୁଗଡ଼ିଆ ଗ୍ରାମକୁ ଭଲ ନିତିଦିନିଆ ରାସ୍ତା ଖଣ୍ଡେ ନ ଥିବାରୁ ୧୫ ପରିବାର ଯମଯନ୍ତ୍ରଣା ଭୋଗୁଛନ୍ତି। ସରକାର ଏବେ ବିକାଶକୁ ନେଇ ୨ବର୍ଷର ପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ପାଣିକାଦୁଅ ଘେରରେ ବସବାସ କରୁଥିବା ୫୦ ଗ୍ରାମବାସୀଙ୍କୁ ଯାତାୟାତ ଉପଯୋଗୀ ରାସ୍ତା ଖଣ୍ଡେର ବ୍ୟବସ୍ଥା କରିବାକୁ ଗ୍ରାମର ସୁଷମା ବିଶ୍ୱାଳ, ଶାନ୍ତିଲତା ଖଣ୍ଡା, ଦିଲ୍ଲୀପ ବିଶ୍ୱାଳ ଓ ହରିହର ନାୟକ ଦାବି କରିଛନ୍ତି। ଅନ୍ୟଥା ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଗୋବିନ୍ଦପୁର ମୁଖ୍ୟରାସ୍ତାରୁ ଏହି ପଡାଗାଁର ଦୂରତା ପାଖାପାଖି ୧ କିମି ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଭଲ ପକ୍କାରାସ୍ତାଟିଏ ନିର୍ମାଣ ହୋଇ ପାରିନାହିଁ। ଯାହା ଫଳରେ ବର୍ଷାଋତୁ ଆସିଲେ ଗ୍ରାମବାସୀଙ୍କୁ ଖୁବ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ରାସ୍ତାର ଅନେକ ସ୍ଥାନରେ ପାଣିଜମି ରହୁଥିବାରୁ ବାଇକ ନେବା ସମ୍ଭବ ହେଉନଥିବାରୁ ଚାଲିଚାଲି ଯିବାକୁ ପଡିଥାଏ। ବିଶେଷ ଏହି ରାସ୍ତାରେ ଆମ୍ବୁଲାନ୍ସ ଯିବା ମୁସ୍କିଲ ହୋଇପଡିଥିବାରୁ ରୋଗୀଙ୍କୁ ଟେକି ଟେକି ଆଣିବାକୁ ପଡିଥାଏ। ଏ ସମ୍ପର୍କରେ ସରପଞ୍ଚ ରଶ୍ମିବାଳା ବେହେରାଙ୍କୁ ଯୋଗାଯୋଗ କରିବାରେ ସମିତି ବୈଠକରେ ଏହି ରାସ୍ତାର ଦୁରାବସ୍ଥା ସମ୍ପର୍କରେ ଉତଥାପନ କରିସାରିଛନ୍ତି। ସରପଞ୍ଚ ଫଣ୍ଡରୁ ଅର୍ଥଦେବାକୁ ଇଛାଥିଲେ ମଧ ଏବେ ମୋରମ କିମ୍ବା ପାହାଡମାଟି ମିଳୁନଥିବାରୁ ମରାମତି କରାଯାଇ ପାରୁନାହିଁ। ବିଡିଓ ନାରାୟଣ ସାହୁଙ୍କୁ ଯୋଗାଯୋଗ କରିବାରେ ଟିମ୍ ପଠାଇ ଅନୁଧ୍ୟାନ କରିବା ପରେ ଯଥାସମ୍ଭବ ମରାମତି ପାଇଁ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ଟାଉନ ହାଇସ୍କୁଲ ଆଲମୁନି ବୈଠକ

ବାଲେଶ୍ୱର, ୩।୭(ସମିସ): ଟାଉନ ହାଇସ୍କୁଲର ଆଲମୁନି ବୈଠକ ସଭାପତି ସୁବ୍ରତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ନୂତନ ଭାବେ ଆଲମୁନି ସମ୍ପାଦକ ଭାବେ ମନୋନୀତ କରାଗଲା। ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ମଧ୍ୟ ଆଲୋଚନା କରାଗଲା। ଏହି ସଭାରେ ପଦ୍ମଲୋଚନ ଲେଙ୍କା, ପ୍ରଶାନ୍ତ ଦାସ, କିସାନ ସାହା, ଡ଼ ନୀଳ ମାଧବ ରାୟ, ସୁରେନ୍ଦ୍ର ଦାସ, ତୁହିନ ରଞ୍ଜନ ଦାସ, ଚିତ୍ତ ରଞ୍ଜନ ବେହେରା, ନିତ୍ୟାନନ୍ଦ ରାୟ, ଶ୍ୟାମ ସୁନ୍ଦର ମିସ୍ତ୍ରୀ, ମହିମ ଚାନ୍ଦ ନନ୍ଦୀ, ପ୍ରହଲ୍ଲାଦ ଗୁପ୍ତା, ତାପସ ସାହୁ, ଅଶୋକ ସାହୁ ଉପସ୍ଥିତ ଥିଲେ।

## ଏସ୍‌ଆଇଆରକୁ ନେଇ ବସ୍ତା ବିଜେଡି ପକ୍ଷରୁ ପ୍ରଶିକ୍ଷଣ ଶିବିର




ବସ୍ତା ବ୍ଲକ, ୩।୭ (ସମିସ): ରାଜ୍ୟରେ ଏସଆଇଆର୍ ଚାଲିଥିବା ବେଳେ ଏହି କାର୍ଯ୍ୟକ୍ରମ ଠିକ ଭାବେ ହେଉଛି କି ନାହିଁ ତାହାର ତଦାରଖ କରିବା ପାଇଁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଗହୀର ସିମୁଳିଆସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ବସ୍ତା ନିର୍ବାଚନ ମଣ୍ଡଳୀର କର୍ମୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବସ୍ତା ବ୍ଲକ ବିଜେଡି ସଭାପତି ତଥା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମହାଦେବ ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ବିଜୁ ଜନତା ଦଳ ଉପ ସଭାପତି ରଘୁନାଥ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ନେତା ଗିରିଶ ଦାଶ, ବାଲିଆପାଳ ବ୍ଲକ ବିଜେଡି ସଭାପତି ଭଗବାନ ଚନ୍ଦ୍ର ଗିରି, ଜିଲ୍ଲାପରିଷଦ ବିଷ୍ଣୁପ୍ରିୟା ବୁଗୁଡ଼ି ଯୋଗ ଦେଇ ସରକାରଙ୍କ ଉପରେ ବର୍ଷି ଥିଲେ। ସାଂସଦ ପ୍ରାର୍ଥୀନୀ ଶ୍ରୀମତୀ ସାମନ୍ତ ସିଂହାର ବିଜେପି ଇଭିଏମ ଜାଲିଆତି କରି ସରକାରକୁ ଆସିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ। ଏଣୁ ଏସଆଇଆର୍‌ରେ ସରକାରୀ କଳକୁ ବ୍ୟବହାର କରି ଶାସକ ବିଜେପି ଦଳ ନିଜର ଭୋଟ ବ୍ୟାଙ୍କକୁ ସୁଦୃଢ଼ କରିବା ପାଇଁ ବିଜେଡି ଭୋଟକୁ କରିବା ପାଇଁ ପ୍ରୟାସ କରିବା ଅଭିଯୋଗ କରିଥିଲେ। ବୁଥ ସ୍ତରରେ କାହାର ନାମ କଟା ଯାଉଛି ତା'ର ତଦାରଖ ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀରେ ନିଜ କର୍ମୀଙ୍କୁ ଦଳୀୟ ବିଏଲଓ ଚୟନ କରି ୨୫୭ ବୁଥ ଉପରେ ନଜର ଦେବାକୁ କହିଥିଲେ। କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଦଳର ବ୍ଲକ ସଭାପତି ମହାଦେବ ଦାସଙ୍କୁ ଜଣାଇବାକୁ କହିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## କଣ୍ଟେନର ପଛରେ ପିଟିହୋଇ ସ୍କୁଟି ଚାଳକ ଗୁରୁତର

ରାଜଘାଟ, ୩।୭ (ସମିସ): ବାଲେଶ୍ୱର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ର ବାଘ ବଜାର ଛକ ରେ ଘଟିଛି ଦୁର୍ଘଟଣା, ବସ୍ତା ଥାନା ଅନ୍ତର୍ଗତ ଚକ୍ରଡା ଗ୍ରାମର ଅମିତ କୁମାର ମଣ୍ଡଳଙ୍କ ୧୯ ବର୍ଷର ପୁଅ ଚିରଞ୍ଜୀବ ସ୍କୁଟି ନେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବାଘ ବଜାର ଛକରେ ଭାରସାମ୍ୟ ହରାଇ ଏକ କଣ୍ଟେନରକୁ ପଛପଟୁ ଧକ୍କା ଦେଇଥିଲେ। ଖବର ପାଇ ବସ୍ତା ଏସଡିପିଓ ସମର୍ଥ ବେହେରା, ଅମର୍ଦା ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଆମ୍ବୁଲାନ୍ସରେ ହସପିଟାଲ ପଠାଇବା ସହ ଗାଡି ଦୁଇଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ବସ୍ତାରେ ହାତୀ ଉପଦ୍ରବ

ବସ୍ତା ବ୍ଲକ, ୩।୭ (ସମିସ): ବସ୍ତା ବ୍ଲକ ପତ୍ରଝଡା ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ଶୁକ୍ରବାର ରାତିରେ ମୟୂରଭଞ୍ଜ ରାସଗୋବିନ୍ଦପୁର ବନାଞ୍ଚଳରୁ ୩ଟି ହାତୀ ସେକ ରାଜୁଦ୍ଦିନଙ୍କ ବାଡ଼ିରେ ପଶି ଘର ଆଗରେ ଥିବା ଏକ ପଣସ ଗଛରେ ଫଳି ଥିବା ପଣସ ଖାଇବା ସହିତ ଦୀର୍ଘ ସମୟ ଧରି ରହିଥିଲେ। ଯାହା ଫଳରେ ସେମାନେ ଘରୁ ବାହାରି ପାରିନଥିଲେ। ହାତୀ ଦେଖି ପଡୋଶୀମାନେ ଭୟଭୀତ ହୋଇ ପଡ଼ିଥିଲେ। ଖବର ପାଇ ବସ୍ତା ବନବିଭାଗ କର୍ମଚାରୀ ହାତୀଙ୍କୁ ଘଉଡ଼ାଇଥିବା ଜଣା ପଡିଛି।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଚୋରା କାଠ ଜବତ

ଜଳେଶ୍ୱର, ୩।୭ (ସମିସ) : ରାତିହେଲେ ରାଇବଣିଆ ଅଞ୍ଚଳରୁ ବ୍ୟାପକ ଚୋରା କାଠ ପଶ୍ଚିମବଂଗକୁ ଚାଲାଣ ହୋଇଥାଏ। ବୁଧବାର ରାତିରେ ଏକ ଗାଡ଼ି ଯୋଗେ ପଶ୍ଚିମବଙ୍ଗକୁ ଚୋରା କାଠ ପରିବହନ ହେଉଥିବା ବେଳେ ଲକ୍ଷ୍ମଣନାଥ ସେବା ସମବାୟ ସମିତି ସନ୍ନିକଟ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଣଓସାରିଆ ରାସ୍ତାରେ ଯାନ ୩ଟି ଦୋକାନ ଘର ଭାଙ୍ଗିଥିବା ବେଳେ ଚାଳକ କାଠ ଛାଡ଼ି ଚମ୍ପଟ ମାରିଥିଲା। ସକାଳୁ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ୩୮ ଖଣ୍ଡ ପଣସ, ଡୁଡର୍ରା, କଦମ୍ବ,୧୧୮,୬୬ ସେପ୍ଟି ମାପର କାଠ ଗଣ୍ଡିକୁ ଜବତ୍ କରିଛନ୍ତି। ଫରେଷ୍ଟର ପ୍ରହଲ୍ଲାଦ ଚନ୍ଦ୍ର ନାୟକ, ଜଳେଶ୍ୱର ବିଟ୍ ଭାରପ୍ରାପ୍ତ ଫରେଷ୍ଟର ସରସ୍ୱତୀ ମୁର୍ମୁ କର୍ମଚାରୀମାନେ କାଠ ଗଣ୍ଡି ଜବତ କରିଥିଲେ।

## ଅନନ୍ତପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ସୋର, ୩।୭ (ସମିସ): ସୋର ବ୍ଲକ ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଚଳିତ ମାସ ୧୬ ତାରିଖରୁ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ଓ ବାହୁଡା ଯାତ୍ରା କିପରି ଶୃଙ୍ଖଳିତ ଭାବରେ ପାଳନ ହେବ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ କରଙ୍କ ସଭାପତିତ୍ୱରେଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ପଞ୍ଚାୟତ ସମିତି ଅଧକ୍ଷା ଅନସୂୟା ମଳିକ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ (ନେପୁ), ସୋର ଅତିରିକ୍ତ ତହସିଲଦାର ସଂଜୀବ କୁମାର ପାତ୍ର, ଅନନ୍ତପୁର ଥାନା ଏ ଏସ ଆଇ ଜୟପ୍ରକାଶ ବେହେରା, ଅନନ୍ତପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ବେହେରା ବିଦ୍ୟୁତ, ଜଳ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିସହ ଭାଗବତ ଗାଦି ମନ୍ଦିର ମହନ୍ତ ବଂଶୀଧର ରାଉତ ତାରିଣୀ ମନ୍ଦିର କମିଟିର ସଂପାଦକ ରଜନୀ କାନ୍ତ ପାଣିଗ୍ରାହୀ , ପୂଜ୍ୟ ପୂଜା ସଂସଦର ସମ୍ପାଦକ ଅଜୟ ଦାସ, ବିବେକ ରାଷ୍ଟ୍ର ବାହିନୀ ମୁଖ୍ୟ କ୍ଷିତୀଶ ଜେନା, ଏବଂ ମଙ୍ଗଳା ମନ୍ଦିର କମିଟିର ପ୍ରତିନିଧି, ଜଗନ୍ନାଥମନ୍ଦିର କମିଟି ସଭ୍ୟ ଚିତ୍ତରଞ୍ଜନ ଦାଶ, ବିରଞ୍ଚି ନାରାୟଣ ପଣ୍ଡା ସୁଧାଂଶୁ ଶେଖର କର, ପ୍ରବୀର କର, ଲକ୍ଷ୍ମଣ ପାତ୍ର, ନକୁଳ ଚରଣ କର, ଜଗନ୍ନାଥ ଶଙ୍ଖୁଆ, ଶରତ କର, ଭାବ ଗ୍ରାହୀ ରାଉତ ସୁଶାନ୍ତ ଦୀକ୍ଷିତ ରବୀନ୍ଦ୍ର ମହାନ୍ତି, ସ୍ୱରୂପ କୁମାର ଦାସ,ବସନ୍ତ ଘଡେଇ, ରମାକାନ୍ତ ସେନ, ଗଜେନ୍ଦ୍ର ସାହୁ, ସମେତ ବିଭିନ୍ନ ସେବା ସଂଗଠନ ର ପ୍ରତିନିଧି ବୃନ୍ଦ ଉପସ୍ଥିତରହି ଆଲୋଚନାରେ ଭାଗ ନେଇ ଥିଲେ। ସଭ୍ୟ ବସନ୍ତ କୁମାର କର ଧନ୍ୟବାଦ ପ୍ରଦାନ କରିଥିଲେ।

## ସୋରରେ ମାଲମାଲ ନର୍ସିଂ କଲେଜ, କାଗଜପତ୍ର ଯାଞ୍ଚ ଦାବି

ସୋର, ୩।୭ (ସମିସ): ସୋରରେ ଏବେ ମାତିଛନ୍ତି ଶିକ୍ଷାଦଲାଲ। ଟଙ୍କା ଲୋଭରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଳ ଦେଖାଇ ଠକୁଛନ୍ତି। ପାଠ ପଢ଼ାଇବା ନାଁରେ ପିଲାମାନଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। କେତେକ ନର୍ସିଂ କଲେଜ ସରକାରୀ କାଗଜପତ୍ରରେ ଦର୍ଶାଯାଇଥିବା ସ୍ଥାନରେ ଦେଖିବାକୁ ମିଳୁଥିବାବେଳେ କେତେକଙ୍କର ଠିକଣା ମିଳୁନି। ସାଧାରଣ ଲୋକଙ୍କ ଅଭିଯୋଗ ମୂଳେ କଲେଜ କର୍ତ୍ତୃପକ୍ଷ କେବଳ ସରକାରୀ ସୁବିଧା ପାଇବାକୁ କଲେଜ ଖୋଲିଦେଇ ଉଭାନ ହୋଇଯାଇଥିବା ଶୁଣିବାକୁ ମିଳୁଛି। ସରକାରୀ ପୋର୍ଟାଲରେ ସୋରରେ ମାତ୍ର ୪ଟି ନର୍ସିଂ କଲେଜର ନାମ ଥିବା ବେଳେ ବାସ୍ତବରେ ୧୦ରୁ ଅଧିକ ନର୍ସିଂ କଲେଜ ଖୋଲାଯାଇଛି। କଲେଜରେ ନାମ ଲେଖା ସହିତ ଶିକ୍ଷାଦାନ ଓ ମେସ ଖର୍ଚ୍ଚ ସମେତ ବାର୍ଷିକ ୭୦ହଜାରରୁ ୮୦ ହଜାର ଟଙ୍କା ନିଆଯାଉଛି। ମାତ୍ର ସେତିକି ଟଙ୍କାରେ ପିଲାମାନଙ୍କୁ ଯେଉଁ ସୁବିଧା ମିଳିବା କଥା ତାହା ମିଳିନପାରୁନାହିଁ। କେବଳ ସେତିକି ନୁହେଁ ଉଚିତ ଢ଼ଙ୍ଗରେ ପାଠ ପଢ଼ାଯାଉନଥିବାରୁ ଗୋଟିଏ କଲେଜର ପରୀକ୍ଷାରେ ପାସ ହାର ମାତ୍ର ୩୦ ପ୍ରତିଶତ। ଜଣେ ଅଭିଭାବକ ନିଜ ନାମ ଗୋପନରେ ରଖି କରିଥିବା ଅଭିଯୋଗ ମୂଳେ କଲେଜ ଛକ ନିକଟରେ ଥିବା ଏକ ନର୍ସିଂ କଲେଜରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବହୁ ଅଧିକା ଥିବା ବେଳେ ଗତ ଫେବୃଆରୀ ମାସରେ ହୋଇଥିବା ପରୀକ୍ଷାରେ ଜିଏନଏମ ବିଭାଗର ପ୍ରଥମ ବର୍ଷର ୬୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦ଜଣ ଫେଲ ଓ ଦ୍ୱିତୀୟ ବର୍ଷର ୪୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୯ଜଣ ଫେଲ ହୋଇଥିଲେ। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଅଭିଭାବକ ନିଜ ନାମ ଗୋପନରେ ରଖି କରିଥିବା ଅଭିଯୋଗ ମୁଳେ ଏତେ ସାରା ଟଙ୍କା ଦେଲା ପରେ ମଧ ଉକ୍ତ କଲେଜ ପକ୍ଷରୁ କପି ଯୋଗାଇ ଦେବାକୁ ପ୍ରତିପିଲାଙ୍କ ଠାରୁ ୬ ହଜାର ଟଙ୍କା ମଗାଯାଇଥିଲା। ଯେଉଁମାନେ ଟଙ୍କା ଦେଇନଥିଲେ ସେମାନଙ୍କୁ ଆଡମିଟ କାର୍ଡ ଦେବାରେ ବ୍ୟାପକ ହଇରାଣ କରାଯାଇଥିଲା। ଶେଷରେ ସେମାନଙ୍କ ମଧ୍ୟରୁ ଅନେକ ପିଲା ଫେଲ୍ ହୋଇଛନ୍ତି। ଦିନକୁ ଦିନ ସୋରରେ ନର୍ସିଂ କଲେଜର ସଂଖ୍ୟା ବଢୁଥିବା ବେଳେ ପିଲାମାନେ କିନ୍ତୁ ଠକାମୀର ଶିକାର ହେଉଛନ୍ତି। ଚାକିରିର ଲୋଭ ଦେଖାଇ ପିଲାମାନଙ୍କୁ ପାଠ ପଢ଼ାଇବା ନାଁରେ ଟଙ୍କା ନେବା ପରେ ପରବର୍ତ୍ତୀ ସମୟରେ କିଛି ନର୍ସିଂ କଲେଜର ମାଲିକ କଲେଜ ବନ୍ଦ କରି ଫେରାର ଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପଟେ ପଛୁଆବର୍ଗର ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରିବାର ପ୍ରତିଶ୍ରୁତି ଦେଇ ନାମ ଲେଖା ପରେ ସେମାନଙ୍କୁ ଅଧିକ ଟଙ୍କା ଦେବାକୁ ବାଧ କରାଯିବା ସହିତ ଟଙ୍କା ନ ଦେଲେ ଖାଦ୍ୟପାନୀୟ ଓ ପାଠପଢ଼ାରେ ବ୍ୟାପକ ଅସୁବିଧା ଭୋଗିବାକୁ ପଡୁଥିବା କିଛି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ନର୍ସିଂ କଲେଜ ମାନଙ୍କରେ ଏପରି ଅବ୍ୟବସ୍ଥା ଚାଲିଥିବା ବେଳେ ପ୍ରଶାସନର ନିରବତା ସମସ୍ତଙ୍କୁ ଚକିତ କରିଛି। ପ୍ରଶାସନ ପକ୍ଷରୁ ସୋରରେ ଥିବା ସମସ୍ତ ନର୍ସିଂ କଲେଜରେ ଚଢ଼ଉ କରାଯାଇ ସେମାନଙ୍କର କାଗଜପତ୍ର ଯାଞ୍ଚ କରିବା ସହିତ ଶିକ୍ଷାଦାନର ମାନ ଯାଞ୍ଚ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ କୁମାର ଜେନାଙ୍କୁ ପଚାରିବାରୁ ଏ ବାବଦରେ ଆମ ନିକଟରେ କୌଣସି ଅଭିଯୋଗ ନ ଥିଲା। ଆମେ ଉକ୍ତ କଲେଜ ଗୁଡିକ ଉପରେ ଚଢ଼ଉ କରି ଅଭିଯୋଗ ଆଧାରରେ ତଦନ୍ତ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଥିଲେ।

● ଲେବର କାର୍ଡରେ ମୃତ୍ୟୁକାଳୀନ ସହାୟତା ରାଶି ଜାଲିଆତି ଘଟଣା

## ତଦନ୍ତ ପାଇଁ ପହଞ୍ଚିଲା ଜିଲ୍ଲା ଶ୍ରମ ବିଭାଗର ଦୁଇଜଣିଆ ଟିମ୍

ଚନ୍ଦନେଶ୍ୱର, ୩।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଶ୍ରମକାର୍ଡ (ଲେବର କାର୍ଡ) ଯୋଜନାର ମୃତ୍ୟୁକାଳୀନ ସହାୟତା ରାଶି ଜାଲିଆତି ଘଟଣା ନୂଆ ମୋଡ଼ ନେଇଛି। ଘଟଣା ପ୍ରକାଶ ପାଇବା ପରେ ଆଜି ଜିଲ୍ଲା ଶ୍ରମ ବିଭାଗର ଦୁଇ ଜଣିଆ ଟିମ ଏଠାରେ ପହଞ୍ଚି ତଦନ୍ତ କରିଥିବା ଜଣା ପଡ଼ିଛି। ଅଭିଯୋଗ ଅନୁସାରେ, ଭୋଗରାଇ ବ୍ଲକ ଅନ୍ତର୍ଗତ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ଜାଳପାହି ଗ୍ରାମର ମିନତି ସେନାପତିଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ସରକାରୀ ସହାୟତା ଆଣି ଦେବାର ପ୍ରଲୋଭନ ଦେଖାଇ କିଛି ବ୍ୟକ୍ତି ସକ୍ରିୟ ହୋଇଥିଲେ। ମିନତିଙ୍କ ସ୍ୱାମୀ ସୁଧୀର ସେନାପତିଙ୍କ ଅଭିଯୋଗ ଅନୁଯାୟୀ, ମିନତି ୨୦୨୫ ଅଗଷ୍ଟ ୪ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ତାଙ୍କର ମୃତ୍ୟୁ ତାରିଖକୁ ପରିବର୍ତ୍ତନ କରି ୨୦୨୫ ଅଗଷ୍ଟ ୧୧ ଦର୍ଶାଇ ଏକ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ଏହି ସାତ ଦିନର ବ୍ୟବଧାନ ମଧ୍ୟରେ ମୃତ ମହିଳାଙ୍କ ନାମରେ ୨୦୨୫ ଅଗଷ୍ଟ ୭ ତାରିଖରେ ଶ୍ରମକାର୍ଡ ପ୍ରସ୍ତୁତ କରାଯାଇ ୩ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ହାସଲ ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗ ରହିଛି। ଟଙ୍କା ଉଠାଣ ପୂର୍ବରୁ ଏହି ଜାଲିଆତି ଧରାପଡ଼ିଥିବା କୁହାଯାଉଛି। ଏହାପରେ ସୁଧୀର ସେନାପତି ଭୋଗରାଇ ଥାନାରେ ହରିପଦ ସାହୁ, ମୃତ୍ୟୁଞ୍ଜୟ ପରିଡ଼ା ଏବଂ ଆଶାକର୍ମୀ ପଦ୍ମାବତୀ ଦାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏହା କେବଳ ଗୋଟିଏ ଘଟଣା ନୁହେଁ ବୋଲି ମଧ ଅଭିଯୋଗ ହୋଇଛି। କୁକୁଡ଼ିଆ ଗ୍ରାମର ନିର୍ମାଣ ଶ୍ରମିକ ସଞ୍ଜୟ ମଣ୍ଡଳଙ୍କ ମୃତ୍ୟୁ ପରେ ମଧ ସମାନ ଢଙ୍ଗରେ ୩ ଲକ୍ଷ ଟଙ୍କାର ସହାୟତା ଆସିଥିଲା। ଅଭିଯୋଗ ଅନୁସାରେ, ସଞ୍ଜୟଙ୍କ ପତ୍ନୀ କନକଲତାଙ୍କୁ ୨ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ଅବଶିଷ୍ଟ ୧ ଲକ୍ଷ ଟଙ୍କା ଦଲାଲମାନେ ନିଜେ ରଖିଥିଲେ। ସେହିପରି ବାରବାଟିଆ ଗ୍ରାମର ଜ୍ୟୋସ୍ନା ମିର୍ଦ୍ଧାଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱାମୀ ହରିହର ମିର୍ଦ୍ଧାଙ୍କ ଖାତାକୁ ୩ ଲକ୍ଷ ଟଙ୍କା ଆସିଥିଲେ ମଧ ସେଥିରୁ ଦଲାଲମାନେ ନିଜ ଭାଗ ନେଇଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଭଳି ଘଟଣାରେ ଭୋଗରାଇ ବ୍ଲକର ଅନେକ ପରିବାର ପ୍ରଭାବିତ ହୋଇଥାଇପାରନ୍ତି। ସରକାରଙ୍କ କଲ୍ୟାଣମୂଳକ ଯୋଜନାକୁ କିଛି ଅସାଧୁ ବ୍ୟକ୍ତି ନିଜସ୍ୱ ଲାଭ ପାଇଁ ବ୍ୟବହାର କରୁଥିବା ଅଭିଯୋଗ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ଭୋଗରାଇ ଥାନାରେ ଅଭିଯୋଗ ରୁଜୁ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ଏହା ସହ ଜିଲ୍ଲା ଶ୍ରମ ସହକାରୀ ଅଧିକାରୀ ତୁଷାରକାନ୍ତ ଜେନାଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ପୀଡ଼ିତ ପରିବାରଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ଦଲିଲପତ୍ର ଯାଞ୍ଚ କରିଛନ୍ତି। ତଦନ୍ତ ଶେଷ ହେବା ପରେ ଯେଉଁମାନଙ୍କ ସମ୍ପୃକ୍ତି ପ୍ରମାଣିତ ହେବ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଘଟଣା ସରକାରୀ କଲ୍ୟାଣ ଯୋଜନାର ସ୍ୱଚ୍ଛତା ଓ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ, ଜାଲିଆତି ପଛରେ ଥିବା ସମ୍ପୂର୍ଣ୍ଣ ଚକ୍ରର ପର୍ଦ୍ଦାଫାସ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବସ୍ତା ପ୍ରଶାସନର ଅବମାନନା

# ଜବରଦଖଲ ଉଚ୍ଛେଦ ପାଇଁ ଦିନ ଗଡ଼ାଉଛି ରାଜସ୍ୱ ବିଭାଗ

ରାଜଘାଟ, ୩।୭ (ସମିସ)




ଉଚ୍ଚ ନ୍ୟାୟାଳୟ ଓ ବାଲେଶ୍ୱର ଜିଲ୍ଲପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥାଇ ବି ବସ୍ତା ପ୍ରଶାସନ ଶ୍ମଶାନ ଜମିରୁ ଜବର ଦଖଲ ଉଚ୍ଛେଦ କରୁନଥିବା ଅଭିଯୋଗ ଆଣି ଗ୍ରାମବାସୀ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବଶ୍ୟକ ପୁଲିସ ଫୋର୍ସ ନାହିଁ କହି ପ୍ରଶାସନ ଇଚ୍ଛାକୃତ ଭାବେ ଦିନ ଗଡାଉଥିବା ଅଭିଯୋଗ କରି ସାମ୍ବାଦିକ ସମ୍ମିଳନୀ କଲେ ଗ୍ରାମବାସୀ। ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଥେଙ୍ଗଡିହା ମୌଜା (ଶ୍ମଶାନ) ଟୋଲଗେଟ ବଜାରରେ। ଗାଁର ସରକାରୀ ଖାତାନଂ ୨୧୭ ସ୍ମଶାନ ଜମିର ପ୍ରାୟ ୭୩ଡିସମିଲ ଅଞ୍ଚଳକୁ କିଛି ପ୍ରଭାବଶାଳୀ ବ୍ୟକ୍ତି, ବ୍ୟକ୍ତିଗତ ଭାବେ ଦୀର୍ଘ ବର୍ଷ ହେଲା ଜବର ଦଖଲ କରି ଘର ଓ ଦୋକାନ ତିଆରି କରିଛନ୍ତି। ଏ ନେଇ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାର୍ଚ୍ଚ ୫ ତାରିଖ ୨୦୨୫ରେ ଉଚ୍ଚ ନ୍ୟାୟାଳୟ ଓ ଚଳିତ ବର୍ଷ ଜୁନ ମାସ ୬ତାରିଖରେ ଜିଲ୍ଲପାଳ ଜବର ଦଖଲକୁ ତୁରନ୍ତ ଉଚ୍ଛେଦ କରି ସ୍ମଶାନକୁ ମୁକ୍ତ କରିବା ପାଇଁ ବସ୍ତା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନ୍ୟାୟାଳୟ ନିର୍ଦ୍ଦେଶର ୧୬ ମାସ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶର ଏକ ମାସ ବିତିଯାଇଥିଲେ ବି ପ୍ରଶାସନ ପଦକ୍ଷେପ ନେଇନାହିଁ। ଗ୍ରାମବାସୀ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଉଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୩ ତାରିଖରେ ଜବର ଦଖଲ ହିଟିବ ବୋଲି ଆଶ୍ୱାସନା ଦେଇଥିଲେ ଏବଂ ଗତ ଜୁନ ମାସ ୨୯ ତାରିଖରେ ନୋଟିସ ଜାରି କରିଥିଲେ କି, ଚଳିତମାସ ୨ତାରିଖ ସୁଦ୍ଧା ସମସ୍ତ ଜବର ଦଖଲ କାରୀଙ୍କୁ ଜାଗା ଖାଲି କରିବାପାଇଁ। ନିର୍ଦ୍ଦେଶ ଅନୁପାଳନ କରି କିଛି ଦୋକାନୀ ନିଜର ଜିନିଷପତ୍ର ବାହାର କରି ଘର ଖାଲି କରିଥିଲେ। ମାତ୍ର ଆଜି ଉଚ୍ଛେଦ ହେବାକୁ ଥିବାବେଳେ କୌଣସି ଅଧିକାରୀ ଆସିନଥିଲେ ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି, ଆମ ପାଖରେ ଆବଶ୍ୟକ ପୁଲିସ ବଳ ନାହିଁ, ସମସ୍ତ ପୁଲିସ ରଥଯାତ୍ରା ଡିଉଟିରେ ଯାଇଛନ୍ତି, ରଥଯାତ୍ରା ପରେ ଉଚ୍ଛେଦ ହେବ। ତେଣୁ ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି ଯଦି ରଥଯାତ୍ରା ମଧ୍ୟରେ ବସ୍ତାରେ କୌଣସି ବଡ଼ ଅଘଟଣ ଘଟେ ପ୍ରଶାସନ କଣ ଅସହାୟ ହୋଇ ପଡିବ? ଏହି ଅବହେଳାକୁ ବିରୋଧ କରି ଆଜି ଅଭିଯୋଗକାରୀ ଗ୍ରାମର ରମାକାନ୍ତ ଜେନାଙ୍କ ବାସଭବନରେ ସାମ୍ବାଦିକ ସମ୍ମିଳନୀ କରି ଜଣାଇଛନ୍ତି। ସେମାନେ କହିଛନ୍ତି, ଆମ ପୂର୍ବପୁରୁଷଙ୍କ ଶ୍ମଶାନ ଉପରେ ଘର ହୋଇଛି, ମୃତଦେହ ସତ୍କାର କରିବାକୁ ଜାଗା ନାହିଁ। ଉଚ୍ଚନ୍ୟାୟାଳୟ ଓ ଜିଲ୍ଲପାଳଙ୍କ ଆଦେଶ ଥାଇ ବି ପ୍ରଶାସନ ଶୁଣୁନାହିଁ। ଯଥା ଶୀଘ୍ର ଉଚ୍ଛେଦ ନହେଲେ ଆସନ୍ତା ୬ ତାରିଖରେ ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିବୁ। ତେବେ ନ୍ୟାୟାଳୟ ଓ ଜିଲ୍ଲପାଳଙ୍କ ଆଦେଶକୁ ଅବହେଳା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଆମରଣ ଅନଶନରେ ବସିବେ ଅଭିଯୋଗକାରୀ

# ଆଗୁଆ ସତର୍କତା ପରେ ବି ଭାଙ୍ଗିଲାନି ବିଇଏମ୍‌ସିର ନିଦ

## ନାଳ ସଫେଇରେ ଅବହେଳା, ବର୍ଷାରେ ବୁଡ଼ିଲା ବ୍ରହ୍ମପୁର, ଜନ ଅସନ୍ତୋଷ ତୀବ୍ର

ବ୍ରହ୍ମପୁର,୩।୭ (ସମିସ)



ମୌସୁମୀ ଆସିବା ନେଇ ପାଣିପାଗ ବିଭାଗ ପୂର୍ବରୁ ସ୍ପଷ୍ଟ ସତର୍କ ସୂଚନା ଦେଇଥିଲା। ଲଘୁଚାପ ସୃଷ୍ଟି ହେବା ଓ ପ୍ରବଳ ବର୍ଷାର ସମ୍ଭାବନା ସମ୍ପର୍କରେ ମଧ ପ୍ରଶାସନ ଅବଗତ ଥିଲା। କିନ୍ତୁ ଏହି ସତର୍କତାକୁ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) କେତେ ଗୁରୁତ୍ୱ ଦେଇଥିଲା, ତାହାର ଉତ୍ତର ସହରର ବର୍ତ୍ତମାନ ସ୍ଥିତି ହିଁ ଦେଉଛି। ଲଘୁଚାପ ପ୍ରଭାବରେ ହୋଇଥିବା ଲଗାଣ ବର୍ଷା ପରେ ସହରର ଚିତ୍ର ପୁଣି ଥରେ ବିଇଏମ୍‌ସିର ପ୍ରସ୍ତୁତିର ପୋଲ ଖୋଲିଦେଇଛି। ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ପାଣି ଜମି ରହିଥିବା ବେଳେ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇପଡ଼ିଛି। ସହରବାସୀଙ୍କ ଅଭିଯୋଗ ଯେ, ଏହା ପ୍ରାକୃତିକ ବିପର୍ଯ୍ୟୟଠାରୁ ଅଧିକ ପ୍ରଶାସନିକ ବିଫଳତାର ପରିଣାମ। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ବ୍ରହ୍ମପୁରରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ବର୍ଷା ପୂର୍ବରୁ ସହରର ମୁଖ୍ୟ ନାଳ ଓ ଉପନାଳଗୁଡ଼ିକର ସଫେଇ କରାଯିବା, ଆବର୍ଜନା ହଟାଇବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥାକୁ ସକ୍ରିୟ କରିବା ନିଗମର ଦାୟିତ୍ୱ। କିନ୍ତୁ ଚଳିତବର୍ଷ ମଧ ସେହି କାର୍ଯ୍ୟ କେବଳ କାଗଜକଲମରେ ସୀମିତ ରହିଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଅଳ୍ପ ସମୟର ଲଗାଣ ବର୍ଷାରେ ମଧ ସହରର ଅନେକ ଅଞ୍ଚଳ ପୋଖରୀର ଭ୍ରମ ସୃଷ୍ଟି କରିଛି।

ସହରର ବିଭିନ୍ନ ୱାର୍ଡରେ ଥିବା ନାଳ ଓ ନର୍ଦ୍ଦମା ଦୀର୍ଘଦିନ ଧରି ସଫା ହୋଇନଥିବାରୁ ସେଥିରେ ପ୍ଲାଷ୍ଟିକ, ପଲିଥିନ୍, ମାଟି ଓ ବିଭିନ୍ନ ଆବର୍ଜନା ଜମି ରହିଛି। ଜଳ ନିଷ୍କାସନ ପଥ ସଙ୍କୁଚିତ ହୋଇଯାଇଥିବାରୁ ବର୍ଷାଜଳ ରାସ୍ତା ଉପରେ ଜମି ରହୁଛି। ଅନେକ ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବାରୁ ଦୁଇଚକିଆ ଯାନ ଚାଳକମାନେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ରାସ୍ତାରେ ପାଣି ଜମି ରହିବାରୁ ଗର୍ତ୍ତ ଦେଖାଯାଉନଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ଅନେକ ସ୍ଥାନରେ ଘର ଭିତରକୁ ବର୍ଷାଜଳ ପଶିଯିବାରୁ ଲୋକଙ୍କ ଆସବାବପତ୍ର ଓ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ନଷ୍ଟ ହୋଇଥିବା ଅଭିଯୋଗ ମଧ ସାମ୍ନାକୁ ଆସିଛି। ବର୍ଷା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ନ ଛାଡ଼ିବାରୁ ମଶା ବଂଶ ବୃଦ୍ଧି ଓ ଜଳବାହିତ ରୋଗର ଆଶଙ୍କା ମଧ ବଢ଼ିଯାଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ପାଣିପାଗ ବିଭାଗ ପୂର୍ବରୁ ସତର୍କ କରିଥିଲା, ତେବେ ବିଇଏମ୍‌ସି କେଉଁ ପ୍ରସ୍ତୁତି କରିଥିଲା। ବର୍ଷା ପୂର୍ବରୁ ନାଳ ସଫେଇ ଅଭିଯାନ କେତେଦୂର ହୋଇଥିଲା। କେଉଁ ୱାର୍ଡରେ କେତେ ନାଳ ସଫା କରାଯାଇଥିଲା ଓ ତାହାର ବାସ୍ତବ ଅବସ୍ଥା କ'ଣ। ଏଭଳି ଅନେକ ପ୍ରଶ୍ନର ସ୍ପଷ୍ଟ ଉତ୍ତର ନା ପ୍ରଶାସନ ପାଖରେ ଅଛି, ନା ସହରବାସୀଙ୍କୁ ଜଣାଯାଇଛି।

ପ୍ରତିବର୍ଷ ବର୍ଷା ପରେ ଅସ୍ଥାୟୀ ଭାବେ ପାଣି ନିଷ୍କାସନ ଓ ସଫେଇ କାର୍ଯ୍ୟ କରାଯାଉଥିବା ବେଳେ ସ୍ଥାୟୀ ସମାଧାନ ଦିଗରେ କୌଣସି ଦୃଶ୍ୟମାନ ପଦକ୍ଷେପ ଦେଖିବାକୁ ମିଳୁନାହିଁ। ସହରରେ ଦ୍ରୁତ ସହରୀକରଣ ସହ ଜଳ ନିଷ୍କାସନ ବ୍ୟବସ୍ଥାର ଆଧୁନିକୀକରଣ ହୋଇନାହିଁ। ବହୁ ପୁରୁଣା ନାଳ ଆଜିର ଜନସଂଖ୍ୟା ଓ ବର୍ଷାଜଳର ଚାପ ସମ୍ଭାଳିବାକୁ ସକ୍ଷମ ନୁହେଁ। ଅନ୍ୟପଟେ ଅନେକ ସ୍ଥାନରେ ନାଳ ଉପରେ ଅତିକ୍ରମଣ ଓ ଅବୈଧ ନିର୍ମାଣ ହୋଇଥିବାରୁ ଜଳ ପ୍ରବାହ ଆହୁରି ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ବିଇଏମ୍‌ସିର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦୃଶ୍ୟମାନ ହେଉନାହିଁ। ତେଣୁ କେବଳ ତୁରନ୍ତ ନାଳ ସଫେଇ କରିଦେଲେ ସମସ୍ୟାର ସମାଧାନ ହେବନାହିଁ। ସହରର ସମ୍ପୂର୍ଣ୍ଣ ଡ୍ରେନେଜ୍ ବ୍ୟବସ୍ଥାର ବୈଜ୍ଞାନିକ ସମୀକ୍ଷା, ଅତିକ୍ରମଣ ଉଚ୍ଛେଦ, ନିୟମିତ ନାଳ ସଫେଇ, ବର୍ଷା ପୂର୍ବରୁ ପ୍ରସ୍ତୁତି ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଭଳି ପଦକ୍ଷେପ ଗ୍ରହଣ କରିବା ଏବେ ଦାବିହୋଇଛି। ବର୍ଷାରେ ସହରର ଗଜପତିନଗର, ଲକ୍ଷ୍ମିନୃସିଂହ ସାହି, ଅଶୋକ ନଗର, ଉମାନଗର, ପିଟିପିଟା ନଗର, ପ୍ରେମ ନଗର, ଧର୍ମ ନଗର, ଗାନ୍ଧି ନଗର, ପୁରୁଣା ବ୍ରହ୍ମପୁର ଆଦି ଅନେକ ଅଞ୍ଚଳରେ ପାଣି ଜମିଥିବା ଦେଖିବାକୁ ମିଳିଛି। ଏହାର ସ୍ଥାୟୀ ପ୍ରତିକାର ଲାଗି ସାଧାରଣରେ ଦୃଢ ଦାବି କରାଯାଇଛି।

# ଅଚଳ ଭେଣ୍ଡିଂ ଜୋନକୁ ସଚଳ କରିବାକୁ ଅଣ୍ଟାଭିଡ଼ିଲା ବିଇଏମ୍‌ସି

- ପ୍ରଥମ ପର୍ଯ୍ୟାୟରେ ୧୧ଜଣ ପୁରୁଣା ଭେଣ୍ଡରଙ୍କୁ ଲଟେରୀ ମାଧ୍ୟମରେ ଦିଆଗଲା ପିଣ୍ଡି
- ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଗଠିତ ହୋଇଛି ସ୍ୱତନ୍ତ୍ର ସର୍ଭେର୍ ଟିମ୍
- ଜୁଲାଇ ଦ୍ୱିତୀୟ ସପାହ ସୁଦ୍ଧା ଭେଣ୍ଡିଂ ଜୋନକୁ କାର୍ଯ୍ୟକରିବାକୁ ରହିଛି ଲକ୍ଷ୍ୟ : ମେୟର

ବ୍ରହ୍ମପୁର,୩।୭ (ସମିସ): ବହୁ କୋଟି ବ୍ୟୟରେ ନିର୍ମିତ ମର୍ଦ୍ଦରାଜ ଭେଣ୍ଡିଂ ଜୋନ ଅଚଳ ପଡିଛି। ସେପଟେ ରାଜରାସ୍ତାରେ ଏପରିକି ଓଭର ବ୍ରିଜ ତଳେ ବ୍ୟବସାୟ କରୁଛନ୍ତି ଉଠାଦୋକାନୀ। ସେମାନଙ୍କୁ ବ୍ୟବସ୍ଥିତ ଢଙ୍ଗରେ ଥଇଥାନ କରିବାକୁ ଯାଇ ବିଇଏମସି ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନର ବ୍ୟବସ୍ଥା କରାଯାଇଛି। କୋର୍ଟପେଟା ମର୍ଦ୍ଦରାଜ ଭେଣ୍ଡିଂ ଜୋନରେ ମୋଟ ୯୭ଟି ପିଣ୍ଡିର ବ୍ୟବସ୍ଥା ରହିଥିବା ବେଳେ ସେଠାରେ ମୋଟ ୧୨୭ଜଣ ଉଠାଦୋକାନୀଙ୍କୁ ଥଇଥାନ କରାଯିବ। ଏଥିପାଇଁ ପୂର୍ବରୁ ସ୍ଥାୟୀ ଜମା ଭାବେ ୧୦ହଜାର ଟଙ୍କା ଦେଇଥିବା ବ୍ୟବସାୟୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆଜି ୧୧ଜଣଙ୍କୁ ଚିହ୍ନଟ କରି ଲଟେରୀ ମାଧ୍ୟମରେ ପିଣ୍ଡି ପ୍ରଦାନ କରାଯାଇଛି। ପରବର୍ତ୍ତି ପର୍ଯ୍ୟାୟରେ ଅବଶିଷ୍ଟ ଭେଣ୍ଡରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ମଧ ଲଟେରୀ ମାଧ୍ୟମରେ ପିଣ୍ଡି ଦିଆଯିବ। ତେବେ ପିଣ୍ଡି ନେଇ ଭଡାରେ ଲଗାଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ପଞ୍ଜିକରଣକୁ ରଦ୍ଦ କରାଯିବ ଏବଂ ପ୍ରକୃତ ବ୍ୟବସାୟୀଙ୍କୁ ପିଣ୍ଡି ପ୍ରଦାନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ। ଏଥିପାଇଁ ଆସନ୍ତା ୪ତାରିଖ ଶନିବାର ଦିନ ବିଇଏମସି କାର୍ଯ୍ୟାଳୟରେ ହିତାଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ଡେକ୍ସ ଖୋଲାଯାଇଛି। ପ୍ରକୃତ ବ୍ୟବସାୟୀଙ୍କୁ ପିଣ୍ଡି ଯୋଗାଣ ପରେ ରାସ୍ତା ଉପରେ ଅଥବା ଓଭର ବ୍ରିଜ ତଳେ କୌଣସି ବ୍ୟବସାୟୀଙ୍କୁ ବ୍ୟବସାୟ କରିବାକୁ ସୁଯୋଗ ଦିଆଯିବ ନାହିଁ। ଏହାଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ନୂତନ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ଶେଷ ସତ୍ତ୍ୱେ ଦିର୍ଘ ଦିନ ଧରି ଭେଣ୍ଡିଂ ଜୋନ ଅଚଳ ପଡିଥିଲା। ଉଠାଦୋକାନୀ ବା ପ୍ରକୃତ ଭେଣ୍ଡରଙ୍କୁ ସ୍ଥାନାନ୍ତର ନେଇ ବାରମ୍ବର ନୋଟିସ ସତ୍ତ୍ୱେ ସେମାନେ କର୍ଣପାତ କରିନଥିଲେ। ଫଳରେ ବିଇଏମସି ପକ୍ଷରୁ ନୋଟିସ ଜାରି କରାଯିବା ସହ ଆଜି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଜେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ସହିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ ଉପାୟୁକ୍ତ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ସହକାରୀ କମିସନରଙ୍କପ ସମେତ ବହୁ କର୍ମଚାରୀ ଉପସ୍ଥିତ ରହି ଲଟେରୀ ଓ ଅନ୍ୟାନ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଚଳିତ ଜୁଲାଇ ଦ୍ୱିତୀୟ ସପ୍ତାହ ସୁଦ୍ଧା ଭର୍ଦ୍ଦରାଜ ଭେଣ୍ଡିଂ ଜୋନକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ନିଗମ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଥିବା ଜଣାପଡିଛି।

# ବୀମା ନଗର୍ କଲ୍ୟାଣ ସମିତି ଗଠନ

ବ୍ରହ୍ମପୁର,୩।୭ (ସମିସ): ବ୍ରହ୍ମପୁର ମହାନଗର ନିଗମର ୪୨ ନମ୍ବର ୱାର୍ଡ ଅନ୍ତର୍ଗତ ବୀମାନଗରରେ 'ବୀମାନଗର କଲ୍ୟାଣ ସମିତି' ଗଠନ କରାଯାଇଛି। ଅଞ୍ଚଳର ରାସ୍ତା, ନାଳ, ପାନୀୟଜଳ ଓ ପରିମଳ ସମସ୍ୟାର ସମାଧାନ ତଥା ସାମଗ୍ରିକ ବିକାଶ ପାଇଁ ଅଞ୍ଚଳର ବାସିନ୍ଦାଙ୍କ ଦ୍ୱାରା ଗଠନ କରାଯାଇଛି। ଆମ୍ବପୁଆ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ସାଧାରଣ ବୈଠକରେ ସର୍ବସମ୍ମତି କ୍ରମେ ଶିଶିର କୁମାର ଦାସଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ପ୍ରତାପ ମହାନ୍ତିଙ୍କୁ ସମ୍ପାଦକ, ତାରିଣୀ ଚରଣ ସାହୁଙ୍କୁ ଉପସଭାପତି, ନିରଞ୍ଜନ ଗୌଡ଼ କୋଷାଧକ୍ଷ ଏବଂ ଶିବ ଶଙ୍କର ବିଶ୍ୱାଳ ସହସମ୍ପାଦକ ରୂପେ ନିର୍ବାଚିତ କରାଯାଇଛି। ସମସ୍ୟାର ସମାଧାନ ପାଇଁ ସମିତି ପକ୍ଷରୁ ମହାନଗର ନିଗମ ଓ ବିଇଡଏ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନୂତନ କର୍ମକର୍ତ୍ତାମାନେ କହିଛନ୍ତି। ଏହା ସହ ସମିତି ଖୁବ୍ ଶୀଘ୍ର ପଞ୍ଜୀକୃତ କରାଯାଇ ବୋଲି କହିଛନ୍ତି। ବୈଠକରେ ସ୍ଥାନୀୟ କର୍ପୋରେଟର ତଥା ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ ଇଂ. ସରୋଜ କୁମାର ପ୍ରହରାଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



■ ବିସିଏ ଛାତ୍ରୀ ମୃତ୍ୟୁ ଘଟଣା

# ଆଇଜିଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ପରିବାର

ବ୍ରହ୍ମପୁର,୩।୭ (ସମିସ): ଗୋଳନ୍ଥରା ନିକଟ ଗାନ୍ଧି ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଛାତ୍ରୀ ମୃତ୍ୟୁ ଘଟଣା ଦିନକୁ ଦିନ ବିବାଦୀୟ ହୋଇପଡୁଛି। ଗିରଫ ଅଭିଯୁକ୍ତ ବିଶ୍ୱଜିତ ଜେନା ଅସଲି କି ନକଲି ବୋଲି ମୃତକଙ୍କ ପରିବାର ସନ୍ଦେହରେ ଅଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଦେଖି ଏହା ହତ୍ୟାକାଣ୍ଡ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତିଶେଖରଙ୍କୁ ପରିବାରଲୋକ ଭେଟି ଦାବିପତ୍ର ଦେଇଛନ୍ତି। ଗତ ଜୁନ ୨୦ ତାରିଖରେ ବିସିଏ ଦ୍ୱିତୀୟ ବର୍ଷ ଛାତ୍ରୀ ସ୍ମୃତି ଭୋଳଙ୍କ ଝୁଲନ୍ତା ଶବ କଲେଜ ହଷ୍ଟେଲରୁ ମିଳିଥିଲା। ପୁଲିସ ଏହାକୁ ଆତ୍ମହତ୍ୟା ବୋଲି କହୁଥିଲା ବେଳେ ପରିବାର ଲୋକେ ଏହାକୁ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଆସୁଛନ୍ତି। ସ୍ମୃତିଙ୍କ ପରିବାର ଲୋକେ ଝିଅ ପଢୁଥିବା କଲେଜକୁ ଯାଇ ପୋଷାକ ଓ ଜିନିଷପତ୍ର ଆଣିଥିଲେ। ଘଟଣା ସମ୍ପର୍କରେ ସେମାନେ କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଜାଣିବାକୁ ଚାହିଁଥିଲେ। ସ୍ମୃତିଙ୍କ ମା ମମତା ଭୋଳ, ମାମୁଁ ମଙ୍ଗୁଲୁ ଓ ଭଉଣୀ ଜ୍ୟୋତି ପ୍ରମୁଖ



୧୯ ତାରିଖ ସନ୍ଧ୍ୟାରୁ ୨୦ତାରିଖ ସକାଳ ପର୍ଯ୍ୟନ୍ତ କଲେଜ ପରିସରର ସିସି କ୍ୟାମେରା ଦେଖିବାକୁ ଚାହିଁଥିଲେ। ହେଲେ ସିସି କ୍ୟାମେରା ଖରାପ ଅଛି ବୋଲି କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ କହିଛନ୍ତି। ପରେ ସନ୍ଧ୍ୟାରେ ପରିବାର ଲୋକେ ଆଇଜିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଝିଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆ ଯାଉଥିବା ସେ ଆଇଜିଙ୍କୁ କାନ୍ଦି କାନ୍ଦି କହିଥିଲେ। ଆଇଜି ସାନ୍ତ୍ୱନା ଦେବା ସହ ଅସଲି ବିଶ୍ୱଜିତ ଗିରଫ ହେଇଥିବା ପରିବାରଲୋକଙ୍କୁ କହିଛନ୍ତି। ଅଭିଯୁକ୍ତ ବିରୋଧରେ ସାକ୍ଷ୍ୟ, ପ୍ରମାଣ ଯାହା ମିଳୁଛି କୋର୍ଟରେ ଦାଖଲ କରାଯିବ। ଖୁବଶୀଘ୍ର ଏହି ମାମଲାର ଚାର୍ଜସିଟ ମଧ ଦାଖଲ ହେବ। କୌଣସି ସନ୍ଦେହ ନ କରିବାକୁ ଆଇଜି କହିବା ସହ ପୁଲିସ ନିରପେକ୍ଷ ତଦନ୍ତ କରୁଥିବା ପ୍ରତିଶୃତି ଦେଇଛନ୍ତି।

# ସରକାରଙ୍କ ନୋଟିସ୍ ପରେ ବି ଜାରି ଡାକ୍ତରଙ୍କ ଆନ୍ଦୋଳନ

- ଗ୍ରାମାଞ୍ଚଳରେ ବାଧାପ୍ରାପ୍ତ ରୋଗୀସେବା
- ଏମ୍‌କେସିଜିରେ ବଢୁଛି ରୋଗୀଙ୍କ ସଂଖ୍ୟା

ବ୍ରହ୍ମପୁର,୩।୭ (ସମିସ)



ଓଡ଼ିଶା ମେଡ଼ିକାଲ ସେବା (ଓମ୍‌ସା) ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଇତିମଧ୍ୟରେ ସରକାରଙ୍କ ପକ୍ଷରୁ କାର୍ଯ୍ୟରେ ଯୋଗଦେବା ପାଇଁ ନୋଟିସ୍ ଜାରି ହୋଇଥିଲେ ମଧ ଡାକ୍ତରଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଏହାର ପ୍ରଭାବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ବଡ଼ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ବିଶେଷକରି ବହିର୍ବିଭାଗ(ଓପିଡି) ସେବା ପ୍ରଭାବିତ ହେବାରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ଉପାୟ ନପାଇ ଗ୍ରାମାଞ୍ଚଳ ରୋଗୀମାନେ ବର୍ତ୍ତମାନ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ଦେଖିବାକୁ ମିଳିଛି। ଫଳରେ ଦିନକୁ ଦିନ ଏମକେସିଜି ମେଡିକାଲର ଓପିଡିରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ପରିସ୍ଥିତି ଆହୁରି ଜଟିଳ ହେଉଛି। ଗଞ୍ଜାମ ସମେତ ଗଜପତି, କନ୍ଧମାଳ ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଏମକେସିଜି ମେଡିକାଲକୁ ଆସୁଥିବାବେଳେ ଆନ୍ଦୋଳନ ଯୋଗୁଁ ସେମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଶୀଘ୍ର ସମସ୍ୟାର ସମାଧାନ କରି ସ୍ୱାଭାବିକ ଚିକିତ୍ସା ସେବା ଫେରାଇ ଆଣିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ୧୦ ଦଫା ଦାବି ତଥା କ୍ୟାଡ଼ର ପୁନଃଗଠନ, କେନ୍ଦ୍ରୀୟ ଡିଏସିପି, କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଓ ସୁରକ୍ଷା, ବୀମା, ନିୟମିତ ଡିପିସି, ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପୁଲିସ୍ ପୋଷ୍ଟ ସେବା ସହ ବାର୍ଷିକ ଓପିଏସ୍‌ସି ନିଯୁକ୍ତି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇ ଆନ୍ଦୋଳନ ଜାରି ରହିଛି। ଓମ୍‌ସା ପକ୍ଷରୁ ଘୋଷଣା କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଏମ୍‌କେସିଜି ଜୁନିୟର ଡାକ୍ତର ସଂଘ(ଜେଡ଼ିଏ) ପକ୍ଷରୁ ସମର୍ଥନ କରାଯାଇ କନିଷ୍ଠ ଡାକ୍ତରମାନେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟବନ୍ଦ ଆନ୍ଦୋଳନରେ ସଂଘର ସଭାପତି ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଡା. କେ.କାମେଶ୍ୱର ରାଓ, ଡା. ଗୟାଧର ପ୍ରଧାନ, ଡା. ଶୁଭକାନ୍ତ ଦାଶ, ଡ଼ା. ସୌଦାମିନୀ ପଣ୍ଡା, ଡା. ଅଶୋକ ଦାଶ, ଡା. ଅରୁନ୍ଧତି ପାଣିଗ୍ରାହୀ ଡା. ଇ.ରଞ୍ଜିତ ପାତ୍ର, ଡା. ସ୍ୱାଧୀନ ରଥଙ୍କ ସମେତ ବହୁ ଡାକ୍ତର ଉପସ୍ଥିତ ଥିଲେ।

# ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ବିଦ୍ୟାଳୟରେ ପୋଷାକ ବଣ୍ଟନ



ବ୍ରହ୍ମପୁର,୩।୭ (ସମିସ): ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସରକାରୀ ସ୍ମୃତି ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ପ୍ରଧାନଶିକ୍ଷକ ଗୌରୀ ଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟରେ ଅତିଥି ଭାବେ ଆଇନଜୀବୀ ସଞ୍ଜିତ କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନୂତନ ବିଦ୍ୟାଳୟ ପୋଷାକ ବଣ୍ଟନ କରିବା ସହ ନିୟମିତ ବିଦ୍ୟାଳୟକୁ ଆସି ମନୋ ଲଗାଇବା ସହ ପାଠପଢ଼ା କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୂର୍ଯ୍ୟ ଶତପଥୀ, ସନ୍ଧ୍ୟା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୀଳାଦ୍ରି ଦାସଙ୍କ ସମେତ ଅଭିଭାବକ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଗଞ୍ଜାମରେ ବର୍ଷା; ଚାଷୀଙ୍କ ମୁହଁରେ ହସ

## ଅଧିକାଂଶ ବ୍ଲକରେ ଭଲ ବର୍ଷା, ଆଗାମୀ ଦୁଇଦିନ ବର୍ଷା ସମ୍ଭାବନା

ବ୍ରହ୍ମପୁର,୩।୭ (ସମିସ): ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଗତ ଦୁଇଦିନ ଧରି ବର୍ଷାର ପ୍ରଭାବ ଜାରି ରହିଛି। ଶୁକ୍ରବାର ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଝିପିଝିପି ବର୍ଷା ଜାରି ରହିଥିଲା। ଦୀର୍ଘଦିନର ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତିରୁ ଲୋକେ ଆଶ୍ୱସ୍ତି ପାଇଥିବା ବେଳେ ଏହି ବର୍ଷା ଚାଷୀଙ୍କ ପାଇଁ ଆଶାର କିରଣ ପାଲଟିଛି। ବିଶେଷକରି ଖରିଫ ଚାଷ ପାଇଁ ଜମି ପ୍ରସ୍ତୁତ କରୁଥିବା ଚାଷୀମାନେ ଏହି ବର୍ଷାକୁ ସ୍ୱାଗତ କରିଛନ୍ତି। ଗତ ଏକ ମାସ ଧରି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହୋଇଥିବାରୁ ଅନେକ ସ୍ଥାନରେ ଧାନ ତଳି ପକାଇବା, ଜମି କାଦୁଅ କରିବା ଓ ରୁଆ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଅନେକ ଚାଷୀ ବର୍ଷାକୁ ଚାହିଁ ବସିଥିବା ବେଳେ ଲଘୁଚାପ ଜନିତ ବର୍ଷା ସେମାନଙ୍କ ଚିନ୍ତା କିଛିମାତ୍ରାରେ ଦୂର କରିଛି। ସୂଚନା ପ୍ରକାରେ ଶୁକ୍ରବାର ସକାଳ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଛତ୍ରପୁରରେ ୮୩ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୬୭ମିମି ବର୍ଷା ହୋଇଛି। ଯାହା ଚଳିତ ଏକମାସ ମଧ୍ୟରେ ସର୍ବାଧିକ ବର୍ଷା ବୋଲି ଜଣାପଡ଼ିଛି। ଦିନବେଳେ ଆକାଶ ଘନ ମେଘାଚ୍ଛନ୍ନ ରହିବା ସହ ବିଭିନ୍ନ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହୋଇଥିଲା। ସନ୍ଧ୍ୟା ପରେ ମଧ ଝିପିଝିପି ବର୍ଷା ଲାଗି ରହିଥିବାରୁ ପାରଦ କମିଥିଲା ଏବଂ ପାଗ ମନୋରମ ହୋଇଥିଲା। ଗତ କିଛିଦିନ ଧରି ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳିରେ ଅତିଷ୍ଠ ହୋଇପଡ଼ିଥିବା ଲୋକଙ୍କୁ ଏହି ବର୍ଷା ବହୁତ ଆଶ୍ୱସ୍ତି ଦେଇଛି। ଅପରପକ୍ଷେ କୃଷି ବିଶେଷଜ୍ଞଙ୍କ ମତରେ, ଆଗାମୀ କିଛିଦିନ ଏଭଳି ବର୍ଷା ଜାରି ରହିଲେ ଖରିଫ ଚାଷ ଗତି ପାଇବ। କୃଷି କ୍ଷେତ୍ରରେ ମଧ ଏହି ବର୍ଷାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି। ଅନେକ ସ୍ଥାନରେ ଚାଷୀମାନେ ଧାନ ତଳି ପକାଇବା ଓ ରୁଆବେଉଷଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଯେଉଁ ଜମିରେ ପାଣି ଅଭାବରୁ କୃଷି କାମ ବନ୍ଦ ଥିଲା, ସେଠାରେ ବର୍ଷା ପାଣି ଜମିବା ଆରମ୍ଭ ହୋଇଛି। ତେବେ କେବଳ ଗୋଟିଏ କିମ୍ବା ଦୁଇଦିନର ବର୍ଷାରେ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେବ ନାହିଁ। ନିୟମିତ ବର୍ଷା ଜାରି ରହିଲେ ଚାଷ ସ୍ୱାଭାବିକ ଗତିକୁ ଫେରିବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଲଘୁଚାପର ପ୍ରଭାବ ଏପର୍ଯ୍ୟନ୍ତ ବଳବତ୍ତର ରହିଛି। ତେଣୁ ଆଗାମୀ ଦୁଇଦିନ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ଆହୁରି ବଢ଼ିପାରେ। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ମଧ ସମ୍ଭାବନା ରହିଛି। ଏହାକୁ ନେଇ କୃଷକମାନଙ୍କ ମଧ୍ୟରେ ଆଶା ବଢ଼ିଥିବା ବେଳେ ପ୍ରଶାସନ ମଧ ପରିସ୍ଥିତି ଉପରେ ନଜର ରଖିଛି। ଲଘୁଚାପ ଜନିତ ଏହି ବର୍ଷା ଏକପଟେ ଜନଜୀବନକୁ ଶୀତଳତା ଦେଇଥିବା ବେଳେ ଅନ୍ୟପଟେ ଖରିଫ ଚାଷ ପାଇଁ ନୂଆ ଆଶା ସଞ୍ଚାର କରିଛି। ଏବେ ସମସ୍ତଙ୍କ ନଜର ଆଗାମୀ କିଛିଦିନର ପାଣିପାଗ ଉପରେ ରହିଛି।

# ଟାଙ୍ଗୁ ବାଦ୍ୟକାର ସିମାଦ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ବ୍ରହ୍ମପୁର,୩।୭ (ସମିସ): ବ୍ରହ୍ମପୁର ଆରାଧ ଦେବୀ ମା' ଠାକୁରାଣୀଙ୍କ ଟାଙ୍ଗୁ ବାଦ୍ୟକାର ସିମାଦ୍ରି ଘଡ଼େଇଙ୍କ ବିୟୋଗ ହୋଇଛି। ଏ ଅବସରରେ ସୀତା ଡିମୀରା ସାହି କଲ୍ୟାଣ ମଣ୍ଡପ ସ୍ୱର୍ଗତ ଘଡ଼େଇଙ୍କ ଦ୍ୱାଦଶ କାର୍ଯ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦୁର୍ଗା ମାଧବ ଦେଶୀ ବେହେରା ଓ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ବଦ୍ରିନାରାୟଣ ଯୋଗ ଦେଇ ତାଙ୍କ ସ୍ମୃତିଚାରଣ ଓ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ଆମର ଆମାର ସଦଗତି କାମନା କରିଥିଲେ। ସ୍ୱର୍ଗତ ସୀମାଦ୍ରୀ ଘଡ଼େଇ ବିଭିନ୍ନ ସମୟରେ ଜାତୀୟ ତଥା ଅନ୍ତର୍ଜାତୀୟ ବିଭିନ୍ନ ପ୍ରତିଯୋଗିତାରେ ଭାରତ ଲୋକ କଳା ପ୍ରଦର୍ଶିତ କରି ବେଶ୍ ସୁନାମ ଅର୍ଜନ କରିବା ସହ ପ୍ରତିଯୋଗିତା ଜାତୀୟ ସ୍ତରରେ ଅନେକ ପୁରସ୍କାର ଅର୍ଜନ କରିଥିଲେ। ଶେଷରେ ଚନ୍ଦ୍ର ଘଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ ଓଡିଶା ଦଳିତ ସମାଜ କଲ୍ୟାଣ ପରିଷଦର ଉପସଭାପତି ଓ ସମାଜସେବୀ ଚିନ୍ତାମଣି ନାୟକ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଆପିଲି ଘଡ଼େଇ, ପଞ୍ଚୁ ଘଡ଼େଇ, ଅନନ୍ତ ଘଡ଼େଇ, ଜ୍ୟୋତି ଘଡ଼େଇ, ରବି ଘଡ଼େଇ, କ୍ରିଷ୍ଣା ଘଡ଼େଇ, ସୁକାନ୍ତ ଘଡ଼େଇ, ଅମୂଲ୍ୟ ଘଡ଼େଇ, ଲାଲୁପ୍ରସାଦ ବେହେରା, ଯୋଗେନ୍ଦ୍ର ଘଡ଼େଇ, ବସନ୍ତ ଘଡ଼େଇ ଓ ସରୋଜ ନାୟକ ଉପସ୍ଥିତ ଥିଲେ।

୫ରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

# ସୁଇମିଂ ପୁଲ୍ ବନ୍ଦ; ନିରାଶ ଛତ୍ରପୁର ସନ୍ତରଣକାରୀ

- ମାଙ୍କଡ଼ଙ୍କ ଦୌରାତ୍ମ୍ୟ ଓ ବର୍ଷାଜଳ ପ୍ରବେଶ ଯୋଗୁଁ ସମସ୍ୟା: ଡିଏସଓ
- ହାତବାନ୍ଧି ବସିଛନ୍ତି ପ୍ରଶିକ୍ଷକ, ପୁଲ ଅପରେଟର ଓ ଲାଇଫଗାର୍ଡ

ବ୍ରହ୍ମପୁର,୩।୭ (ସମିସ): ଆସନ୍ତା ୫ତାରିଖରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ହେବ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ତଥା ଗଞ୍ଜାମ ଜିଲ୍ଲା ସନ୍ତରଣ ସଂଘ ପକ୍ଷରୁ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଜିଲ୍ଲାରେ ବ୍ରହ୍ମପୁର ଓ ଛତ୍ରପୁର ଠାରେ ଦୁଇଟି ସୁଇମିଂ ପୁଲର ବ୍ୟବସ୍ଥା ରହିଛି। ପୁଲ ଗୁଡିକର ରକ୍ଷଣାବେକ୍ଷଣ ସରକାରୀ ଭାବେ ନିଆଯାଉଥିବା ବେଳେ ସନ୍ତରଣକାରୀଙ୍କ ତାଲିମ ଇନସ୍ପାଇର ଇନଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟସ ବା ଆଇଆଇଏସ ଯାହା (ଜେଏସଡବ୍ଲ୍ୟୁ) ଦାୟିତ୍ୱ ନେଇଛି। ପୁଲରେ ପିଲାଙ୍କୁ ଅର୍ଥାତ ବିଭିନ୍ନ ବର୍ଗରେ ସନ୍ତରଣକାରୀଙ୍କୁ ତାଲିମ ଓ ଅଭ୍ୟାସ ପାଇଁ ଯଥାକ୍ରମେ ୫ବର୍ଷରୁ ୧୪ବର୍ଷ ପର୍ଯ୍ୟନ୍ତ ସଦସ୍ୟଙ୍କ ଠାରୁ ମାସିକ ୫ଶହ ଟଙ୍କା ଓ ୧୫ବର୍ଷରୁ ଉଦ୍ଧର୍ ସଦସ୍ୟଙ୍କ ଠାରୁ ମାସିକ ୭ ୫୦ଟଙ୍କା ସଂଗ୍ରହ କରାଯାଉଛି। ଏଥିପାଇଁ ଶିବିରାର୍ଥୀଙ୍କୁ ଦୈନିକ ସକାଳେ ଅଢେଇ ଘଣ୍ଟା ଓ ଅପରାହ୍ନ ୪ଟା ଠାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ଏଭଳି ଭାବେ ଦୈନିକ ମୋଟ ପ୍ରାୟ ୭ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ଉଭୟ ବ୍ରହ୍ମପୁର ଓ ଛତ୍ରପୁରରେ ସମାନ ବ୍ୟବସ୍ଥା ଥିବା ବେଳେ ବ୍ରହ୍ମପୁରରେ ପ୍ରଶିକ୍ଷଣ ପାଇଁ ୨ଜଣ ଝିଅ ଓ ୩ଜଣ ପୁଅ ପ୍ରଶିକ୍ଷକ ଏବଂ ଛତ୍ରପୁର ଠାରେ ୩ଜଣ ଝିଅ ଓ ଜଣେ ପୁଅ ପ୍ରଶିକ୍ଷକ ନିୟୋଜିତ ଅଛନ୍ତି। ବ୍ରହ୍ମପୁର ଷ୍ଟାଡିୟମରେ ସନ୍ତରଣକାରୀଙ୍କ ପାଇଁ ସର୍ବନିମ୍ନ ସୁଇମିଂ ଗିଅର ବ୍ୟବସ୍ଥା ନଥିବା ଯୋଗୁଁ ଅଭ୍ୟାସକାରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେପଟେ ଆସନ୍ତା ୫ତାରିଖ ଠାରୁ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ତାହା ପୂର୍ବରୁ ଛତ୍ରପୁର ସ୍ଥିତ ସୁଇମିଂ ପୁଲ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ହେବା ଚିନ୍ତା ଓ ପରିତାପର ବିଷୟ ହୋଇଛି। ସୁଇମିଂ ପୁଲ ବନ୍ଦ ଯୋଗୁଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ସନ୍ତରଣକାରୀ ଅଭ୍ୟାସରୁ ବଞ୍ଚିତ ହୋଇଛନ୍ତି। ଜେଏସଡବ୍ଲ୍ୟୁ ପକ୍ଷରୁ ପ୍ରଶିକ୍ଷଣ ଏବଂ ପିଏସପିଏଲ ପକ୍ଷରୁ ଲାଇଫଗାର୍ଡ ଓ ପୁଲ ଅପରେଟର ଦାୟିତ୍ୱ ନିଆଯାଇଛି। ସାମଗ୍ରୀକ ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଏହି ବ୍ୟବସ୍ଥାର ତଦାରଖ କରୁଛନ୍ତି। ଛତ୍ରପୁର ପୁଲରେ କାର୍ଯ୍ୟରତ ଲାଇଫଗାର୍ଡ ଓ ପୁଲ ଅପରେଟରଙ୍କ ଅନୁପସ୍ଥିତି ଯୋଗୁଁ ସେଠାରେ ଏକ ରକମର ଅଚଳାବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି। ଯଦ୍ୱାରା ପୁଲର ପାଣି ଖରାପ ହୋଇଯିବା ସହ ତାହାକୁ ବ୍ୟବହାର ଅଥବା ସନ୍ତରଣ କରିବା ଯୋଗ୍ୟ ହୋଇନାହିଁ। ଫଳରେ ପୁଲକୁ ବନ୍ଦ କରିବାକୁ ପ୍ରଶାସନ ବାଧ ହୋଇଥିବା ଜଣାପଡିଛି। ପ୍ରତିକ୍ରିୟାରେ ଜିଲ୍ଲା କ୍ରୀଡା ଅଧିକାରୀ କହିଛନ୍ତି ଛତ୍ରପୁର ପୁଲରେ ମାଙ୍କଡଙ୍କ ଦୌରାତ୍ମ୍ୟ ଓ ବର୍ଷା ଜଳ ପ୍ରବେଶ କରିବା ଫଳରେ ତାହାକୁ ବ୍ୟବହାର କରିବା ଉଚିତ ନୁହେଁ। ଏଣୁ ତାହାକୁ ବାଧ ହୋଇ ବନ୍ଦ କରାଯାଇଛି। ଯାହାର ସ୍ଥାୟୀ ପ୍ରତିକାର କରିବାକୁ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



## ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସାମ୍ବାଦିକ ସମ୍ମିଳନୀ

# ଉପକୂଳ ଜାତୀୟ ରାଜପଥରୁ ରାଜନଗର ବାଦ୍‌କୁ ନେଇ ପ୍ରତିବାଦ

ରାଜନଗର,୩।୭ (ସମିସ)




ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱରଠାରୁ ପାରାଦୀପ ପର୍ଯ୍ୟନ୍ତ ୧୭୦ କିମି ରାଜପଥକୁ ମଞ୍ଜୁରୀ ଦେଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ପାରାଦୀପଠାରୁ ଦିଘା ପର୍ଯ୍ୟନ୍ତ ମାର୍ଗର ଡିପିଆର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରକଳ୍ପରୁ କେନ୍ଦ୍ରାପଡ଼ା ଜିଲ୍ଲାର ଦୀର୍ଘ ଉପକୂଳ ଅଞ୍ଚଳ ଥିବା ରାଜନଗର ବ୍ଲକ ଏଥିରୁ ବାଦ ପଡିଛି। ଦୀର୍ଘ ୨୦ ବର୍ଷ ହେଲା ଉପକୂଳ ଜାତୀୟ ରାଜପଥର ସ୍ୱପ୍ନ ଦେଖାଇ ଶେଷରେ ରାଜନଗରକୁ ସମ୍ପୂର୍ଣ୍ଣ ବାଦ ଦିଆଯିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ ଦେଇ ଫେଜ୍-୨ ଉପକୂଳ ରାଜପଥ (ପାରାଦୀପ-ଦୀଘା, କରିଡର) ଅତିକ୍ରମ କରିବା ପାଇଁ ଆଜି ରାଜନଗର ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଦାବି କରାଯାଇଛି। ଚଳିତ ମାସ ୧୩ ତାରିଖ ଦିନ ରାଜନଗର ବ୍ଲକର ବୁଦ୍ଧିଜୀବୀ, ଛାତ୍ର , ଜନପ୍ରତିନିଧି ଓ ସବୁ ବର୍ଗର ଲୋକଙ୍କୁ ନେଇ ସମାବେଶ କରାଯିବ। ସମାବେଶରେ ରାଜନଗରକୁ ଉପକୂଳ ରାଜପଥ ପ୍ରକଳ୍ପରେ ସାମିଲ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନ କିପରି ଜୋରଦାର କରାଯିବ, ସେ ନେଇ ରୂପରେଖ ପ୍ରସ୍ତୁତି କରାଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା, ଉପସଭାପତି ଅଧ୍ୟାପିକା ଭଗବତୀ ନାୟକ, ସମ୍ପାଦକ ତଥା ଶିକ୍ଷାବିତ ଖିରୋଦ କୁମାର ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜିନ୍ କୁମାର ସ୍ୱାଇଁ, ଅକ୍ଷୟ କୁମାର ମିଶ୍ର, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି, ଅଧ୍ୟାପିକା ତନୁଶ୍ରୀ ମିଶ୍ର ପ୍ରମୁଖ କହିଛନ୍ତି।

ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଉପକୂଳ ରାଜପଥ ପ୍ରକଳ୍ପ ପ୍ରସ୍ତାବ କରିଛନ୍ତି। ଏହାର ଫେଜ୍-୨ ଡିପିଆର ଅନୁଯାୟୀ ପାରାଦୀପରୁ ଦୀଘା ପର୍ଯ୍ୟନ୍ତ ଏକ ରାଜପଥ ଆଳି, ରାଜକନିକା, ଚାନ୍ଦବାଲି, ଧାମରା, ବାସୁଦେବପୁର, ଚାନ୍ଦିପୁର ଓ ଚନ୍ଦନେଶ୍ୱର ଦେଇ ସଂଯୋଗ କରିବାକୁ ପ୍ରସ୍ତାବିତ ହୋଇଛି। କିନ୍ତୁ ଏହି ପ୍ରସ୍ତାବିତମାର୍ଗରାଜନଗରବ୍ଲକ୍‌କୁସମ୍ପୂର୍ଣ୍ଣବାଦ୍ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ସବୁଠାରୁ

**୧୩ରେ ବୁଦ୍ଧିଜୀବୀ, ଛାତ୍ର, ଜନପ୍ରତିନିଧିଙ୍କୁ ନେଇ ସମାବେଶ**

ଦୀର୍ଘ ଉପକୂଳ ରାଜନଗରରେ ରହିଛି। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ଘେରି ରହିଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ କାରଣରୁ ରାଜନଗରକୁ ଏହି ପ୍ରକଳ୍ପରୁ ବାଦ ଦିଆଯାଇଛି ବୋଲି କୁହାଯାଉଛି। ପରିବେଶ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ରାଜନଗରକୁ ଉପକୂଳ ରାଜପଥରୁ ସମ୍ପୂର୍ଣ୍ଣ ବାଦ୍ ଦେବା ଫଳରେ ଏହି ଅଞ୍ଚଳରେ ଦୀର୍ଘ ମିଆଦି ବିକାଶ ସମ୍ଭାବନା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପରୁ ରାଜନଗରକୁ ବାଦ ଦେଲେ ସ୍ଥାନୀୟ ଲୋକଙ୍କ ଉନ୍ନତ ସଡକ ସଂଯୋଗ ଓ ଆର୍ଥିକ ବିକାଶ ପ୍ରଭାବିତ ହେବ। ରାଜନଗର ବ୍ଲକକୁ ସମୁଦ୍ର, ନଦୀ ଘେରି ରହିଛି। ବାତ୍ୟା ଓ ସୁନାମୀ ଏ ଅଞ୍ଚଳର ଚିର ସହଚର। ସୁନାମୀ କାରଣରୁ ୧୯୭୧ରେ ୧୦ ହଜାର ଲୋକ ପ୍ରାଣ ହରାଇଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ଓ ନଦୀର ଜଳପତ୍ତନ ବୃଦ୍ଧି ପାଇଛି। ସୁନାମୀ ଆସିଲେ ସମୁଦ୍ର କୂଳିଆ ଅଞ୍ଚଳ ନୁହେଁ ରାଜନଗର ବ୍ଲକ ହେଡ କ୍ୱାଟର ସମୁଦ୍ରରେ ଲୀନ ହେବାର ଆଶଙ୍କା ରହିଛି। ତେଣୁ ଉପକୂଳ ରାଜପଥ ରାଜନଗର ପାଇଁ ଜରୁରୀ ବୋଲି ବୈଠକରେ କୁହାଯାଇଛି। ଏଠି ସହ ଆମେ ଓ ଆମର ପୂର୍ବ ପିଢିଙ୍କ ପାଇଁ ଭିତରକନିକା ସୁରକ୍ଷିତ ରହିଛି। ଭିତରକନିକା ସୁରକ୍ଷିତ ରହୁ, ପରିବେଶର ସୁରକ୍ଷା ସହିତ ରାଜନଗରବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ଯଦି ଉପକୂଳ ରାଜପଥ ଚିଲିକା ଓ ବାଲୁଖଣ୍ଡ ଅଭୟାରଣ୍ୟ ଦେଇ ଯାଇପାରୁଛି ରାଜନଗର ଦେଇଯିବାରେ ଅସୁବିଧା କେଉଁଠି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯାଇଛି।

● ଅଧିକାରୀଙ୍କ ବେପରୁଆ ମନୋଭାବ

## ତହସିଲ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟ ନଷ୍ଟ



ରାଜକନିକା,୩।୭ (ସମିସ): ଏକଦା କନିକା ରାଜଶାସନର ପ୍ରାଣକେନ୍ଦ୍ର ଥିବା କନିକା ତହସିଲ ତା'ର ଅବସ୍ଥିତି ଓ ପ୍ରାକୃତିକ ପରିବେଶ ପାଇଁ ଆକର୍ଷଣ ପାଲଟିଥିଲା। ସୁଉଚ୍ଚ ଦେବଦାରୁ ଗଛ ସହ ରାଜକୀୟ ଢାଞ୍ଚାର କଚେରୀ ଗୃହ ଏହାର ଗାରିମା ବଢ଼ାଇଥିଲା। ସମୟ ବଦଳିବା ସହ ସାରା ଓଡ଼ିଶାର ତହସିଲକୁ ଗୋଟିଏ ମଡେଲରେ ତିଆରି କରିବାକୁ ଐତିହ୍ୟପୂର୍ଣ୍ଣ ଏହି ତହସିଲ କୋଠାକୁ ଭାଙ୍ଗି ନୂଆ ବିଲଡିଂ ଠିଆ କରାଯାଇଛି। ଦୁଃଖର ବିଷୟ କନିକା ତହସିଲର ଏହି ନବନିର୍ମିତ କୋଠା ଉଦଘାଟନ ଦିନ ଏହାକୁ ସୁନ୍ଦର ଭାବେ ସଜାଇବାକୁ ପ୍ରୟାସ ହୋଇ ଏହାର ସାମ୍ନା ବାରଣ୍ଡା, ପୋର୍ଟିକରେ କିଛି କୁଣ୍ଡରେ ଫୁଲ ଗଛ ଲଗାଯାଇ ରଖାଯାଇଥିଲା। ମାତ୍ର ଉଦଘାଟନ ପରେ ତହସିଲଦାର, କର୍ମଚାରୀ ନିଜ ନିଜ ପ୍ରକୋଷ୍ଠ ବାଛି ନେଇ ଡ୍ୟୁଟି କରୁଥିବାବେଳେ ବାରଣ୍ଡାରେ ଥିବା ସେସବୁ ଫୁଲ କୁଣ୍ଡ ଗଛ ଟୋପାଏ ପାଣି ନ ପାଇ ମରିଯାଇଛି। ଯଦି ଗୋଟିଏ ଅଫିସର ସୌନ୍ଦର୍ଯ୍ୟ ବଢ଼ାଇବାକୁ କୁଣ୍ଡର ଫୁଲ ଗଛ ଏତେ ଦରକାରୀ ହେଲା, ସେସବୁକୁ ବଞ୍ଚାଇ ରଖିବାକୁ କେହି ବି ସାମାନ୍ୟ ଉଦ୍ୟମ ନ କରିବା, ସମସ୍ତଙ୍କ ଆଖି ସାମ୍ନାରେ ଗଛ ପାଣି ବିନା ମରିଯିବା ଘଟଣା ବେଶ ସମ୍ବେଦନ ସାପେକ୍ଷ ହୋଇଛି। ଏହି ଅଫିସରୁ ନିଜର ଚାକିରି ଜୀବନ ଅତିବାହିତ କରୁଥିବା ଅଫିସର ଓ କର୍ମଚାରୀଙ୍କ ମନରେ କେମିତି ଏହି ଗଛ ବଞ୍ଚାଇବାକୁ ତିଳେ ହେଲେ ବି ଦୟା ଆସିଲାନି, ତାହା ଆମର ମାନସିକତାକୁ ପ୍ରମାଣ କରିଛି।

## ମାଟିଆପଡ଼ା ହାଇସ୍କୁଲରେ ବିଦ୍ୟୁତ ସୁରକ୍ଷା ସପ୍ତାହ



ପଟ୍ଟାମୁଣ୍ଡାଇ, ୩।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଶକ୍ତି ବିଭାଗ ଓ ଭୁବନେଶ୍ୱର ପରିବେଶ ଶିକ୍ଷଣ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଦ୍ୟୁତ ସୁରକ୍ଷା ସଚେତନତା କର୍ମଶାଳାରେ ପ୍ରଧାନଶିକ୍ଷକ କବି ମନୋଜ ଶତପଥୀ ପୌରୋହିତ୍ୟ କରିଥିଲେ। ଏଥିରେ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ଭବାନୀ ଶଙ୍କର ରାଉତ ମୁଖ୍ୟଅତିଥି, ବିଦ୍ୟୁତ ପରିଦର୍ଶକ ଇଂ ବିକାଶକାନ୍ତି ନାୟକ ମୁଖ୍ୟବକ୍ତା ଓ ଇଂ ଚିରଞ୍ଜୀବ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦୈନନ୍ଦିନ ଜୀବନରେ ବିଦ୍ୟୁତ ଦୁର୍ଘଟଣାରୁ ରକ୍ଷା ପାଇବା ସହିତ ସୁରକ୍ଷିତ ରହିବା ପାଇଁ ଉପଯୁକ୍ତ ତାର ଓ ଉପକରଣ ବ୍ୟବହାର ସହିତ ବିଦ୍ୟୁତଜନିତ କାର୍ଯ୍ୟ କରିବା ବେଳେ ଉପଯୁକ୍ତ ସୁରକ୍ଷା ଉପକରଣ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ମାନସ ସାହୁ ସ୍ୱାଗତ ଭାଷଣ ଓ ଶକ୍ତି କ୍ଲବ ଶିକ୍ଷୟିତ୍ରୀ ଶୁଭଶ୍ରୀ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ଛାତ୍ରଛାତ୍ରୀଙ୍କୁ ଏକ ଶୋଭାଯାତ୍ରା ବିଭିନ୍ନ ଗାଁ ପରିକ୍ରମା କରି ବିଦ୍ୟୁତ ସୁରକ୍ଷା ଉପରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଚନ୍ଦ୍ରଭାନୁ ସାହୁ, ଦୀପ୍ତିମୟୀ ସାମଲ, ରଞ୍ଜିତ ସାହୁ, ତପନ ବେହେରା, ବିଶ୍ୱଜିତ ସାହୁ, ଶିବାଶିଷ ପତ୍ରୀ ଓ ମାଧୁରୀ ଭୁଏ ପରିଚାଳନା କରିଥିଲେ।

## ଜମ୍ବୁ ପଞ୍ଚାୟତରେ ବନ ମହୋତ୍ସବ



ମହାକାଳପଡ଼ା, ୩।୭ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ପଞ୍ଚାୟତରେ ବନ ମହୋତ୍ସବ ପାଳିତ ହୋଇଛି। ମହାକାଳପଡ଼ା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ଜମ୍ବୁ ପିଏଫ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ମା ପାଇଁ ଗଛଟିଏ ସବୁଜ ପଦକ୍ଷେପ ମାଧ୍ୟମରେ ପୃଥିବୀକୁ ସୁସ୍ଥ କରିବା' ସ୍ଲୋଗାନକୁ ଆଧାର କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଚାର କରାଯାଇଥିଲା। ଡିଏଫ୍‌ଓ ଭରଦରାଜ ଗାଓଁକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଏସିଏଫ୍ ଗଗନ ବିହାରୀ ମଲ୍ଲିକ, ରେଞ୍ଜର ବିଶ୍ୱରଞ୍ଜନ ବେହେରା, ଜିଲ୍ଲାପାଳ ରଘୁରାମ ଆୟର, ଉପଜିଲ୍ଲାପାଳ ଅରୁଣ ନାୟକ ଉପସ୍ଥିତ ଥିଲେ। ଏଥିସହ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗ୍ରାମବାସୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ମହିଳା ଓ ବନ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବନ ମହୋତ୍ସବ ଅବସରରେ 'ମା ପାଇଁ ଗଛଟିଏ' ଅଭିଯାନ ଅନ୍ତର୍ଗତ ଉପସ୍ଥିତ ଛାତ୍ରଛାତ୍ରୀ, ମହିଳା ଓ ସ୍ଥାନୀୟ ବାସିନ୍ଦାଙ୍କୁ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯାଇଥିଲା। ନିଜ ମା'ଙ୍କ ନାମରେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ସୁରକ୍ଷା ଓ ଯତ୍ନ ନେବାକୁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଡିଏଫ୍‌ଓ ଭରଦରାଜ ଗାଓଁକର କହିଥିଲେ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ପାଇଁ ବୃକ୍ଷରୋପଣ ଏକ ପ୍ରଭାବଶାଳୀ ଉପାୟ। "ମା ପାଇଁ ଗଛଟିଏ' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ପରିବେଶ ସୁରକ୍ଷା ସହ ଯୋଡ଼ିବା ଆମର ଲକ୍ଷ୍ୟ। ଶେଷରେ ସବୁଜ ପୃଥିବୀ ଗଠନ, ପରିବେଶ ସୁରକ୍ଷା ଓ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ଛାଡ଼ିଯିବା ନେଇ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୩।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୂଆପଡ଼ା ପ୍ରକଳ୍ପ ଉଚ୍ଚପ୍ରାଥମିକ ସ୍କୁଲର ସେବା ନିବୃତ୍ତ ଆଦର୍ଶ ପ୍ରଧାନଶିକ୍ଷକ ଶିକ୍ଷକ ଶ୍ରୀନିବାସ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାକ୍ତନ ସ୍କୁଲ ଶିକ୍ଷା ଅନୁନିରୀକ୍ଷକ ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଜରିଆ ବଳଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସିଦ୍ଧ ପରମହଂସ ନୋଡାଲ ୟୁପି ସ୍କୁଲ କ୍ଲଷ୍ଟରର ପକ୍ଷରୁ ଅନୁଷ୍ଠିତ ମିଳିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ରାଜନଗରର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟବକ୍ତା, ପ୍ରାକ୍ତନ ପଟ୍ଟାମୁଣ୍ଡାଇ ଶିକ୍ଷା ଜିଲ୍ଲା ଅଧିକାରୀ ସରୋଜକାନ୍ତ ବିହାରୀ, କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ମନୋଜ ବେହେରା, ଅବସରପ୍ରାପ୍ତ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସ୍ୱାଇଁ, ଅଭିମନ୍ୟୁ ପଢିହାରୀ, ଉଦକର ସାମଲ, ଉମାକାନ୍ତ ମହାପାତ୍ର, ପ୍ରାକ୍ତନ ସିଆରସି ଅଶୋକ ପରିଡା ଓ ରମେଶ ଚନ୍ଦ୍ର ମହାନ୍ତି, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ କୁମାର ଦାସ, ଶିକ୍ଷକ ନେତା କବି ଅନ୍ତର୍ଯ୍ୟାମୀ ବେଜ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି କରୁଣାକର ଭଳ, ସମାଜସେବୀ ଟୁବୁଲି ଚୌଧୁରୀ, ସିଆରସିସି ରଞ୍ଜନ ବେହେରା ଓ ସତ୍ୟବ୍ରତ ସାମନ୍ତରାୟ, ଶିକ୍ଷକ ନେତା ସୁଲେଖ ପ୍ରଧାନ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରତାପ ଜେନା, ଶିକ୍ଷକ ନେତା ବିଜୟ କେତନ ଦାସ ଓ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀନିବାସ ସାହୁ ଏକାଧାରରେ ଜଣେ ସଫଳ ପ୍ରଧାନଶିକ୍ଷକ, ଶିକ୍ଷକ ନେତା,ପରିବେଶବିତ, ଜଣେ ଭଲ ମଣିଷ ହୋଇଥିବାରୁ ତାଙ୍କର ଅବସର ଶିକ୍ଷା ବିଭାଗରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ମତ ପ୍ରକାଶ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓ ମନୀଷାରାଣୀ ଦାସ ମାନପତ୍ର ପାଠ କରିଥିଲେ। ଶିକ୍ଷକ ନେତା ଆରତ ନାୟକ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିବାବେଳେ ଶିକ୍ଷାବିତ୍ ବିଜୟ ବେହେରା ଧନ୍ୟବାଦ ଦେଇଥିଲେ।

## ନିଗମାନନ୍ଦ ହାଇସ୍କୁଲରେ ବନ ମହୋତ୍ସବ

ରାଜନଗର,୩।୭ (ସମିସ): ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଅନ୍ତର୍ଗତ ନାଉକଣାସ୍ଥ ନିଗମାନନ୍ଦ ହାଇସ୍କୁଲ ପରିସରରେ ୭୭ତମ ଜାତୀୟ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ବୃକ୍ଷ ରୋପଣ କରି ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରି ସାରା ଜଗତ କଲ୍ୟାଣ ପାଇଁ ଗଛର ରହିଥିବା ଅତୁଳନୀୟ ଦାନ, ଧରିତ୍ରୀ ମା'କୁ ସୁସ୍ଥ, ସୁଦୃଢ, ସବୁଜିମା, ଅସଂଖ୍ୟ ଜୀବଜନ୍ତୁଙ୍କ ସୁରକ୍ଷା କବଚ ପ୍ରକୃତିର ଅମୁଲ୍ୟ ବରଦାନ



ବୃକ୍ଷ ହୋଇଥିବାରୁ ଏହାର ଯତ୍ନ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ରାଜନଗର ଡିଏଫଓ ଭରଦରାଜ ଗାଓଁକର ଏଥିରେ ସଭାପତିତ୍ୱ କରିବା ସହିତ ବନ ମହୋତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପତ୍ରକାର ଭାସ୍କର ରାଉତରାୟ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ବୀଣାପାଣି ପ୍ରଧାନ, ସମିତି ସଭ୍ୟା ରବିନ ମଲ୍ଲିକ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପଢିହାରୀ, ସରପଞ୍ଚ ନିରଞ୍ଜନ ରାଉତ, ପ୍ରଧାନଶିକ୍ଷକ ରାମସ୍ୱାମୀ ଲେଙ୍କା, ପ୍ରମୋଦ ପ୍ରଧାନ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ଧନ୍ୟବାଦ ଦେଇଥିଲେ। ବନପାଳ ବିଜୟ ପାତ୍ର, ବିଭୂତି ଭୂଷଣ ତରାଇ, ରଞ୍ଜନ ପାଣି, ତ୍ରିଦେବ ପ୍ରଧାନ, ବିଶ୍ୱରଞ୍ଜନ ତରାଇ ଓ ହାଇସ୍କୁଲର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଡେରାବିଶ, ୩।୭ (ସମିସ): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁରର ବଟ ମହାପୁରୁଷ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚୌଧୁରୀ ସରୋଜ କାନ୍ତ ପ୍ରହରାଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବିଶ୍ୱଜିତ ମୁଦୁଲି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଭାରତ ଚନ୍ଦ୍ର ଦାସ, ମନୋରଞ୍ଜନ ନାୟକ ଯୋଗଦେଇଥିଲେ। ସ୍ମାରକ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ହୋତା ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଜ୍ଞା ପାରମିତା ନାୟକ ଉତ୍ସବ ପରିଚାଳନା କରିଥିବାବେଳେ ଶିକ୍ଷକ ଭାବଗ୍ରାହୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର ନାଥ ଦାସ, ରଘୁନାଥ ଦାସ, ସୁଧୀର ରଞ୍ଜନ ମହାନ୍ତି, ହୃଷିକେଶ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଦୀପିକା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପିଲାଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୩।୭ (ସମିସ): ପରିବେଶକୁ ସନ୍ତୁଳନ ରକ୍ଷା କରିବା ପ୍ରତ୍ୟେକଙ୍କ ନୈତିକ କର୍ତ୍ତବ୍ୟ ଓ ପରିବେଶ ଓ ପ୍ରକୃତିର ଉତ୍ତମ ସନ୍ତୁଳନ ରହିଲେ ଦେଶ ରାଜ୍ୟ ଓ ପରିବାର ସୁରକ୍ଷିତ ରହିପାରିବ ଓ ସମ୍ପ୍ରତି ପରିବେଶର ସନ୍ତୁଳନ କରିବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ବନିକରଣ ସପ୍ତାହ ପାଳନ ପାଳନ କରାଯାଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରଚେଷ୍ଟା କରି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ବନିକରଣ ସପ୍ତାହ ପାଳନ ଅବସରରେ ଟ୍ରଷ୍ଟ ପକ୍ଷରୁ ସତନ୍ତ୍ର କାର୍ଯ୍ୟକ୍ରମ "ପିଲାଙ୍କ ପାଇଁ ଗଛ ଟିଏ' ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତି ପରିବାରର ମୁରବିଙ୍କ ହାତରେ ତାଙ୍କ ଘରର ଛୋଟ ପିଲାଙ୍କ



ନାମରେ ଗୋଟେ ଲେଖାଏଁ ଫଳ ଚାରା ପ୍ରଦାନ କରାଯାଇଛି। ଛୋଟ ପିଲାଟି ଯେତିକି ଅମ୍ଳଜାନ ଗ୍ରହଣ କରିବ ଏହି ଗଛ ତାହା ପ୍ରଦାନ କରିବ, ଯାହା ପାଇଁ ଦୁଇ ଜଣ ପରିପୂରକ ହେବ। ଯଦି ଗଛର ଉପଯୁକ୍ତ ଯତ୍ନ ନିଆନଯାଏ ଓ ଗଛଟି ମରିଯାଏ ତା'ହେଲେ ପିଲାଟିର ଅନିଷ୍ଟ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସଚେତନତା ବାର୍ତ୍ତା ଦିଆଯାଇଛି। ଏ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ଗୁଣ୍ଡୁପୁରପଟଣା ଗ୍ରାମରେ ଟ୍ରଷ୍ଟ ପକ୍ଷରୁ ପିଲାଙ୍କ ପାଇଁ ଗଛଟି ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ପରାମର୍ଶଦାତା ନିମାଇଁ ଚରଣ କର, ଉପଦେଷ୍ଟା ପ୍ରମୋଦ ନାୟକ, ସଂସ୍କୃତି ବିଭାଗ ଅଧିକାରୀ ସଞ୍ଜୀବ ତରାଇ, ପୀତାମ୍ବର ସ୍ୱାଇଁ, ବାବୁରାମ ତରାଇ ଓ ସୁରେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ସଚେତନତା ବାର୍ତ୍ତା ଦେଇଥିଲେ।

## ବାଙ୍କୁଆଳ ଇକୋ ଡେଭେଲପମେଣ୍ଟ କମିଟି ପୁରସ୍କୃତ



ରାଜନଗର, ୩।୭ (ସମିସ): ଭିତରକନିକା ଜାତୀୟ ଉଦ୍ୟାନ ମୁଖ୍ୟ ଫାଟକ ନିକଟରେ ଥିବା ବାଙ୍କୁଆଳ ଗାଁର ଇକୋ ଡେଭେଲପମେଣ୍ଟ କମିଟିକୁ ଜିଲ୍ଲାର ଶ୍ରେଷ୍ଠ ଇକୋ ଡେଭେଲପମେଣ୍ଟ କମିଟି ଭାବେ ପୁରସ୍କୃତ କରାଯାଇଛି। ଆଜି ଜମ୍ବୁଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଡିଏଫଓ ଭରଦରାଜ ଗାଓଁଙ୍କର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସିଏଫ ଗଗନ ବିହାରୀ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଙ୍କୁଆଳ ଗାଁର ଇକୋ ଡେଭେଲପମେଣ୍ଟ କମିଟି ସଭାପତି ରଞ୍ଜନ କୁମାର ବେହେରାଙ୍କୁ ମାନପତ୍ର ଓ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ବାଙ୍କୁଆଳ ଗାଁର ଇକୋ ଡେଭଲପମେଣ୍ଟ କମିଟି ସଦସ୍ୟ ଦିଗାମ୍ବର ବେହେରା, ପ୍ରମିଳା କୁଆଁର, ନମ୍ରତା ବେହେରା, ମନୋରମା ବେହେରା, କମଳାକାନ୍ତ ଦାସ, ଧନେଶ୍ୱର ବେହେରା, ନିରାକାର ବେହେରା, ଆରତି ରାଉତ, କଲ୍ୟାଣୀ ବେହେରା ପ୍ରମୁଖ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପରିବେଶ ସୁରକ୍ଷା, ଜଙ୍ଗଲର ସୁରକ୍ଷା, ଲୋକଙ୍କୁ ସଚେତନ କରିବା, ଜୀବଜନ୍ତୁ ଶିକାର ନ କରିବା ଓ ଜାତୀୟ ଉଦ୍ୟାନ ମଧ୍ୟକୁ ନ ପଶିବା ପାଇଁ ଲୋକଙ୍କୁ ବୁଝାଇବା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ଓ ଭିତରକନିକାକୁ ଆସୁଥିବା ଟୁରିଷ୍ଟଙ୍କୁ ବୁଝାଇବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ଚୋରାମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା/ଡେରାବିଶ,୩।୭ (ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ ଓ ଡେରାବିଶ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବଡହାଟ ଗ୍ରାମର ହରେକୃଷ୍ଣ ବେହେରାଙ୍କଠାରୁ ୨୧ ଲିଟର ଚୋରା ବିଦେଶୀ ମଦ, ଗୁଲନଗର ଗ୍ରାମର ଅଶୋକ ମଲିକଙ୍କଠାରୁ ୧୯ ଲିଟର ଚୋରା ଦେଶୀ ମଦ ଓ ଜଳଧର ସେଠୀଙ୍କଠାରୁ ୧୦ ଲିଟର ଚୋରା ଦେଶୀ ରନ୍ଧାମଦ, ଠାକୁରହାଟ ଗ୍ରାମର ଅମର ସେଠୀଙ୍କଠାରୁ ୨୫ ଲିଟର ଚୋରା ବିଦେଶୀ ମଦ, ବେଲାରପୁର ଗ୍ରାମର କାହ୍ନୁଚରଣ ବେହେରାଙ୍କଠାରୁ ୨୧ ଲିଟର ବିଦେଶୀ ଚୋରା ମଦ ଓ ବେଲାରପୁର ଗ୍ରାମର ଆଦୀପ୍ତ କରଙ୍କଠାରୁ ୩୦



ଲିଟର ବିଦେଶୀ ଚୋରା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୨୬ ଲିଟର ବିଦେଶୀ ଓ ଦେଶୀ ଚୋରା ରନ୍ଧା ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ତୃତୀୟ ଦିନରେ ଡାକ୍ତରଙ୍କ ଧର୍ମଘଟ

## ଓପିଡି ଅଚଳ, ଚିକିତ୍ସା ନ ପାଇ ରୋଗୀ ହଟହଟା

କେନ୍ଦ୍ରାପଡ଼ା,୩।୭ (ସମିସ)

ବିଭିନ୍ନ ଦାବି ପୂରଣ ଦାବିରେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)ର ଆହ୍ୱାନକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାର ଡାକ୍ତରଙ୍କ ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟ ତୃତୀୟ ଦିନରେ ପହଞ୍ଚିଛି। ଧର୍ମଘଟ ଯୋଗୁଁ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଥିବାବେଳେ ଓପିଡି ସେବା ପ୍ରାୟ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଫଳରେ ଜିଲ୍ଲାର ବିଭିନ୍ନ ଦୂରଦୂରାନ୍ତରୁ ଆସିଥିବା ଶହଶହ ରୋଗୀ ଚିକିତ୍ସା ନ ପାଇ



ନିରାଶ ହୋଇ ଫେରିଯାଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ଧାରଣା ଜାରି ରଖିଥିବାବେଳେ ସରକାରୀ ହସ୍ପିଟାଲରେ ଓପିଡି ସେବା ଠପ୍ ହୋଇଯାଇଛି। ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଚିକିତ୍ସା ନ ପାଇ ହଟହଟା ହୋଇଥିଲେ। କେବଳ ଆୟୁଷ ଡାକ୍ତରମାନେ ସାଧାରଣ ରୋଗୀଙ୍କ ଚିକିତ୍ସା କରୁଥିବାବେଳେ ଗୁରୁତର ରୋଗୀଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ରେଫର କରାଯାଉଛି। ଏଥିଯୋଗୁଁ ରୋଗୀ ଓ ସେମାନଙ୍କ ପରିବାରକୁ ଅତିରିକ୍ତ ଖର୍ଚ୍ଚ ଓ ଦୁର୍ଭୋଗର ସମ୍ମୁଖୀନ ହେବାକୁ ପଡୁଛି।

କେନ୍ଦ୍ରାପଡ଼ା ଜିଲ୍ଲା ଓମସା ସଭାପତି ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ସରକାରୀ ଡାକ୍ତର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲ୍ଲା ଶାଖା ସମ୍ପାଦକ ଡା. ନିରଞ୍ଜନ କର, ଓମସାର ରାଜ୍ୟ ଯୁଗ୍ମ ସମ୍ପାଦକ ଡା. ସଞ୍ଜୀବ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ସଚିଦାନନ୍ଦ ମିଶ୍ରଙ୍କ ସମେତ ଶତାଧିକ ଡାକ୍ତର ଧାରଣାରେ ବସିଛନ୍ତି। ଓମସାର ରାଜ୍ୟ ସଭାପତି ଡା. କିଶୋର ମିଶ୍ର କହିଛନ୍ତି, ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ସରକାରଙ୍କ ସହ ଆଲୋଚନା ହେବ। ସରକାର ଦାବିଗୁଡ଼ିକ ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନ ପ୍ରତ୍ୟାହାର କରାଯିବ, ନଚେତ୍ ଧର୍ମଘଟ ଜାରି ରହିବ। ଡାକ୍ତରଙ୍କ ଲଗାତର ତୃତୀୟ ଦିନର ଧର୍ମଘଟ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ସରକାର ଓ ଡାକ୍ତର ସଂଗଠନ ମଧ୍ୟରେ ହେବାକୁ ଥିବା ଆଲୋଚନା ଉପରେ ଏବେ ସମସ୍ତଙ୍କ ନଜର ରହିଛି।



## ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି

# ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ପୁରୀ,୩ା୭ (ସମିସ)



ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ। ପୁରୀ ମହାନଗର ନିଗମ ବହୁ ପୂର୍ବରୁ ଚଳିତ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ସମସ୍ତଙ୍କ ସହଯୋଗ ଓ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରାକୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ। ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ, ପାର୍କିଂ, ଆଲୋକୀକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ।

ବର୍ତ୍ତମାନ ସୁଦ୍ଧା ସହରର ସମସ୍ତ ନଳାକୁ ସଫା କରାଯାଇଛି। ବଡଦାଣ୍ଡର ଉଭୟ ପାର୍ଶ୍ୱ ଡ୍ରେନଗୁଡିକ ଜାଗୃତି ୱେଲଫେୟାର ସଂସ୍ଥା ଦ୍ୱାରା ସଫା ସରିଛି। ୨୪ଟି ପାର୍କିଂ ସ୍ଥଳ ପାଇଁ ବ୍ୟବସ୍ଥା କରାଯାଇଛି। ସହରର ସମସ୍ତ ସାହି,ଗଳି ରାସ୍ତା ମରାମତି କାମ ଓ ମ୍ୟାନହୋଲ ମରାମତି କାମ ସମ୍ପୂର୍ଣ୍ଣ ହୋଇଛି। ବୁଲା ଗାଈଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ କାଞ୍ଜିଆହୁଦା ବ୍ୟବସ୍ଥା କରାଯାଇଛି। ବର୍ଷାକୁ ଆଖି ଆଗରେ ରଖି ୩୦ଟି ଖାଲୁଆ ଅଞ୍ଚଳ ଚିହ୍ନଟ କରାଯାଇ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ପମ୍ପ ସେଟ ରଖାଯାଇଛି। ଏନଫୋର୍ସମେଣ୍ଟ କାର୍ଯ୍ୟ ନିୟମିତ କରାଯାଇଉଛି।

ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ। କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ ବୋଲି ସ୍ଥିର ହୋଇଛି । ଚଳିତ ରଥଯାତ୍ରାରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ। ଶୁଖିଲା ଖାଦ୍ୟ ବଣ୍ଟା ଯାଇ ପାରିବ, ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ। ବିଭିନ୍ନ ସାଇନଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ ବୋଲି ସ୍ଥିର ହୋଇଛି। ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ ମହାରଣା, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ମହାନଗର ନିଗମର ଅଧିକାରୀମାନେ ଯୋଗଦେଇଥିଲେ।

■ ମହାପ୍ରଭୁଙ୍କ ଆପତ୍ତିଜନକ କଣ୍ଟେଣ୍ଟ

## ୯୭ଟି ପୋଷ୍ଟ ଓ ଆକାଉଣ୍ଟକୁ ହଟାଇଲା ପୋଲିସ

**ପୁରୀ,୩ା୭ (ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଅନସର ସମୟ ଆରମ୍ଭ ହେବା ପରଠାରୁ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟଫର୍ମରେ ମହାପ୍ରଭୁଙ୍କୁ ନେଇ କିଛି ଆପତ୍ତିଜନକ ଅନୁଚିତ ଭାବେ ଏଡିଟ ଫଟୋ, ଭିଡିଓ ଏବଂ ପୋଷ୍ଟ ପ୍ରଚାର ହେଉଥିବା ପୁରୀ ପୋଲିସର ନଜରକୁ ଆସିଥିଲା। ଏପରି କଣ୍ଟେଣ୍ଟ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇ ଥାଏ। ଏହାକୁ ଗୁରୁତ୍ୱର ସହ ନେଇ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅନଲାଇନ ମନିଟରିଂ ଓ ଡ୍ରାଇଭ ଆରମ୍ଭ କରାଯାଇଥିଲା। ପୁରୀ ପୋଲିସର ଏକ ବିଶେଷ ଟିମ୍ ଦ୍ୱାରା ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଉପରେ ନିରନ୍ତର ନଜର ରଖାଯାଇ ସନ୍ଦିଗ୍ଧ ଏବଂ ଆପତ୍ତିଜନକ କଣ୍ଟେଣ୍ଟ ଚିହ୍ନଟ କରାଯାଇଥିଲା। ଏହି ଡ୍ରାଇଭ ମାଧ୍ୟମରେ ଗତ ୩ ଦିନ ମଧ୍ୟରେ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ପ୍ରଚାରିତ ମୋଟ ୯୭ଟି ଆପତ୍ତିଜନକ ପୋଷ୍ଟ ଓ ଆକାଉଣ୍ଟ ଚିହ୍ନଟ କରାଯାଇ ସଫଳତାର ସହିତ ହଟାଇ ଦିଆଯାଇଛି। ପୁରୀ ପୋଲିସ ପକ୍ଷରୁ ସମସ୍ତ ନାଗରିକଙ୍କୁ ବିନମ୍ର ଅନୁରୋଧ କରାଯାଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡିତ କୌଣସି ଫଟୋ, ଭିଡିଓ କିମ୍ବା ଅନ୍ୟାନ୍ୟ କଣ୍ଟେଣ୍ଟକୁ ଅନୁଚିତ ଭାବେ ଏଡିଟ୍, ଡିଷ୍ଟର୍ଟ କିମ୍ବା ସେୟାର କରନ୍ତୁ ନାହିଁ। ସୋସିଆଲ ମିଡିଆରେ କୌଣସି କଣ୍ଟେଣ୍ଟ ପୋଷ୍ଟ କରିବା ପୂର୍ବରୁ ତାହାର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ପ୍ରଭାବକୁ ନିଶ୍ଚିତ ଭାବେ ବିଚାର କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ନୁହେଁ, ସମଗ୍ର ବିଶ୍ୱର କୋଟି କୋଟି ଭକ୍ତଙ୍କର ଆସ୍ଥା ଓ ଭାବନାର କେନ୍ଦ୍ରବିନ୍ଦୁ। ଆମ ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଗାମୀ ଦିନରେ ଏପରି ଆପତ୍ତିଜନକ କଣ୍ଟେଣ୍ଟ ବିରୋଧରେ ପୁରୀ ପୋଲିସର ନଜର ରହିଛି। କୌଣସି ଆପତ୍ତିଜନକ ପୋଷ୍ଟ କିମ୍ବା କଣ୍ଟେଣ୍ଟ ନଜରକୁ ଆସିଲେ ତୁରନ୍ତ ପୋଲିସକୁ ଅବଗତ କରାନ୍ତୁ ବୋଲି କୁହାଯାଇଛି।

# ଶିଶୁସୁଲଭ ରଥଯାତ୍ରା ଉପରେ ଫୋକସ୍

ପୁରୀ,୩ା୭ (ସମିସ)

ରଥଯାତ୍ରାରେ ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ ସୁଲଭ ରଥଯାତ୍ରା ପାଳନ କରିବା ନିମନ୍ତେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ପ୍ରୟାସରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଆୟୋଗର ଅଧକ୍ଷା ବବିତା ପାତ୍ର ଅଧକ୍ଷତା କରିଥିଲେ। ସଦସ୍ୟା ମନସ୍ମିତା ଖୁଣ୍ଟିଆ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆନ୍ତଃ ବିଭାଗୀୟ ସମନ୍ୱୟ ସହିତ ଜନ ସଚେତନତା, ସୂଚନା, ଶିକ୍ଷା ପ୍ରସାରଣ ଏବଂ ଶିଶୁ ଉଦ୍ଧାର କାର୍ଯ୍ୟରେ ଆଇନ ଗତ ଦୃଷ୍ଟିରେ ଶିଶୁମାନଙ୍କର ସୁରକ୍ଷା କରିବାକୁ ଅଧକ୍ଷ ପରାମର୍ଶ ଦେଇଥିଲେ। ରଥଯାତ୍ରା ସମନ୍ୱୟ ଶିଶୁ ସୁରକ୍ଷା ବିଭାଗର ସମସ୍ତ ଉପବିଭାଗ ଯଥା ଚାଇଲ୍ଡ ହେଲ୍ପଲାଇନ, ଶିଶୁମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ଶାଖା ପ୍ରମୁଖ କାର୍ଯ୍ୟ କରିବେ। ଏହା ସହିତ ଜିଲ୍ଲା ଶ୍ରମ ବିଭାଗ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଶିଶୁ ଶ୍ରମ ଉଦ୍ଧାର ଓ ଥାଇଥାନ କରିବେ। ସାମାଜିକ ସୁରକ୍ଷା ବିଭାଗ ଭିକ୍ଷାବୃତ୍ତିରେ ନିୟୋଜିତ ହେଉଥିବା ଶିଶୁମାନଙ୍କର ଉଦ୍ଧାରରେ ସହଯୋଗ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଛାଡ଼ିଥିବା ଶିଶୁମାନଙ୍କର ଘରକୁ ଯାଇ ତାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସବୁ ପ୍ରୟାସ କରିବେ। ୟୁନିସେଫ୍ ସହିତ ମିଳିତ ପ୍ରୟାସରେ ଏଥର ରଥଯାତ୍ରାରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜନ କରାଯିବ। ସୂଚନା କେନ୍ଦ୍ର ସଂଲଗ୍ନରେ ଶିଶୁ ସହାୟତା କକ୍ଷ ରଖାଯିବ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜିଲ୍ଲାରେ ବାଲ୍ୟବିବାହ ଉପରେ ତୀକ୍ଷ୍ଣ ନଜର ରଖିବେ ଓ ଆକ୍ସନ ପ୍ଲାନ କରି କାର୍ଯ୍ୟ କରିବେ। ଶିଶୁଙ୍କ ଜରୁରୀ ସ୍ୱାସ୍ଥ୍ୟ ସୁବିଧା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଯତ୍ନବାନ ହେବେ। ଏଥିସହିତ ସବୁ ଥାନା ସହିତ ସଂଯୋଗ ସ୍ଥାପନ କରି ଶିଶୁମାନଙ୍କ ସମସ୍ୟା ସହିତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଅଧକ୍ଷା ନିର୍ଦ୍ଦେଶ ଦେଇଥିଲେ। ସେହିପରି ରେଳଯାତ୍ରା କରୁଥିବା ଶିଶୁମାନଙ୍କ ଗତିବିଧି ଉପରେ ରେଳ ଚାଇଲଡ ହେଲ୍ପଲାଇନ, ଜିଆର୍‌ପି, ଆରପିଏଫ୍ ଥାନା ମିଳିତ ଭାବେ କାର୍ଯ୍ୟ କରିବେ। ଜନସାଧାରଣ ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ବେଆଇନ ହସ୍ତାନ୍ତର ନ କରି ଶିଶୁ ମଙ୍ଗଳ କମିଟି କିମ୍ବା ଶିଶୁ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଗତ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ପୋଲିସଙ୍କ ନଜରକୁ ଆଣିବେ। ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ କୁ ଫୋନ କରିବାକୁ ବ୍ୟାପକ ଜନସଚେତନତା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପ ସହିତ ଏଥର ରଥଯାତ୍ରାକୁ ଶିଶୁ ସୁଲଭ କରାଯିବାକୁ ଅଧକ୍ଷା ସବୁ ବିଭାଗର ସମନ୍ୱୟରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ।

ଏହି ବୈଠକରେ ଶିଶୁ ମଙ୍ଗଳ ସମିତି ସଦସ୍ୟ ଶକ୍ତିପାଦ ମିଶ୍ର, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ରୋଜାଲିନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ ପାଢ଼ୀ, ନାରାୟଣ ପ୍ରସାଦ ନନ୍ଦ ସ୍ୱାସ୍ଥ୍ୟ ଅଧିକାରୀ, ଆଶୁତୋଷ ସାହୁ ଶ୍ରମ ଅଧିକାରୀ, ତନୁପ୍ରଭା ବେଉରା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ୟୁନିସେଫ୍ ପ୍ରତିନିଧିଙ୍କ ସମେତ ଚାଇଲ୍ଡ ହେଲ୍ପଲାଇନ ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ର ପ୍ରମୁଖ ସମସ୍ତ ବିଭାଗୀୟ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମାଟିଆପଡ଼ା ଆର୍‌ଓବିର ସ୍ଥିତି ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

# ସର୍ଭିସ୍ ରୋଡ୍ ଓ ପାରିପାର୍ଶ୍ୱିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ

ପୁରୀ,୩ା୭ (ସମିସ)

ଆସନ୍ତା ୧୬ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥର ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଆସିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଗମନାଗମନକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରି ସମସ୍ତଙ୍କୁ ଏକ ସୁଖଦ ଅନୁଭୂତି ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏହାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ସହରକୁ ପ୍ରବେଶ ଓ ପ୍ରସ୍ଥାନ କ୍ଷେତ୍ରରେ ମାଟିଆପଡା ରେଳ ଓଭର ବ୍ରିଜ୍ (ଆର୍‌ଓବି)ର ପ୍ରମୁଖ ଭାଗୀଦାରି ରହିଛି। ଏଣୁ ଚଳିତ ରଥଯାତ୍ରା ପୂର୍ବରୁ ମାଟିଆପଡା ଆର୍‌ଓବିର ନିର୍ମାଣ କାର୍ଯ୍ୟ ଶେଷ କରି ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବା ପାଇଁ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିୟମିତ ପୁରୀ ଗସ୍ତ କରି କାର୍ଯ୍ୟର ଅଗ୍ରଗତି ଓ ସ୍ଥିତିର ସମୀକ୍ଷା କରୁଛନ୍ତି। ଏହି କ୍ରମରେ ଗୁରୁବାର ସଚିବ ଶ୍ରୀ ସିଂ ମାଟିଆପଡା ଗସ୍ତ କରି ନିର୍ମାଣସ୍ଥଳୀ ପରିଦର୍ଶନ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବୋ-ଷ୍ଟିଙ୍ଗ୍ ଗାର୍ଡରର ଲଞ୍ଚିଂ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବାବେଳେ ବୋ-ଷ୍ଟିଙ୍ଗ୍ ଗାର୍ଡର ଉପରେ ଡେକ୍ ସ୍ଲାବ୍ କାଷ୍ଟିଂ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସଚିବ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହିତ ଅବଶିଷ୍ଟ ଗୋଟିଏ ପିଏସ୍‌ସି ଗାର୍ଡର ସ୍ପାନ୍‌ର ଲଞ୍ଚିଂ ଏବଂ ଡେକ୍ ସ୍ଲାବ୍ କାଷ୍ଟିଂ ଶୀଘ୍ର ଶେଷ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ରଥଯାତ୍ରା ପୂର୍ବରୁ ଆର୍‌ଓବି ସର୍ଭିସ୍ ରୋଡ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଯାତାୟତ ଉପଯୋଗୀ କରିବା ଏବଂ ନିର୍ମାଣ ସାମଗ୍ରୀ ଓ ଆବର୍ଜନା ହଟାଇ ଆର୍‌ଓବି ସ୍ଥଳକୁ ସ୍ୱଚ୍ଛ, ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବରିଷ୍ଠ ଅଧିକାରୀ ଓ ନିର୍ମାଣ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ମୁଖ୍ୟଯନ୍ତ୍ରୀ (ଜାତୀୟ ରାଜପଥ), ଅଧୀକ୍ଷଣ ଯନ୍ତ୍ରୀ (ଏନ୍‌ଏଚ୍ ଡିଭିଜନ୍) ଏବଂ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରରେ ‘ନିରୀକ୍ଷଣ’ ବୈଠକ




**ପୁରୀ,୩ା୭ (ସମିସ):** ପୁରୀ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ଅଭିନବ କାର୍ଯ୍ୟକ୍ରମ ‘ନିରୀକ୍ଷଣ’ ଅନ୍ତର୍ଗତ ଏକ ଓରିଏଣ୍ଟେସନ ବୈଠକ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ୬ଟି ସରକାରୀ ଓ ୧୯ଟି ବେସରକାରୀ ତାଲିକାଭୁକ୍ତ ଅଲ୍ଟ୍ରାସୋନୋଗ୍ରାଫି କେନ୍ଦ୍ରର ପ୍ରତିନିଧିମାନେ ଯୋଗଦେଇଥିଲେ। ‘ନିରୀକ୍ଷଣ’ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ପ୍ରକ୍ରିୟା, ଗୁଣାତ୍ମକ ଅଲ୍ଟ୍ରାସାଉଣ୍ଡ ସେବା ପ୍ରଦାନ ଏବଂ ସମସ୍ତ ଏମ୍ପାନେଲ୍ଡ କେନ୍ଦ୍ର ମାଧ୍ୟମରେ ଏହାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚ୍‌ଏମ)ର ଅନ୍ୟାନ୍ୟ ପରାମର୍ଶଦାତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିଭିନ୍ନ ବୈଷୟିକ ଦିଗ ଉପରେ ମତ ରଖିଥିଲେ। ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ବିଶେଷକରି ଗ୍ରାମାଞ୍ଚଳର ଅନ୍ତଃସତ୍ତ୍ୱା ମା’ମାନଙ୍କୁ ନିକଟସ୍ଥ ତାଲିକାଭୁକ୍ତ କେନ୍ଦ୍ରରେ ସମୟୋପଯୋଗୀ ଓ ଗୁଣାତ୍ମକ ଅଲ୍ଟ୍ରାସାଉଣ୍ଡ ସେବା ଉପଲବ୍ଧ ହେବ। ଏହାଦ୍ୱାରା ଉଚ୍ଚ ବିପଦପୂର୍ଣ୍ଣ ଗର୍ଭାବସ୍ଥାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରି ସମୟମତେ ଚିକିତ୍ସା ଓ ରେଫରାଲ୍ ସୁନିଶ୍ଚିତ କରାଯାଇପାରିବ। ଫଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା।

## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ; ଅଭିଯୁକ୍ତ ଗିରଫ

**ପୁରୀ,୩ା୭ (ସମିସ):** ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା, ଅଶ୍ଳୀଳ ଫଟୋ ଦେଖାଇ ବ୍ଲାକମେଲ୍ କରିବା ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ରଣପୁରର ପୀତବାସ ସେଠୀ। ଗତ ୨ ତାରିଖରେ ପୀଡ଼ିତା ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ପୀତବାସ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଗତବର୍ଷ ନଭେମ୍ବର ୮ ତାରିଖରେ ଏକ ହୋଟେଲରେ ତାଙ୍କ ଇଚ୍ଛା ବିରୋଧରେ ଜୋରଜବରଦସ୍ତ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଦେଇଥିଲେ। ଅଭିଯୁକ୍ତ ତାଙ୍କର ଅଶ୍ଳୀଳ ଫଟୋ ଦେଖାଇ ବ୍ଲାକମେଲ୍ କରୁଥିଲେ ଏବଂ କ୍ରମାଗତ ଭାବେ ଶାରୀରିକ ସମ୍ପର୍କ ପାଇଁ ବାଧ କରି ମାନସିକ ନିର୍ଯାତନା ଦେଉଥିଲେ। ଗତ ଜାନୁୟାରୀ ୨୦ ତାରିଖରେ ପୀତବାସ ଅନ୍ୟତ୍ର ବିବାହ କରିବା ପରେ ମଧ୍ୟ ପୀଡ଼ିତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଶାରୀରିକ ସମ୍ପର୍କ ପାଇଁ ବାଧ କରୁଥିଲେ ବୋଲି ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବିରୋଧରେ ପ୍ରାଥମିକ ପ୍ରମାଣ ମିଳିବା ପରେ ପୋଲିସ ଶୁକ୍ରବାର ପୀତବାସକୁ ଗିରଫ କରି କୋର୍ଟଚାଲାଣ କରିଛି।



ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ମହାଣା ସେବକ

## ଡକାୟତି ଯୋଜନା ବେଳେ ୫ ଗିରଫ, ମାରଣାସ୍ତ୍ର ଜବତ

**ପୁରୀ,୩ା୭ (ସମିସ):** ଡକାୟତି ପାଇଁ ଯୋଜନା କରୁଥିବା ବେଳେ ସମୁଦ୍ର ୫ ଜଣଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୋଲିସ। ସେମାନଙ୍କ ନିକଟରୁ ଖଣ୍ଡା, ଛୁରୀ, ଲୁହା ରଡ୍ ଓ ତାର କଟର ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୨ଟା ୪୦ ସମୟରେ ଚୈତନ୍ୟ ଛକ ଅଞ୍ଚଳରେ ସମୁଦ୍ରକୂଳ ଥାନା ପୋଲିସ ରାତ୍ର ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। କିଛି ଅସାମାଜିକ ଯୁବକ ସଂସ୍କୃତ ବିଶ୍ୱବିଦ୍ୟାଳୟ ପେଣ୍ଟକଟାସ୍ଥିତ ସଦାଶିବ ବୟଜ୍ ହଷ୍ଟେଲ୍ ପଡିଆରେ ଖଣ୍ଡା, ଲୁହା ରଡ୍, ଛୁରୀ, ତାର କଟର ଆଦି ମାରଣାସ୍ତ୍ର ଧରି ଡକାୟତି କରିବା ଉଦ୍ଦେଶ୍ୟରେ ଏକତ୍ରିତ ହୋଇଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ୫ ଜଣଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସିଟି ରୋଡ ନୂଆସାହିର ସିପୁନ୍ ଦାସ, ଗୌଡବାଡ ସାହିର ବି. ନରସିଂହ ବେହେରା, ପେଣ୍ଟକଟାର ଧ୍ରୁବ ଚରଣ ବେହେରା, କାଳିକାଦେବୀ ସାହିର ସନ୍ତୋଷ କୁମାର ଦାସ ଏବଂ ସିଟି ରୋଡ ନୂଆସାହିର ରୋହିତ ଗୋଛାୟତ। ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।

### ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିଚାଳନା ପରିଷଦ

## ବିଧାୟକଙ୍କ ପ୍ରତିନିଧି ହେଲେ ବୀରେନ୍ଦ୍ର ଭୂଷଣ ହୋତା

**ପୁରୀ,୩ା୭ (ସମିସ):** ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିଚାଳନା ପରିଷଦରେ ପୁରୀ ବିଧାୟକଙ୍କ ପ୍ରତିନିଧି ଭାବେ ବୀରେନ୍ଦ୍ର ଭୂଷଣ ହୋତା ମନୋନୀତ ହୋଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପକ୍ଷରୁ ଜାରି ପତ୍ର ଅନୁଯାୟୀ, ବିଧାୟକଙ୍କ ପତ୍ର ଆଧାରରେ ଶ୍ରୀ ହୋତାଙ୍କୁ ମନୋନୀତ କରାଯାଇଛି। ଆବଶ୍ୟକ ସମୟରେ ଶ୍ରୀ ହୋତା ଅନୁଷ୍ଠାନର ପରିଚାଳନା ପରିଷଦ ବୈଠକରେ ଯୋଗ ଦେବେ। ଏହି ମହାବିଦ୍ୟାଳୟ ରାଜ୍ୟର ଏକ ପୁରାତନ ଆୟୁର୍ବେଦ ଶିକ୍ଷାନୁଷ୍ଠାନ। ପରିଚାଳନା ପରିଷଦରେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ରହିବା ଦ୍ୱାରା ଅନୁଷ୍ଠାନର ବିକାଶ ଓ ପ୍ରଶାସନିକ କାର୍ଯ୍ୟରେ ସମନ୍ୱୟ ବଢ଼ିବ ବୋଲି ଆଶା କରାଯାଉଛି। ଶ୍ରୀ ହୋତା କହିଛନ୍ତି, ରୋଗୀଙ୍କୁ ଉପଯୁକ୍ତ ଫିଜିଓଥେରାପି ଓ ଚିକିତ୍ସା ସେବା, ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଏବଂ ମହାବିଦ୍ୟାଳୟର ବିକାଶକୁ ଗୁରୁତ୍ୱ ଦେବେ।

### ଜିଲ୍ଲା ଭାରତ ସ୍କାଉଟ୍ସ ଗାଇଡ୍ସ ଓ ଜୁନିୟର ରେଡକ୍ରସ

# ରଥଯାତ୍ରା ସେବା ଶିବିର ପାଇଁ ଆଲୋଚନା

**ପୁରୀ,୩ା୭ (ସମିସ):** ପୁରୀ ଜିଲ୍ଲା ସ୍କୁଲ ପରିସରରେ ଶୁକ୍ରବାର ପୁରୀ ଜିଲ୍ଲା ଭାରତ ସ୍କାଉଟ୍ସ ଗାଇଡ୍ସ ଓ ଜୁନିଅର ରେଡକ୍ରସର ରଥଯାତ୍ରା ସେବା ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ପୁରୀ ପୌରନିଗମ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପ୍‌ଟେନ, କବ୍ ମାଷ୍ଟର, ଫ୍ଲକ ଲିଡର, ରୋଭର ଲିଡର, ରେଞ୍ଜର ଲିଡର, ଜୁନିଅର ରେଡକ୍ରସ କାଉନ୍ସିଲର ଓ ରୋଭର ରେଞ୍ଜର ଉପସ୍ଥିତିରେ ଉଦଘାଟିତ ହୋଇଯାଇଛି। ଏଥିରେ ଆସନ୍ତା ରଥଯାତ୍ରାରେ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କିପରି ଭାବରେ ଶ୍ରୀ ଗୁଣ୍ଡିଚାର ପୂର୍ବଦିନଠାରୁ ସୁନାବେଶ ପର୍ଯ୍ୟନ୍ତ ଉତ୍ତମ ସେବା ଯୋଗାଇ ଦେବା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି। ବୈଠକରେ ଜିଲ୍ଲା ସ୍କାଉଟ ସଂଗଠନର ବରିଷ୍ଠ ଉପସଭାପତି ରମେଶଚନ୍ଦ୍ର ବଳିଆରସିଂ ଓ ପ୍ରଦ୍ୟୁମ୍ନ ମିଶ୍ର, ସ୍କାଉଟ କମିଶନର ରମେଶ ଚନ୍ଦ୍ର ପଣ୍ଡା, ଗାଇଡ୍ କମିଶନର ରୂପଶ୍ରୀ ଛୋଟରାୟ, ସ୍କାଉଟ ଭାରପ୍ରାପ୍ତ ସଚିବ ନିହାର ରଞ୍ଜନ ପଲେଇ, ପୂର୍ବତନ ସଚିବ ମହେନ୍ଦ୍ର କୁମାର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ସେଠୀ, ଗାଇଡ୍ ଉପ କମିଶନର କବିତା ପଟ୍ଟନାୟକ, ଜିଲ୍ଲା ଗାଇଡ୍ ସାଙ୍ଗଠନିକ କମିଶନର ମିନାକ୍ଷୀ ମିଶ୍ର, ଜିଲ୍ଲା ସ୍କାଉଟ ସାଙ୍ଗଠନିକ କମିଶନର ଦେବାଶିଷ ମିଶ୍ର, ଗାଇଡ୍ କ୍ୟାପ୍‌ଟେନ ସସ୍ମିତା ରାଉତରାୟ, ପ୍ରଭାସିନୀ ତ୍ରିପାଠୀ, ସୁଜାତା ଧଳ, କ୍ରୀଷ୍ଣା ପରିଡା, ସ୍କାଉଟ ମାଷ୍ଟର ରଞ୍ଜନ କୁମାର ଷଡଙ୍ଗୀ, ବାଳକୃଷ୍ଣ ଶାହା, ଅରୁଣ ଭଟ୍ଟାଚାର୍ଯ୍ୟ, ପ୍ରକାଶଚନ୍ଦ୍ର ଦାଶ, ବିଜୟ କୁମାର ସାହୁ, ବରିଷ୍ଠ ରୋଭର ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, ପ୍ରଶାନ୍ତ କୁମାର ମୁଦୁଲି, ସୂର୍ଯ୍ୟନାରାୟଣ ମହାପାତ୍ର ଓ ରେଞ୍ଜର ଲିଡର ରେଖା ମାନସିଂ, ଆରତୀ ମହାନ୍ତି ଉପସ୍ଥିତ ଥିଲେ। ବୈଠକକୁ ଜିଲ୍ଲା ରେଡକ୍ରସ ସଂଗଠକ ବିଦ୍ୟାଧର ମିଶ୍ର ପରିଚାଳନା କରିଥିଲେ।

## ରଥଯାତ୍ରା ପାଇଁ ପରିବହନ ବିଭାଗର ପ୍ରସ୍ତୁତି

# ଅତିରିକ୍ତ ୩୦୦ ବସ୍‌କୁ ଅସ୍ଥାୟୀ ପରମିଟ୍

ପୁରୀ,୩ା୭ (ସମିସ)



ରଥଯାତ୍ରା ପାଇଁ ପରିବହନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ସର୍କିଟ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ରଥଯାତ୍ରା ପାଇଁ ଲକ୍ଷ ଲକ୍ଷ ଯାତ୍ରୀ ପୁରୀକୁ ଆସିଥାନ୍ତି। ତେଣୁ ସେମାନଙ୍କ ସୁସ୍ଥ ଓ ସୁଗମ ଯାତ୍ରା ପାଇଁ ପରିବହନ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ଫଳରେ ଆମେ ଏହି ଗୁରୁ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ବୋଲି କହିଥିଲେ। ଆର୍‌ଟିଓ ସୁସ୍ମିତା ବେହେରା ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ। ଚଳିତ ବର୍ଷ ପୁରୀ ଭୁବନେଶ୍ୱର ସ୍ଥାୟୀ ପରମିଟ ମାଧ୍ୟମରେ ପରିବହନ ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଅତିରିକ୍ତ ପ୍ରାୟ ୩୦୦ ବସକୁ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ବସ ମାନେ ଯେପରି ଉପଯୁକ୍ତ ଭଡା ନେବେ ସେଥିପାଇଁ ପ୍ରତ୍ୟେକ ବସ, ଅଟୋ ଇତ୍ୟାଦିରେ ରେଟ୍ ଚାର୍ଟ ଲଗାଯିବ। ବସ୍ ମାଲିକ ସଂଘମାନଙ୍କୁ ନେଇ କମିଟି ଗଠନ ଓ ସମନ୍ୱୟ ରଖାଯିବ। ପରିବହନର ପରିଚାଳନା ପାଇଁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ କରାଯାଇଛି। ସ୍ପିଡ ଯାଞ୍ଚ, ଓଭର ଲୋଡିଂ, ଫିଟ୍‌ନେସ, ପରମିଟ ଇତ୍ୟାଦି ଯାଞ୍ଚ କରାଯିବ। ଯାତ୍ରୀମାନଙ୍କ ପାଇଁ ବିଶ୍ରାମ ଗୃହ ସହ ଅନ୍ୟାନ୍ୟ ମୌଳିକ ସୁବିଧାର ବ୍ୟବସ୍ଥା ହେବ। ପ୍ରାଥମିକ ଚିକିତ୍ସା କିଟ୍, ପିଇବା ପାଣି, ଓଆରଏସ୍ ଇତ୍ୟାଦି ବଣ୍ଟନ କରାଯିବ। କ୍ରେନ ଓ ଆମ୍ବୁଲାନ୍ସ ନିୟୋଜିତ ରହିବ। ଦୁଇଟି ସୂଚନା କେନ୍ଦ୍ର ମାଧ୍ୟମରେ ଅତ୍ୟାବଶ୍ୟକୀୟ ସୂଚନା ପ୍ରଦାନ କରାଯିବ। ଗାଡି ମରାମତି ସେବା, ଟ୍ରାଫିକ ପରିଚାଳନା, ଏନଏଚ୍‌ଏଆଇ ହାଇୱେ ପାଟ୍ରୋଲିଂ, ମାଳତୀପାଟପୁରଠାରେ କ୍ୟାମ୍ପ, ସଟଲ ସେବା ସହ ବସ୍‌ଗୁଡିକରେ ସଡକ ସୁରକ୍ଷା ବାର୍ତ୍ତା ପ୍ରଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିପିଏଚଓ ଡା. ସଞ୍ଜୁ ଦାଶ, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଟ୍ରାଫିକ ଡିଏସ୍‌ପି ବିଜୟ ରତ୍ନମ ଲୋଲାଙ୍କ ସହ ପରିବହନ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।